# କଥାନି ଲେଖେଁ ଲାଗ୍‌ସି



ହେମଚନ୍ଦ୍ର ଆଚାର୍ଯ୍ୟ

# କଥାନି ଲେଖେଁ ଲାଗ୍‌ସି

ହେମଚନ୍ଦ୍ର ଆଚାର୍ଯ୍ୟ

# କଥାନି ଲେଖେଁ ଲାଗ୍‌ସି

## ହେମଚନ୍ଦ୍ର ଆଚାର୍ଯ୍ୟ

ଗର୍ଭଣା, ସୋହେଲା, ବରଗଡ଼

ପ୍ରକାଶକ :

ଦ୍ୟୁତୀଶ ଆଚାର୍ଯ୍ୟ

ଗର୍ଭଣା, ସୋହେଲା

ବରଗଡ଼-୭୬୮ ୦୩୩

ପ୍ରଥମ ସଂସ୍କରଣ : ଫେବୃଆରୀ, ୨୦୦୩

ମୁଦ୍ରଣ : ଅପୂର୍ବା ଅଫ୍‌ସେଟ, ଭୁବନେଶ୍ୱର

ମୂଲ୍ୟ : ଟ ୪୫/-

# KATHANI LEKHEN LAGSI

A Collection of Short Stories by **Hema Chandra Acharya**

Publisher :

**Dyutish Acharya**

Garvana, Sohela

Bargarh-768 033

First Edition : Feb., 2003

Printed at : Apurba Off-Set,

Bhubaneswar, Pin-751 001

**Price : Rs.45 /-(Forty Five Only)**

## ଉତ୍ସର୍ଗ

ଗାଁ ଠାନେ, ମା’ ଠାନେ

-ହେମଚ଼ନ୍ଦ୍ର

# ନିଜର କଥା

''କଥାନି ସତ୍ ସତାନି'' ପଢ଼୍ଲା ପରେଁ ବନିହାଁ ଲୋକ୍ ଚିଠି ଲେଖ୍ଲେ ଆପଣ୍ ଖାଲି କଥାନି ଲେଖୁନ୍ । ଯେନ୍‌ମାନ୍‌କର୍ ଜୀବନର୍ ଚାଲ୍ ଚଲନ୍ ନେଇ କଥେନ୍‌ମାନେ ଲେଖା ହଇଛେ, ସେମାନେ ବଡ଼ଭାଗ ପାଠ୍ ନାଇଁ ପଢ଼ି, ଯେନ୍ ମାନେ ଟିକେ ଗେଁଚେ ପଢ଼ିଛନ୍, ସେମାନେ ବହି ଘିନିକରି ନାଇଁ ପଢ଼ିପାରନ୍ ତ, କଥାନିମାନ୍‌କର୍ କି ତାର୍ ଲେଖକର୍ ଦଶା ଉହାଟି ହେବା କା'ଣା ଆଏ ? ଆର୍ କେନ୍ତା ଆଏ ଯେ ?

ସମାଜ୍ କେ ଛାଡ଼ି-ସାହିତ୍ୟ ତ ମୂଲ୍ଁ ଚାଲି ନାଇଁ ପାରେ । ଲେଖ୍ଲା ବେଲର୍ ସମାଜ୍ ଆର୍ ତାର୍ ଗୁଲ୍‌ଗୁଲା ଅବସ୍ଥା, ତାର ଉପ୍ରେଁ ରିଶ୍‌ମି କଚ୍‌ରଉଥିବାର୍ ଲୋକ୍‌କର୍ ଚାଲି ଚଲନ୍ କେ ଛାଡ଼ି ସାହିତ୍ୟ ସିର୍ଜନା କର୍‌ବାର୍‌ଟା ସାହିତ୍ୟ ନୁହେ, କି ସାହିତ୍ୟିକର୍ ଧରମ୍ ବି ସେଟା ନୁହେ । ଅବେଶ୍ ଇ ସବୁ ଲେଖ୍ଲେଁ ଅନେକ୍ ଲୋକ୍ ଦୁଖ୍‌ମନା ହେବେ । ଶାସନର୍ ଅବ୍‌ହେଲା ବଦ୍‌ଚଲନ୍ ବଖାନ୍‌ଲେଁ ସେ'ନେ ଥିବାର ଲୋକ୍ କାଁ କରି ସୁଖ୍ ପାଏବେ ? ତ' ବି ଲେଖିବାର କେ ପଡ଼୍‌ବା । ଆମର୍ ଆଗର୍‌କାଲର୍ ସମାଜ୍ କେନ୍ତା ଥିଲା ଆମର୍ ପରର୍ ପୀଢ଼ି ନାଇଁ ଜାନ୍‌ଲେଁ ଆମେ କାଁ କାମର୍ ଆର୍ କେନ୍ ଠାନର୍ ହେମା ? ହେଲେଁ ଦୁହି କଥା ଆଏ । ଯଦର୍‌ପି ସମାଜନେ ବନ୍‌ଏ ଆଏଁଖ ଦିସ୍ସୁ ଭଲ୍ କଥା ହଉଛେ ସେ କଥା ଆର୍ ସେ ଥିଁ ଯେନ୍‌ମାନ୍‌କର୍ ହାତ୍ ଲାଗିଛେ ସେ'ଟା ବସି ଲେଖିବାକେ ପଡ଼୍‌ବା । ହେଲେଁ, ପଛେଁ କହେଲା କଥା ର୍ ନାଁ ଗଁଧି ତ ନାଇଁ ଦିଶ୍‌ବାର୍ ।

ସୁନାର୍ କାରିଗର୍‌ମାନେ କହେସନ୍ ଅଗ୍‌ବା ଖାଁଟି ସୁନା ନେ ସାଙ୍ଗୋ ବାଙ୍ଗୋ ବନାବାର୍ କଡ଼ା ହେସି । ହେନ୍ତା ଆଏ; ଅଗ୍‌ବା ଖାଁଟି ସତ୍ କଥାକେ ନେଇ କଥେନ୍‌ଟେ ସୁନ୍ଦର୍ କର୍‌ବାର୍ କଡ଼ା ଆଏ । କିଛି ଖାଦ୍ ମିଶାଲେଁ ଯାଇ ଚଲ୍‌ସି । ମେଶ୍‌ରିଟା ଜହ ଯେନ୍ତା ନାଇଁ ହେବା ସେଥିକେ ଟିକେ ଯାହା ପାରିଛେଁ ନଜର୍ ଦେଇଛେଁ ।

ଯେନ୍‌ମାନ୍‌କର୍ ଲାଗି ଇ ସବ୍ ଲେଖା ହଇଛେ ସେ ଅନ୍‌ପଢ଼, ଅଧିପଢ଼, ଲୁକ୍‌ଙ୍କର ପାଶ୍‌କେ ଇଟା ପୁହୁଁଚାବାର୍ କବାର୍ ମୋର୍ ଦେଇଁ ନାଇଁ ହଏ, ମୁଇଁ ଛାପି ନାଇପାରେଁ, ଯେନ୍ ମହାତ୍ମା ସେ କବାର୍ କରି ପାର୍‌ବା ସେ ଇଥିର୍ ସବୁ ସୁଫଲର୍ ଭାଗ୍‌ଦାରୀ ତ ଖାଲି ନୁହେଁ, ଅଧିକାରୀ ବି ଆଏ । ମୋର ବଂଧୁ ଆନଂଦ ଆଚାର୍ଯ୍ୟଠାନେ ମୁଁଇ କୃତଜ୍ଞ ରହେମି; ତାଙ୍କର ପ୍ରେରଣା ବିନା ଇ ଲେଖା ବହିର ରୂପ ନାଇଁ ପାଇଥିତା ।

ହଁ, ଇ ପନ୍ଦର କଥେନ୍ ନୁ ଗୁଟା କେତେ ପତର୍ ପତ୍‌ରିକାମାନ୍‌କେଁ ବାହାରି ଥିଲା, ଲୋକ୍ ଚାହିଁଥିଲେ ବହି ଆକାର୍‌ଥିଁ ଦେଖିତେ । ଚେରେଷ୍ଟା କରିଛେଁ ଯାହା ପାରିଛେଁ । ପଢ଼୍ଲା ଲୁକେ ଭଲ୍ ହଉ କି ଅସାର୍ ହଉ, ନିଜର ମତ୍, ନିଡ଼ର୍ ନି ସଂକୋଚ୍ ଜନାଲେଁ ଉଷତ୍ ହେମି । ରହୁଛେଁ ସିନେ ।

ହେମଚନ୍ଦ୍ର ଆଚାର୍ଯ୍ୟ

# ଅଭିମତ

ସହରଥି ଚାକ୍‌ରୀ କରୁଥିବାର୍ ଦେବ୍‌ରାଜ୍ ବାବୁର ଅଶୀବର୍‌ଷର୍ ଗାଁଥି ରହୁଥିବାର୍ ବୁଢ଼ୀ ମାଁ କହୁଛେ-''ସହରର୍ ଘର୍‌ମାନେ ଖରାଦିନେ ଚଟ୍ କର୍‌ସି ଆର୍ ଶୀତେଁ ପଟ୍ ଚେଁ । ଇନ ବଲୁଛୁ ଇ ମାଟିର୍ ଘରେଁ ଖରାଥି ଧୁକ୍‌ନା ନାଇଁ ଲାଗେ କି ଶୀତେ ଉର୍‌ହନା ଲାଗେ ନାଇଁ । ମୋର୍ ହାତ୍ ଗୋଡ଼୍ ଚ଼ଲୁଥିବାର୍ ତକ୍ ମତେ ନାଇଁ ନେ ବୁଆ ।'' ଇଟା ଖାଲି ଦେବ୍‌ରାଜ୍ ବାବୁର୍ ମାଁ ନାଇଁ କହେବାର । ଗାଲ୍‌ପିକ ହେମଚନ୍ଦ୍ର ଆଚାର୍ଯ୍ୟ ଭିଲ୍ କହୁଛନ୍ । ତାଁକର୍ ମନର୍ କଥାକେ ବୁଢ଼ୀର୍ ମୁହେଁ ଖାଲି ଫୁଟେଇଛନ୍ । ସିଧା ନାଇଁ କହି ହୁଏତ । ଇ ପ୍ରେରଣାଥୁ ଜନମ୍ ନେଇଛେ ହେମଚ଼ନ୍ଦ୍ର ବାବୁଁକର ଇ ଗଲ୍ପ ଗୁଛା -'କଥାନି ଲେଖେଁ ଲାଗ୍‌ସି ।' ଇତାକେ ଗଲ୍‌ପ କହ କି କଥାନି କହ । ସବୁ ଗଲ୍‌ପଥି ଅଛେ ଗାଁ ମାଟିର୍ କଥା । ଗାଁଟା ତାଁକର୍ ପ୍ରାନ୍ ଆଏ ତ ! ହେଁତିର ଲାଗି ଇ କଥାନିମାନେ ପଢ଼୍‌ଲେଁ ଲାଗୁଛେ- କଥାନି ନୁହେ, ସତ୍ କଥା ଆଏ । ଇ'ଟା ଇ ଲେଖାର୍ ବାହାଦୁରୀ ଆଏ । ପଢ଼ଲାକିନି ଗାଁର୍ ପବନ୍ ହୁଲ୍‌କେ ଦିହେଁ ବାଜି ଯାଉଛେ । ପରିବେଶ୍‌କେ ଫୁଟାବାର୍ ଲାଗି ଭଲ୍ ହାତ୍‌ଟେ ପାଇଛନ୍ ଗାଲ୍‌ପିକ ହେମଚ଼ନ୍ଦ୍ର ବାବୁ । ଗାଁଥି ରହେବାର୍‌ଟା ଆର୍ କଲମ୍ ଧର୍‌ବାର୍‌ଟା ସାଫୁଲ୍ ହେଇଛେ ତାଁକର୍ ।

''କଥାନି ଲେଖେଁ ଲାଗ୍‌ସି' କ୍ଷୁଦ୍ରଗଲ୍‌ପ ସଂକଲନ୍‌ଟା ବହି କରି ଛପ୍‌ବା ବଲି ମତେ ପାଣ୍ଡୁଲିପିଟା ପଠେଇ ଦେଇଛନ୍ । ଭୂମିକାଟେ ଲେଖିଦେମି ପରେ । ମନେ ମନେ ଉଷଦ୍ ହଉଥିଲି । ନିଜେଁ ଲେଖ୍‌ନାଇଁ ପାର୍‌ଲେଁ ଜାଣାହେଲା ଇନ୍ତା ବହିଟାକର ଭୂମିକାଟେ ହେଲେଁ ଲେଖିଥିର୍‌ସିଁ । ହେଲେଁ ପଢ଼୍‌ବାର୍‌କେ ବସ୍‌ଲି ଯେତେବେଲେଁ ମୋର୍ ଅକଲ୍ ଗୁଡ୍ଡୁମ୍ । ଆଗ୍‌କେ ଆଗ୍‌କେ ଜଲ୍‌ଦି ନାଇଁ ଯାଇପାର୍‌ବାର୍ । ଗୁଟେ ଗୁଟେ ଶବ୍‌ଦଥିଁ, ଗୁଟେ ଗୁଟେ ବାକ୍ୟଥିଁ ଘଡ଼େ ଘଡ଼େ ଅଟ୍‌କି ଯାଉଛେଁ । ଆର୍ ହଜି ଅଟକି ଯାଉଛେଁ । ମୋର ନିଜର୍ ଜନମ୍ ମାଏଟ୍ ଅପନ୍ତରା ଜଙ୍ଗଲି ଗାଁ ଡକ୍‌ରାର ଲୋକ୍‌ବାଗ୍, ମାଏଟ୍‌ପାଏନ୍ ମୋର ଆଁଖି ଝଲ୍‌ମଲ୍ ଦିଶୁଛେ । ମୋର୍ ମନ୍‌ଟାକେ କେନ୍ ଦେଶ୍‌କେ ନେଇ ଯାଉଛେ ଯେ ମୁଇଁ ଜାନି ନାଇଁ ପାର୍‌ବାର୍ । କାଏଁ କାଏଁଟା ଭାବି ଭାବି ଘଡ଼େଛନେ ଭୋଲ୍ ହେଲାପରେଁ ଫେର୍ ପଢ଼ବାର୍‌ଟା ସୋର୍ କରୁଛେଁ । ଯାହାହଉ ଗୁଟା ବହିଟା ପଢ଼ିସାଏ୍ଲା ଉତ୍‌ରୁ ମତେ ମାଡ଼ି ପଡୁଛେ— କାଁଣା ଲେଖିମି ? ଇ ବହିର ପରିଚ଼ୟ ଦେମି ମୋର୍ ମାଟିର୍ ଲୁକ୍‌କୁଁ ? ମତେ ସମ୍ବଲପୁରୀ ଭାଷାର୍ ପଣ୍ଡିତ୍ ବଲିକରି ଲୁକେ ସଭାସମିତିକେ ଡାକୁଛନ୍ । ନିଜେ ହେମଚନ୍ଦ୍ର ବାବୁ ଭିଲ୍ ଡାକିଛନ୍ ଥରେ ଦୁଇଥର୍ ।

ହେଲେଁ ଇ ବହି ପଢ଼୍‌ଲା ଉତ୍‌ରୁ ମୁଇଁ ଭଲ୍ କରି ନିଜର୍ ଉଜନ୍ ଜାନୁଛେଁ ଯେ ମୁଇଁ କିଛି ନାଇଁ ଜାନି । ଯାହା ଜାନିଛେଁ ବହୁତ୍ କମ୍ ଆଏ । ଆହୁରି ଜାନିଛନ୍ ହେମଚନ୍ଦ୍ର ବାବୁ । ତାଁକର୍ ବହି ଉପରେଁ ମୁଇଁ ଲେଖ୍‌ଲେଁ ଲେଖାର୍ ମାନ୍‌ହାନି ହେବା ଆର୍ ମୋର୍ ଭିଲ୍ ମାନ୍‌ହାନି ହେବାର ଡର୍ । ମୁଇଁ ଆର୍ ହେଁ ଭାଷାଥି ଲେଖି ପାର୍‌ମି କାଏଁ ? ଅବ୍‌ଗା ମାଏଟ୍ ସର୍‌ସର୍ ଭାଷା । ମାଏଟ୍ ଭିତରୁ ବା ଏଲ୍‌ଛତି କି ବିହିଡେନ୍ ଛତି ବାଗିର୍ ଫୁଟି କରି ବାହାରୁଛେ । ଖାଲି ମୋର୍ ଗୁଟେ ଲାଭ୍ ହେଇଛେ । ଇ ବହି ମତେ ଶୁଭ୍ ବାର୍ତ୍ତା ଆନି ଦେଇଛେ ଯେ-ସମ୍ବଲ୍‌ପୁରୀ ଭାଷାର୍ ପ୍ରକାଶିକା ଶକ୍ତି ଭାରି ଜୋର୍ ଆଏ । ମୁଇଁ ଯେଦ୍‌କି ଭାବୁଥିଲି, ତାର୍‌ନୁ ଭିଲ୍ ବେଶୀ ।

ଲେଖ୍‌ମି ନାଇଁ ଲେଖ୍‌ମି ବଲି ଦୋଦୋ ପାଁଚ୍ ହେଇକରି ଶେଷେଁ ଦୁଇ ଚାଏର୍ ପଦ୍ ଲେଖ୍‌ମି ବଲି ଠିକ୍ କଲି । ଲେଖୁଥିସିଁ । ଧାନ୍‌ର ଉତ୍‌ଗନେ ସମ୍‌ନା ସାର୍‌ଟିକେ ପାଏଲା ଲେଖେଁ, ହେମଚନ୍ଦ୍ର ବାବୁର ଇ ମହାନ୍ କୃତିଥି ମୋର ନାଁଟା ଭିଲ୍ ଜୁରି ହେଇଥାଉ । ଲୋଭ୍‌ଟା ଛାଡ଼ି ନାଇଁ ପାର୍‌ଲି । ନିଲଜ୍ ବାଗିର୍ ଇ କଥା ମୁଇଁ ସିଉକାର କରୁଛେଁ । ଆଏଜ୍ ନାଇଁ ହେଲେ କାଏଲ୍ ଇ ଲେଖା ଆଦର୍ ପାଏବା । ମୁଇଁ ନିଶ୍ଚିତ୍ ଆଏଁ । ମତେ ତ ଲାଗୁଛେ, ସମଝ୍‌ଦାର୍ ସାହିତ୍ୟପ୍ରେମୀମାନେ ବହି ବାହାର୍‌ଲା କି ଗରମାଗରମ୍ ଆଏର୍‌ସା ମେତାଲ୍ ବେଟି ନେବେ ଆର୍ ମିସ୍ତ୍ରୀକେ ସାବାସି ଦେବେ । ମତେ ଜହ ପଚ୍‌ରାଲେଁ କାଁଣା କହେମି ? କୁନ୍ଦାକେ ଅମରତ୍ ଖୁଏଇକରି କେନ୍ତା ଲାଗୁଛେ ବଏ୍‌ଲେଁ କାଣା କହେବା ? ହେନ୍ତା ମୋର୍ ଅବସ୍ଥା ।

ଲେଖକଁକର୍ 'କଥାନି ସତ୍ ସତାନି' ଉତ୍‌ରୁ ଇ 'କଥାନି ଲେଖେଁ ଲାଗ୍‌ସି' ବହିଟା ଦୁତୀଅ ଗଳ୍ପ ସଂକଲନ୍ ଆଏ । ଇ ବହିଥି ଅଛେ ପନ୍ଦରଟା କଥାନି । ସବୁ ଏକୁଶ୍ ବାଇଶ୍ ଆନ୍ । କିଏ କେତେ ଉଜନ୍‌ଦାର୍ ଆନ୍ କଲାଦୃଷ୍ଟିଥି କହେବାର୍‌ଟା କାଏ୍‌ଦ୍ ଆଏ । ପଢ଼୍‌ଲେଁ ଯାଇ କରି ଜାନି ହେସି । ଗଲ୍ପମାନ୍‌କର୍ ବିଷେବସ୍ତୁକେ ଦେଖ୍‌ଲେ ଜନାପଡୁଛେ -ଗାଁ ଗଅଁଲିର୍ ଚାଲିଚ୍‌ଲନ୍ ଭିତରେଁ ଖୁଲା ଜୀବନ୍, ଆର୍ ଇ ଖୁଲା ଜୀବନ ଭିତ୍‌ରେଁ ନାନା ସମସ୍ୟା ଇ ଗଲ୍ପମାନ୍‌କର ପଞ୍ଜ୍‌ରା ଆଏ । ଘାଏ୍ ଘାଏ୍ ସମସ୍ୟା ଭିତରେଁ, ମୁନୁଷ୍ ଭିତରେଁ ମୁନୁଷପନ୍‌ଟା ଗଲ୍ପର ମେର୍‌ଖୁଁଟ୍ ଆଏ । ଇଥୁଁ ଜନାପଡୁଛେ ଯେ ତେଲ୍ ନୁନର୍ ଜୀବନ୍ ଭିତରେଁ ସମସ୍ୟା ଆର୍ ମୁନୁଷପନ୍ ଇ ଦୁଇଟା କଥା କଥାବସ୍ତୁ ହିସାବେଁ ଲେଖକ୍ ନେଇଛନ । ସମସ୍ୟା ଭିତ୍‌ରେଁ ସବୁଠାନୁ ବଡ଼ ସମସ୍ୟା ବଏ୍‌ଲେଁ ଗରିବି । ଆର୍ ଇଥିର୍ ସବୁଠାନୁ ବଡ୍ କାରନ୍ ହେଲା ପଶ୍ଚିମ ଓଡ଼ିଶାର୍ ନିପନିଆଁ ଇଲାକାର୍ ବଡ଼ ଶତ୍‌ରୁ— ମର୍‌ଡ଼ି । ଇଥିର ଲାଗି କେତେ କେତେ ଘର୍ ଉଛନ୍ ହେଇ ଯାଇଛନ୍ । ଭୀମ୍ ବାଗିର ଗଁଡିଆ ପିଲା ଭିଲ୍ ଘର ଛାଡୁଛେ କାମ୍ କମାନିର ଲାଗି- ପେଟର ଲାଗି ('ମାଁ ପନର ମର୍‌ଡି ନାଇଁ'), ଆର କେଶବ ବାଗିର୍ ଥିଲା ପର୍‌ଜା

ଭିଲ୍ ଅଁଟା ଭାଙ୍ଗି ବସ ପଡୁଛେ ('ପାନିର ନାଁ ଜୀବନ୍ ଆଏ') କେଶବ କହୁଛେ ତାର୍ ମାଁ ଦମ୍ଏମତୀକେ-''ଲଡ୍‌ବାର୍‌କେ ଚେରେଷ୍ଟା କରୁଥିଲି ମର୍‌ଡିର ସାଙ୍ଗେଁ । ହେଲେଁ ପାଏନ୍ ଗଲା, ଧାନ୍ ଗଲା ସଙ୍ଗେଁ ଜାନ୍ ବି ଯାଇ ବସ୍‌ଲାନ ।'' ଇଟା ଖାଲି ଗୁଟେ କେଶ୍‌ବର କଥା ନୁହେ, ଶ ଶ କେଶ୍‌ବର କଥା ଆଏ । ଆର୍ ଇଥିର୍ ପର୍‌ତିକାର୍ ଲାଗି ସରକାର୍‌କେ ଗୁହାରି କଲେଁ, ଏସ୍‌ଡିଓ କଚ୍‌ରୀ ଘେରଉ କଲେଁ ସରକାରୀ ପୁଲିସ୍ ଲାଠି ଚାର୍ଯ କରି ବତରକିରି ବାଗିର୍ ସିଗିର୍ ବିଗିର୍ ଲୁକ୍‌କର ମୁଡ୍‌କାନ ଫଟେଇ ଦେସନ୍ । ସଭା କର୍‌ବାର ଆଘୋ ଖାଏବେ ବଲି ପଥର୍ ଚୁଏଲ୍‌ଥି ମୁଠେ ପଶେ ରାନ୍ଧିଥିଲେ । ହାଁଡ଼ିପାତୁଲ୍‌କେ ବୁଟ୍‌ମେଡ଼ାଗୁଡେଁ ଲାତ୍‌ମାରି ଫଟେଇ ଦେସନ୍ । ଗଣତନ୍ତ୍ର ନାଁଥି ଗଣସଂହାର୍ ଚାଲ୍‌ସି । ଲୁକ୍‌କର୍ ଆଏତ୍ ନାଇଁ । ମର୍‌ଡିଥି ପେଟ୍ ପାତାଲ୍‌କେ ଆର୍ ମନ୍ ପଖାଲକେ ଗଲେଁ ହେଲେଁ କାଁ କର୍‌ବେ ? ଗରିବି ହଟାବାର୍ ଲାଗି ସର୍‌କାର୍‌ନୁ ଯାହା ଆଏସି ବିଡ଼ିଓ, ସେକେଷ୍ଟେରୀ, ସରପଞ୍ଚ୍ ଅଧା ଖାଇ ଦେଉଛନ୍ ଆର୍ ଅଧା ଯାଉଛେ ମନ୍ତ୍ରୀ ପାଖ୍‌କେ । ସରପଞ୍ଚ ମାଏଟ୍ ବୁହାଲେଁ ପୁରାପଏସା ଦିଏ ନାଇଁ । ମନ୍ତ୍ରୀ ତରଫୁ କହେସି-'ଖଜୁର୍ ଗଛକେ ଚଢ଼ି ଜନ୍ଏ ଖଜୁର ଝୁନ୍‌ବା ଯେ ତଲର ଲୁକେ ବେଟି ସାଉଟି ଖାଇନେମା ଆର୍ ଝୁନ୍‌ଲା ଲୋକ ଚୁକୁଥିବା ? ଗରିବ ପର୍‌ଜା ଖଟି ଖଟି କପାଲେଁ ହାତ୍ ମାରି ଖାଲି ବଲ୍‌ସନ୍-'ଗରିବର୍ ପେଟେଁ ଯେ ମାରୁଛେ ତାର୍ କଥା ଯେ ଉଡୁଛେ ବୁଡୁଛେ ସେ ବୁଝିବା ।' ହେଲେଁ ବେଲ୍ ଉଦ୍‌ସି, ବୁଡ୍‌ସି । ଦିନ୍ ଯାଏସି ଯେନ୍ତାକେ ସେନ୍ତା । 'ନାଇଁ ଆଜ୍ଞା' ନାଇଁ....ନାଇଁ । ଗଲ୍‌ପଥି ଇ ସବୁ ସମସ୍ୟା ସାଫ୍ ଦିଶୁଛେ । ଆହୁରି ବି ସରକାରୀ ଦୁର୍ନୀତି, ଶୋଷଣ୍ ଆର୍ ଦହଦହ ଅନୀଏର ଚିତ୍ର 'ପାନିର ନାଁ ଜୀବନ୍ ଆଏ', 'ମହାଲକ୍ଷ୍ମୀ ବସିଛନ୍' ଗଲ୍‌ପମାନ୍‌କୁ ଫୁଟିଛେ । ରୁଷ୍ ଲେଖକ୍ ଟଲଷ୍ଟୟ ବାଗିର୍ ଲେଖକ୍ ନାଇଁ ଡରିକରି ସରକାରୀ ଦୁର୍‌ନୀତି ଆର୍ ଅତ୍ୟାଚାର୍‌କେ ସାହିତ୍ୟ ଭିତରେ ଫୁଟେଇଛନ୍ । ତାଁକର ଇ ସାମାଜିକ ଅଙ୍ଗୀକାର (Commitment) ଗଲ୍‌ପମାନ୍‌କୁ ଜୀବନ୍ ଦେଇଛେ । ଇ ସଙ୍କଲ୍‌ନର ନାଁ ଟାକେ ଭିଲ୍ ସାଫୁଲ୍ କରୁଛେ-କଥାନି ଲେଖେଁ ଲାଗ୍‌ସି । ହେଲେଁ କଥାନି ନୁହେ, ସବୁ ସତ୍‌କଥା ଆଏ । ଇ କଥେନ୍ ମାନ୍‌କର୍ ଭିତରୁ ଗୁଟେବଲି ପ୍ରେମ୍‌ଗଲ୍‌ପ ଅଛେ-'ମହୁଲ କୁଁଚି କଥା କହୁଛେ ।' ନାଁ ଟା ଯେନ୍ତା ରୋମାଣ୍ଟିକ୍ କଥାଟା ବି (Plot) ହେନ୍ତା ରୋମାଣ୍ଟିକ୍ । ଲତା ଆର୍ ଗରିବର ପୁଓ ପର୍‌ମେର୍ ମନ୍‌ମେଶା କଥା ଅମର ରହେବା ।

ଛୋଟ୍‌ଗଲ୍‌ପ (Short story ) ମାନ୍‌କର୍ ଭିତରେ 'ମାଁ ପନର୍ ମର୍‌ଡି ନାଇଁ', 'ଝାଉ', ଅମରତ ଏତେ ପାଶେଁ ଇତ୍ୟାଦି ଗଲ୍‌ପମାନେ ମୁନ୍‌ଷର ଅନ୍‌ମୋଲ୍ ସମ୍ପଦ୍ ତାର୍ ମୁନୁଷପନ୍ ଉପରେ ଲେଖା ହେଇଛେ । ଇ ଭିତରେ ଅଛେ ମାଁର୍ ମାଁ ପନ୍-ମାତୃତ୍ୱ । ମାଁର

ଛାତିଭିତରେ ହମେଶା ଅଛେ ମାଁ ପନ୍-ସ୍ତ୍ରୀ ଜାତିର୍ ଭୁଷନ୍ ଆଏ । ମୁନୁଷ୍ ଲାଗି ଅମରତ୍ ଆଏ । 'ମାଁ ପନ୍‌ର ମର୍‌ଡି ନାଇଁ' ଗଲ୍‌ପଥି ରାଆଁଡ଼ି ଗଁତିଏନ୍ ମାଁ-ଗାଁ ଯାକର୍ ମାଁ । ମାଁ ପନ୍‌ଟା ତାଁକର୍ ଭିତ୍‌ରେ ବାହାରେ ଉଛୁଲ୍ ପଛୁଲ୍ ବୁହୁଛେ । ମୁନୁଷ କାଁ କରି, କୁକୁର ବିଲେଇ ଦେଖିଲେଁ ଭିଲ୍ ରୁକେଇ ହେସି ଦର୍‌ଦର୍ ଦର୍‌ଦର । ତା଼ର ପ୍ରମାଣ ମିଲ୍‌ବା ଇ ଗଲ୍‌ପ ଭିତରେ । 'ଅମରତ ଏତେ ପାଶେ' ଗଲ୍‌ପଥି ଇନ୍ତା ଆର୍‌ଗୁଟେ ମାଁ ଅଛେ-ଚା଼ଏର୍ ଛୁଆର୍ ମାଁ ଭିଖାରୀର୍ ମା ଗରିବି ଟାର ମାଁ ପନ୍‌କେ ନାଇଁ ଢା଼ପିପାରିଁ କି ତାର୍ ଆକାଶ୍ ମେତାଲ୍ ବଡ଼େ ଛାତିକେ ସାଁକୁର ନାଇଁ କରିପାରିଁ । ଚା଼ଏର୍ ଛୁଆ ସାଙ୍ଗେ ସାନୁଇ୍ ବାଗିର୍ ଛେଉଁଡ଼୍‌କେ ଅପନେଇ କରି ପାଞ୍ଚ୍ କରିଛେ । କେତେ ହେଲେଁ ଇ ଛାତି ପୁର୍‌ବା ? ଇମାନେ ଦେବୀ ଆନ୍ କି ମାନବୀ ? 'ଯାଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା'ର ଜୀଁତାଜାଗ୍‌ତା ଦୁଇଟା ମୂର୍ତ୍ତି ଆନ୍ ଇମାନେ । ମାଁର ହୁରୁଦ୍ ଖାଲି ମୁନୁଷମାନ୍‌କର୍‌ନ ନାଇଁ, ଜୀବ୍ ଜଁତ୍‌ତକ୍ ପେସ୍‌ରି ଯାଇଛେ । 'ଝାରି ଆର୍ ନାଇଁନ' ଗଲ୍‌ପଥି ଜଙ୍ଗଲର୍ ମାଇ ବର୍‌ହା ଛୁଆଟେ ଗରିବ ଭାଗ ଆର୍ ସମାରୀର ଝି ଆଏ । ଭାଗ ମାଏଟ୍ ବୁହିଲା, ସମାରୀ ଡିହ ବନ୍ଧା ପକେଇ ଭାଗର କାମକାରଜ କଲା । ମାତରକ ଝାରି (ବର୍‌ହାଛୁଆ) କେ ମୁର୍‌ଛି ନାଇଁ ପାର୍‌ଲା । ଝାରି ମରିଯିବାର୍ ଶୁନି ନିଜେ ମରିଯାଇଛେ । ଇନ୍ତା ପଶୁପ୍ରେମ୍ ଫୁଟିଛେ-ପାନିର ନାଁ ଜୀବନ୍ ଆଏ ଗଲ୍‌ପଥି । ଚଅଁରି ଗାଏକେ କେଶ୍‌ବ ଆର୍ ତାର୍ ମାଁ ଦଏମତୀ ଛାଡ଼ି ନାଇଁ ପାରି । ମର୍‌ଡିର ମାଡେ ଶେଷେଁ ଦୁରବସ୍ତା ଚା଼ଉଲ୍ ଗାଁର୍ ଡିଲର୍‌ନୁ ଆନିକରି ଚ଼ଅଁରିକେ ଦେଇ ଦେସନ୍ ସିନେ, ମନ୍‌ଫାଟି କରି ଖାଁ ଖାଁ କୁନ୍ଦଉଛେ । ଇଟା ମୁନ୍‌ଷର ସ୍ୱାଭାବିକ୍ ଦୁର୍ବଲତା ଆଏ ।

ମୁନୁଷ୍ ଲାଗି ମୁନୁଷ ଜୀବନ୍ ଦେସି । ନିଜର୍ ଜାନ୍ ଦେଇ କରି ସମାଜର ଲୁକ୍‌କୁ ଦେଖିସି । ଇଟା ଭିଲ୍ ସତ୍ ଆଏ । ମୁନୁଷ୍ ଭିତରେଁ ଦେବ୍‌ତାପନ୍ ବି ଅଛେ ପାଏନ୍‌ଟିକେ ଗାଁର ଲୁକ୍‌କୁ ଦେବା ବଲି ଚୁଆଁ କୁଡ଼ି କୁଡ଼ି କେଶ୍‌ବ ଭର୍‌ଲି ଛୁଆଁଥି ତୁପି ହେଇ ଯାଇଛେ । ରଥ ବମାଟାକ ମୁନୁଷ୍‌ମାରବାର୍ ଆଗୁଁ ମହାନଦୀଥି ଫିକ୍‌ବାର ଲାଗି ନଉନ୍ ନଉନ୍ ନିଜର୍ ଜୀବନ୍ ଦେଇଛେ । ଗାଁକେ ଦାଁ ଧରା ନିଆଁନୁ ରକ୍ଷା କର୍‌ବା ବଲି ଗରିବ୍ ସମାରୀ ବୁଢ଼ୀ ଜେଠର୍ ରଠ୍ ଖରାଥି ଲଙ୍ଗଲି ହେଇ ପିନ୍ଧ୍‌ଲା ଛିଡ଼ା କପ୍‌ଟା ଖଁଡ଼୍‌କେଁ ତୁଡାନୁ ଭିଜେଇ ଭିଜେଇ ପାଏନ୍ ଆନି ଲିଭେଇଛେ । ଆର୍ ନିଜେଁ ମରିଛେ । ଇଟାତ ଗୁଟେ ଦେବୀ ଆଏ । ସଭେ ତାହାକେ ଟଁଡ଼େଇ ବଲ୍‌ସନ୍ । ଗାଁର୍ ଲୁକ୍‌କୁ ଥାପ୍‌ରେ ମାଏ୍‌ଲା ଲେଖେଁ ତାର୍ କୁର୍‌ବାନୀ ଅମର୍ ରହେବା ।

ଚ଼ରିତ୍ରମାନ୍‌କୁ ନଜର୍ ଦେଲେଁ ଜନାପଡ଼୍‌ସି ଯେ ସବୁ ଚ଼ରିତ୍ରମାନେ ବାସ୍ତବ୍ ଆନ୍ । ସୁଖଦୁଖର ସଂସାର ଭିତରେ ସମସ୍ତେ ଖେଲାବୁଲା କରୁଛନ୍ । ଇନ ଅସୁର୍ ଅଛନ୍ । ଇନ

ଦେବତା ଭିଲ୍ ଅଛନ୍ । ସବୁ ମାଟିର୍ ମୁନୁଷ୍ ଆନ୍ । ଜନା ପଡୁଛେ ଯେ ହେମଚନ୍ଦ୍ର ତାଁକର୍ ଗାଁ ହଉ କି ଦୁସ୍‌ରା ଗାଁ ହଉ ଧୂଇଲ୍‌ମାଏଟ୍ ଭିତ୍‌ରୁ ସଥର୍ ଚ଼ରିତ୍ରମାନ୍‌କୁ ଆନିଛନ୍ । କଥା କହେଲା ବେଲ୍‌କେ କିଛି ଉହାଟିଥିବେ । ମାତରକ ଇଟା ଜନା ନାଇଁ ପଡ଼େ । ମୁଖିଆ ଚ଼ରିତ୍ରମାନ୍‌କର ସାଙ୍ଗେ କେତ୍‌ନେଇକେତେ ଛୋଟ୍ ଚରିତ୍ର ଆସିଛନ୍ ଯେନ୍‌ମାନେ ଗଲ୍‌ପମାନକର୍ ପୀଠ଼କା (Canvas) କେ ପୁରା କରିଛନ୍, ରଙ୍ଗୀନ୍ କରିଛନ୍ । ରାଜୁ, କୀର୍ତ୍ତନ୍, ବର୍ଜ, ବନ୍‌ବସ୍, ବଡ୍‌ଖା, ତପନ୍ ନାଏକ୍, ମୁଖୀ, ପାଏନ୍‌ବୁଡୁ, ପୁଝାରୀପିଲା, ଜଟା, ପର୍‌ଖିତ, ଇତ୍ୟାଦି ଚ଼ରିତ୍ରମାନେ ଲେଖକଁକର ଚିତ୍ରକେ ପୁରା କର୍‌ବାର୍‌ଥି ସାହାଜ୍ କରସନ୍ । ଇମାନେ ନାଇଁଥିଲେ ଯାତ୍‌ରା ଶୁଖା ନାଇଁ ଲାଗବା ? ଆର୍ ମୁଖିଆ ଚ଼ରିତ୍ରମାନେ ଅଛନ୍, ଯେନ୍‌ମାନ୍‌କର ଜୀବନଟା ଟ୍ରାଜିକ୍ (tragic)ଆଏ । ମରିଯାଇଛନ୍ । ମାତରକ ତାଁକର ମର୍‌ନ୍ ମହାମରନ୍ ଆଏ । ହେନ୍ତେଇ ଦେଖିଲେ କେଶବ, ରଥ ଆର୍ ସମାରୀ ଗୁଟେ ଗୁଟେ ଦେବାଦେବୀ ଆନ୍ । ସମାରୀ ତ ଦୁର୍ଗାଟେ ଆଏ । ସମସ୍ତେ ତାହାକେ ଟଁଢେ଼ଇ ବଲୁଥିଲେ । ଆମକୁ ଥାପଡ୍ ମାରି କରି ନଙ୍ଗଲୀ ହେଇକରି ସେ ତାର ଦୁର୍ଗାରୂପ ଦେଖେଇ ଦେଲା । ତାର୍ ଦେବୀରୂପ୍‌ଟାକେ କଲ୍ପନା କରି ନାଇଁ ହୁଏ । 'ଝାଉ' ଗଲ୍‌ପଥି ବର୍‌ଜ ଯେନ୍ ମୁନୁଷ୍‌ପନ୍ ଦେଖେଇଛେ ହେଟା ଗୁଟେ ଆମର ଲାଗି ଉଦାହରନ୍ ଆଏ । ଗାଁ ମାଏନ୍‌ଥି ଝିଆରି ହେବା ତରାସ । ତାହାକେ ଝି କରି ନେଇଛେ ଆର୍ ବଲୁଛେ-'ଖରା ଦଶ୍‌ରା ଆସୁଥିବୁ । ନାଇଁ ଅପ୍‌ସର୍‌ବୁ ।' ଇ ଚ଼ରିତ୍ରମାନେ ପାଠକ୍‌ମାନ୍‌କର ମନେ ଗୁଟେ ଗୁଟେ ଦାଗ୍ ଛାଡ଼ି ଯାଏସନ୍ । ଘଟନାକେ ଥୁଇବାର ଲାଗି ଚ଼ରିତ୍ର ଚ଼ିତ୍ରାବାର୍‌ଥି ହେମଚନ୍ଦ୍ର ବାବୁ ଗୁଟେ କୁଶଲି କାରିଗର ଆନ୍ । ତାଁକର ଗୁଟେ ସୂକ୍ଷ୍ମଦ୍ରୁଷ୍ଟି ଅଛେ । ସମକର୍ ହେଁଟା ନାଇଁ ଥାଏ ।

ଏତେ ଘଟ୍‌ନା, ଏତେ ଚ଼ରିତ୍ର ଲେଖିଲା ଭିତରେ ହେମଚନ୍ଦ୍ର ବାବୁଁକର ଗୁଟେ ନିର୍ଦ୍ଦିଷ୍ଟ ଜୀବନଦର୍ଶନ ଥିଲା ବାରିର୍ ଲାଗୁଛେ । ସବୁ ଗଲ୍‌ପ ଲେଖକର ଯେନ୍ତା ଥିସି । ମୁନୁଷ୍ ଭିତରେଁ ଦେବ୍‌ତାଗୁନ ହେମଚନ୍ଦ୍ର ବାବୁକେ ସବୁଥିରୁ ବେଶୀ ଘିଚ୍‌ଲା ଲେଖେଁ ଲାଗ୍‌ସି । ଲେଖକଙ୍କର ବଡ଼ା ବିଶ୍ୱାସ ମୁନୁଷ୍ ଉପ୍‌ରେଁ । ଆର ଗାଁର୍ ସରଲ ଜୀବନ୍ ଭିତରେଁ ପର୍ଛା ପାଏନ୍ ବାରିର୍ ମୁନୁଷ୍‌କର୍ ସଫା ଅନ୍ତର୍‌ଟିକ୍‌କ ଲେଖକଁକର୍ ମୂଳଧନ୍ ଆଏ । ଇନୁ ସେ ବହୁତ୍ ଠହେଁକ୍ ପାଇଛନ୍ । ଅନୁଭବ କରିଛନ୍ ଯେ ମୁନୁଷ୍ ମାନେ 'ଅମୃତସ୍ୟ ପୁତ୍ରାଃ' ଆନ୍ । ତାଁକର ଭିତରେଁ ଗୁନ୍‌ଅଛେ ଅବ୍‌ଗୁନ ଭିଲ ଅଛେ । ବାଘଚ଼ିତାର ରକ୍ତଖିଆ ପରକୃତି ଅଛେ, ଜୁଆଦାରୀ ବାରିର୍ ଅସୁର୍ ପରକୃତି ଭିଲ୍ ଅଛେ, ମାତରକ ଦେବ୍‌ତା ପରକୃତି ଭିଲ୍ ଅଛେ । 'ଝାଉ', ଗଲ୍‌ପଥି ବରଜ, 'ଟଁଢେ଼ଇ ନୁହେ ମାଉଲି ଆଏ'ର ସମାରୀ, 'ପାନିର ନାଁ ଜୀବନ ଆଏ' ଗଲ୍‌ପଥି କେଶବ, 'ରଥ'

ଗଲ୍‌ପଥି ରଥ ବାଟିର୍ ମୁନୁଷ୍‌କେ ଦେଖ୍‌ଲେ ଦେବ୍‌ତାପନ୍ ଝକ୍ କର୍‌ସି । ହେଁ ଦୁରୁଷ୍ଟିଥି ଗଲ୍‌ପମାନ୍‌କୁ ଦେଖ୍‌ଲେଁ ଲେଖକ୍ ଆଶାବାଦୀ ଆନ୍, ନିରାଶବାଦୀ ନୁହନ୍ । ଆର୍ ମାନବବାଦ (Humanism) ଉପରେଁ ତାଁକର ଗଭୀର୍ ଆସ୍ଥା ଅଛେ । ଅଭାବ୍ ଅନାଟନ୍, ସୁଖ୍ ଦୁଖ୍ ଭିତରେ ଜୀବନ୍ ସୁନ୍ଦର୍ ଆଏ । ପୁର୍‌ଥୀ ଭିଲ୍ ସୁନ୍ଦର ଆଏ୍ ଇନ ଅମରତ ଅଛେ । ଇଟା ହେମବାବୁର ଦର୍ଶନ ଆଏ୍ । ବାର୍ତା ଆଏ୍ । ଲେଖକର୍ ବଡ୍‌ପନ୍ ଆଏ୍ । ତାଁକର ଗଲ୍‌ପମାନେ ତାର୍ ପ୍ରମାଣ୍ ଆନ୍ । ଦାରିଦ୍ର୍ୟ ଭିତରେଁ ଭିଲ୍, ଘୋର ଦୁର୍ଦ୍ଦିନ୍‌ଥି ଭିଲ୍ ମୁନୁଷ୍‌ପନ୍ ମଏଲ୍ ନାଇଁ ପଡ଼େ । ଇଟା ତ ରଷିଟାକର ବାର୍ତା ଆଏ୍ । ଭାଗ, କେଶ୍‌ବ, ଫୁଲ୍‌ଝରିଆ, କମ୍‌ଲି, ତରାସ, ମୀନା ଆର୍ ଭିଖାରୀର ମାଁ ମେତାଲ୍ ଚ଼ରିତ୍ର ଇ ବାର୍ତା ଦଉଛନ୍ । ଗାଁ ସୁନ୍ଦର୍, ଗାଁର୍ ମୁନୁଷ ସୁନ୍ଦର୍ । ସହର୍‌କେ ପଲାବାର୍ ଲାଗି ସଜ୍‌ବାଜ୍ ହଉଥିବା ଦେବରାଜ୍‌ବାବୁ ଶେଷେଁ କହୁଛନ୍-ଇ ଗାଁନେ ଜନମ୍ ନେଇଛୁଁ, ଇ ଗାଁନ ମର୍‌ମା । ନିଜର୍ ଭିତରୁ କିଏ କହୁଛେ-ମାଁକେ ଦେଖ୍ ଗାଁକେ ଦେଖ୍ । ଫୁଲଝରି ମଲାବେଲ୍‌କେ ଭିଲ୍ ବେବ୍‌ଲଉଛେ-ଇମାନ୍ ଆର୍ ଇଜତ୍ ଥରେ ଗଲେଁ ଫିରେ ନାଇଁ । ଇନ୍ତା କେତେ କଥା । ମୁନୁଷ୍ ଅମରତର ପୁଓ ଆଏତ୍ ! ଇଟା ହେମଚ଼ନ୍ଦ୍ର ବାବୁଁକର ଗଲ୍‌ପର ମରମ୍‌ବାଣୀ ( Prophecy) ଆଏ୍ ।

ଆର୍ ଗୁଟେ ଦୁରୁଷ୍ଟି ଇ ଗଲ୍‌ପମାନ୍‌କେ ଅଛେ । ସେଟା ହଉଛେ ମୁନୁଷର ଅନ୍‌ମୁନ୍‌ଷିଆ ପର୍‌କୁତି, ପଶୁ ପରକୁତି । ଇଟା ବହୁତ ଭୟଙ୍କର୍ ଆଏ୍ । ଇଟାକେ ଦେଖିକରି ସମାରୀ (ଝାରି ଆର୍ ନାଇଁନ) ବଲୁଛେ-"ରଗ୍‌ଡ଼ାଖିଏ ନିଜର ଲଲ୍‌ଚ଼ାଲା ଜିଭ୍‌କେ ଦାବି ନାଇଁ ପାରନ୍, ନିଜର ମାଉଁସ ଟିକେ କି ରକ୍ତ ବୁଂଦେ ବଢ଼ାବେ ବଲି ପର୍‌ହର ରକତ୍ ମାଉଁସକେ ନିଘା । ଧଏନ୍ ଧଏନ୍‌ରେ ମୁନୁଷ୍ । ବାଘ୍‌ଚିତାନୁ ବି ଜିତି ଯାଉଛନ୍ ।" ଖାଲି ପଶୁଜଁତ ଉପରେ ନାଇଁ । ମୁନୁଷ ଉପରେଁ ଭିଲ୍ ମୁନୁଷ ଅସୁର ପର୍‌କୁତି ଜାହିର୍ କରୁଛେ । ଇନୁ ଜନମ୍ ନଉଛେ ଅନୀଏ, ଅତ୍ୟାଚାର୍ । ଗାଁର ସରପଁଚ୍, ମହାଜନ୍‌ଠାନୁ ଧରିକରି କୋର୍ଟକଚ୍‌ରୀ, ସରକାରୀ ଅଫିସର, ମନ୍ତ୍ରୀତକ୍ ସମସ୍ତେ ଜିଭ୍ ଲହଲହ କରୁଛନ୍ । ଗାଁର ଗଁଡିଆପିଲା ସମାରୀର ଝି ବାଗିର୍ ବର୍‌ହାଛୁଆକେ ଲୁକେଇ ମାରି ଖାଏ୍‌ସି, ମର୍‌ଡିର ଉଡ୍‌ଗନ୍‌ଥି, କେଶ୍‌ବର ଜୀବନୁ ଅଏତ୍‌କା ଚଅଁରୀ ଗାଏକେ ଗାଁର କଣ୍ଟ୍ରୋଲ୍ ଡିଲର୍ ଦୁଇବସ୍ତାନ ଚ଼ାଉଲ ଦେଇକରି ନେଇଯାଇ ପାର୍‌ସି, ନିଜର୍‌ଝିକେ ଧର୍ଷନ୍ କରବାର୍ ମାମଲା ନେଇକରି ଥାନାକେ ଗଲେଁ ଥାନାବାବୁ ଉଲ୍‌ଟିଆ ଗାଲି ଦେସି, ମର୍‌ଡି ଦିନର୍ ମାଏଟ୍ରେହା କାମ୍‌ଥୁ ଭିଲ୍ ଗରିବର୍ ଟିଁଟି ଚିପି ସରପଁଚ୍, ସେକେଷ୍ଟେରୀ, ମନ୍ତ୍ରୀ ସଭେ ଶୋଆର୍ ନେସନ୍ । ଖାଲି ଏତ୍‌କି ନାଇଁ ଉନ୍‌ତିର ନାଁଥି ଗାଁର କଇର୍‌ଘର ଗଞ୍ଜେଇ ଆଡ୍‌ଡା, ତାସଖେଲା ଘର୍ ହଇଛେ । ଗାଁର ସରଲ ଜୀବନ୍‌କେ ବିଷାକ୍ତକରି ଦେଇଛେ ଇ ସବୁ କଥା । ତଥାପି ଗାଁ ସୁନ୍ଦର୍ । ହେମବାବୁର ଦୁରୁଷ୍ଟିଥି ।

ସବୁଥି ବଡ଼୍ ମନଲୁଭା ହେଇଛେ ଇ ଗଲ୍‌ପମାନ୍‌କର ଶୈଳୀ । କେନ୍‌ସି ପର୍‌କାର୍ କୃତ୍ରିମତା ନାଇଁ । ଝର୍ ଫିଟ୍‌ଲା ଲେଖେଁ ଭାଷାଟା ହେମବାବୁର୍ କଲମଥୁ ଫିଟି ପଡୁଛେ । ଅବ୍‌ଗେ ନିରୁତା ସମଲପୁରୀ ଭାଷା । ଗାଁର ମାଏଟନୁ ବାହାରିଛେ । ହେଦ୍‌କି କଥିତ ଭାଷାର୍ ପର୍‌ଯୋଗ କରି ଗଲ୍‌ପ ଲେଖିବାର୍‌ଟା ସହଜ କଥା ନୁହେ । ସତ୍ କହେଲେଁ ସମଲପୁରୀ ଭାଷାଥି ଯେ ଏତେ ଭାବ ପର୍‌କାଶ କର୍‌ବାର ଶକ୍ତି ଅଛେ, ହେଟା ମୁଇଁ ଇ ଗଲ୍‌ପମାନେ ପଢ଼ିକରି ପର୍‌ଥମେ ଅନୁଭବ କଲି । ଆଗ୍‌ଲି ବହୁତ୍ ଲେଖା ପଢ଼ିଛେଁ, ହେଲେ ଇ ଲେଖାର୍ ତାକତ୍ ଅଲ୍‌ଗା ଆଏ । ଇଟା ସମ୍ବଲପୁରୀ ଭାଷାର ଶକ୍ତି ଆର୍ ହେମଚନ୍ଦ୍ର ବାବୁଁକର ଶକ୍ତି-ଦୁହିଟାର ପରିଚୟ ଆଏ । ଗୁଟେ ଗୁଟେ ବର୍ଣ୍ଣନା ଅଛେ ଯେ ଖାଲି ଫଟୁ କାଟ୍‌ଲାଲେଖେଁ ଫଟିକ୍ ଚିତ୍ରଟେ ନାଇଁ ଦିଶେ, ଗୁଟେ ଗୁଟେ କବିତା ଆଏ । ପରକ୍ରୁତି ପ୍ରେମୀ ଲେଖକ୍ ପର୍‌କ୍ରୁତିକେ ଯେନ୍ତା ଦେଖିଛନ୍, ତାର ସାଙ୍ଗେ ଭାବ୍‌ଟା ଫୁଟାବାକେ, ପରିବେଶ୍‌କେ ଚିହ୍ନରାବାକେ ଭାଷାଥି ହେନ୍ତା ଯତନ କରିଛନ୍ । ଅଧିକା କାଣା କହେମି । ଏନ୍ତା ଫଟୁଟେ ଦେଖୁନ୍ । ଲେଖକ୍ 'ମହୁଲ୍ କୁଁଚି କଥା କହୁଛେ' ପ୍ରେମଗଲ୍‌ପନ୍ ଫଗୁନ୍‌ଚଏତ୍ ମାସେ ଗୁଟେ ପହଁତିଆ ମହୁଲ୍‌ବୁରେଇର ବର୍ଣ୍ଣନା କରୁଛନ୍ । ଭାଷା ଆର୍ ଚିତ୍ରକେ ନିଘା କରୁନ୍ –

"ସେ ଦିନର୍ ରାଏତ୍ ଟିକେ ଗୁମକୁଥିଲା, ଆର୍ କୁକ୍‌ରା ଡକିଆ ହୁର୍‌ହୁରିଆ ପବ୍‌ନର ଲହର୍ ମହୁଲକୁଁଚିର୍ ସଙ୍ଗେ ଲୁକ୍‌ଲୁକାନି ଖେଲୁଥିଲା । ଏନ୍ତା ପାଗେଁ ମହୁଲ୍ ରୁକେଇ ହେସି । ବୁରେଇ ଭର୍‌ଭର୍ ବିଛେଇ ହେସି ଅକଲନ୍ ମୁଡିର ଗୁଟେ ପରସ୍ତ । କିହେ କାହାକେ ନାଇଁ ମାନି ଝଁପେଇ ହେସନ୍ । ମହୁଲ୍ ବୁରେଇନେ, ହେର୍‌ନା, ଚିଥଲ୍, ସମର୍, ଗୋରୁ, ଗାଏ, ମୁନୁଷ୍ ।"

ବର୍ଣ୍ଣନାଟା ଖାଲି ଜୀବଁତ ନୁହେ, ଭାଷାଟା ଭିଲ୍ ପରିବେଶ୍‌କେ ଦେଖିକରି । ମହୁଲ୍‌କେ ମୁଡି ସାଙ୍ଗେ ତୁଲ୍‌ନା କରବାର୍‌ଟା, ପବନ୍ ମହୁଲ୍ କୁଁଚି ସାଙ୍ଗେ ଲୁକ୍‌ଲୁକାନି ଖେଲ୍‌ବାର୍‌ଟା ଗୁଟେ ଚିତ୍ରକଲ୍‌ପ (Imagory) ସୃଷ୍ଟି କରିଛେ । ଇଟାକେ କବିତା ବନେଇ ଦେଇଛେ । ମାଟିର୍ ଭାଷାର୍ ମହକ୍‌ଟା ଇ ବର୍ଣ୍ଣନା ଭିତରୁ ବାରି ହଉଛେ । ଉପମା ପରଯୋଗ କର୍‌ବାରଥି ତ ହେମଚନ୍ଦ୍ର ବାବୁ ଗୁଟେ ସିଦ୍ଧ କଲାକାର ଆନ୍ । ଜୁଆନ୍ ଟୁକେଲ୍ ଲତାର ମନ୍‌କେ ଲୁଇ ଦାମୁର୍ ସଙ୍ଗେ, ଖଗେର୍ ଆଁଖିର ଲହକେ ବାଏଲ୍‌ଚୁଆଁ ସାଙ୍ଗେ, ସିନ୍‌ବିନ୍ ଲୋକମାନ୍‌କେ ମୁଢ଼ି ଅଷାଢ଼ର ବତରକରି ସଙ୍ଗେ ତୁଲ୍‌ନା କର୍‌ବାର୍‌ଟା କେତେ ସାର୍ଥକ୍ ଆଏ । ଆର୍‌ଗୁଟେ ସୁନ୍ଦର ବର୍ଣ୍ଣନା ସାଙ୍ଗେ ଉପମା ଆର୍ ଭାଷାର ବାହାଦୁରୀ ଦେଖୁନ୍–'ଭୀମ ଗୁହୁଡାର ଆଗେ, ଖଗେ ସର୍‌ବାର୍ ଶେଷେଁ । ଇଂଜନ୍ ଆଗେ ଆଉର୍ ରେଲ୍ ଗାରଡ ଡବାର ଶେଷେ ଥାଇ

ରେଲଗଲା ଲେଖେ ଯାଇ ରେଲ୍‌ଟେସନ୍ କେ ପୁହୁଚିଛନ୍ ହୁଦାଟାଯାକ ।' ('ମାଁ ପନ୍‌ର ମର୍‌ଡି' ନାଇଁ) ।

ଏନ୍ତା କେତେ କେତେ ଉଦାହରନ୍ ପାଠକ୍‌ମାନେ ଇ ଗଲ୍‌ପମାନେ ପଢ଼ଲେଁ ନିଜେ ଅନୁଭବ କର୍‌ବେ । ହେମବାବୁ ଗଲ୍‌ପମାନକର ଭିତରେ ଖାଲି ସମଲପୁରୀ ଭାଷା ନୁହେଁ ଇ ଭାଷାର ଢ଼ଗ୍‌ଢ଼ମାଲି ବି ଭବିଷ୍ୟତ ବଂଶଧରମାନ୍‌କର ସାଏ୍‌ତିବାର ଚେଷ୍ଟା କରିଛନ୍ । ଶୈଲୀର ଉଜନ୍ ବଢ଼େଇଛନ୍ । ଝି ଘି ଘରେ ନାଇଁ ରଖି ହୁଏ,' ଶହେ ଗାଡ଼୍‌କେ ଅଶୀ ମେର୍‌ହା, ଟଁଢ଼େଇର କାଏଁ ପୁଅ ଘଏ୍‌ତା, ଇତ୍ୟାଦି ପର୍‌ଯୋଗ ଶୈଲୀକେ ମନୋହର୍ କରିଛେ । ଭାବ୍ ବିସ୍ତାର୍ କରୁଛେ । ଇ ସବୁ ଛଡ଼ା ଢେଠର୍ ଉଠ୍ ଖରା, ଠିଆ ଫୁଲି ଜନକ୍‌ରାଏଦ୍, ଗୁହୁଲ ଗାହୁଲ୍ ଭୁଆସେନ, ତାଲୁଫଟାବଣା ଖରା, କଁଟା କଁଟା ମେଛା, ଫଗୁଆ ଫୁଲ୍‌କୁ ଫୁଲ୍‌କୁ ଗାଲ୍, ଲୁଥା ଲୁଥା ଭଟ୍‌କି ଇତ୍ୟାଦି ଶବ୍‌ଦ୍ ପ୍ରୟୋଗ୍ ଦେଖିଲେଁ ଜନାପଡ଼୍‌ସି ଯେ ହେମଚ଼ନ୍ଦ୍ର ବାବୁ ଭାଷାର ଜନେ ଯାଦୁକର ଆନ୍ । ଛୋଟ୍ ଗଲ୍‌ପ ହିସାବେ ଦେଖିଲେ କେତେଟା ଗଲ୍‌ପ କଥାନିଧର୍ମୀ ହଇଛେ, ମାତରକ ଆରମ୍ଭ ଆର୍ ସମାପନଟା ଚ଼ମକ୍‌ର ହେଇଛେ । ବହୁତ ଗଲ୍‌ପର ସମାପନ୍ ଟ୍ରେଜେଡ଼ିଧର୍ମୀ ହଇଛେ । 'ଝାଉ' ଆର୍ 'ମହୁଲ କୁଁତି କଥା କହୁଛେ' ଗଲ୍‌ପ ଦୁଇଟା ପ୍ରତୀକ୍ ଧର୍ମୀ ହେଇଛେ । ଭବିଷ୍ୟତ୍ ଲେଖକ୍ ମାନ୍‌କର ଲାଗି ହେମଚ଼ନ୍ଦ୍ର ବାବୁର ଇ ସଂକଳନ୍‌ଟା ବତୀଘର୍ ହେବା ମେତାଲ୍ ମତେ ଲାଗୁଛେ ।

ନାଇଁ ନାଇଁ ବଲି କେତେ କଥା ଲେଖି ଗଲିନ । ମାଇର୍‌ନୁ ଛୁଆ ବଡ ହେଇଯିବା କାଏଁ ସେ ? ଅସୁନ୍ଦର୍ ହେବା । ହେଲେଁ କାଁ କର୍‌ମି ଯେତେ କହେଲେ ଭିଲ୍ କମ୍ ବାଗିର୍ ଲାଗୁଛେ । ପାଠକ୍‌ମାନେ ନିଜେ ନାଇଁ ପଢ଼୍‌ଲେଁ ମୋର୍ କଥାକେ ବିଶ୍ବାସ୍ ନାଇଁ କରନ୍ । ନିବେଦନ୍ କରମି-ସେମାନେ ପଢ଼ୁନ୍, ଭାବୁନ୍, ଆର୍ ତଉଲୁନ୍ ନିଜେଁ ନିଜେଁ । ଲେଖକ୍ ମୋର୍‌ନୁ କେତେ ବଡ଼ଆନ୍, ସିଆନ୍ ଆନ୍ । ଖାଲି ବଏସଥି ନୁହେ, ଲେଖାଲୁଖିଥି ଭିଲ୍ । ଇ ବହିର୍ ଭୂମିକାଟେ ଯେ ମୁଇଁ ଲେଖୁଛେଁ, ମତେ ଗୁଟେ କଥାନି ଲେଖେଁ ଲାଗ୍‌ସି ।

ବ୍ୟାସ ପୂର୍ଣ୍ଣିମା
ତା ୨୫.୦୭.୨୦୦୨

ଅଶୋକ କୁମାର ଦାସ
ରିଡର, ଓଡ଼ିଆ ବିଭାଗ
ସମ୍ବଲପୁର୍ ବିଶ୍ୱବିଦ୍ୟାଳୟ

# ସୂଚୀ ପତର୍


| | |
|---|---|
| ରଥ | ୧୫ |
| କୁପି | ୧୮ |
| ଝାରି ଆର୍ ନାଏଁନ | ୨୫ |
| ମହୁଲ୍ କୁଚି କଥା କହୁଛେ | ୩୨ |
| ମା' ପନର୍ ମର୍ଡ଼ି ନାଇଁ | ୩୭ |
| ''ନାଇଁ ଆଜ୍ଞା ! ନାଇଁ...ନାଇଁ...ନାଇଁ'' | ୪୫ |
| ଥରେ ଗଲେଁ ଆର୍ ଫିରେ ନାଇଁ | ୫୧ |
| ପାନିର୍ ନାଁ ଜୀବନ୍ ଆଏ | ୫୮ |
| ଟଁଢ଼େଇ ନୁହେ, ମାଉଲୀ ଆଏ | ୬୬ |
| ନୂଆଁଖାଇର୍ କୁନୁଆଁ | ୭୧ |
| ମହାଲକ୍ଷୀଁ ବସିଛନ୍ | ୭୪ |
| ଭାଏ ଜାଁତିଆ | ୭୯ |
| ଅମ୍‌ରତ୍-ଏତେ ପାଣେଁ | ୮୪ |
| ମାଁ କେ ଦେଖ୍-ଗାଁ କେ ଦେଖ୍ | ୮୯ |
| ଝାଉ | ୯୫ |

# ରଥ

କେଭେଁ କେନ୍‌ଦିନେ ଜଗନ୍ନାଥ ମହାପ୍ରୁ ରଥେଁ ବସି ବୁଲିଥିଲେ କେ ଜାନ୍‌ଏ ? ହେଲେଁ ପାଂଜି କହୁଛେ କାଏଲ୍ ରଥ ଯାତ୍‌ରା । ଲୋକ୍ ବି କହୁଛନ୍ କାଏଲ୍ ରଥ୍ ଆଏ । ବଛରଟେ କିଦ୍‌ରି ବୁଲି ଆସିଁ ଗଲାନ ରଥ୍ ; ହେଲେଁ ତାର୍ ପୁଓ ରଥ କେନ୍ତା ନୁହେ ଆସେ ବଲିଁ ଆଶା ଭାଜୁର୍ କୁଟୁର୍ ହଉଛେ । ଏନ୍ତା ରଥର୍ ଆଗର୍ ଦିନେ ସେ ଦୁଖ୍ ପାଏଲା ଆର ରଥ ଦିନ ଠିକ୍ ମହାପ୍ରୁ ପହଁଡି ବିଜେ ହଉଥାଆଁତ, ସେ ପାର୍ ତାର୍ ହେଲା । ପିଲାର୍ ନାଁ ଦେଲେ ରଥ । ତାର୍ ଆଗୋ କି ପଛେଁ ଛୁଆ ପୁତା ନାଇଁ ହଇଁ ତ; ସେଥିର୍ ଲାଗି ଏକ୍‌ଲା ସେନେ, ତାର୍ ସେନ୍‌ହୋ ମମ୍‌ତା ଟିକ ବଁଟା ନାଇଁ ହଇ ନ, ଏଖେଇ ରଥ୍‌ର୍ ନ ସବୁ ଉଲ୍‌ଦି ହଇଥିଲା । ରଥକେ ଆଁଖିର୍ ଉଡ଼ାଲ୍ କର୍‌ବାର୍ ବି ମନ୍ ନାଇଁ ତାର । ରଥକେ ଦଶ୍ ବଛର୍ ନାଇଁ ପୂର୍‌ନୁ ତାର୍ ବା' ଗଲେ ସେ ପାର୍‌କେ । ଗାଁ ମୁଡ୍ଡେଁ ଡ଼ିହ ଖଁଡ୍ଡେ ଆର୍ ବନ୍ଧ୍ ଉପ୍‌ରେଁ ଜମିନ୍ ଖଁଡେ ଛାଡ଼ି । ଜମିନ୍ ଦୁଇ ଟେପ୍ରି ବଏଲେଁ ସଥେଁ ଦୁଇ ଟେପ୍ରି ନ; ଥିଲା କେ ନାଇଁ ପାଏ କି ନାଇଁ ଥିଲା କେ ନାଇଁ । ହାତୁଁ ଚୂରିଲାଖ୍ ଗଲା ସିନେ ଆଶାର୍ ବଏସ୍ ନାଇଁ ଯାଇଁ, ମୁହୁଁ ଚେ଼ହେରା ନାଇଁ ଯାଇଁ । ପରା ପାଟକ୍ ଗୋଦ୍ କୁଟୁମ୍ ସଭେ କହେଲେ, ''ଜାତି ହାତି ତ ଚ଼ଲୁଛେ, ଘର୍ ବର୍ କରି ଯାଆ ନି ଯେ ।'' ହେଲେଁ ଆଶା, ପୁଓ ରଥର୍ ମୁହଁକେ ଦେଖିଁ ରହିଁଗଲା ଯେ, ରହିଛେ ନ । ରଥ ତାର୍ ସବୁଆଏ; ପୁଓ ଝି, ଶାଶ୍ ଶଶୁର୍, ଗୋଦ୍ କୁଟମ୍ । ଗାଁଆଡି ମାଏଝି, ଛୁଆଟାକେ ମୁନୁଷ୍ ମାକର୍ କର୍‌ବାକେ ଚେ଼ରେଷ୍ଟା କରି ଜମି ଦୁଇ ଟେପ୍ରିକ ବଂଧକ ଦେଇଦେଲା !

ରଥ କବାର୍ ବୁତାକେ ପାର୍‌ଲା କି ଗାଁର୍ ଜୁନ୍‌ହାଁ ଗଁତିଆ ଘରେଁ କୁଠିଆ ରହେଲା । ଖିଆ ପିଆ ସେନ; ରାଏତ୍ ଚାଏର୍ ପହର ମାଁର୍ ପନତ୍ ତଲେଁ ତାର୍ ଦଦ୍‌ରା କୁରିଆ ନ; ବହଟୁକେଲ୍‌ଟେ ଉହାଟି ବସ୍‌ଲାନ୍ ତାର୍ ମନେ ମନେ । ରଥର୍ ବର୍‌ଜସ୍ ବପୁ ଆର୍ ସଟୋଟ୍ କବାର୍ ଦେଖି ଜୁନ୍‌ହାଁ ଗଁତିଆ ଘରେଁ ନାଇଁ ଛାଡ଼୍‌ବାର୍, ତାକର୍ ଘରର୍ ଝନ୍‌ଏ ହଇଁଗଲାନ । ଗଁତିଆ ଘରର ଗଅଁତି କେଭୁଁ ଗଲାନ , ହେଲେଁ ସମଲ୍‌ପୁରର୍ ତାକର୍ ବାନ୍ ଫଟ୍‌କା ଦୁକାନ୍‌ଟା ଗର୍‌ଜୁଛେ । ରଥ ବନ୍‌ଏ ପିଲା ଆଏ, ରତେ ବି ହାତ୍ ଲୁଭିଆ ନୁହେ ତ । ତାହାକେ ସମଲ୍‌ପୁରେଁ ରଖିଛନ୍, ତିହାର୍ ବାହାର୍ ଦେଖିଁ କେଭେଁ କେନ୍ତା ଗାଁ କେ ଆଏସି । ନାଇଁ ଆଏତା ଭି ଯେ ମାଁ ତାର୍ ଅଥାବିଥା ହଇଁ ଯାଏସି ଗୁଦ୍ ଦୁ ଦିନ୍ ନାଇଁ ଦେଖିଲେଁ । ଉନିଆଁ ଦିନ୍ ଆସୁ ନାଇଁ ଆସୁ

ରଥ୍ ଯାତ୍ରାର୍ ଆଗର୍ ଦିନ୍‌ଟା ବା' ନାଇଁଯାଏ । ଜରୁର୍ ଆଏବା । ରଥ ପିଠା ପନାର୍ ନୁ ଶାଲ୍ ଉଖ୍‌ରା ଆର୍ ଭଜା ମୁଗ୍‌ଫଲି ଖାଏବାକେ ଭଲ୍ ପାଏସି । ଆଶା ଆକାଶୁଁ ହେଲେଁ ଖଁଜି ରଖିଥିସି ଶାଲ୍‌ଉଖ୍‌ରା ସାଙ୍ଗେ ମୁଗ୍‌ଫଲି ଭଜା । ଆଝିର୍ କେନ୍ତା ନାଇଁ ଆସ୍‌ବାର୍ ବଲିଁ ଆଶା ଉଟୁସ୍ ପୁଟୁସ୍ ହଇଁ ଯାଉଛେ । ଯାହାକେ ଦେଖ୍‌ଲେଁ ପଚ଼ରଉଛେ, ସମଲ୍‌ପୁର୍ ଆଡ଼ର୍ ଶେଷ୍ ଗାଡ଼ି ଗଲା ନ କି ନାଇଁ ? ବେଲ୍ ବୁଡ଼ି ମାଁର୍ କୋଡ୍‌କେ ଗଲାନ, ରଥ ତାର୍ ମାଁର୍ କୋଡ୍‌କେ ନାଇଁ ଆଏଲା । ଆଶା ଭଲ୍ ମନ୍ଦ କେତେ ଭାବିଁ ଖଟେଁ ପରିଛେ, ଝୁମ୍‌ରା ନାଇଁ ।

ମାଁ ପୁଓ ନାଇଁ ଆଏଲା ବଲିଁ ଯେତେ ଭାକୁର୍ କୁଟୁର୍ ହଉଛେ, ଦୁକାନେ ପୁଓ ବି ଥାବେଁ ନାଇଁ ରହି ପାର୍‌ବାର୍ । ମାଲିକ୍ ବଏଲା "ବାହାରୁଁ କୁନୁଆଁ ଆଇଛନ୍ ବୋ ! ସେ ତାକୁଁ ଛାଡ଼ି ନାଇଁ ହେବାର୍, ଆଝେ ଦୁକାନ୍ ସଁଭଲାଇ ଥା । ଆଏଜ୍ ବି ବସ୍ ଷ୍ଟ୍ରାଇକ୍ ଅଛେ ତ । ବଡ଼େ ପହ୍‌ପହ୍ନୁ ରାଜଧାନୀ ଥୁଁ ଫିର୍‌ସି ବସ୍‌ନେ ପଲାବୁ ଯେ ବେଲ୍‌ଉଦାକେ ଘରେଁ ଦାଖଲ୍ ।" ରଥ ମାଲିକର୍ କଥା କାଟି ନୈ ପାର୍‌ବାର୍ । ସେ ଦେଖୁଛେ ବି ଯେ ମାଲିକ୍ କୁନୁଆଁକର୍ ସାଙ୍ଗେଁ ହରୁମେଷା ଫୁସୁର୍ ଫାସର୍ କଥା ବାର୍‌ତା, ଘାଏ ବି ଛାଡ଼ି ନାଇଁ ପାର୍‌ବାର୍ । କୁନୁଆଁ ଲୁକେ ପଚ଼ରଉଛନ୍ "ରଥ ଯାତ୍‌ରା ଇନେ କେନ୍ତା ହେସି ? ଲୋକ୍ କେତେ ହେସନ୍ ?" ମାଲିକ୍ ସଙ୍ଗେଁ ବୀନା ଖଁଡ଼ି ନୁ (ସମ୍ବଲପୁର୍ ସହରର୍ ରଥ୍ ଯେନେ ହେସି) ଥରେ ଅଧେ କିନ୍‌ହରି ଆଏଲେ ନ ବି ।

ବେଲ୍ ବୁଡ଼ି ଭାତ୍‌ଖିଆ ହେଲା ନ । ରଥ ଖାଇ ପିଇ ଶୁଇଛେ । ସହରୀ ମଶା ମାନେ ଭଅଁରି ମାରି ଦେହର୍ ମେଲା ଜାଗା ଦେଖି ହୁଙ୍କୁଛନ୍ ଯେତ୍‌କି, ତାର୍ ଦୁଗୁନ୍ ଘର୍‌କେ ଯାଇ ନାଇଁ ପାର୍‌ବାର୍ ଦୁଖ୍‌ମାନେ ମନ୍‌ମହଲୁଁ ଡୁଙ୍କୁଛନ୍ ସେତ୍‌କି ।

ରଥ ଶୁଇ ପର୍‌ଲା ନ ଜାନି କୁନୁଆଁ ମାନେ ତାକର୍ ତାକର୍ କଥା ହଉଛନ୍; କେନ୍‌କେ ଥୁଇବେ ତାକର୍ ଜିନିଷଟା । ରଥ୍ ଡ଼ାଣ୍‌ର୍ କେନେ ବେଶି ଭିଡ଼୍ ହେବେ । ସହର୍ ଯାକର୍ ସବୁ ପରାର୍ ରଥ୍ ଠୋଲ୍ ହେସନ୍ ପରେ । ନାଇଁ ଜାନ୍‌ଲା ମେଟାଲ୍ ରଥ ସବୁ ଶୁନୁଛେ, ଆର ଯେନ୍ ଜିନିଷର୍ କଥା ହଉଛନ୍ ସେ ଟା କେନେ ରଖିଛନ୍ ମନେ ମନେ ଥାବ୍ କରିନେଲା । ଭାତଖିଆ ସମିୟା ଡ଼େଗ୍‌ଲା କି ବର୍‌ଷା ମୁଷଲ୍ ଧାରେଁ ରୁକୁଛେ । ମଶାମାନେ ବି କାନ୍ ତରା ତରା ଆର୍ ନାଇଁ ଭନ୍ ଭନାବାର୍ ନ । କୁନୁଆଁ ମାନେ ଯେତ୍‌କି ଫୁକ୍‌ରେଇଁ ଶୁଇଛନ୍ ତାର୍ ଶହେଶହ ଗୁନ୍ ଅଏଧିକା ଫୁକ୍‌ରେଇଁ ନର୍‌ଦୁଛେ ମହାନଏଦ୍ । ସହରର୍ ବିଜ୍‌ଲି ଲାଇନ୍ କେତେବେଲୁ ସୁଷ୍ଟାଲା ନ ପାଏନ୍ ଧୁକାର୍ ଉଖି ନେଇ । ପାଏନ୍ ଟିକେ ସିସ୍‌କୋଲା । ରଥ ଭାବ୍‌ଲା ଇ'ଟା ନ ସମିୟା ଆଏ । ସୁରୁଟେ କପ୍‌ଡ଼ାର୍ ବସ୍ତାଟାକେଁ ଟାଏଟ୍ କନେ ଜବ୍‌ଦିଁ

ରହିଛେ କୁନୁଆଁକର୍ ଜିନିଷ । ତାହାକେ ଖଖେଇଁ ପାହା ଗନିଗନି ଖସ୍‌କିଲା ରଥ । ମନେ ମନେ କହୁଥିଲା ''ଶଲେ ! ମୁନୁଷ୍ ମରା ଭିଲ୍.... ତମର୍ ଅଂଶେଁ ବଂଶେଁ କିହେ ନାଇଁ ରହୁନ୍ ରେ ବରମସିଏ !''

ମହାନଏଦ୍ ଆର୍ ଜହ ଧୁର୍ ନାଏଁନ । ହାତ୍ ପଚାଶେ ଗଲେଁ ନଦୀର୍ ଧାରେଁ ଉହୁଲେଇ ନେବା । ଅନ୍ଧାର୍ ବିଟ୍ ବିଟ୍ ରାଏତ୍ ଝାଏଁ କରୁଛେ, ଉଜାଲା ଥିଲେଁ ଏଦେ ପହୁଚି ଯାଏତା ନ । କାଁ କର୍‌ବା ? ତାମ୍‌ଡିଁ ହାତ୍‌ଲିଁ ବାଟ୍ ଚ଼ାଲୁଛେ । ନାଇଁ ଜାନି ପାର୍‌ଲା ନ ବନ୍ଏ ପଥର୍‌ଟେ ବାଟେଁ ବାଟେଁ ଆର୍ ତାର୍ ତଲ୍‌କେ ଆଁଠେ ଗହେରର୍ ଢୁଡ଼ା । ଗୁର୍‌ମୁସେଇଁ ହଇ ପର୍‌ଲା । ପାଶ୍ ପାଁଜର୍ ଧମ୍‌କି ଉଠ଼ଲା, ଗରଜନ୍‌ଟାକେଁ ; ଚମକି ଉଠ଼ଲେ ଦର୍‌ନିଦିଆ ସହରର୍ ଲୋକ୍, କା'ଣା ହେଲା ବଲିଁ ପେଟ୍ରୋଲ ଡ଼ିଉଟିର୍ ପୁଲିସ୍‌ମାନେ ଉଜାଲ୍‌ା ଧରିଁ ଦଉଡ଼ି ଆଏଲେ । ବନ୍ଏ ବୋମାଟେ ଫୁଟିଛେ । ଢୁଡ଼ା ଭିତ୍‌ରେଁ ମୁଡ୍ ଆର୍ ପଥରର୍ ଆଖ୍ ପାଖ୍ ଛିଛ଼ରି ପରିଛେ ଖଣ୍ ଖଣ୍ ହଇଁ ଦିହ୍ ଖଣ୍‌କ । ଅନ୍‌ମାନ୍ ହଉଛେ ପନ୍ଦର ଷୁଲ୍‌ହ ବଛରର୍ ପିଲାଟେ, କିଏ ଆଏ ନାଇଁ ଚିହ୍ନାବାର୍ ।

ସକାଲ୍ ପାହେଲା ନ । ଆଶାର୍ ଶାଲ୍ ଉଖ୍‌ରା ଟୁପ୍‌ଲି ଥିଁ ଚାଁଟି ଲାଗି ଯାଇଛନ୍, ଭଜା ମୁଗଫଲି ସଙ୍ଗା ଉପ୍‌ରେଁ ଲେସ୍‌କଉଛେ । ଆଶା ମୋର୍ ପୁଓ କେନ୍ତା ନାଇଁ ଆଏଲା ବଲିଁ ଘରୁଁ ସଡ଼କ୍ ସଡ଼କୁଁ ଘର୍ ହଇଁ ସଡ଼କ୍‌ଦମ୍ ଠାଡ଼ ହଇଛେ ବାଟ ମୁହଁର୍ ଦୁଆର୍ ବନ୍ଧ୍‌କେ ଧରି ।

ରଥ ତାର୍ ଜନମ୍ ଦିନେ ଜନମ୍ ମାଏଟ୍‌କେ ନାଇଁ ଆସିନ; ଭାଗିଛେ ସେ ନିକେ ଯେନ୍‌ନୁ ସେ ଆସିଥିଲା ସେ ନିକେ ।

□□

# କୁପି

କୁପି, ମାଟିର୍ କାଁଚ଼ି ଟେ, ନିମୁହାଁ । ପଏସା ଗଲାବାର୍‌କେ କଣ୍‌ହାଁଟେ ନ ଖାଲି । ପଏସାର୍ ପର୍‌ଚ଼ଲ୍ ଆର୍ କେନ ଅଛେ କି, ପାଁଚ୍‌ପଏସି, ଦଶ୍ ପଏସି, ପଚାଶ୍ ପଏସି, ଟଂକା, ନୋଟ୍ ସବୁ ପଏସାଥିଁ ଯାଏସନ୍ । ଭଲମଂଦ୍, ସାନ୍ ବଡ଼, ଗରିବ୍ ମହାଜନ୍ ସବୁ ଲୋକ୍ ମୁନ୍‌ଷେଁ ଗଲା ଲେଖେଁ ।

ଗୁଲାପି ଯେନ୍ ଦିନ କୁଁଭାର୍ ଘରୁଁ ଏଁଟା କୁପିଟେ ଆନି ଧରେଇ ନେଲା ତାର୍ ଝି' ରମା କେ, ସେ ଦିନୁ ରମା ବି ତାର୍ କଅଁଲି ବଏସର୍ କଁଷି ମନ୍‌କେ ସେ କୁପିର୍ ପଛ୍ ଧରେଇ ନେଲା ଯେ ନେଁ ଖସ୍‌ରେଇ ନ । କୁପି, କୁପି, ଶୁଇଲାବେଲେଁ ବି ମୁଡ୍ ଶାଲେଁ ଥୁଇ ଶୁଇସି ରମା । ପାଁଚ୍ ପଏସି ଦଶ୍ ପଏସି ଯାହା ପାଏସି ସାଙ୍ଗେଁ ସାଙ୍ଗ୍ ଛିଙ୍ଗ୍‌ଲେଇ ନେସି କୁପିଥିଁ, ଆର୍ ତାର୍ ସାଙ୍ଗେଁ କେତେ ଯେ ଆଶା ତାର୍ ମୁଡେଁ ଛିଙ୍ଗ୍‌ଲି ଯାଏସନ୍ କେ ଗନୁଛେ ?

ଗୁଲାପି ଗରିବ୍ ଘରର୍ ଝି ହେଲେଁ ବି, ବିଧାତା ତାର୍ ଦିହର୍ ଗର୍‌ହନ ବେଲ୍‌କେ ଗରିବି ନାଇଁ ଦେଖେଇଁ, ତାର୍ ନ ମନ୍ ବୁଦ୍ଧିର୍ ଗରିବି ବି ନାଇଁ ଥାଇ କେଭେଁ । ଗାଁର୍ ଇସ୍କୁଲେଁ ସପ୍ତମ୍ ପଢୁଥିଲା, ପାସ୍ କରିଛେ । ହାଟ୍ ଗାଁର୍ ଇସ୍କୁଲ୍‌କେ ପଢ଼ି ଯିବାକେ ମନ୍ ତାର୍ ଉଦ୍‌ମୁଦେଇ ଥିଲା । ହେଲେଁ ତାର୍ ବୁଆ ସେ ବଛର୍‌ଅ ଗେଁଟି ଖଦାନେ ଜାନ୍ ଗୁଆଁଲା, ରାଆଁଡ଼ି ମାଁ ତାର୍ କାଁ କର୍‌ତା ? ବଛର୍ ଚ଼ାରେ ନୁହେ ଯାଏ, ପାଲି ଗାଁର୍ ତାର୍ ଲାଗର୍ ଲେଶର୍ ବଡ଼ି ତାର୍ ପୁଓ ରାଜୁର୍ ଲାଗି ଗୁଲାପିର୍ ହାଦ୍ ମାଗ୍‌ଲା । ଦୁହି ବହନି ଛୁଆଦିନେ କାଁଚ଼ି କୁଁଢ଼ି, ଖେଲ୍‌ଲା ବେଲ୍‌କେ ସଦ୍ କରାକରି ହଇଥିଲେ ପରେ; ସେ'ଟା ବି ସେ ପାଶ୍‌ରି ନେଇଥିତା ଯେ, ଗୁଲାପିର୍ ସୁନ୍ଦର୍ ଚ଼େହେରା ଆର୍ ସୁତର୍ ଗୁନ୍ କାହିଁ ପାଶ୍‌ରି ଦେତା ?

ଗୁଲାପି ଆର୍ ରାଜୁ ଦୁହି ପରାନୀ ଦୁଇ କେନିଆଁ ଗଛ ଲେଖେଁ ଗୁଟେ ଜୀବନ୍ ଏକ୍‌ମନ୍ ଏକ୍ ଚ଼ିତ୍ ହଇଁ କିଛି ଦିନ୍ କଟାଲେ । ରମା, ତାର୍ ଝି, ଆଏଲା ସଂସାର୍‌କେ ବଛର୍ ନାଇଁ ପୂର୍‌ନୁ । ମାଁ ଗୁଲାପିର୍ ସୁନ୍ଦର୍ ମୁହଁର୍ ଛାଏ ଆର୍ ରାଜୁର୍ କଲାମିସ୍‌ମିସ୍ କୁଚ଼୍‌କୁଚ଼ି ବାଲର୍ ନକଲ୍ ନେଇ ରମା ଯେତ୍‌କି ସୁନ୍ଦର୍ ଦିଶୁଛେ ଯେ ଶତ୍ରୁ ହେଲେଁ ବି ଲେହେଁଟି ପୁଲ୍‌ଟିଁ ଦେଖୁଁ ଘଡ଼େ ଠାଡ୍ ହେବା । ରମାର୍ ବଏସ୍ ବଢ଼୍‌ଲା, ଗୁଲାପି ଆଉର୍ ରାଜୁର୍ ସଉକ୍ ବଢ଼୍‌ଲା ତ ସେ କଁଟେଁ ଅଭାବ୍ ବଢ଼୍‌ଲା; କମାନି ନାଇଁ ବଢ଼ିଁ ନ । ଯୁଆନ୍ ବଏସର୍ ସପନ୍-ସର୍‌ସର୍ ଆକାଶୁଁ ଉଦ୍‌ରି ସୁନ୍ଦର୍ ସଥର୍ ସଂସାରର୍ ମାଏଟ୍ ଉପ୍‌ରେଁ ପାହା ଥାପି ହେଲା । ଘରେଁ ତାକର୍

ରାଆଁଡ଼ି, ମାଁ ମାନେ ଯେନ୍ ମାନ୍‌ଏ ପଷେ ଠେଁକି ମଠିଆ ଭିତ୍‌ରେଁ ସାଏଟିଁ ରଖିଥିଲେ ସେ ସବୁ କେଭୁ ଗଲାନ । ରାଜୁ ହାଇସ୍କୁଲେଁ ବଛରତୁ ପଢ଼ଲା ବେଲ୍‌କେ ବି ମାଁ ବାପର୍ କମାନିର୍ ଆର୍ ଲେଶ୍ ନାଇଁ ଥାଇ ନ ।

ଆଦିବାସୀ ପିଲାମାନ୍‌କୁଁ ନଉକିରି ମିଲ୍‌ସି । ଏନ୍ତା ଆଶା ନେଇ ରାଜୁ ଦଉଡ଼ି ଦଉଡ଼ି ଯାହା ଥିଲା ଭି ସାରି ନେଲା । ହେଲେଁ ନଉକିରିର୍ ଦେଖା ନାଇଁ । ଗାଁ ନେ ହାଇସ୍କୁଲ୍ କରୁଛନ୍ । ପିଅନ୍ କାମ୍‌ଟାକର୍ ଲାଗିଁ ସେକେଷ୍ଟେରିକେ କହେଲା ଯେ ବଛର୍ ଦୁ ବିନ୍ ଦର୍‌ମାଥିଁ କର୍‌ବାକେ ପଡ଼ବା, ଆର୍ ଚାଂଦା ବାବ୍‌ଦେଁ ହଜାର୍ ଦଶେ ଲାଗ୍‌ବା । ଇସ୍କୁଲ୍ ଏ'ଦେ ବଛର୍ ଗୁଟା କେଦ୍‌କେଁ ସର୍‌କାରୀ ହଇଁଯିବା ତ ତେଦ୍‌କେଁ ନଉକ୍ରିଟା ବି ସର୍‌କାରୀ । ଦର୍‌ମହାଁ ସର୍କାରୀ ରେଟ୍‌ନେ, ଛୁଟି ପେନ୍‌ସନ୍ ସବୁ । ଗୁଡ଼୍‌ଦୁ ଲୋକ ଝଁପେଇ ହଉଛନ୍, ମାତରକ ରାଜୁ ଆଦିବାସୀ ପିଲା ଆଏ ତ, ଆଗୋ ତାର୍ କଥା, ହେଲେଁ ହଜାର୍ ଦଶେ ପାଏବା କେନୁ ? ବିନ୍ ଦର୍‌ମହାଁ ନେ କାମ୍ କର୍‌ବା ତ ତିନ୍ ତିନ୍‌ଟା ପେଟ୍ କାହାକେ ଦେବା ? ତୁନ୍ ପଡ଼ଲା । ଅର୍ଜି କର୍‌ଲା ବଲକ୍‌ନୁ କାଁ କା'ଣା ପାଏବାର ଲାଗି । କାଁ ଯୋଜ୍‌ନା ଥିଁ ସାଏକଲ୍‌ଟେ ପାଏଲା ବେପାର୍ ସେପାର୍ କରି ଚ଼ଲ୍‌ବା ବଲିଁ । ବିନ୍ ପଏସେଁ କାଁ ବେପାର୍ ହେବା ? ଝାରୁଁ କାଠ୍‌ଆନି ସାଏକଲ୍ ସାଏକଲ୍ ବିକ୍‌ଲା । ଦିନାକେତେ ଚାଲ୍‌ଲା ବନ୍‌ଏ । ରମାର୍ କୁପି ଭି ଦରଭରା ମେଡାନ୍ ହେଲା, ବଜାଲେଁ ଝନନ୍ ଝନନ୍ ଶବଦ୍ ଶୁଭ୍‌ଲା । ରମାକେତେ କଥା କହେଲା, ଆର୍ ରମା ସେଥିଁ କାହାକେ ନାଇଁ ଶୁଭ୍‌ଲା ବାଗିର୍ କେତେ ଯେ ଗୀତ୍ ଗାଇଁଗଲା କେ ଜାନ୍‌ଏ ?

ଗୁଲାପି ତାର୍ ଚ଼ାଲି ଆଇଥିବା ଜୀବନ୍-ବାଟେଁ ଯେନ୍ ଯେନ୍ ନ ଝୁଁଟେଇ ହାବ୍‌ଡି ହଇଥିଲା ସେ ଠାନ୍‌ମାନ୍‌କୁଁ ଚି଼ହ୍ନିଛେ, ତାର୍, ଝି' ରମାକେ ସେଥିଁ ବଅଁଚାବା । ରମା ବି ବନ୍‌ଏ ପଢୁଛେ ତାର୍ ନିଜର୍ ମେଡାନ୍ । ସାତ୍ କିଲାସ୍‌ନୁ ଛେନା ବେଟି, ଭୂତି କରି ନାଇଁ ଯାଏ ତ ! ନାଇଁ ନାଇଁ ତାହାକେ ନିଶ୍ଚେ ପଢ଼ାବା । କୁପିଥିଁ ପାଁଚ୍ ପଚିଶ୍ ଥିଲେଁ ନୈଁ ହେଲା ବେଲ୍‌କେ କାମ୍‌କେ ଆଏବା । ତାର୍ ହାତ୍‌କେ ପଏସା ଆଏଲା ମାଦ୍‌ରେଁ କିଛି ହଉ ରମାକେ ଦେବା ଆର୍ ରମା ଆଏଁଖ୍ କାନ୍ ମୁଜିଁ ତାର୍ କୁପିନେ ଛିଙ୍ଗ୍‌ଲେଇ ନେବା । ବରଫ୍, ଲେମଞ୍ଜୁସ୍, ବିସ୍କୁଟ୍ ଆଡ଼୍‌କେ ମନ୍ ତାର୍ ଯାଏ ନାହିଁ । ଚୂରୀହାରୀ ଆଏଲେଁ ଭି ପିଁଧିବାର୍ ଛାଡ଼ି ଆଡ଼ ଆଖିଁ ବି ଦେଖେ ନାଇଁ । ରମା ପାଁଚ୍ କିଲାସ୍ ପାସ୍ କର୍‌ଲା ଏକ୍ ନମ୍ବର୍‌ନେ । ଖାତା ବହି ଡଟ୍ କରି ପୁରସ୍କାର ବି ପାଏଲା ଯେ ରମାର ମନ୍‌ର ବି ଥୟ ନାଇଁ, ସେ ସବୁକେ କୁପିଥିଁ ନାଇଁ ଛିଙ୍ଗ୍‌ଲେଇ ହଏ ବଲିଁ । ଗୁଲାପି ଆର୍ ରାଜୁର୍ ସଂସାର୍ ବଲ୍‌ଦ୍ ଗାଡ଼ି ଲେଖେଁ କେଁ କଟର୍ କରି ଧୀରେ ବିସ୍ତେ ଚାଲୁଛେ । ରମାର୍ କୁପି ବି ପାଁଚ ପଏସି ଦଶ୍, ପଏସି ପେଟେଁ ଭରି ଝନନ୍ ଝନନ ପାଲିଆ ଧରୁଛେ ।

ଦିନ୍‌ଏ ରାଜୁ ଝାରେଁ ପକ୍‌ଡା ପର୍‌ଲା । ସାଏକଲ୍ ଛାଡ଼ି ଜୀବନ୍ ଧରି ରାତା ରାଏତ୍ ଘରେଁ ଦାଖଲ୍ । ସାଏକଲ୍ ମୁକ୍‌ଲାବା ବଏଲେଁ ନିଜେ ବଁଧା ପର୍‌ବା । "ଛାଡ଼ ସାଏକଲର୍ କଥା, ସର୍କାର୍ ଦେଲା ସର୍କାର ନେଲା" କହିଁ ଚୁପ୍ ରହେଲା ।

ଗୁଲାପିର ଆଶା-ଗଛଟା ଦର୍‌ଖଁଡ଼ିଆ ଛିଡ଼ି ବି ଚେର୍ ଧରିଛେ । ରମାକେ ମୁନୁଷ୍ କର୍‌ବା ଯେନ୍ତେଇ ହେଲେଁ । ନିଜେଁ ନିଜେଁ ଚେରେଷ୍ଟା କରି କେନ୍ ଯୋଜନା ଥିଁ ଡେକ୍‌ଚି ତାଲ୍ ପଦ୍‌ରି ଆର୍ ପଏସା କେତେ ପାଏଲା; ଧାନ୍ ଘିନ୍‌ବା ଚାଉଲ୍ କର୍‌ବା, ବିକ୍‌ବା, ଦୁଇ ପଏସା କମାବା । ଚ଼ାଲ୍‌ଲା ଦିନାକେତେ ନୂଆଁନୂଆଁ । ହେଲେଁ ଚାଉଲ୍‌କଲ୍‌ମାନେ ଡ଼େନା ପେସ୍‌ରେଇ ଚାପି ବସିଛନ୍ । ଅରବ୍ ପତି ମାନ୍‌କର ସାଙ୍ଗେଁ ଚାଉଲ୍ ବେପାର୍ ଥିଁ କାଏ ବାଦି ଲଗାବା ଫଟା କୁରିଆର୍ ଗୁଲାପି ? ଚାଷୀର୍ ଧାନ୍ ଶସ୍ତା ଥିଁ ଘିନି ପାର୍‌ସି ଚ଼ାଉଲ୍ କଲର୍ ମାଲିକ୍, ସର୍କାରୀ ରେଟ୍‌ନୁ ବନିହାଁ କମ୍ କରି, ଆଉର୍ ଚ଼ାଉଲ୍ ବିକ୍‌ସି ସର୍କାରୀ ରେଟ୍‌ନୁ ବନିହାଁ ଜହ କରି । କେତେବେଲେଁ କେନ୍ତା ମଉକା ଦେଖି ମନ୍ତ୍ରୀ ମାନ୍‌କର୍ ମନ୍‌କେ ଭୁର୍‌ଥେଇ ପାର୍‌ଲେଁ ହେଲା । ଇ ଗାଁ ଗଅଁଲିର୍ ଗୁଲାପିମାନେ କାଏଁ ହେଜ୍ ପାଏବେ ସେଥିର୍ ? ସେ ଜୀବ୍‌କା ସେ' ନେ ରହେଲା; ଆର୍ ମଚ଼ାତଲେଁ ରହେଲା ଡେକ୍‌ଚ଼ି ତ ମଚ଼ା ଉପରେଁ ତାଲ୍ ପଦ୍‌ରି । ଜୀବନର୍ ଲଡ଼େଇ ନେ ଜାଗଲ୍ ଥାଇ ବି ହାରିହେବା କାଏଁ ? ଭାବୁ ଥିଲା ରାଜୁ । ଭୂତି ଦୁଖି ମିଲୁଛେ ଯେ ଛାଡ଼, ଧାନ୍ ପାଁଚ୍ ତାମ୍ବି କି ଟଂକା ପଂଦର କୁଡ଼େ, ସେଟା ବି ସର୍‌ଲଗ୍ ସବୁଦିନେ ନୁହେ । ପ୍ରଧାନ୍ ଘରର୍ ଟାକ୍ଟରନେ ଗଲେଁ ବନ୍‌ଏ ଦୁଇ ପାଏସା ହଉଛେ । ଖାଲି ଟାକ୍ଟର୍ ଟଲିକେ ଉଠାକରା ଟା କାଏଡ଼ ଆଏ ସିନା । ରାଜୁ ଗଲା ନ ଟାକ୍ଟର ସାଙ୍ଗେଁ, ଦିନ୍‌ଏ, ଦିନ୍‌ଏ ପଚାଶ୍ ଷାଠେ ବି ହଇଁ ଯାଉଛେ । ପାଁଚ୍ ପଏସି । ଦଶ୍ ପଏସି ବଦ୍‌ଲେଁ ଆଠ୍‌ନି ଟଂକା ବି ରମାର୍ ହାତୁଁ କୁପିକେ ଗଲାନ । ହେଲେଁ ମାଏଟ୍ ବାଏଲ୍, ରୁଗଡ଼ି, ଇଟା, ପଥର, ଗେଟି ସବୁ ମୁଡେ ଉପରର୍ ଟାକ୍ଟର୍ ଟଲିକେ ଉଠାବାର୍‌ଟା ବନ୍‌ଏ କଡ଼ା କବାର୍ ଆଏ; ଛାତିର୍ ଭାରା ଥିଁ ଯାଇକରି ହେସି । ରାତିଁ ଶୁଇଲା ବେଲ୍‌କେ ଛାତି ଚ଼ଲ୍ ଚ଼ଲାସି । ଟାକ୍ଟର୍ ଡ଼ାଏଭର୍ କୀର୍ତ୍ତନ୍ କହେସି, "ବନ୍‌ଏ ଗଁଜେଇ ଦମ୍‌ଟେ ହେଲେଁ ଦିହ୍‌ମୁଡ଼ର୍ ଦରଦ୍‌କେ ନିକ୍‌ରେଇ ସାଏଁକଲା ଝୁମୁରା ଡ଼ାକି ଆନ୍‌ସି ।" ରାଜୁ ଗଁଜେଇ ପିଇ ପିଇ ଏଭେଁ ଟିକେ ଖୁଁ ଖୁଁ କଲାନ । ଛାତି ବଥା ବି ଘାଉଁ ଘାଏକେ ବଢ଼୍‌ଲା ନ । ଗୁଲାପି ବନିହାଁ ଥରଦୁ କହେଲା ନ "ଡ଼ାକ୍ତର୍ ଖାନା ଘାଏ ଯ, ଉଷୋ କଷା ହେଲେଁ କର୍‌ମା ।" ଡ଼ାଏଭର୍ କୀର୍ତ୍ତନ୍ କହେଲା ଆର୍ ସାଂଗର୍ କୁଲିମାନେ ବି ପାଲିଆ ଧଏଲେ, "ମଦ୍ ଢୁକେ ଢୁକେ ପିଇଲେଁ ଖାସି, ଛାତି ଦୁଖା କେନ୍‌କେ ଭାଗ୍‌ବେ ଯେ ବାଟ୍ ନାଇଁ ପାଆନ୍ ।" ସେ ଟାକେ ଆଦ୍‌ରିଲା ରାଜୁ; ଗୁଲାପି ମୁହଁ ଟିକେ ଧୁଁଧରାସି ସିନେ କିଛି

କରି ନେି ପାରେ । ଡାକ୍ତର୍‌ଖାନାକେ ସୋଜ୍ ଖାଲିହାତେଁ ଯାଇ ହେବା କାଏଁ ? ଦିନ୍‌କର୍ କମାନି ବି ଯିବା, ସେ ଦିନ୍‌ଟା ଚଲ୍‌ବେ କେନ୍ତାକରି ? ଗୁଲାପିକେ ହାଦ୍‌ଗୋଡ୍ ବାଂଧି କିଏ ପିଟୁଛେ ଲେଖେଁ ଲାଗ୍‌ସି; କାଂଦି ନାଇଁ ପାରେ, କିର୍ଲେଇ ନାଇଁ ପାରେ । ତାର୍ କାଂଦ୍‌ନା ସେ ନିଜେ ନ ଶୁନ୍‌ସି । ଘରର୍ କମାନି ନେ ଚାଉଲ୍ ତେଲ୍, ଚିନି ଚାହାର ସାଂଗେଁ ମଦର୍ ଭାଗ୍‌ଟେ ବି ରହେଲାନ । ମଚା ତଲର୍ ଡେକ୍‌ଚି, ମଚା ଉପରର୍ ତାଲ୍ ପତ୍ରି ବି ମଦ୍‌ଭାଟିର୍ ବାଟ୍ ଧଏଲେ । ଗୁଲାପିର୍ ଆଶ୍‌ରିଯ୍ ହେବାର୍ ନାଏଁନ । ଦେଖୁଛେ ପରାର ଉନିଆଁ ଲୁକ୍‌କର ସର୍କାରୁ ପାଏଲା ଛେଲ୍, ମେଜି, ଗାଏ, ଘୁଷ୍ରା କିଏ ଲେଙ୍ଗ୍‌ଡି, ଘେଁସ୍‌ରି ତ କିଏ ନରଦି ଡେଗି ମଦ୍‌ଭାଟିର୍ ବାଟଧରିଛନ୍ । ଖାଲି ଘାଟେଁ ବାଟେଁ ପରା ପାଟ୍‌କେଁ କଥା ପର୍‌ଲେଁ ଗୁଲାପି କହେସି ''ଇ ଅଁଟ୍‌କୁରା ସର୍କାର ବି କମ୍ ହୁସିଏର୍ ନୁହେଁ; ଗୁଟେ ଆଡେଁ ଲୁକ୍‌କୁଁ ଦେଇ ଆର ଆଡେଁ ମଦ୍‌ଭାଟି ଗଂଜେଇ ଠିକା ମେତାଲ୍ ଅଁଟ୍ ପେସ୍ରେଇଛେ ଫେର୍ ଘୁଚେଇ ନେଇ ଯିବାକେ ।''

ରାଜୁକେ ବି ଇ ସବୁ ବନ୍‌ଏ ନାଇଁ ଲାଗ୍‌ବାର୍ । ତାର୍ କୁର୍କୁଟି ହଇଁ ଭାଂଗ୍‌ଲା ମନ୍‌କେ, ତାର୍ ଘୁନ୍ ଖାଏଲା ଲେଖେଁ ଦେହେକେ ଯୋଟ୍ କରି ସେଲ୍‌ହା ରେଁତା କରି ଚଲେଇ ନେବାର୍ କଥା ହିଁ ଭାବୁଛେ; କାଁ କର୍‌ବା ? ସେ ହେଲେଁ କାଏଁ ନାଇଁ ଜାନିଛେ ଯେ ମଦ୍ ପିଇବାର୍ ଟା ବନ୍‌ଏ ନୁହେ । ଯେନ୍ତା ହେଲେଁ ବି ପାଠ୍ ଦୁଇ ଅଖର୍ ପଢିଛେ; ହାଇସ୍କୁଲର୍ ବଛର୍ ଦୁକର୍ ବିତାଲା ଜୀବନ୍ କେ ଥୁଆ ବୁଆ ହଇ ଦେବାକେ ତାହାକେ ମନ୍ ଲାଗୁଛେ ? ମଦ୍ ପିଇଁ ଲୁକ୍‌କର୍ ଭିଲିଁ ବସ୍‌ବାକେ ତାହାକେ ହେଲେଁ ଅପ୍‌ସର ନାଇଁ ଲାଗୁଛେ ? ନାଇଁ ପିଇଲେଁ ଇ ଦିହ୍ ଖଣ୍‌କେ ନାଇଁ ଚଲେଇ ହେବାର୍ । ଅଦର୍ବା ଅଛାଣ୍ ଆର୍ ଦର୍ ବିଦ୍‌ରା ଚକାକେ ଯୁଟେଇ ଗାଡିଟେ ଚାଲୁଛେ; ମନ୍ ଭୁର୍ଥାଲା ଲେଖେଁ ଆଙ୍ଗନ୍ ଟିକେ ଦେଲା ମେତାଲ୍ ସେ ମଦ୍ ଢୁକେ ପିଉଛେ । ଇ ଟିକ୍‌କର୍ ଲାଗିଁ ଗୁଲାପିର୍ ଆଗେଁ ତାର୍ ଅଁାଟ୍ ନାଇଁ ରହେବାର୍ । ରମାର୍ ଗୁଲ୍‌ଗୁଲା ମୁହେଁ କଂଦ୍ କଂଦ୍‌ନିଆଁ ଆଏଁଖ୍ ଦୁହିଟା ତାହାକେ ଅକୁହା କେତେ ଖରାପ୍ ଭାଷାନେ ଶଁପୁଥିବା, କାନ୍‌କେ ନାଇଁ ଶୁଭ୍‌ଲେଁ ହେଲେଁ ମନ୍‌କେ ନାଇଁ ଗବୁଛେ କାଏଁ ? ରମାର୍ ଫରକ୍ ଫାଟ୍‌ନେ ଫାଟ୍‌ନେ ହେଲା ନ । ବଏସ୍ ବି ହଇ ଆଉଛେ ତ, ପିଂଧିବାର୍ ଉଢବାର୍ ମନ୍‌ଟା ଭିତରେଁ ନାଇଁ ଦିଶ୍‌ଲେ ବି ତାର୍ ଛାତି ଉପ୍‌ରେଁ କହଁଡ ଧରି ଆଉଛେ । କେନ୍ ବାପ୍ ମାଁ ନାଇଁ ଚାହେଁ ଯେ ତାର୍ ଛୁଆ ଭଲ୍ ଖଣ୍‌ଏ ପିଂଧିତା, ଭଲ୍ ଗଣ୍‌ଏ ଖାଏତା । ହେଲେଁ କାଁ କର୍‌ବା ସେ ? ରମା ଗଲା ଆଝ୍‌ରି ଦିନେ ତାର୍ ଫଲ୍ ଶୁନିଯାଇଥିଲା ଇସ୍‌କୁଲ୍ କେ । ବନ୍‌ଏ ପାସ୍ କରିଛେ, ବୁର୍‌ତିର୍ ବି ଆଶା ଅଛେ ବଲିଁ ମାଷ୍ଟ୍ରେ କହୁଥିଲେ । ପାଏନ୍ ବର୍‌ଷେ ଭିଜି ଟୁଟି କରି ଆଏଲା ;

ପାଲ୍‌ଟିବାକେ ନାଏଁନ । ସେ ଦିନୁଁ ଦିହ ସବ୍ ସକେଇ ଜର୍ ଧରିଛେ । ହେଲ୍‌ଥ୍ ଉଆର୍‌କର୍ କହୁଛେ ନିମୋନିଆଁ ଲେଖେଁ ଲାଗୁଛେ; କେପ୍‌ସୁଲ୍ ଲାଗ୍‌ବା, ତାର୍ ଠାନେ ଅଛେ ବି, ହେଲେଁ ରାଙ୍କୁର ଠାନେ ପଏସା ଥିଲେଁ ତ । ରାଙ୍କୁର୍ ମନ୍ ଛଟ୍‌ପଟଉଛେ; ହାପ୍‌ସି କଟ୍‌ରେଇ ହଉଛେ, କାଁ କର୍‌ସି ? ରମାର୍ ଫରକ୍, ଗୁଲାପିର୍ କପ୍‌ଟା, ତାର୍ ଧୂତି ଲୁହୁଙ୍ଗି ସବୁ ଦର୍‌କି ଦର୍‌କିଁ ତାର୍ ଅଦର୍ବା ସଂସାର୍‌ଟାକେ ଆହୁରି ଦର୍‌କେଇ ନଉଛେ । ଭାବ୍‌ସି ଏଖେଇ ଘାଏକେଁ ଗୁଡ଼୍‌ହୁ ପଏସା ହାତ୍‌କେ ଆଏଲେଁ ସବୁ କରିନେତା । ସମ୍‌କର୍ ପିଁଧିନା ପଟା କରତା, ରମାର୍ ନାଁ ଇସ୍କୁଲେଁ ଲେଖାତା, ଗୁଲାପିକେ ଭୂତି କରି ନାଇଁ ଯାଇ ଦେତା, ନିଜେଁ ଟାକ୍ସରେଁ ନାଇଁ ଯାଏତା । ଗୁଟେ ପାନ୍ ଗୁଡ଼ା ମେତାଲ୍ କରି ଚାଉଲ୍, ଦାଏଲ୍, , ତେଲ୍, ନୁନ୍ ଭାଂଗ୍ ଗୁଡ଼ାଖୁର୍ ଦୁକାନ୍‌ଟେ କର୍‌ତା, ଅଏଧିକା ନୈ ହେଲେଁ ଭି ତାର୍ ଘରଚ୍‌ଲାନ୍ ଭର୍ ହେଲେଁ ତ ବାହାର୍‌ତା । ହେଲେଁ କେନୁ' ଆର୍ କେନ୍ ମିତ୍‌ର୍ଁ ଏକା ସାଂଗେଁ ହେତେ ଟଂକା ପାଏବା ? ଚୁରି, ଡ଼କେତି, ଠେଠିଆଗିରି ତାର୍ ଚ଼ଉଦ ପୁରଖା ନାଇଁ ଜାନି, ବେଇମାନି ସେ ନାଇଁ ଶିଖି, ଇ ସବୁ ଯେ ନାଇଁ ଜାନି ତାର୍ ନିକେ ଆଏଇ୍ କାଏଲ୍ ପଏସା ନାଇଁ ଆସେ; ମହାଲକ୍ଷ୍ମୀ ମୁହଁ ମୁରି ନେସି । ଯାଉଥିତା ଯାଉଥିତା କେନ ଟଂକା ମୁନାଟେ ପାଇଁ ଯାଏତା ପରେ । ଜହ ନୈ ହେଲେଁ ବି ଶଏଟଂକି ଗେଛେ ସେଥିଁ ଥିତା । ଭାବ୍‌ସି ତାର୍ ଭାବ୍‌ନା-ବନା ମନ୍ । ହେଲେଁ ଯାହା ଭାବ୍‌ଲେଁ ତାହା ହଉଥିତା ବଏଲେଁ ମୁନୁଷ ତ ମହାପ୍ରୁ ହଇଯାଏତା; ସଂସାର୍‌କେ ସମୁଦର ନାଇଁ କହି ସରଗ୍ କହି ହେତା ।

ରଥ୍ ଦୁତୀୟା ଦିନ୍ । ଗରିବ୍ ମାଥବର୍ ସଭେ ନିଜର୍ ଆୟ ଜାନି ବିୟେ କରୁଛନ୍ । ଛୁଆ ପୁତାକର ଲାଗିଁ ନୂଆଁ ନୂଆଁ ଡ଼େରେସ୍ ଘିନୁଛନ୍ । ପିଠାପନା ଛନା, ଖଜା ମିଠେଇ ଘିନା ସମ୍‌କର ଚାଲିଛେ । ଗୁଲାପି କାଁ କର୍‌ତା ? ଘରେଁ ଧନ୍ ଥାଉ ନି ଥାଉ ଦିହେଁ ମନ୍‌ଟେ ତ ଅଛେ । ଆପ୍‌ନେ ଦୁହି ପରାନୀ ସିନେ ମନ୍‌କେ ବୁଝେଇ ପାର୍‌ବେ, ଛୁଆଟେ ଅଛେ ତାର୍ ମନ୍ କାଁ ବଲ୍‌ବା ? ଗୁଲାପି ଉଧାର ବାଏର୍ କରି ପକୁଡ଼ି ଘନ୍‌ଏ ଛାନିଛେ । ରମାକେ ଜର ଧରିଛେ ଯେ ଉଠ୍‌ବାର୍ ନାଇଁ ଖଟୁଁ । ରମାକେ ପକୁଡ଼ି କୁଚ୍‌ପିତା ଲାଗ୍‌ଲା ଚାଖ୍‌ଲା କି, ମୁହେଁ ଆର୍ ନାଇଁ ଦେଇଁ ନ ।

ଜୀବନ୍ ଥିଲେଁ ସବୁ ଅଛେ ଭାବ୍‌ଲା ଗୁଲାପି । ସାଂଗେଁ ସାଂଗ୍ ହେଲ୍‌ଥ ଉଆର୍‌କର କେ ଡ଼ାକିଁ କହେଲା ''ଯେନ୍ କେପ୍‌ସୁଲ୍ କହୁଥିଲ କେତେ ପର୍‌ବା ଯେ ଦିଅ, ନିଅ ପଛେଁ ଯେତ୍‌କି ହେବା ।'' ରମାର୍ କୁପି ପାଶ୍‌କେ ଗଲା କି, ରମା କୁପିକେ ଆବ୍‌ରି ଧଏଲା । କହେଲା ''ମାଁ, ମତେ ଟିକେ ବନ୍‌ଏ ଲାଗ୍‌ଲା ନ, ଇ କୁପିନୁ ପଏସା ନାଇଁ ବହରା । ଉଆର୍‌କର୍

ଉଆପସ୍ ଗଲା । ଗୁଲାପି ରମାର୍ ଦିହ୍ ତାମ୍ଡ଼ି କହେଲା ''ଘନା ହାଁଡ଼ି ଲେଖେଁ ଚ଼ଟ୍ କରୁଛେ ଦେହେ, ଆର୍ ତତେ ବନ୍ଏ ଲାଗୁଛେ ଗୋ ମା !'' ଗୁଲାପିର୍ ଆଖିଁ ଲହ୍ ଦୁଇ ଥିପା ନିଝ଼ରି ଆସି ସେ ଆଖିଁ ନ ହିଁ ଅଲ୍‌ଝି ରହେଲା । ସେ ଟା ଲହ୍ ଆଏ କି ଲହୁ ଆଏ, କି କେତେ ଭିତରର୍ କଥା ତରଲି ଆଉଥିଲା ଗୁଲାପି ଭାଏଲ୍ ଜାନ୍‌ବା ।

ରଥ୍ ଦୁତୀୟାର୍ ଗହଲ୍ ପହଲ୍ ଗାଁ ସାରା । ଛୁଆମାନେ ରକମ୍ ରକମ୍ ପେଁଟ୍ କୁର୍‌ତା ପିଁଧି ଚ଼ହଲୁଛନ୍, ଫୁଲ୍‌ବାରିଁ କାପ୍‌କାପୁ ଫିର୍‌ଫିରି ଉଡ଼୍‌ଲା ଲେଖେଁ । ଉଦାବାଏଲ୍ ଦେଖିଁ କେ ନ କେନ୍ତା ମୁଦି ଲୁକାନି ଖେଲୁଛନ୍ । କେତେଟା ଛୁଆ ଠାଡ଼୍ ଥିବାର ରଥେଁ ଇନୁ ସେନୁ ଡ଼େଗୁଛନ୍ । ବଡ଼୍ ମାନ୍‌କର ମନ୍ ବି ଆଏଜ୍ ଉଷଦ୍, କବାର୍ କମ୍ଲୁ ଛୁଟି । ଏସୁର୍ ସାଲେଁ ବାହାକ୍ ଗାହାକ୍ ଯାତ୍‌ରା ହେବା ଗାଁର୍ ଦୁହି ପରାର୍ କୀର୍ତ୍ତନ୍ ସାଂଗେଁ । ପଏସା ପତର୍ କାହାକେ ନାଇଁ ଲାଗେ । ଚାଂଦା ଭେଦାର୍ ନାଁ ନାଇଁ, ଇସ୍କୁଲ୍ ଘର ବନା ହେବା ତ, ସର୍କାର ଇଛନି କେନ ଦେବା ? ଗାଁ ଲୁକେ ବନାବେ । ସେଥିର୍ କାଯେଁ ଏସୁର୍ ଘୁଡ଼୍‌ଘୁଡ଼ି ବାଲାକେ ଠିକା ଦେଇଛନ୍; ଦଶ ହଜାର ଦେବା ଗାଁ କେ, ତାର୍ ଉପ୍‌ରେଁ ଥାନା ପୁଲୁସ୍, ଗାହାକ୍ ବାହାକ୍ ଖର୍‌ଚା ସେ ବୁଝବା । କେତେ ବଢ଼ିଆ କଥାଟେ ହେଲା ସତେଁ ? ଚାଂଦା ନାଇଁ ଭେଦା ନାଇଁ, ଯାତ୍‌ରା କେ ଯାତ୍‌ରା ଦେଖ, ପଏସା କେ ପଏସା ବି ଆଏବା ଗାଁ ପାଣ୍ଡିକେ । ମଂଗଲୁ ମେହେର୍ ଘୁଡ଼୍‌ଘୁଡ଼ି ପଟିଥିଁ ବନ୍ଏ ନାଁ କରିଛେ ଆର୍ ବନ୍ଏ କମେଇ ନେଲା ନ ବି । ସେ ନେଇଛେ ଠିକା ।

ଆଜିର୍ ଟାକୁର ନାଇଁ ବାହାରେ । କାମ ନାଇଁ । ରାଜୁ, କୀର୍ତ୍ତନ୍, ବର୍ଜ, ବନ୍‌ବସ୍, ବଢ଼୍‌ଖା ସଭେ ସାଂଗ୍ ହଇଯାଇ ପ୍ରଧାନ୍ ଘରୁଁ ହପ୍ତାର୍ ପଏସା ଛ' କୋର୍ ଲେଖା ଆନ୍‌ଲେ । ବାଟେଁ ମଦ୍ କୁଟିଆର୍ ଘର୍, ଛାକେ ଛାକେ ନାଇଁ ପକାଲେଁ କେନ୍ତେଇ ଚ଼ଲ୍‌ତା । ଇନୁ ସେ ନୁ ଘଁଟ୍ ଶଁଖ୍ କୀର୍ତ୍ତନ୍ ସଂଚାର୍ ଭିତ୍‌ରେଁ ଦିନର୍ ଯାତ୍‌ରା ସରି ଆଏଲା । ପଟିବାଲା ଛୁଆପୁତାକର୍ ଯାତ୍‌ରାଦେଖା ପଏସାମାନ୍ ସଁଖିଲି ସାରି ରାଏତ୍‌କେ ଟାକିଛେ । ବଡ଼ ମାନ୍‌କର୍ ଅଁଟେ ପନ୍‌ତେଁ ଆଡ଼େଁ ଉଢ଼ାଲେଁ ଯାହା ଅଛେ, ରାଏତ୍ ହେଲେଁ ଯାଇ ବାହାର୍‌ସନ୍, ଦିନର୍ ବେଲା ଲଜାସନ୍ । ଡାଏବର୍ କୀର୍ତ୍ତନ୍ କହୁଥିଲା ''ଛ'କୋର୍ ଲେଖା ପାଇଛ ଶଲେ ! ଛ' ଛ' ଶ କରି ଘର୍‌କେ ନେବ । ମଂଗଲୁ ମେହେର୍ ଶୁଇଥାଉ ତାର୍ ଘରେଁ, ବତା ବଅଁଶା ଗନୁଥାଉ; ହେଲେଁ ଖେଲି ଜାନ୍‌ବ ବଏଲେଁ ଯାଇ ।''

ଭାତ୍‌ଖିଆ ରାଏତ୍ ହେଲା । ରାଜୁ ଛିଟା ମେଟାଲା ମେତାର୍ ଦୁଇଗର୍‌ସା ଖାଇନେଇ ବାହାର୍‌ଲା; ଗୁଲାପି କେ ପଏସା ନାଇଁ ଦେଇ କି ପାଏବାର୍ ବି ନୈ କହି ନ । ଉଦ୍‌ମୁଦେଇ ଯାଉଛେ କେନ୍ତା କରି ଘୁଦ୍‌ଘୁଡ଼ି ପଟିନିକେ ଜଲ୍‌ଦି ପୁହୁଁଚ଼ିବା ।

ପୁହୁଁଚିଲା କି ତାର୍ ଛ'କୋର୍ ଟଂକା ମଂଗଲୁ ମେହେରର୍ ଘୁଡ୍ ଘୁଡ଼ି ପଟିକେ ଛିଇତେ ସାଏର୍ ତାର୍ ଥଏଲି ଭିତର୍ କେ ଛୁ' କଲା ନ । ଭେଲ୍‌କା ମେତାଲ୍ ରାଜୁ ଭକ୍ ଭକ୍ ଦେଖୁଛେ । ବନ୍‌ଏ କରି ନାଇଁ ଖାଇଁ ତ, ଭୋକ୍ ବି କରୁଛେ । ତାର୍ ସାଂଗେଁ ବଡ଼ଖା ତାର୍ ମୂଳେଁ ମୂଳେଁ ଥାଇ ଗୁଟା ଦଶେ ଅଁଟେଁ ଖୁଲ୍ଲାନ । ବର୍ଜ ବନ୍‌ଏ, ହୁସିଆରି କଲା । ପାଁଚ୍ ପରେଁ ଦଶ୍ ତାର୍ ପରେଁ ତାର୍ ଦୁଇଗୁନ୍ ଖେଲି ଥରେ ଆଏଲେଁ ମୂଲ୍ ଫିରିଁ ଜିତେଁ ରହୁଛେ । ହେନ୍ତା କରିଥିଲେଁ ହଇଥିତା ଭାବୁଥିଲା ରାଜୁ । ହେଲେଁ ସରିଁଗଲା ତ ପଏସା, କାଁକର୍‌ସି ସେ ? ଭାବ୍‌ଲା, ଏଛନି ପଏସା ହେଲେଁ ଘାଏକେଁ ସବୁ ଫିରି ଆଏତା । ସୋର୍ କଲା ମନେ ମନେ; ସେ କା'ଣା ଭାବିଁ ସିଧା ଘର୍‌କେ ଆର୍ ଘରୁଁ ଫେର୍ ଘୁଡ଼୍‌ଘୁଡ଼ି ପଟିକେ ପଲେଇଁ ଆଏଲା ଜୀବନ୍ ମୂର୍ଛା । ଖେଲି ବସ୍ଲା ପାଁଚ୍ ପରେଁ ଦଶ୍, ଦଶ୍ ପରେଁ କୁଡେ । ମଂଗଲୁ ମେହେର୍ ଛାଲର୍ ଡ଼ବା ହଲେଇଁ ଉଠେଇ ନଉଛେ, ସବୁ ସିଂଗଲ୍ । ଦୁହିହାତେଁ କୁର୍‌ଲି ଆନୁଛେ ପଏସା ସବୁ । ପଂଙ୍‌ରିର୍ ଚ଼ରେ ବାଟ ପାଏଲା ମେତାଲ୍ ଡ଼େନା ବାଁଧି ମଂଗଲୁ ମେହେରର୍ ଥଏଲିଥୁଁ ହାଜର୍ ।

ସକାଲ୍ ପାହେଲା ନ । ରମାର୍ ମୁଡ୍ ବଥା ଜର୍ ସେ କଁଟେ ଅଛେ ନ । ସେ ଖଟେଁ ଥାଇ ଦେଖିଲା ତାର୍ କୁପି ଖଣ୍ ଖଣ୍ ହଇ ବିଛେଇ ହୁନି ହଇଁ ପରିଛେ । ତାର୍ ମା ଗୁଲାପି ଗୋଟ୍ ଗୋଟ୍ କରି ସେ ଖପ୍‌ରି ମାନକୁଁ ଗୁଟେଇ ଜଗ୍‌ଡ଼ା ପକା ଡ଼ଲା ନ କୁଗ୍‌ରଉଛେ । ରମାର୍ ମନ୍ ବି ସେଥିରୁଁ ଆହୁରି ଜହ ଖଣ୍ ଖଣ୍ ହଇ ଯାହିଁ ତାହିଁ ବିଛେଇ ହଉଛେ; ସଁଖିଲି ବାର୍‌କେ, ଗୁଟାବର୍‌କେ କୁଗ୍‌ରାବାର୍‌କେ କିହେ ଭାଏଲ୍ ଥିତା ?

❑❑

# ଝାରି ଆର୍ ନାଏଁନ

ମାଈ ବର୍‌ହା ଛୁଆଟେ ଝାରି । ପଶୁ ଜଂତୁଟେ ବଏଲେଁ କା’ଣା ହେବା, ତାର୍ ବିଚାର୍ ଆଚାର୍ କେ ମନୁଷ୍ ବି ହାଏର୍ ମାନ୍‌ବା । ପାନ୍‌ଏ ନୁହେ ହଏ,ବଛରେ ନୁହେ ପୂରେ, ତ’ ବି ଦେଖ୍‌ବାର୍‌କେ ବନ୍‌ଏ ପୁରୁଷ୍ଟ, ଦୁଇ ପାଏନ୍ ହେଲା ଲେଖେଁ ଦିଶୁଛେ । ସମାରିର୍ ଜୀବ୍‌ନର ଜୀବନ୍ ଆଏ । ଲାଖ୍ ଚୁରିଗଲାଦିନୁ ସମାରି ତାର୍ ପୁଓ ତପନ୍ ଆର୍ ଇ ବର୍‌ହା ଛୁଆ ଝାରିକେ ଆଦ୍‌ରି ସମିଯା ବାହୁଛେ । ତିନ୍ ପରାନୀର୍ ସଂସାର୍ ବଲି କହେସି ସମାରି; ପଶୁ ଛୁଆକେ ତାର୍ ସଂସାରୁଁ ଅଲଗ୍ କର୍‌ବାର୍ ଛାଡ଼୍, ଭିନ୍‌ଏ ବଲିଁ ଭାବି ନାଇଁ ପାରେ ବି । ଆର୍ ଇ ଝାରି ବି ସମାରିର୍ ପନତ୍ ତଲେଁ ଦିନ୍ ଆର୍ ଖଟ୍ ତଲେଁ ରାଏଦ୍ ବିତେଇଁ କୁଟୁମ୍‌ନୁ ଅଲ୍‌ଗେଇ ନାଇଁ ହୁଏ ।

ଝାରିର୍ ଆଏବାର୍ ଦିନ୍‌କେ ହେତେଇ ସମାରି ଦିନ୍‌ଏ ଆଖୁଁ ଲହ ଝରାସି; ଫିରି ଯାଏସି ତାର୍ ଚ଼ଢ଼େନ୍ ବାଟ୍ ମେତାଲ୍ ଦିନମାନକର୍ ତଲ୍‌କେ । ସେ ଦିନ ଥିଲା ପୋ’ ଜିଁତିଆ ଉପାସ୍ । ତପନର୍ ବୁଆ ଭାଗ ସବୁ ଦିନର୍ ମେତାଲ୍ ସେ ଦିନେ ବି ବନ୍‌ଏ ପହ୍ ପହନୁ ଡ଼ଲାଭାର୍ କୁଏଡ଼୍ ସାଂଗେଁ ସମାରିର୍ ବାଢ଼ଲା ବାସି ବଟ୍‌କି ଧରି ତାର୍ ମାଏଟ୍ ବୁହା ଠାନ୍‌କେ ଗଲା । ସର୍କାର୍ ମାଏଟ୍ ପକ୍‌ଉଛେ ଟାଁଗେ ଉସାରୁଁ, ଗାଁ ପାଶର୍ ଉଜ଼ଡ଼ା ପଦ୍‌ରା ଜଂଗଲ୍ କେ ସଁଭ୍‌ରାବାର୍ କାଯେଁ । ଶହେ ଏକର୍ ହେବା ବଲିଁ ସର୍କାରୀ ଲୋକ କହେସନ୍, ହେଲେଁ କେତେ କେତେ ଶହ ଟଂକା ସେଥିର୍ ନାଆଁନ ଡେନା ବାନ୍ଧୁଛନ୍ ଯେ କେ କହେବା ? ଅକଲନ୍ ପଏସା ଖର୍‌ଚା ହଉଛେ ତାହିଁ; ମାତର୍‌କ ତାର୍ ହାତ୍‌କେ ଯେତ୍‌କି ଆଏସି ସେତ୍‌କି ଥିଁ ତର୍‌ସର୍ ତାର୍ କୁଟୁମ୍ ଚ଼ଲାସି, ଥିର୍ ପାଏନ୍ ନୁ ଜିତେନାଇଁ, ପିଂଧ୍‌ନା ଖଁଡ଼େ କରି ପାରେ ନାଇଁ କି ବେମାର୍ ଥିଁ ଉଷୋ କଷାର୍ ନାଁ ଧରିପାରେ ନାଇଁ । ତଥାପି ଯାଏସି ମାଏଟ୍ ବୁହି, ଦୁସ୍‌ରା ବୁତା କା’ଣା ଜାନିଛେ ଯେ ହେଲେଁ କର୍‌ବା ? ସବୁଦିନେ ମେଲା ଡ଼ଲାଭାର୍ ଧରି ଘର୍‌କେ ନାଇଁ ଉତ୍‌ରେ; କିଛି ହଉ ଶାଗ୍ ଡ଼ାଲ୍ କଂଦା କଂଦ୍‌ମୂଲ୍ କଁଚା ପାଚ଼୍‌ଲା ଫଲ୍ ପାଁଚ଼୍‌ଟା ହେଲେଁ ଧରି ଆଏସି । ତପନ୍ ତାର୍ ବଡ଼ ହେଲା ନ, ବଛର୍ ବାରେ ଗୁଁଜ଼୍‌ରି ଯିବାନ । ଇସ୍କୁଲେଁ ପଢୁଛେ, ମନିଟର୍ ହଇଛେ ତାର୍ କିଲାସେଁ, ବନ୍‌ଏ ଜାନ୍‌ସିଁ ବଲିଁ କହେସନ୍ ତାର୍ ଆଗ୍ୟାଁମାନେ । ହେଲେଁ ଇ ବଏସର୍ ପିଲାଛୁଆକୁଁ ଯେନ୍ତା ଖାଏଦ୍ ହେବାର୍ କଥା ଦେଇ ନାଇଁ ପାର୍‌ବାର୍ ବଲିଁ ଭାଗ ହୁର୍ଗୁନି ହେସି । ପଖାଲ୍ ଗର୍‌ସେ ଥିର୍ ପଷେ ଥିଁ କାଏଁ ବଫୁ ହେବା ଘରେଁ ବାସି କାଁଜି କରି

ଦେବ ଯେ । କଁଚା ଶାଗୁଆ ଶାଗ୍ ଡାଲ୍ ଫଲ୍ ମୂଲ୍ ଥିଁ ସାର୍ ଅଛେ, ଦିହ୍‌କେ ହିତ କରସି ବଲି ଶୁନିଛେ । ହେଁଥିର୍ ଲାଗି ଖାଲି ହାତେଁ ଆସ୍‌ବାର୍ ମନ୍ ନାଇଁ ତାର୍, ସମାରି ବି ଭାଗଚ ଆଏବାର୍ ବେଲ୍‌କେ ଅନ୍‌ସରିଥିସି । ମାତରକ ସେ ଦିନ ଡ଼ଲାଭାରେଁ ଶାଗ୍ ଡ଼ାଲ୍ କି ଫଲ୍‌ମୂଲ୍ ନାଇଁ ଥାଇଁ, ତାର ଧଏଲା କରିଆ ଖଣ୍‌କ ଗୁରା ହଇଁ କା'ଣା ଗୁଟେ ଡ଼ଲା ପଟ୍‌କେଁ ହଲ୍‌ଲା ଲେଖେଁ ଦିଶୁଛେ । ସମାରି ପଚ୍‌ରେଇ ଥିଲା "କାଣା ଗୋ ଇ'ଟା" । ଭାଗ କହିଥିଲା "ଯେନ୍‌ଟା ନାଇଁ ବଲି ମନ୍ ଖାଁଟ୍ କରୁଥିଲୁ ସେ ଟା ଆଏ । କହୁଥିଲୁ ନାଇଁ ତପନ୍‌କେ ଏ'ବେ ବାରପୂରି ଡେର୍ ଲଗ୍‌ଲା ନ । ଝି ଛୁଆଟେ ହଇଥିଲେଁ....ହଁ ସି କହେଲା, "ହେଁ ଥିର୍ ଲାଗି ଝି ଛୁଆଟେ ଆନି ଆଇଛେଁ । କରିଆ ଖଣ୍‌କେ ଅଲ୍‌ଗେଇ ବର୍‌ହା ଛୁଆଟାକ ତାର୍ ଆଗମୁଣ୍ଡେଁ ଥୁଇନେଲା । ସେତେବେଲର୍ ତପନ ବୁଆର୍ ସେ କୁଚ୍‌ଝୁଲ୍‌ପିଆ କୁର୍‌କୁଟି ବାଲ୍‌ର୍ ତଲେଁ କଁଟା ମେଛିଆ ଟୁଁଡ଼ର୍ ମୁଲ୍‌କି ହସି ସୋର୍ କର୍‌ଲେଁ ଏଛନି ବି ତାର୍ ଚେହେରାଟିକ ସମାରିର୍ ଆଁଖିଁ ଝପ୍ କର୍‌ସି । ଆପ୍‌ନେ ନିଜେଁ କହେବାର୍ ସୁରେଁ ଅବେଶ୍ କହି ପକେଇ ଥିଲା "ତିନ୍‌ଟା ପରାନୀର କୁଟୁମ୍‌କେ ଆର ଗଲା ଆର୍ ଗଲା ଥିର୍ ଡୁକାକର୍ ବଁଟା କୁଁଟା ଚାଲିଛେ, ତାର୍ ଉପରେଁ ଇ ଚ଼ଉଥା ବୋଝ ।" ଭାଗ ତାର୍ ଉଦା ଧୁତି ପାଲ୍‌ଟି ପାଲ୍‌ଟି କହିଥିଲା "ତତେ ଅପୂର୍ ହେବା ବଏଲେଁ ମୋର୍ ବଁଟାନୁ ଦେବୁଗା । ଝି ବଲୁଥିଲୁ ଯେ ଝି ଟେ ଜନମ୍ ହଇଥିଲେଁ କେନ୍ତା କରିଥିତୁ ସେ ଗା ? ପକେଇ ନେଇଥିତୁ ବଲ୍ । ଧୁତି ପାଲ୍‌ଟି ସାରି ବର୍‌ହା ଛୁଆଟାକ ଡ଼ଲା ଯୁତି ପଟ୍‌କେଁ ଟିକେ ଅଲ୍‌ଝେଇ ନେଇଥିଲା ଆର୍ ପଖାଲ୍ ଖୁରି ଥିଁ ହାତ୍‌କେ ରଖି କହି ବସିଥିଲା ସେ ଦିନର୍ ତାର୍ ବର୍‌ହା ଛୁଆ ପାଏବାର କଥା । ରଂଧା ଘରର ଦୁଆର୍‌ବଂଧ୍‌ନେ ବସି ସମାରି ସେ ଦିନ ଯାହା ଶୁନିଥିଲା ଏଛନ୍ ବି ସେନ୍ତା ଶୁନ୍‌ଲା ମେତାଲ୍ ଲାଗୁଛେ । ଭାଗ କହିଥିଲା "ଆଏଜ୍ ସଖାଲୁଁ ମୋର୍ ମନ୍‌ଟା ଟିକେ ଗୁପାଗୁଲା ଲେଖେଁ ଲାଗୁଥିଲା ଗା । କାଏଲ୍ ଇ ହପ୍ତାର୍ ପଏସା ମିଲ୍‌ବା । ମୋର୍ ବୁହିଲା ମାଏଟ୍ ମୋର ହିସାବେଁ ଜହ ହେଲେଁ ସାତ୍‌କୋର୍ ଟଂକା ହେବା । ଦିନ୍‌କେଁ କୁଡ଼େ ଟଁକା ପରୁଛେ । ଏତେ କଡ଼ା କବାର୍‌କେ କେତେ କମ୍ କମାନି । ଜଂଗଲ୍ ବାବୁ ମାଏଟ୍ ବୁହା ଠାନ୍‌କେ ଆଏସି ଯେ ଘାଏକେଁ ଡ଼ବେ ସିଗ୍‌ରେଟ୍ ପିଇନେସି, ଡ଼ବା ପରେ ପଂଦର କି କୁଡ଼େ ଟଂକା । ମୋର୍ ଦିନ୍‌କର କମାନି ସେ ଘାଏକେଁ କୁହୁଲା କରି ଫୁକି ନଉଛେ,କେତେ କମଉଥିବା ନାଇଁ ଦିନ୍ କେଁ ? ମୋର୍ ଛାତି ବଥାଲେଁ କୁଲୁଥି କଷାଟିକେ ପିଇବାକେ ନାଇଁ ପୁର୍‌ବାର୍, ଉଷୋ କଷା କଥା ଛାଡ଼ । ଦେଖି ତ ବୋ ଝିଦ୍‌ରୁ କହୁଥିଲା, ମହାପ୍ରୁ ପରେ ଯାହାକେ ଯେନ୍ତା କରିଛେ । ମହାପ୍ରୁ କା'ଣା କର୍‌ତା ବୋ ? ସେମାନେ ଠକି ପାର୍‌ସନ୍ ଧପେଇ ପାର୍‌ସନ୍ ଆଏଁଖି କାନ୍ ମୁଜି ପର୍‌ହର୍ ଟାକେ ନିଜର୍ କରି ପାର୍ ସନ୍;

ଆମେ ନାଇଁ ପାରୁଁ । ହିଁ ସବୁଦିନର୍ ମେତାଲ୍ ଆଏଇଜ୍ ବେଲାତକ୍ ମାଏଟ୍ ବୁହି ଝାର୍‌କେ ଟିକେ ଯାଏସିଁ ଦଏଲିଁ କିଛି କା'ଣା ଶାଗ୍ ଡ଼ାଲ୍ ଫଲ୍ ମୂଲ୍ ନେହେଲେଁ କାଠ୍ ଝାଁଟି ହେଲେଁ ଦୁଇଖଣ୍ ଆନ୍‌ମି ବଲିଁ । କାଏଲ୍ ବଡ଼ ଗଁତିଆ ଘରର୍ ଝାର୍‌ବାହାଲି ଭିତ୍‌ରେଁ ଗଲିଁ ଯେ ବଡ଼ ଗଁତଏନ୍ ବଏଲେ ''ହଏରେ ଭାଗ ! ନୂଆଁ ମାଏଟ୍ ପରିଛେ, ଝୁଲେର୍ ଜଗା ହଇଛେ, ହେଁ ଆରି ଗଲେଁ ଯାଇ ଗା'' । ମନ୍‌ଟା ଖିସେଇ ଲାଗ୍‌ଲା ଗା । ଆମର୍ ବୁହିଲା ମାଏଟ୍ ଆମର୍ ବନାଲା ଡୁଲିଥିଁ ବି ଆମର୍ ଚାଲବାର୍ ବି ଟିକେ ହକ୍ ନାଇଁ । ଏନ୍ତା ସଂସାରେଁ କାଏଁ ଢ଼ଙ୍ଗେ ଜୀଇଁ ହେବା ଗା ।

ମହାପ୍ରୁ ଯଦରପି ଅଛେ ତ ଏତେ କଥା ଦଉଛେ, ଆର୍ ଆମକ୍ରୁ କିଛି ନାଇଁ ଦିଏ କେଭେଁ । ମହାପ୍ରୁ ମୋର୍ କଥା ଶୁନ୍‌ଲେ ମେତାଲ୍ ଲାଗ୍‌ଲା ଯେ ଆଏଇଜ୍ ଇ ଝାରି ଲେଖେଁ, ଆଜ୍ ହୁଁ ଇତାକେ ଇ ନାଁ ନେ ଡାକ୍‌ମା, ସଂପତି ଟେ ମତେ ଦେଲା । ପଖାଲ୍ ଗର୍‌ସେ ଖାଇ, ଆର୍ ଗୁଁଡ଼୍‌ଏ ଚିପି ହାତେଁ ଧରି କହେଲା ''ଝାର୍‌ଟା ଆର୍ ପାଶେଁ ଅଛେ ଯେ ଯଲ୍‌ଦି ପୁହୁଁଚିବୁ । ତାହିଁ ଫେର୍ ମତେ ବାଧିଲା ଯେ ବଡ ଗଁତିଆ ଘରର୍ ଝାର୍ ବାହାଲି କେ ଫକେଇ ବାଟ୍ ଭାଂଗି ଗଲିଁ । ଲୁକ୍‌କର୍ ଡ଼ରେହଝାର୍ ଯେତ୍‌କି ଧୂରିଆ ଧୂରିଆ ଭାଗୁଛେ ଲୋକ୍ ବି ସେତେ ସେତେ କୁଦଉଛନ୍ । ଆଗୋ ଯେନ୍ କୁଲେର୍ ବହଲ୍ ଶାଗ୍ ଯାହାକେ ଯେତେ ନାଇଁ ମିଲୁଥିଲା ଆର୍ କାହିଁ ପାଏବୁ ? କେନ୍ଦୁ, କୁର୍ଲୁ, କୁସମ୍, ଜାମ୍, ଜମର୍ଡି, ଚାର, ଲଟି ବୁରୋ ତ ସପନ୍ ମେତାନ୍ ହେଲା ନ ବୋ । ଦେଖ୍ ତ ଝାର୍ ଯେତେ ପାତଲ୍ ହଉଛେ ନଏଦ୍ ନଲିଆ ଝର୍ ପଝ୍‌ର ବି ସେତେ ପାତାଲ୍‌କେ ଯାଉଛେ । ନଲିଆମାନ୍‌କେଁ ଆର୍ ସେ ସୁନସୁନିଆଁ, କଲ୍‌ମୋ ଶାଗର୍ ପତର୍‌ଟେ ବି କାହିଁ ପାଏବୁ କି କାହିଁ ପାଏବୁ ଟୁଡ଼ା ମାନ୍‌କେଁ ଡାମ୍‌ଡ଼ି, ହାଡ଼୍‌ଲି ଆନ୍‌ଲେଁ ଝିଆ, ଖପ୍‌ସି, ବଏଁରି, କାଦୋଝୁରି ମାନେ, ହେଁ ମାନେ ତୁନ୍ ନାଇଁ ଚଲଉଥିଲେ ? ହେ ଢୁଡ଼ାମାନକେଁ ଏଛନ୍ ଘୁଲି କଁକ୍‌ରା ବି କୁକୋ । ଖେଟେଁ ବାହାଲେଁ ତ ଲୋକ୍ ପୋକ୍‌ମରା ଉଷୋ ପକେଇ ଘୁଲି କଁକ୍‌ରା ଝୁରି ଚିଂଗ୍‌ରିର୍ ତ ବଅଁଶ୍ ନିପାତ୍ କଲେ, କେନେ ଥିବେ ଯେ ନଏଦ୍ ନଲିଆକେ ଉଡିର୍‌ବେ । ହେଲେଁ ଝାର୍ ଡ଼ଙ୍ଗର୍ ଯେତ୍‌କି ଶୂଇନ୍ ହଉଛେ ଆମର୍ ଝାର୍ ଆଶରିତ୍‌ମାନ୍‌କର ଦିହ୍ ବି ସେତ୍‌କି ଶୂଇନ୍ ହ' ତେଲ୍ ଯାଉଛେ ମେତାଲ୍ ଲାଗ୍‌ସି । ନାଇଁ ଦେଖୁଛୁ ଆମର କାହାରି ଦିହେଁ ପତ୍‌ରେ ମାଉଁସ୍ ଅଛେ କାଏଁ ? ଯାହାକେ ଦେଖ୍‌ବୁ ହାଡ଼୍ ପଂଜ୍‌ରା ଗନି ହଉଛେ ।

ତ, ଝାରର୍ ବେଲ୍ ଉଦତି ଆଡର୍ କର୍‌ଖିକେ ପୁହୁଁଚିଲି କି ବଲୁଛୁ ଘଁଟୋ ବୁଟାଟାକର୍ କନ୍‌ଟାକେଁ ଇ ବିଚ୍‌ରୀ ସରି ସଁକ୍‌ରି ଠିଆ ହଇଁ କୁର୍ କୁରଉଛେ; ଦିହଟା ଲଝ ଲଝ ଥରୁଛେ । ଆଁଖିର୍ ତାର୍ ନିର୍‌ମାଖୀ ଚେ଼ହେରା ତ ମୋର୍ ଭିତ୍‌ରକେ କୁର୍‌କୁଡ଼ି ପକାଲା ଗା । ଆସ୍ ପାଶ୍ ଆଯୋ ବାଯୋ ଦେଖିଲିଁ ତାର୍ ମାଇ ପାଶେଁ ପାଁଜ୍‌ରେଁ ଥିବା କାଏଁ ବଲିଁ । କାଁ କର୍‌ବୁ

ଆଡ଼େଁ ଉଡ଼ାଲେଁ ଥିଲେଁ ଧିଏଲୁ କି ନାଇଁ ଖୁଁଖେରି ପକାବା ? ବେଲ୍ ମୁଡ୍ ଉପର୍‌କେ ଆଏଲା ନ, ଝାର୍ ଝାଏଁ କରୁଛେ; ଭାବ୍‌ଲିଁ, ଇତାକେ ଛାଡ଼ି କରି ଯିବାର୍ ଟା ପାପ୍ ଆଏ, କେନ୍ ଜଂତୁ କି କେନ୍ ଲୋକର୍ ହାବ୍‌ଡେଁ ପଡ୍‌ଲେଁ ପଏଛ୍ଚା ଶେଷ । ବଳିହାଁ ଭାବି ଚିନ୍ତି ଖଖୋଲି ଆର୍ ଆନି କରି କରିଆନେ ଗୁରେଇ ଡ଼ାଲାଥିଁ ପକାଲିଁ, ମନ୍‌ଟା ମହାପ୍ରୁ ମହାପ୍ରୁ ହଉଥାଏ ତ ଭାବ୍‌ଲିଁ ମୁଇଁ ଇତାର୍ ମହାପ୍ରୁ ହଇଁଗଲି ଆଏଜ୍ । ମାଏଲେଁ ମର୍‌ଲା ରଖ୍‌ଲେଁ ରହେଲା । ମନେ ମନେ କିରିଆ କର୍‌ଲିଁ ଯାହା ହଇଁ ଗଲେଁ ବି ନାଇଁମାରେଁ କି ନାଇଁ ମରିଦିଏଁ । ମୋର୍ ଝି ନାଇଁ ଥାଇଁ ଝି ହେଲା । ସମାରି ସୋର୍ କର୍‌ଲା, ରଠ୍ ଖରାର୍ ସରବଦ୍ ମେଡାଲ୍ ପିଇଁ ଯାଉଥାଏ ସେ କଥା । ସାଥେଁ ତପନର୍ ବା' ତାର୍ ମହାପ୍ରୁ ମେଡାଲ୍‌ଟା ନ । ସେ ଦିନୁ ଝାରି ଝାରର୍ ଜଁଦ୍ ଛୁଆଟେ, ଘରେଁ ମୁନୁଷ୍ ଛୁଆ ଲେଖେଁ ରହେଲା, ସମାରି ଆର୍ ଭାଗର ଝି, ତପନର୍ ବହେନ୍ ହଇଁ । ମାଏଟ୍ ବୁହି ଗଲେଁ ଭାଗର୍ ପଛେଁ ପଛେଁ, ଭୂତି କରି ଗଲେଁ ସମାରିର୍ ପାଦ୍ ତଲେଁ ତଲେଁ ଛଂଦ୍‌ଲେଇ ହଇ ଲମିଥାଏ । ତପନ୍ ଘରେଁ ଥିଲେଁ ତାର୍ ଦିହେଁ ଲେଠ୍‌ରେଇ ଘେଁସ୍‌ରେଇ ହଇ କିଂଦ୍‌ରୁ ଥାଏ । ତପନ୍ ଇସ୍କୁଲୁଁ ଆଏଲା ବେଳେଁ କେଭେଁ ମୁଗ୍‌ଫଲି ପାଁବ୍‌ଟା କି ଲିଆ ମୁର୍‌ହି ଲଡୁ ଗୁଟେ, ଆମ୍ବର୍ ଦିନ୍‌କେ ଟାଁକୋ ଦୁଇଟାଏର୍‌ଟା ଆନିନିଏ; ମୁନୁଷ୍ ପିଲା ତାକର୍ ଭାଏ ବହେନ୍ କର୍ ଲାଗିଁ ଯେନ୍ତା ଲେମନ୍‌ଯୁସ୍ କି ପିପର୍‌ମେଣ୍ଟ୍ ଟେ ଆନି ନେସନ୍ । କିହେ ନାଇଁଥିଲେଁ ଟାଏଟ୍ ଅଜେଇଁ ସମାରି କହିଁଯାଏ 'ମୁଇଁ ଯାଉଛେ ଲୋ ଝାରି ! ଟିକେ ଦେଖ୍‌ବୁ ଘର୍ ମେଲା ନଙ୍ଗଲା ପରିଛେ ।' ସେ ସମିୟା ଟିକ ମୁନୁଷ୍ କା'ଣା କୁଆ କି କୁକ୍‌ରା ଚିଆଁଟେ ଆଏଲେଁ ବି ଥୁର୍ଲେଇ ଆନ୍‌ଏ ଝାରି ।

ବଛର୍ ପୂର୍‌ବାକେ ଦିନାଦୁ ଥାଏ ନ ଭାଗ ଭାଗ୍‌ଲା ଆର୍ ପାର୍‌କେ ଯେନ୍ ନୁ ନୈ ଫିରିହୁଏ । ଛାତି ବଥଉଥିଲା ଆଗୁଁ, ଚେର୍ ମୂଲ୍ ଉଷୋ କଷା ଯେ ଯାହା ବତାଲା କଲା । ଶେଷେଁ ଲୁକ୍‌କର୍ କହେଁ ଡ଼ାକ୍ତର୍ ଦେଖାଲା । ଡାକ୍ତର୍ କହେଲା ଫଟୁ କରା ଲାଗ୍‌ବା । ଛାତି ଭିତରର୍ ଫଟୁ ତାର୍ ପରେଁ ଉଷୋ ସୁଜା । ବଳିହାଁ ପଏସା । ଯେ ଯେନ୍ତା ଗାଁର୍ ଲୁକେ କହେଲେ ବି ଜୀବନ୍ ଥିଲେଁ ଜୀବ୍‌କା ଅଛେ; ବର୍‌ହା ଛୁଆଟାକ ମୂଛି ନେ; ତୋର୍ ଉଷୋ କଷା ହଇ ଅଗ୍‌ଲି ଉଛ୍‌ଲିଁ ଯିବା ପଏସା । ଭୁଲିଆ ପରାର୍ ଲୁକେ ତ କିଏ କେତେ ନେବେ ଯେ ଲେଖେଇଥିଲେ ନ ବି, ହେଲେଁ ଭାଗ ପର୍ଛା ନାଇଁ କଲା ଝି କେ ବିକିଁ ବାପ୍ ଜୀଇଁବା ? ଜନ୍‌କର ଜୀବନ୍‌କେ ବିକିଁ ନିଜର୍ ଜୀବନ ଘିନ୍‌ବାର୍ ଚେ଼ରେଷ୍ଟା କର୍‌ମି ? ହେଁ ଉଷୋ କଷା ଧର୍‌ବା କି ନି ଯେ ହେଲେଁ କିଏ ଜାନ୍‌ଏ ? ଡାକ୍ତର୍ ମାନେ ବି ତ ମରୁଛନ୍ । ମୋର୍ ଜୀଉଁନି ଖାଉନି ଦିନ୍ ଯେତ୍‌କି ଅଛେ ହେତ୍‌କି ନ ; ଅଏଧିକା କିଏ ଦେବା ? ଯେ ଯାହା ବୁଝାଲେ ସବୁ ପାଏନ୍

ଫାଟିଗଲା । ଶେଷେଁ ତପନ୍‌କେ କହେଲା ବେଲ୍‌କେ ଭାଗର୍ ଆଁଖୁଁ ପାଏନ୍ ଥିପିଁ ପର୍‌ଲା । କହେଲା, ''ପୁଓରେ ! ତତେ ଯଦ୍‌ରି କାଏଲ୍ କହେବେ ଯେ ଏତ୍‌କି ସେତ୍‌କି ଦେଇ ଭେଜି କର୍‌ମୁ ମୁଇଁ କାଏଁ ଦେଇପାର୍‌ମି ? ଝାରି ବି ତୋହରି ମିତାଲ୍ ଟା ଆଏ ମୋର ଲେଖେଁ ।'' ସେ କଥା ସେ ନେ ରହେଲା; ରହେଲା ଝାରି ମାତର୍‌କ ନାଇଁ ରହେଲା ଭାଗ; ପଲାଲା । ଭାଗର୍ ମଲାପରେଁ ହେଲେଁ ଜାତିର୍ ଲୁକେ କମ୍ ଘେତେଇ ଥିଲେ ? କମ୍ ରେନ୍ ମତେଇଥିଲେ ? ଜାଏତ୍ ଖାଏଦ୍‌କେ ବରହା ଛୁଆଟାକ ଦେ; ପଏସା ବଲ୍‌ବୁ ବଏଲେଁ ଚାଂଦା ଭେଦା କରି କିଛି କିଛି ଦେମୁଁ ପଛେ, ମାତର୍‌କ ସମାରି ଟକ୍ ନାଇଁ ଟଲ୍‌ଲା । ତ୍ରିହ୍ ଟିକ୍‌କ ପଛେଁ ବନ୍ଧା ଦେଲା, କାମ କାରଯ କର୍‌ଲା ।

ଝାରିକେ ଦୁଇ ପାଏନ୍ ଡେଗି ବସ୍‌ଲା କି ସେ ବି ଟିକେ ଉପ୍‌ଡେଗ୍‌ରି ଲେଖେଁ ହେଲା ନ । କଟା ଲୈଁଝିକେ ଚ଼ରି ଯାଇ କସ୍‌ରୁକଂଦା ଖାଇ ମୂଢ଼ାଲେଁ ଡ଼ାକ୍‌ହାକ୍ ନାଇଁ ଶୁନ୍‌ବାର୍ ନ । ସମାରି ଆଁଟକୁରି, ଗେଲ୍‌ହେଇ, ଫୁଲେଇ, ଢ଼ମି କହି ଗାଲି ଦେଇ ବସ୍‌ଲା ନ । ତ ବି ଡାକ୍ ହାକ୍ ଶୁନ୍‌ଲେଁ ଆସି ତାର୍ ଲେଂଜ୍‌କେ ହଲେଇଁ ମାଫି ମାଗ୍‌ଲା ମେତାଲ୍ ଫେର୍ ସମାରିର୍ ଗୁଡେଁ ଛଂଦ୍‌ଲେଇ ହେସି ।

ଭାଗ ଗଲା ଉତ୍‌ରୁଁ ଘର ଯାକିର୍ ବୋଝ୍ ସମାରିର୍ ମୁଡ୍ ଉପରେଁ ଲଦିଁ ହେଲା । ତପନ୍ ତ ପଢୁଛେ, ସେ ଭାଏଲ୍ କାଁ ସାହେଯ୍ କର୍‌ବା ? ଉଲ୍‌ଟିଆ ତାର୍ ଇସ୍କୁଲିଆ ଖର୍ଚ୍ଚା ବର୍ଚ୍ଚା ବି ସଁଭଲାବାକେ ପଡୁଛେ । ତିନ୍ ତିନ୍‌ଟା ପେଟ୍‌କେ ଜନ୍‌କର୍ କମାନି ଭୁତି ତାମ୍‌ଦ୍ରୁ, ଶହେ ଗାଡ୍‌କେ ଅଶୀ ମେର୍‌ହା ଲେଖେଁ ସବୁଦିନେ ଖଂଗିଛେ ନ, ଇନୁ ସେନୁ କରି ହାତ୍ ଉଧାରି ଗୁର୍‌ହୁ ହଇଁଗଲା ନ । ତ୍ରିହ୍‌ଟିକ୍‌କ ବଂଧା ପରିଛେ । ସାଂଗ୍ ସର୍‌ସିଆ ଭାବ ବିଶ୍ୱାସ୍ ସଭେ କହେସନ୍ ଝାରିକେ ମୁର୍‌ଛିଲେଁ ସବୁ ଶୁଝି ଯିବା । ହେଲେଁ ସମାରିର୍ ମନ୍‌କେ ପାଏନାଇଁ ସେ କଥାଟା । ବିଷ୍ ପତା ମିତାଲ୍ ଲାଗ୍‌ସି । ବିତାଫୋର୍ ହଇଁ ଯାଏସି ମନ୍ । ଗଲା ପୁଷ୍‌ପୁନିକେ ତ ଗାଁ ଯାକ, ଉଆଡ୍ ମେଂବର ହାତେଁ ବାର କି ପନ୍ଦର ଶ' ଟଁକା ପଠେଇଥିଲେ ଝାରିର୍ ଲାଗି; ସମାରି ଜଖେଇ ହଇଁଗଲା ସେ କଥାଶୁନି । କହି ପକାଲା ମୁହଁକେ ମୁହଁ, ''ରଗ୍‌ଡ଼ା ଖିଏ ! ନିଜର୍ ଲଲ୍‌ଚାଲା ଜିଭ୍‌କେ ଦାବି ନାଇଁ ପାରନ୍; ନିଜର୍ ମାଉଁସ୍ ଟିକେ କି ରକତ୍ ବୁଂଦେ ବଢ଼ାବେ ବଲିଁ ପର୍‌ହର୍ ରକତ୍ ମାଉଁସ୍ କେ ନିଘା । ଧଏନ୍ ଧଏନ୍ ରେ ମୁନୁଷ୍ ! ବାଘ୍ ଚିତା ନୁ ବି ଜିତିଁ ଯାଉଛନ୍ । ସେମାନେ ତ ଜୀଇଁତା ଖାଏସନ୍, ଇମାନେ ହୁଁଡ଼ାର୍ ଆନ୍ ମଲା ମୁର୍ଦ୍ଦାର୍ କେ, ଢ଼ୋଡ୍‌କେ ପେଟେଁ ଜୁଗ୍‌ରାବାକେ ଅଲାଜିଆ ହଇଁ ଯାଉଛନ୍ ।

ଏ ବେ' ଏତ୍‌କେଁ ତପନ ମେଟ୍ରିକ୍ ପରୀକ୍ଷା ଦେଇଯିବା, ବନ୍‌ଏ ଗୁଟାବୁ ଟଁକା ଦର୍‌କାର୍ । କାଁ କର୍‌ସି ? ଉଧାର୍ ବାଏର୍ ଆର୍ କିଏ ଦେବା ? ସବୁ ଭାବ୍ ବିଶ୍ୱାସ୍ ତ ସରଲେ ନ । ନିଜେ ବି ଆର୍ ଭୂତି ଦୁଖ୍‌କେ ନାଇଁ ପାର୍‌ବାର୍ ନ ତାର୍‌ ବି ଛାତି ବଥା ବାହାରଲା ନ । ଛୁଆ ଦୁହିଟା ଭୁଖେଁ ଉପାସେଁ କେତେ ରହେବେ ବଲି ତାର୍ ଇ ହଦିର୍‌ଲା କଧ୍‌ର୍‌ଲା ଦିହ୍‌ଟାକ ଉର୍ଗୁଡ଼େଇ ନେସି କବାର୍ କମ୍‌କେ । ତାର୍ ଘର୍ ବଖ୍‌ରାକେ ଲାଗିଁଟିକେ ବାଗିର୍ ବାଏର୍; ତାହିଁ ଦୁଆରର୍ ମଠିଆଟାକ ରଖ୍‌ସି, ପିଶାବ୍ ପାଏନ୍ କି ବେମାର୍ ସେମାର୍ ପର୍‌ଲେଁ ରାଏତ୍ ବିକାଲ୍ କେ ବାହାର୍ ଉଠା, ଘରର୍ ବରନ୍‌ହାଲା ଜଗ୍‌ଡ଼ା କଚ୍‌ରା ଦୁଟାକ ପକାବାର୍ କାଯେଁ ଅଛେ । ପାଶ୍‌ଘରିଆ ସେ ଟିକ ଘିନୁଆଁ ମାଗୁଛେ ବନିହାଁ ଦିନୁ । ସେ ତାକେ ବିକିନେଲା ସମାରି ଇ ସବୁ ଖର୍‌ଚା ଆର୍ ଉଧାର୍ ବାଏର୍ ସବୁ ନିପ୍‌ଟାବା ବଲି ଆର୍ ଝାରିକେ ମର୍‌ଛି ନାଇଁ ପାରେ ବଲି ।

ଝାରିର୍ ପେଟ୍ ବଡ଼ ହେଲାନ । ସମାରିର୍ ଦେଲା ଥିର୍ ପଷ୍‌କେଁ ଆର୍ ପୂର୍‌ବା କାଏଁ ? ସମାରିର୍ ଅପାରୁ ପନ୍‌କେ ଜାନ୍‌ଲା ମେତାଲ୍ ଝାରି କଟାଲେଁଝିକେ ଭାଗିଁ ଯାଏସି ଆର୍ ମୂଡ଼େଇ କରି ଖାଇ ବସ୍‌ସି କଏଁଫୁଲ୍ କଂଦା, ଢୁଲୁକଂଦା, କଷ୍ଠୁ କଂଦା, ଟିକେ ବିଲ୍‌ମେ ଫିର୍‌ସି । ଆର ବି ବିଲ୍‌ମେ ଫିର୍‌ତା ଯେ ସମାରି ନାଇଁ ମାନ୍‌ଏ, ରିଶ୍‌ମି ହଇଁ ଡ଼ାକି ବସ୍‌ସି, ''ଆଲୋ ଏ ଝାରି ! ଲଫଙ୍ଗି, ବାରବୁଲି, ପେଟ୍ ଗୁଦ୍‌ରି ! ତତେ ସମିୟା ନାଇଁ ଜନା ପର୍‌ବାର୍ କାଏଁ ଲୋ କଟା ଲେଁଝିକେ ଲାଗି କରି ବଡ଼ ଗଁତିଆ ଘରର୍ କୁଶେର୍ ବାଏର୍ ଗର୍ଜୁଛେ । ଯଦ୍‌ରି ହେଥିର ପାଶ୍ ମାଡୁ, ମତେ ଯଦ୍‌ରି କଥା ଶୁନା କରୁ ତ ଦେଖ୍‌ବୁ ମୁଇଁ ବୁଡ଼ି ଉଚ୍‌କି ହଇଁ ମର୍‌ମି । ସବୁ ଅଖର୍-ଗନ୍‌ତା ବୁଝ୍‌ଲା ବାଗିର୍ ଝାରି ପଲେଇଁ ଆଏସି ଲେଁଜ୍ ହଲେଇ ହଲେଇ ।

ବଡ଼୍ ଗଁତିଆ ଘରର୍ ବଡ଼୍‌ଖା ପିଲା ଛୁଆବେଲେଁ ଯେନ୍ତା ଉଦୁର୍ଚ୍ଛା ଥିଲା, ଆଜିର୍ ତାର୍ ନୁ ଦୁଗୁନ ଉତ୍‌ପାତ୍ । ଫେର୍ ଇ ଆଡ଼ର୍ ଏମେଲେ କେ ଭୁଟେଁ ଜିତାବର୍ ଥିଁ ଭାଗ୍ ନେଇଛେ ପରେ ଯେ ତାର୍ ପାହା ଆର୍ ତଲେଁ ନେଇଁ ପର୍‌ବାର୍ ନ । ଫେର୍ ଏମେଲେ ଏସୁର୍ ମନ୍ତ୍ରୀ ହଇଛନ୍ ତ ତାହାକେ କହେବାର୍ ଲୋକ୍ କିଏ ଅଛେ ? ତାକର୍ ଦଲର୍ ଯୁଆନ୍ ପିଲାକର୍ ସଭାହେବା ଖିଆ ପିଆର୍ ଭାର୍ ତାର୍ ଉପ୍‌ରେଁ ଉଲ୍‌ଦା ହଇଛେ । ଉନିଆଁ କଥା ଯାହା ହେଉ, ଶିକାର୍ ତ କମ୍ ନାଇଁ ହେବାର୍ କଥା ବଲି ତାଗିଦ୍ କରି ଯାଇଛନ୍ ପିଲାମାନେ ।

ସକାଳୁଁ ଯାଇଛେ ଝାରି କଟା ଲେଁଝିକେ ଯେ ନାଇଁ ଫିର୍‌ବାର୍ । ତପନର୍ ଖାଇଛୁଟି ପଛେ ହେଲା ନ । ଏତ୍‌କି ବେଲ୍‌ତକ୍ କେନ୍ତା ନାଇଁ ଆଏଲା ବଲି ସମାରି ଘରୁଁ ଦୁଆର୍ ଦୁଆରୁଁ ଗାଁ ଖୁଏଲ୍ ହଉଛେ । ତପନ୍‌କେ ପଖାଲ୍ ଦୁଟା ଦେଇଁ, ଗଲା କଟା ଲେଁଝିକେ । ଝାରି

କାହିଁ ନାହିଁ ଦିଶ୍‌ବାର୍ । କେନ୍ କାଣି ଭିତ୍‌ରେଁ ଲୁକିଗଲା କି କେନ୍ କାଦୋ ଚୁଡ଼ାଥିଁ ପରି ମାତୁଛେ କାଏଁ ବଲି କଟା ଲେଁ ଝିକେ କୁଟାସି କଲା ଲେଖେଁ ନୁରି ଆନ୍‌ଲା ସମାରି ।

କାହିଁ ନାଏଁନ ଝାରି । ବଡ଼ ଗଁଡିଆ ଘରର୍ କୁଶେର୍ ବାଏର୍‌କେ ନିଘା ଗଲା । ସୋର୍ ଶବଦ୍ କିଛି ନାଇଁ । ପାଶ୍‌କେ ଗଲା, ଲିଆ, ଲଡୁ, ଗୁଟେ ଗୁଟେ କଟା ଲେଁଝିନୁ କୁଶେର୍ ବାଏର୍ ତକ୍ ଆର୍ ବାରିର୍ ମେଢ଼େଁ ପରିଛେ ଝାରି ରକଟ୍ ସର୍‌ସର୍ ହଇଁ । ଚିଁ ପୁଟ୍ ନାଇଁ, ହଲ୍‌ଚଲ୍ ନାଇଁ । ବଡ଼ ଗଁଡିଆ ବୁଢ଼ା ବାଡ଼ିଟେ ଧରି ଧାଇଁ ଆଏଲା ସମାରିକେ ଦେଖ୍‌ଲା କି । କହେଲା ''ହଏରେ ସମାରି ! ତୁଇଁ ବର୍‌ହା ପୁଷା ସଉକ୍ କର୍‌ବୁ ମୋର୍ କୁଶେର୍ ବାଏର୍‌କେ ନିପାତ୍ କରିଁ, ନାଇଁ ? ଭଲେ ବଡ୍‌ଖାବୁଆ ଥିଲା ବର୍‌ହାକେ ଖେଦି ବସ୍‌ଲା କି ତ ଖୁଁଖରି ଧାଏଁଲା ତୋର୍ ବର୍‌ହା । ବାଡି ଠେଂଗ୍‌କେ କେନ ମାନ୍‌ତା ତୋର୍ ବର୍‌ହା । ରକ୍ଷା ହେଲା ଯେ ଘରେଁ ବଂଧୁକଟ୍ ଥିଲା ନେହେଲେଁ ମୋର୍ ପୁଓ ଆର୍ କେନ ଜୀବ୍‌ନେ ଥିତା ? ଦେଖ୍ ରିପଟ୍ ସିପଟ୍ ହେଲେଁ ଝାରର୍ ଜଁତ୍ ଆନି ଘରେଁ ରଖିଛୁ ବଲିଁ ଜଂଗଲ୍ ନିୟମ୍‌ନେ ପକେଇ ତତେ ଘାଁଟି ସାନି ମାର୍‌ବେ, ଆର୍ ନିଂଦା ବଦ୍‌ନାମ୍ ସବୁ ମୋର୍ ମୁଡେଁ ଜୁଗ୍‌ରେଇ ହେବା । ଯାହା ହେଲେଁ ବି ଭାଗ ମୋର୍ ମାଏଟ୍ କାଏଟ୍ ବୁହି ଡୁଲି ଡ଼ାଂଗିରି ବନେଇ ମୋର୍ ବନ୍‌ଏ ବିଶ୍ୱାସୀ ଥିଲା ତ । ମୋର୍ ଥାଆତକେଁ ତାର୍ ପୁଓ ମାଏପୋ କେ ଗୁହେଁ ଗୁବ୍‌ରେଁ ହଇ ଦେମି କାଏଁ ? ଯା' କାହାରି ଶିଖାନି ବୁଧି ଥିଁ ନାଇଁ ପର୍‌ବୁ ଯା'' ।

ସମାରି ସେ ଗୁଡ଼େଁ ଫିରି ଆଏଲା ଘର୍‌କେ । ଆର୍ ମଲା ବର୍‌ହା ପଟକ ଗଁଡିଆ ଘର୍‌କେ । ତପନ୍ ବାହାରୁଛେ ଇସ୍କୁଲ୍ କେ । ତାର୍ ମାଁ ଆସି ଖଟେଁ ଜୁଗ୍‌ରେଇ ହଇ ପର୍‌ଲା କି ପଚ୍‌ରାଲା, 'କାଁ ହେଲା ଗୋ ମା ।'' ସମାରି କହେଲା ''ଝାରି ଆର୍ ନାଏଁ ନ ରେ ପୁଓ ।'' ଇ କଥାର୍ ସାଗେଁ ତାର୍ ଚେତ୍ ହେତ୍ ସୋର୍ ମୋଲ୍ ସବୁ ଆକାଶେଁ ମିଶିଁ ଗଲା ।

ବେଲ୍ ଉହ୍‌ରିଆ ତପନ୍ ତାର୍ ସାଂଗର୍ ପିଲାମାନଙ୍କୁଁ ଧରି ତାର୍ ମାଁକେ ଖଟ୍ ଡୁଲି କରି ଡ଼ାକ୍ତର୍‌ଖାନା ଆଡ଼୍‌କେ ନଉଥାଏ । ତପନ୍ ମନେ ମନେ ଭାବୁଥାଏ ''ମା, ଝାରିକେ ଡ଼ାକି ଯାଇଛେ, ସେ ନାଇଁ ଆଏଲେଁ ଆପ୍‌ନେ ହେଲେଁ ଆଏବା କାଏଁ ? କରିଆ କାନି ଥିଁ ଆଏଖ୍ ରେଁତୁ ଥିଲା କାଁ କରି ଯେ ସେ ଜାନ୍‌ବା; ତାର୍ ଲହ ସବୁ ତ ରକଟ୍ ହଇଁ ଝାରିର୍ ରକତ୍ ସାଂଗେ ମିଶି ଗଁଡିଆଘରର୍ କୁଶେର୍ ବାରିଁ ଡୁଭା ହଇଁ ପରିଛେ ।

❑❑

# ମହୁଲ୍ କୁଚି କଥା କହୁଛେ

ଇ ଫଗୁନ୍ ଚଏତ୍ ଆଏଲା କି, ମହୁଲ୍ କୁଚି କଥା କହୁଛେ । କେତେ କଥା, କେତେ ଦିନର, ମନର କଥା ଉଷଦ୍ ଆନଂଦର୍ କଥା । ଟିହା ଚ଼ରେ ବୁଝସି କାଏଁ । ସେ ଇ ଗଛୁଁ ସେ ଗଛ୍ ହଉଛେ ସିନା ହେଲେଁ ଇ ଗଛ୍ ଛାଡେ ନାଇଁ । କୁଇଲି ଭି ମନ୍ ଖୁଲିଁ ଗୀତ୍ ଗାଉଛେ । କୁଁଭାଟିଆ ଡ଼େଗି ଡେଗି ନାଚ୍‌ଲା ଲେଖେଁ ଲାଗୁଛେ ।

ଉନିଆଁ କିହେ ବୁଝୁ ନାଇଁ ବୁଝୁ, ମୂଳୁଁ ଶେଷ୍ ତକ୍ ପିଇଁ ଯାଉଛେ ପରମେ । ପରମେ ଇ ଗାଁର୍ ଜନ୍‌ଏ ଆଏ, ଯୁଆନ୍ ନୁହେ କି ବୁଢା ନୁହେ ମଝ୍ ମଝିଆ ବଏସ୍ । ଠିକ୍ କେତେ ବଛର୍ ହେଲାନ ତାର୍ ମାଁ ବୁଆ ଥିଲେଁ ଜାନ୍‌ତେ । ତାହାକେ ଜନା ନାଇଁ, ଜାନ୍‌ବାର ଦରକାର୍ ନାଇଁ ତାର୍ ଲାଗିଁ । ଛୁଆଦିନୁ ଗାଁର୍ ଆଗର୍ ଗଁତିଆ ଚ଼କର ପଧାନ୍ ଘରେଁ ଅଛେ ଯେ ଅଛେ ନ । ତାକର୍ ଘରେଁ ଖିଆ ପିଆ ରହା ବସା ସବୁ । ତାକର୍ ଘରର୍ କବାର୍ ବୁତାନେ ଦିହର୍ ରକତ୍ ଝାଲ୍ କରି ବୁହାସି, ତାକର୍ ଦୁଖେଁ ମନର୍ ଭାବ୍‌କେ ଲହ୍ କରି ଝରାସି । ଗଁତିଆ ଘରର୍ କେତ୍‌ନି କେତେ ମହୁଲ୍ ଗଛ୍‌କେ ନେଇ ଇ ବୁରେଇ, ସେ ଭିତ୍‌ରୁ ଇ ଲରି ଗଛ୍ । ଇନେ ଆସି ବସ୍‌ସି, ଇନେ ତାର୍ ଜୀବନର୍ ସସ୍‌ଠା ସମଂଧ୍ ସବୁ । ଗଲା ଦିନର୍ ସର୍‌ଲା କଥା ସବୁ ଇନେ ଇଁଦ୍‌ରାସି । ଗୋଟ୍ ଗୋଟ୍ କରି; ସେଥିଁ ସେ ଉଷଦ୍ ହେସି, ଆନନ୍ଦ୍ ପାଏସି । ଏନ୍ତା ଗଲା ଦିନର୍ ଦିନ୍‌ଟେ ଝପ୍ କରି ତାର୍ ଆଗେଁ ଠିଆ ହେସି । ଆଜିର୍ ଯେନ୍ତା ଇ ଲରି ଗଛ୍‌ଟା ତାର୍ ପାଚ୍‌ଲା ଶୁଖା ପତର୍ ସବୁ ଝାରିଁ ମହୁଲ୍ କୁଚିର୍ ଦାଁନ୍ତୁ ହଁସି ଝାରୁଛେ ସେନ୍ତା ଲତା ତାର୍ ଦୁଖ୍ ଦରଦ୍ ଫିକିଁ ହଁସୁଥିଲା, ତାର୍ ଧୋବ୍ ମୁଗୁନି ପଥର୍ ମେଡାଲ୍ ମୁଗିଆ ଦାଁନ୍ତୁ ହଁସି ଝରି ପରୁଥିଲା; ଗୁଲାପି ମୁହଁ-ଫରୁଆ ଫିଟି ମୁତି ଗୋଟ୍ ଗୋଟ୍ ରୁକି ହେଲା ଲେଖେଁ । ଆଏଜ୍ ବି ତାର୍ ସେ ଚେହେରା ପର୍‌ମେର୍ ମନ୍-ଦରପନେ ଫଟିକ୍ ଦିଶ୍‌ସି ଆର୍ ତାର୍ ମନ୍‌କେ ବାଏ କର୍‌ସି । ଜୀବନ୍‌କେ ଗୀତ କରି ଗାଏସି । ଦୁଇଟା ପରାନୀର୍ ଗୁଟେ ଗୀତ୍ ଗୁଟେ ସୁରେଁ । ଲତା ଚ଼କର ଗଁତିଆର୍ ଗେଲ୍ଲେଇ ଗୁଟେ ବଲିଁ ଝି । କେତ୍‌ନି କେତେ ଜମି ବାଡି ଥିବାର୍, ଗୁହାଲ୍ ଗୁହାଲ୍ ଗାଏ ଗୋର ଆର୍ କୋଡ଼ି କୋଡ଼ି କମିହାଁ କବାରୀ ଲୋକ୍ ପୁଷି ପାରୁଥିବା ବାଗିର୍ ନାମୀ ଲୋକର୍ ଝି ଲତା । କେତେ ସୁନ୍ଦର ବଲିଁ ସଭେ କହେସନ୍ ହେଲେଁ ପରମେ କେଭେଁ ଜାନ୍‌ବାର୍ ଚେରେଷ୍ଟା ନାଇଁ କରି । ଲତାର୍ ଦିହର୍ ଚେହେରାର୍ କବାଟ୍ ଅଡେଇଁ ଭିତର୍‌କେ ଶମିଛେ, ସେନେ ସେ ଥାବ୍ ପାଇଛେ, ଯେନ୍ ଖୁଲା ମନର ଅସୀମ୍ ଇଲାକା, ଅକଥନ୍ ସୁନ୍ଦର୍ ଜୀବନର୍

କେଭେଁ ମଏଲେନ୍ ନାଇଁ ପରୁଥିବାର୍ ଆନନ୍ଦ-ରାଏଜ୍, ସେ ନେ ସେ ହ ଜିଁ ଯାଇଛେ, ହେଜି ନାଇଁ ପାରିଁ ସେ କିଏ ଆଏ ? ଜାନି ନାଇଁ ପାରି ଲତା ଅଲ୍‌ଗା ଆଏ କି ତାର୍ ନିଜର୍ ଭିତ୍ରୁଁ ଖଣ୍ଏ ଆଏ, ଅଂଶ୍ଏ ଆଏ । ଲତା ବଡ଼ଲୋକର୍ ଝି ଆଏ ବଲିଁ ନିଜେ ନିଜ୍‌କେ ନାଇଁ ଜାନି ଆର୍ ପର୍‌ମେ କେ ବି ଜାନି ନାଇଁ ଦେଇ ।

ବଛର୍‌କ ଥରେ କରି ଅଠର କି କୁଡ଼େ ଟା ଫଗୁନ୍ ଆଇଛେ, ମହୁଲ୍ ବୁରେଇ ମହୁଲ୍ କୁଚିର୍ ଦାଁତୁ ମୁଡି ଝାରିଛେ, ସେ ମୁଡିକେ ଉଁଡ଼େଇ ସାଆଁଟି ଘରେଁ ଭର୍‌ବାର୍ କବାରେଁ ଗଁଡିଆ ଘରର୍ ସବୁ କାମ୍ କବାରୀ ଲୋକ୍ ଲାଗିଛନ୍ ପହ ପହନୁ ବେଲ୍ ଲେହେଁଟା ତକ୍, କେଭେଁ ଭାଲୁ ଆସି ବାଦ୍ ବିବାଦ୍ ବସିଛେ, ହନ୍‌ମାନ୍ ଆସି ଉର୍‌ଡ଼ି ନେଇଛେ, ଗୋର ଗାଏ ଆସି ଛଡ଼େଇ ନେଇଛନ୍ । ଯେତେଲୋକ୍ ହେଲେଁ ବି ଅପୂର୍, ଇ ଆଡେଁ ଦେଖ୍‌ଲେଁ ସେ ଆଡେଁ ନାଇଁ, ସେ ଆଡେଁ ଦେଖ୍‌ଲେଁ ଆର୍ କେନ୍ ଆଡ଼େଁ ଖଏଣ୍ ଖାଉଛେ । ଗଁଡିଏନ୍ କହିଛନ୍ ଲତା ବି ଯାଉ ଦେଖୁ ଶିଖୁ ଗଛ ପତର୍ ଚିହ୍ନୁ କାମ୍ କବାର୍ ଜାନୁ, ନେହେଲେଁ ପଛେଁ ଠକେଁ ପର୍‌ବା । ଘରୁଆ ପିଲା ବଲି ପର୍‌ମେକେ କାନେ କାନ୍ କହିଛନ୍, ପର୍‌ମେ ଦେଖ୍‌ବୁ ଗା ତୋର ଭର୍‌ସା ନେ ଲତାକେ ଛାଡ଼ି ନଉଛେଁ । ଝାର୍ ପଦ୍‌ରାର୍ କଥା; ମୋର୍ ଲତାର୍ ଅଗିଗୁଡେଁ କଁଟା ଗଡ଼୍‌ଲେଁ ମୋର ଛାତି ଭିତ୍‌ରେଁ ଶାବଲ୍ ହୁର୍ଦି ହେଲା ଲେଖେଁ ଲାଗ୍‌ବା । ପର୍‌ମେ ଲତାର୍ ଜିମା ପୂଜା କଲ୍‌ସୀର ନଡ଼ିଆ ବୁହିଲା ଲେଖେଁ ଆର୍ ଗଁଡିଆନୀର୍ ବର୍‌ଗିବାର୍‌ଟାକେ ମହାଦେବର୍ ବେଲ୍‌ପତର୍ ବାଗିର୍ ମୁଡେଁ ବୁହିଛେ । ଝାର୍‌ପଦ୍‌ରାନେ କାହିଁ ଖୁର୍ କଲେଁ ଲତା ପାଶ୍‌କେ ଦଉଡ଼ି ଯାଉଛେ ତାର୍ ଆଏଁଖ ଆର୍ ତନ୍‌ମନ୍ ସବୁ ।

ଆଏଜ୍ ଇ ମହୁଲ୍ କୁଚି, ବାସନା-ବାଏ ମହୁ-ମୁହାଁ ମାଛିକୁଁ ଯେତ୍‌କି ପାଶ୍‌କେ ପାଶ୍‌କେ ଘିଚି ଆନୁଛେ, ସେତ୍‌କି ପଛ୍‌କେ ଘୁଚେଇ ନଉଛେ ପର୍‌ମେର୍ ମନ୍‌କେ । ଘୁଚ୍‌ଲା ମନ୍‌ଟା ଠପ୍ କରି ଅଟ୍‌କିଁ ଯାଏସି ଦିନ୍‌ଟା କେଁ । ସେ ଦିନର୍ ରାଏଦ୍ ଟିକେ ଗୁମ୍‌କୁ ଥିଲା, ଆର୍ କୁକ୍‌ରାଡ଼କିଆ ହୁର୍‌ହୁରିଆ ପବନର୍ ଲହର୍ ମହୁଲ୍ କୁଚିର କହର୍ ସଂଗେଁ ସଂଗେଁ ଲୁକ୍ ଲୁକାନି ଖେଲୁଥିଲା । ଏନ୍ତା ପାଗେଁ ମହୁଲ୍ ରୁକେଇଁ ହେସି । ବୁରେଇ ଭର୍‌ଭର୍ ବିଛେଇ ହେସି ଅକଲନ୍ ମୁଡିର୍ ଗୁଟେ ପରସ୍ତ । କିହେ କାହାକେ ନାଇଁ ମାନି ଝଁପେଇ ହେସନ୍ ମହୁଲ୍ ବୁରେଇନେ; ହେର୍ଣ୍ଣା, ଚିଅଲ୍, ସମର୍, ଗୋର ଗାଏ, ମୁନୁଷ । ବନ୍‌ଏ ଅଁଧାରୁ ଆଏଲେ ଗଁଡିଆ ଘରର୍ ଲୋକ୍ ବାକ୍ ସଂଗେଁ ଲତା ଆର୍ ପର୍‌ମେ । ଅଁଧାର୍ ମହୁଲ୍ ବୁରେଇର୍ ଝାପ୍‌ଡୁ ଗଛମାନଙ୍କର ଛଏରାତଲ୍ ଛାଡ଼ିଯିବାକେ ମନ୍‌ନାଇଁ, ଲେଠ୍‌ରେଇ ହଉଛେ । ବୁରେଇର୍ ମଝିଁ ଇ ଲଚିଗଲ୍ । ଇନୁ ବେଟି ସାଂଏଲେଁ ଦୁସ୍‌ରା ଆଡ଼୍‌କେ ଯିବେ ଲତା ଆର୍ ପର୍‌ମେ । ହନ୍‌ମାନ୍ ଦୁଇଟା ମହୁଲ୍

କୁଚି ଉଡ଼ି ଖାଉନ ଖାଉନ୍-ବେଲ୍ ବୁଡ଼ି ଯାଇଛେ ଗଲା କାଏଲ । ବେଲ୍ ବୁଡ଼ଲେଁ ଇ ଢାଏତ ଗଛୁଁ ଉତରନ୍ ନାଇଁ, ଲରିଗଛ୍ ଉପ୍‌ରେଁ ରାଏଦ୍ ବିତେଇଛନ୍ । ଦୁଇଟା ମୁନ୍‌ଷ୍ ଗଛତଲେଁ ଦେଖି ରଟୋ କରି ଗଛୁଁ ତଲ୍‌କେ ଡ଼େଗି ପଡ଼ଲେ । ଲତା ଡ଼ରେଁ ମରେଁ ଝାଁପେଇ ହେଲା ପର୍‌ମେର୍ ଦିହେଁ । ପର୍‌ମେର୍ ବି ଯେନ୍ ଟିକେ ରଁଚେ, ସୋର୍ ଥିଲା ପାଶ୍‌ରି ହେଲା । ଦୁଇଟା ଦିହ୍ ମିଶି ଏକ ହଇଁଗଲା, ଦୁଇଟା ଜୀବନ୍ ଯୁରି ହଇଁ ତା' ଖାଇଁଗଲା । ଦୁଇଟା ଜୀବନର୍ ଯୁଗ୍ ଯୁଗର୍ କଥାବାର୍ତ୍ତା, ଜନମ୍ ଜନମ୍‌ର ଦୁଖ୍ ସୁଖ୍ ନିମେଷ୍‌ଟାକେଁ ସରିଗଲା । ତନ୍‌ମନ୍ ପର୍ଛା ତୁନ୍ ତାନ୍ ଚୁପ୍ ଚାପ୍, ମହାନଏଦ୍ ଆର୍ ତେଲ୍ ନଏଦ୍ ମିଶି ଏକ ହଇଁ ଗଲେ । ଦଉଡ଼ିଲେ ମହାସମ୍‌ଦର ଆଡ଼କେ ନିଜର୍ ପନ୍‌ମାନଙ୍କୁଁ ହଜେଇ ହଜେଇ । କାହାରି ହେଜା ରହେଲା ନାଇଁ କି ଲେଖା ରହିଲା ନାଇଁ । ଦୁଇକେନିଆଁ ଗଛ୍‌ଟେ ବୃଷାଲ୍ ହଇଁ ବଢ଼ି ଚାଲ୍‌ଲା ଗୁଟେ ମୂଲ୍ ଗୁଡ଼୍‌ଦୁ ଚେର୍ ନେଇ । ଲତା ଆର୍ ଲତା ନୁହେ ବି ପର୍‌ମେ କି ପର୍‌ମେ ନୁହେ । ଦୁଇଟା ଫୁଟ୍‌ଲା ଫୁଲର୍ କହର୍ ମିଶି ପବନ ରାଏଜେଁ ଗୁମ୍ ଖାଇଁଗଲା, ଫୁଲ୍‌ମାନେ ତାଙ୍କର ରୂପ୍‌ରଙ୍ଗ୍ ମାନ୍ ପାଶ୍‌ରି ନେଲେ ।

ରାଏଇ୍‌କେ ସୁନ୍ଦର୍ ହଇ ସାରିଥିବା ଲତାର୍ ଦିହ୍-ବଗ୍‌ଚାନେ ଯୁଆନ୍ ବଏସ୍ ଆସନ୍ ଥାପି କେତେ ଲୁଭ୍‌ଲୁଭାନି ରାଏଜ୍ କଲା । ଦେଖନ୍ ହାରୀକର୍ ଆଏଁଖିମାନେ ତାହିଁ କଏଦ୍ ହେତେ ଗଲେ । କେତେ ଆଡୁଁ କେତେ ଲୋକ୍ ଆଏଲେ ଲତାକେ ନିଜର୍ କର୍‌ବେ । କେତେ ଧନୀ ମାନୀ ସଂସାରେଁ ଯେନ୍‌ମାନ୍‌ଙ୍କୁ ବଡ଼ ବଲ୍‌ସନ୍ ସେମାନେ ସବୁ ଛୋଟ୍ ହଇଁଗଲେ ଲତାକେ ପାଏବାର୍ କାଯେଁ । ଲତାର୍ ମା' ବାପ୍ ବି ଚାହେଁଲେ ନ ଇ ସଂପତିକେ ପର୍‌ହତିଆ କଲେଁ ଯାଇ, ଥାଏ ତ କେଭେଁ କେନ୍ ଚୁରି ଡ଼କେତି ଥିଁ ପରି ଯାଏସି ନ କାଏଁ ବଲି ଡ଼ରି ମର୍‌ଲେ । ଶେଷେଁ ଫୁଲ୍‌ପୁରର୍ ଗଁତିଆ ପିଲାକେ ପସନ୍ଦ୍ କଲେ । ଗୁର୍ ନିଡ଼ିଆ ଧରେଇ ଫୁଲ୍‌ଫୁର୍ ଗଁତିଆ ବିହା ଲଗନ୍ କହିଁଗଲେ । ଅଷାଢ଼ ମାସେଁ ମାଇ ଦୁତୀଆର୍ ଦୁଇଦିନର୍ ଆଗ୍‌ତିରିଆ । ପଛ୍‌କେ ଆର୍ ଲଗନ୍ ନାଇଁନ । ତିଆର୍ ତାର୍ ଲାଗ୍‌ଲା ଦୁହି ପଷେଁ ।

ଲତାକେ କେନ୍ତା କେନ୍ତା ଲାଗ୍‌ଲା ନ ସବୁ ଶୁନି; ତାର୍ ପରେ ବିହା ହେବା । ତାହାକେ ଇ ଗାଁ ଛାଡ଼ି ଦୁସ୍‌ରା ଗାଁ କେ ଯିବାକେ ହେବା ଜନମ୍ ମାଏଟ୍ ସାଂଗେଁ ଜନମ୍ କଲା ମା ବାପ୍ ସାଂଗ୍ ସର୍‌ସିଆ ଏନ୍ତା କି ନିଜର୍ ଗୁତର୍ ବରଗ୍ ଠାନୁ ବି ଛାଡ଼୍‌ବାକେ ପଡ଼୍‌ବା । ଆର୍ ପର୍‌ମେ କଥା ଭାଏଲ୍ କିଏ ପଚାରେ ?

ଲତା ଭାବୁଥିଲା କା'ଣା ଆଏ ଇ ବିହା ? ଦୁଇଜନ୍ ମିଶି ଏକ୍ ହେବେ । ଦୁଇଟା ଚକା ଲାଗି ହେବା ଗୁଟେ ଗାଡ଼ି ଇ ଜୀବନ୍-ବାଟେଁ ଗଡ଼ିଯିବାକେ, ଗର୍‌ଗଡ଼ି ଯିବାକେ । ଦୁଇଟା

ହାତ୍ ମିଶିଁ ହେବା ଗୁଟେ ଯୁହାର୍, ଜୀବନ-ଦେବ୍‌ତାକେ ଭେଟ୍ ହେବାର୍ କାଯେଁ । ଦୁଇଟା ଜୀବନ୍ ଏକ ହେବେ ? ସେ ତ ହଇସାରିଛେ ପର୍‌ମେ ସାଂଗେଁ ଏକ୍ ଅଭିନ୍ । ଏଛନି ଅଲଗ୍ ହଇ ହେବା କାଏଁ ? ପର୍‌ମେ ସାଙ୍ଗେ ପରେ ଏକ୍ ନାଇଁ ହଇ ବନ୍‌ଏ; ସେ ଇ ଘରର୍ କୁଠିଆ ଆଏ, ନଉକର୍ ଆଏ । ତାର୍ ଉକର୍ ଅଛେ ଯେ ଘରର୍ ମାଲ୍‌କେନ୍ ସାଂଗେଁ ଯୋଲ୍ ଦେବା ? ସେ ଛୋଟ୍ ଜାଏତ୍ ଟା କା'ଣା ଆଏ ? ମହାପ୍ରୁ ଜନମ୍ ଦେଇଛେ ଦିହ୍ ହାତ୍ ଗୋଡ୍ ମନ୍ ଚିତ୍ ଦେଇ । କାହିଁ କେନ୍‌ସି ନ ତ ଜାଏତ୍ ବଲିଁକିଛି ନାଇଁ ଖଁଜି । ଲତାର୍ ଭାବ୍‌ନା ଦଉଡି ଧାଉଁଛେ ଲୁଇ ଦାମୁର୍ ଲେଖେଁ, କିଏ ଛେଁକ୍‌ବା କିଏ ରୁକ୍‌ବା ? ପର୍‌ମେ ତ ଦେଖ୍‌ଲା ଚାହେଁଲା ଲୋକ୍, ଜାନ୍‌ଲା ଭୁଗ୍‌ତିଲା ସାଂଗ୍ । ତାର୍ ସାଂଗେଁ ବାଟ୍ ଚାଲି ହେତା । ଆର୍ କେନ୍ ଗାଁର୍ କେନ୍ ଗଁତିଆ କି ବଡ୍‌ବଡିଆ ଜନା ନାଇଁ ତାର୍ ସାଂଗେଁ ବାଟ ଚ଼ଲା କାଏଁ ରଙ୍ଗର୍, କାଏଁ ଢ଼ଙ୍ଗର୍ ହେବା ?

ମା ବାପ୍ ହାଟ୍ ବାଟ୍ ମୂଲ୍ କଲେ ନ ବିହାର୍ ଲାଗି । କେତେ କାଁ କାଣା ଦେବେ ଯେ ହୁରୁମିଷା କଥାବାର୍ତ୍ତା । ଗୁଡ୍‌ଡୁ ସଂପତି ଦେଲେଁ ଦେଇନେବେ ଝିଁ ଟାକ; ନିଅ, ଯେତକି ଅନାଚାର୍ ଅତ୍ୟାଚର୍ କରିପାର୍‌ବ କର ; ସାଂଗେଁ ଇ ବିହା ହେବାର୍ ବିଜ୍‌ଲି ବାଡି, ଉଁ ଚୁଁ କଲେଁ ଦେଖେଇ ନେବ ଚୁପ୍ ରହେବା, ନାଇଁ ମାନ୍‌ଲେଁ ବର୍ଷାବ ବିଜ୍‌ଲି କୁଡା । ତାହାକେ ନାଇଁ ମାନ୍‌ଲେ ଟଁଟି ଚିପିନେବ ମେଟେଇ ନେବ ତାର୍ ନାଁ ଗାଁ । ଲତା ଭାବୁଥିଲା । ନାଇଁ ନାଇଁ, ଜାନି ଜାନି ମୁଇଁ ହେଁ ମୂଷା ଫାନ୍ଦ୍‌କେ ନାଇଁ ଜୁକେଁ, ନାଇଁ ଠୁକେଁ ହେଁ ଲୁଭ୍‌ଲୁଭାନି ବିହାଚୂରାର୍ ଚରା । ପର୍‌ମେ ତାକର୍ ପାସଙ୍ଗ୍‌ଥିଁ ନାଇଁ ପରେ । ତାର୍ ସାଂଗେଁ ବାଟ୍ ଚଲା କଥା କହେଲେଁ ସଭେ ବଁ କର୍‌ବେ । ତାର୍ ସାଂଗେଁ ମୋର୍ ଯିବାର୍‌ଟା ମହୁଲ୍‌ବୁରେଇ ତକ୍ ଆଏ, ସେନୁ ସେ ଆଉ୍ ସେ ସାଂଗ୍ ହେବାର୍ ଲାଏକ୍ ନୁହେ । ଲତାର୍ ମନ୍ ଭିତର୍‌ଟା ରଦ୍ ରଦେଇ ଯାଉଛେ । ଭାବୁଛେ, ହେଲେଁ ସେ ଯେନ୍ ସାଂଗ୍ ଧରିଛେ ସେ ସାଂଗ ବାଟ୍‌ଚଲା ଥିବାର୍ ତକ୍ ରହେବା, ସାଂଗ୍‌ଛଡା ନାଇଁ କରିପାରେ ।

ବିହା ଲଗନ୍ ଯେତ୍‌କି ପାଶ୍ ହଉଛେ ସେତ୍‌କି ହିଂଙ୍‌ରି ହିଂଙ୍‌ରି ଯାଉଛେ ଲତା । ଟାଏଟ୍ ମେଡାଲ୍ ହଇଁଗଲା ନ ଦେହେ, ମନ୍ ଭିତ୍‌ରେଁ ଯେତେବଲେଁ ଧୁକା ଗରେଲ୍ ଗର୍ଜୁଛେ ଦିହର୍ କାଏଁ ଆଏତ୍ ? ପର୍‌ମେ ଲତାକେ ଦେଖ୍‌ଲେଁ ବୁଝିନାଇଁ ପାରେ କା'ଣା ହଇଛେ ତାର ? ଖାଲି ପଚରାସି, ଅଏନ୍ ନାଇଁ ଲାଗ୍‌ବାର୍ ସୁଖ ନାଇଁ ଲାଗ୍‌ବାର୍ କାଏଁ ? ଖାଲି ହଁସି ନେସି ଲତା, ତାର୍ ମନ୍ ଗହେରେଁ ତ ପରମେର୍ ଚେହେରା ଦକ୍‌ଦକଉଛେ, କେନ ସୋର୍ କରୁଛେ ତାର୍ ନିଜର୍ ଚେହେରାର୍ କଥା ।

ଲତାର୍ ଚେ଼ହେରା ଦେଖ୍ଁ ମାଁ ବାପର୍ ଚେହ୍ରା ବସି ଯାଉଛେ । ଫୁକା ଝରା ବଏଦ୍ ଗୁନିଆଁ ଡାକ୍ତର୍ କବିରାଜ୍ କେତେ ଡ଼ାକ୍‌ଲେନ । ହେଲେଁ ଦେହର୍ ବେମାର୍ କେ କାଏଁନ ଉଷୋ କଷା । ମନର୍ ବେମାର୍‌କେ କେନ୍ ନାଡ଼ି କେନ୍ ଯଂତର୍ ପାତି ଥିଁ ଅଁଡ୍‌ଲାବେ, ଥାଦ୍ ପାଏବେ । ଲତା ନୁକୋ ନାଇଁ ହେବାର; ଲଗନ୍ ଘୁଚାଲେ ଯାଇ କାଏଁ ? ବିହାର୍ ଲଗଂନ୍ ଘୁଚେ଼ଇ ହେବା, ହେଲେଁ ତାର୍ ଯିବାର୍ ଲଗନ୍ କେ ଘୁଚାବା ? ଲତା ଖଟେଁ ଲଟ୍‌କିଁ ଗଲା ନ । ବେଲ୍ ବୁଡ଼ିଁ ଆଉଛେ ଆର୍ ସାଂଗେଁ ତାର୍ ଜୀବନ୍-ବେଲ୍ ବି ଲେହ୍ ବୁଦ୍ ବୁଦ୍ ହଉଛେ, ପରମେ କେ ଦେଖ୍ କହେଲା ଲତା, ମୁଇଁ ଯାଉଛେଁ ଗା ! ମତେଁ ନାଇଁ ନୁର୍‌ବୁ । ହରୁମେଷା ତୋର୍ ପାଶେଁ ପାଶେଁ ଥିମି; ମତେ ନାଇଁ ପାଶିରିବୁ । ମୁଇଁ ମଲେଁ କହେବୁ ଇ ଘରର୍ ଲୁକ୍‌କୁଁ ମତେ ହେଁ ଲରି ମହୁଲ୍ ତଲେଁ ଦେବେ ।

ହେନା ହିଁ ହେଲା । ଲତା ସଂସାର୍ ଛାଡ୍‌ଲା, ହେଲେଁ ପର୍‌ମେ ଗଁତିଆ ଘର୍‌କେ କାହିଁ ଛାଡ଼ି, ପାର୍‌ତା ? ସବୁନେ ସବୁବେଲେଁ ସେ ଲତାକେ ଦେଖ୍‌ସି, ତାର୍ ହଁସି ଥିଁ ଅମ୍‌ଳେଇଁ ହେସି । ମହୁଲ ବେଟା ବେଲେଁ ଇ ଲରି ମହୁଲ୍ ତଲେଁ ବସ୍‌ସି, ମହୁଲ୍ କୁଚି ଥିଁ ଦେଖ୍‌ସି ଲତାର୍ ହଁସି ତାର୍ ଧୋବ୍ ମୁଗ୍‌ନି ପଥର୍ ମେତାଲ୍ ମୁଗ୍‌ନି ଦାଁତୁଁ ଝରି ପରୁଥିବାର୍ ।ଶୁନ୍‌ସି ଲତାର୍ କଥା ମହୁଲ୍ କୁଚିର୍ ମୁହେଁ ।

''ପରମେ ! କେଡ଼େ ଅଏନ୍ ଇ ଠାନ୍, ଲୁଭ୍ ଲୁଭାନି ଇ ରାଏଜ୍ ମୁଇଁ ଯେନ୍‌ନେ ଅଛେଁ । ଇ ନେ ବଡ଼ ସାନର୍ ଭେଦ୍ ନାଇଁ । ଇ ନେ ସା'କାର୍ କିହେ ନାଇଁ କି ଗୁତି କୁଠିଆର୍ ନାଁ ଗଁଧ୍ ନାଇଁ । ଇଠାନେ ସଭେ ଗୁଟେ ଜାଏତ୍ ଗୁଟେ ଗୁତର୍, ଉଷତ୍ ଆନନ୍ଦର୍ ଅସର୍‌ଲା ଧାର୍‌ଟେ ଖଲ୍ ଖଲେଇ ଯାଉଛେ । ଇନେ ସଭେ ସମ୍‌କୁଁ ସୁଖ୍ ପାଏସନ୍ । ମୁନୁଷ୍‌କେ ଯେ ଭଲ୍‌ପାଇ ଆସିଛେ ତାହାକେ ସଭେ ସୁଖ୍ ପାଏସନ୍, ସାରା ସଂସାର୍‌କେ ଯେ ଭଲପାଇ ଆସିଛେ ସେ ଇନେ ମହାନ୍ ଆଏ । ଇନିର୍ ଧନ୍ ସଂପଦ୍ ବଏଲେଁ ଭଲ୍ ପାଏବାର୍‌ଟା । ସେ ଟା ହିଁ ଆନନ୍ଦ୍ ଆଏ, ଇ ଆନନ୍ଦ୍ ଥିତିଟା ହିଁ ସରଗ୍‌ଆଏ । ମହାପ୍ରୁ ସାଂଗେଁ ଏକ୍ ହେବାର୍‌ଟା ଆଏ ।

ପର୍‌ମେର୍ ମନେ ଆନନ୍ଦର୍ ସଁପୁର୍ ଧାର୍‌ଟେ ଉଦ୍‌ଗାରିଁ ଆଉଛେ, ଲତାର୍ କଥା ମହୁଲ୍ କୁଚିର୍ ମୁହେଁ ଶୁନୁଛେ ପରମେ; ସେଥିଁ ଭୋଲ୍ ହଇଁ ସବୁ ପାଶ୍‌ରି ପକ୍‌ଉଛେ; ତାହାକେ ଶୁନୁଥା ମେତାଲ୍ ଲାଗୁଛେ, ମହୁଲ୍ କୁଚି କଥା କହୁଛେ ।

□□

# ମା' ପନର୍ ମର୍ଡ଼ି ନାଇଁ

ରୁଗଡ଼ି ଡ଼ିପାର୍ ଭନ୍ଦରା କଲୋନିନୁ ବି ଜହଛିନା ଲାଗୁଛେ ଆଏଜ୍ ଇ ଗାଁ । ଏସୁରର୍ ମର୍ଡ଼ି, ଖେଣ୍ଟ୍ ଖଲା ଖାଇ ଗାଁ ଖୁଲିଁ ଆସି କାପ୍‌ଲି କରୁଛେ । ଜୁନହାଁ ଅଁଧୁଆ ଘର୍ ଛିଆନି ମାନେ ଧୁକାନେ ଉଡ଼ି ଉଡ଼ି ଖିଜେଇ ହେଲା ଲେଖେଁ ଦିଶୁଛନ୍ । କେନ୍ ପର୍ଛିର୍ ଗୁମା ଧସ୍‌କିଛେ ତ, କାହିଁ କାହିଁ କନା ମୁଷଲି ଉସ୍‌କିଁ ଗଲାନ୍ । କାହିଁ ପରେନ୍ ପାଟି ମସ୍‌କିଲା ପରେଁ ତୁଲିଆ ପାଟି ବି ଛାଟେଁ ନାଇଁନ । ତଲିଆ ସର୍କାରୀ ନଉକର୍‌କର୍ ଖିଆ ପିଆ ଦେଖି ଉପର୍‌ବାଲେ ହେଲେଁ କେନ ବାଟେଁ ରହେସନ୍ । କେନ୍ ଘରେଁ ଟାଏଟ୍ ଦିଆ ହଇଁ ବାଘ ଅଁପ୍‌ରା କି ବାଁଜି କଁଟା ପରସ୍ତଟେ ଛବା ହଇଛେ । ଯେନ୍ ଘରେଁ ଟାଏଟ୍ ନୁହେଁ ଦିଆ ହଏ, ସେ ଘରେଁ ଅପାରୁ ବୁଢ଼ା ବୁଢ଼ୀ କି ଛୁଟା ଅଁଧା ଯେ ହଉଅଛନ୍; କାହିଁ ନାହିଁ ଯାଇ ପାରନ୍, ଗଲେଁ ବି କିଛି ନାଇଁ କମେଇଁ ପାରନ୍ ବଲିଁ । ଛିନା ଘରର୍ ଗାଁ ଖୁଏଲ୍ ଆଡ଼ର୍ ପିଁଡ଼ା ମାନ୍‌କେଁ କେନେ କେନ୍ତା କୁକୁର୍ ମାନେ ଜିଭ୍ ଲମେଇ ଆକ୍ ମାରୁଛନ୍, ଭାବୁଛନ୍ କାଏଁ ? ଇ ଘରର୍ ଲୋକ୍ କାହିଁଗଲେ ? ଥିର୍ ପାଏନ୍ ପଡାଉଡା ନାଇଁ ହଏନ କାଏଁ ? ଘରେଁ ହେଲେଁ କା'ଣା ଅଛେ ଯେ କେନ୍ ଚୋର୍ ଆଏବା ଯେ ଭୋ-ଭୋ-ଭୁକିଁ ସୋଜ୍ ନାଇଁ ଖାଏବାର୍ ବଲିଁ କହେବେ । ଗାଁ ଥିଁ ଆର୍ କେନ୍ ଜନ୍ତୁ ଅଛେ, ସେମାନେ ଏକ୍‌ଲା ନ । ଗାଏ ଦାମୁର୍ ଛେଲ୍ ମେଢ଼ି ତ କଁସେଇ-ହାତେଁ ମର୍ଡ଼ି କେଭୁଁ ପଠେଇ ନେଲା ନ.ମରନ୍-ମୁହଁକେ । ଗାଁର୍ ବଡ଼୍‌ଭାଗ ଲୋକ୍ କୁଟୁମ୍ବ୍ ଛୁଆଧରି କେଭୁଁ ଗାଁ ଭୂଇଁ ଛାଡ଼୍‌ଲେ ନ, ପେଟ୍-ମୁନା ମାନ୍ ଧରି କେନେ କେନେ କିଛି କିଛି ଖୁଜି ନୁରି ଜୁଗରାବେ, ଜୀବନ୍ ମାନ୍ ବଅଁଚ଼ାବେ, ବଅଁଚିଥିଲେଁ ଗାଁକେ ଫିର୍‌ବେ । କେନ୍ ଗୁସିଆଁ ପରେ କହୁଥିଲା, "ଜହ କମାନିର୍ କାଯେଁ ଲୋକ୍ ଗାଁ ଛାଡୁଛନ୍ ।" ଆପ୍‌ନେ ଯେନ୍ତା ନିୟେ ନୀତି ବିଚାର ଆଚ଼ାର୍ ଲାଜ୍ ସରମ୍ ଛାଡ଼ସି ଜହ ପାଏବାର୍ ଲାଗିଁ । ଆସିକରି ନାଇଁ ଦେଖ୍‌ତା ଲୋକ୍ କାହିଁ ଯାଉଛନ୍, କାଁ କରି ଯାଉଛନ୍ ? ଭାବୁଥିଲା ଖଗେ, ଇ ଗାଁର ଜନ୍ଏ ଖୁଟ୍‌କାଟା ଗାଁ ନରିହାର୍ ବଅଁଶର୍ ଶେଷ୍‌ଖୁଟି । ଗାଁ ତ ଛିନା, କା'ଣା ଅଛେ ଯେ ରହେବା ? ଗାଏ ଗୋର ଛେଲ୍ ମେଢ଼ି ଅଛନ୍ ଯେ ସକାଳୁଁ ଡ଼ାକ୍‌ବା "ଗୋରଆ ଢ଼ିଲ ହୋ..." ଗାଁନେ ମୁନୁଷ୍ ଅଛନ୍ ଯେ ବିହା ବର୍‌ପନ୍ କେ ବଂଧୁ ବାଂଧବ୍ ନେଇଯିବା, ପାଏନ୍‌ବୁହିବା ଚ଼ାଉଲ୍ ଧୁଇବା, ଝି' ବହ କୁଁ ନେଇ ଆନି ଯିବା ଶିଏଲ୍ ପଟର୍ ଶିକା ଆର୍ ବରଙ୍ଗା ଗଛର୍ ବହେଙ୍ଗା ଧରିଁ । ଏତ୍‌କି ଦିନ ତକ୍ ଯାହା ହେଲେଁ ଗାଁ ଛାଡ଼ି ନାଇଁ ଯାଉଥାଇଁ । ଗାଁ ନେ କିଛି ଲୋକ୍ ଥିଲେ ତ ତାର୍ ରହେବାର୍ ଦରକାର୍

ଆଉନେ ଥାଉ ତାର୍ ଝି' ଫଗ୍ନି ଅଛେ; ଆର୍ ତାର୍ ଦିହେଁ ଅଛେ ଭରି ଭରି ଆସୁଥିବା ବଏସ୍ । ଗଲା ବଛ୍ର ତାର୍ ମାଁ କହୁଥିଲା ଫଗ୍ନିର୍ ବଏସ୍ ବିହା ହେବାର୍ ବାଗିର୍ ହେଲାନ; ରାଏଇକେ ସୁନ୍ଦର୍ ଦିଶ୍ଲାନ; ନୁକୋ ପିଲାଟେ ଉହାଟ; କିଛି ନାଇଁଥିଲେଁ ବି ବାହା ଢାଂଗଲ୍ ଦେଖିଁ ଦେଇ ନେମା । ଝି' ଘି' ରଖି ନାଇଁ ହୁଏ; ହାତ୍କୁଁ ଦୁଇହାତ କରିନିଅ ।'' ହେଲେଁ ଗଲା ବଛର୍ ହିଁ ସେ ପଲାଲା ଇ ଗାଁଭୂଇଁ ଖାଲି ନୁହେ ଇ ସଂସାର ଛାଡ଼ି; ଏସୁର କାର୍ ନେ କା'ଣା ଅଛେ ଯେ ବିହା ବର୍ପନର୍ ନାଁ ପକାବା । କେନ୍ସି ନେ ବଛର୍ଟେ କାଟି ଦୁଇପଏସା ପେଟୁଁ ଉଲ୍ଟି ବଅଁଚାଇ ପାର୍ଲେଁ, ଫଗ୍ନିକେ ଆଏବା ସାଲେଁ ହେଲେଁ ଦେଇହେବା କାଏଁ ବଲି ବାହାରୁଛେ । ଖଗେର୍ ଖଦେଁ ତାର୍ ସେ ନରିହା ଭାର ପାଖେ ଆଡେଁ, ମୁର୍ଚା ଖିଆ ଟିନର୍ ବାକସ୍ଟେ କବ୍ଜା ଛାଡ଼ିନେଲା ନ ବଲି ଗୁଁଧୁଆ ରଶିଟେ ବଁଧା ହଇଛେ, ଆର ପାଖେଁ ଫଟାଲା କାଠ୍ ଖଣ୍ଡ୍ରେ ଛଁଚା ପଟ୍କେଁ ଗୁଛା ହଇଛେ; କେନାଲ୍ ଅଞ୍ଚଲେଁ ସବୁ ମିଲ୍ସି କାଠ୍ ଛାଡ଼ିଁ । ପଛେଁ ପଛେଁ ଫଗନି, ମୁଡ଼େଁ ବୁତ୍କାଟେ ଫଟା କପ୍ଟାର୍ ଫାଲ୍କେଁ ଗଁଠା ହଇଛେ ।

ଗାଁ-ଗଁଡିଆ ଘରର୍ ସୁତ୍ରୁପିଲା ବି ବାହାରିଛେ । ନାଇଁ ରହିପାର୍ଲା; ମାଏଟ୍ କାଏଟ୍ ସର୍କାର୍ ବୁହେଇଥିଲେଁ ବି ତାର୍ ଆଶ୍ରା ନେ ନିଲଜ୍ ପାଲଜ୍ ହଇଁ ରହିଁ ଯାଇଥିତା ଯେ ତାର୍ ତ ନାଆଁ ଗଁଧି ନାଇଁ । ଗାଁଥି ଯେନ୍ ଘରଦୁ ବାକିଥିଲେ ଅବ୍ତକ୍, ଆଏଜ୍ ବାହାରି ପରିଛନ୍ ଯିବେ ସାଂଗ ସାଂଗ୍ ହଇଁ, ଗାଁଥି ଖାଲି ଅଛନ୍ ଅପାର୍ବାର୍ ଅପଂଗ୍ ବୁଢ଼ା ବୁଢ଼ୀ ଝନ୍ଦୁ ନ ।

ଧାଏର୍ ଧରି ଚାଲିଛନ୍, ଆଗେଁ ଗଁଡିଆ ବୁଢ଼ାର୍ ଛେଦ୍ଲି ପୁଓ ଭୀମ୍ । ନାଁ ଲେଖେଁ ଚେହେରା । ବନ୍ଏ ଫୁର୍ଥୁଲ୍ ଦିହ୍ । ଉସାର୍ ମୁହଁକେ କର୍ରାକର୍ରା ମୋଛା ସାର୍କ ବି ଫବିଛେ । ଗାଁର୍ ଇସ୍କୁଲେଁ ଯେନ୍ ତିନ୍ କିଲାସ୍ ତକ୍ ପାଠ୍ ଥିଲା ସେ ଭରକ ପଢ଼ିଛେ । ମୁହଁକେ ମୁହଁ ଯାହାକେ ହେଲେଁ ବି କହେସି ଅନିୟେ ଦେଖ୍ଲେଁ ମୁହାଁସ୍ ନାଇଁ ଦେଖେ । ଉଆଡ୍ ମେମ୍ବର୍ ବି ଥିଲା ବଛର୍ କେତେ । ସରପଂଚ୍ର ଲଁଚୁଆ କଥା ଦେଖି କହି ପକାଲା ବଲି ତାହାକେ ଆର୍ ଉଆଡ୍ ନାଇଁ କର୍ବାର୍ ନ । ଇ ନେ ଭୋଟ୍ ଥିଁ ନାଇଁ ଠାଉ୍ ହ'ନ୍ ତ ବଛା ବଛି ଥିଁ ହେସନ୍ । ଭୀମ୍ ଗୁହୁଡ଼ାର୍ ଆଗେଁ ଆର୍ ଖଗେ ସର୍ବାର୍ ଶେଷେଁ, ଇଂଜନ୍ ଆଗେଁ ଆଉର୍ ରେଲ୍ଗାର୍ଡର ଡ଼ବା ଶେଷେଁ ଥାଇ ରେଲ୍ଗଲା ଲେଖେଁ ଯାଇ ରେଲ୍ ଟେସନ୍ ନେ ପୁହୁଁଚିଛନ୍ ହୁଦାଟା ଯାକ । ରେଲ୍ ବି ପୁହୁଁଚିଛେ । ରେଲ୍ ଟେସନ୍ ବନିହାଁ ଗହଲ୍ ଚହଲ୍, ଅଂଚଲ୍ ଯାକର୍ ମାଏଝି ମୁନୁଷ୍ । ପଠଉଛେ ମର୍ଡି, ଯାର୍ ଯେନେ ଦାନା ପାନି ଅଛେ ସେ ସେ ନିକେ । ରେଲ୍ ଛାଡ଼ି ଛାଡ଼ି ଆଏଲା ନ, ସଲୋ ସଲୋ ଡ଼ବାଟାକେଁ ଝଁପେଇ ହେଲେ ହୁଦାଟାଯାକ । ଭୀମ୍ ଟିକଟ୍ବାବୁକେ କହେଲା, ଟିକଟ୍ ଦିଅ । ସେ କହେଲେ, ଚାଲ ଗାଡ଼ିନେ

ମିଲିଯିବା । ଗାଡ଼ି ଭିତ୍‌ରେଁ କାହିଁ ଚ୍ୟାଁଟି ଛିଙ୍ଗିଲ୍‌ବାର୍‌କେ ଠାନ୍ ନାଇଁ, ତାର୍ ତାର୍ ଉପ୍‌ରେଁ ଲୋକ୍, କାର୍ ନ ଟିକସ୍ ଅଛେ କାର୍ ନ ନାଇଁ । ଟିକସ୍ ବାବୁ କଲାକୋଟ୍ ପିଂଧି ହାତ୍ ଲମାଡେଲ୍ ଯାଉଛେ, କେନେ ଉତର୍‌ବେ ପଚାରିଁ ପଏସାମାନେ ନେ'ତେ ଯାଉଛେ । ଇ ହୁଦା ବି ଦେଲେ । ଭୀମ୍ କହେଲା, ପଏସା ତ ଦେଲୁଁ ଆଜ୍ଞା ଆମ୍‌କୁଁ ଟିକସ୍ ମିଲ୍‌ବାର୍ କଥା । ଟିକସ୍ ବାବୁ କହେଲା, ଟିକସ୍ କାଁ କର୍‌ବ ? ତୁମେ ଗଲେଁ ତ ଗଲା । ଭୀମ୍ ଭାବୁଥିଲା ସର୍କାରୀ ଲୋକ୍ ହିଁ ଇ ଦେଶର୍ ସର୍କାର୍ ଆନ୍ ତାକର୍ ପକେଟ୍ ବାଟେଁ ସର୍କାରୀ ଖାଁଜନାକେ ପଏସା ଆଏସି ଯାଏସି, କେତେ ରହେସି ମହାପ୍ରୁ ଜାନ୍‌ଏ ।

ରେଲ୍ ପୁହୁଁଚିଲା ତାକର୍ ଉତର୍‌ବାର୍ ଟେସନ୍‌କେ, ସଭେ ଉତ୍‌ରି କେନାଲ୍ ଅଂଚଲ୍‌କେ ଯାଉଥିବାର୍ ବସ୍ ଗାଡ଼ିମାନେ ଧଏଲେ । ଏତା ହିଁ ଲୋକ୍ ? ରେଲ୍‌ଟାକର୍ ଲୋକ ଗୁଟେ କି ଦୁଇଟା ମଟରେଁ ଯିବେ; ସର୍କାର୍ ଜାନିକରି ବି ମଟର୍ ଗାଡ଼ି ଯିବା ଆଏବାର୍ ନାଇଁ ବଢ଼ାତା ? ଲୋକ୍ ଯାତ୍‌ରୀ ମେଡାନ୍ ଆର୍ କେ ନ ଯିବେ ? ମାଲ୍ ଲେଖେଁ ଖୁନ୍ଦି ଖାନ୍ଦି ତଲା ଉପ୍‌ରା ହଇଁ ବସିଗଲେ । ଯେତ୍‌କି ପଏସା ଦେବାର୍ କଥା ତାର୍ ଦୁଇଗୁନ୍ ଦେଲେ । ଟିକସ୍ ଥିଁ କେତେ ପଏସା ଲେଖାହଲା କିଏ ପଚୁଛେ ?

ଗାଁର୍ ପାଏକ୍ ବୁଢ଼ା ବନିହାଁ ବଛର୍ ଦୁ ଆଇଛେ ଯାଇଛେ ଇଆଡ଼୍; କତୁଆଲ୍ ହଇଁନେଲା ଗୁଟେ ଗାଁ କେ । ଇ ଗାଁ ମାନ୍‌କେଁ ଶୁଖା ଅଂଚଲୁଁ କେନାଲ୍ ଚାଷ୍‌କେ କମେଇ ଖାଇ ଆଏସନ୍ ବଲିଁ ପର୍‌ଜାମାନେ କେ ନିଜର୍ ଖଲାନେ କି କିଏ ଆଁଟ୍ ଗୁଡ଼ା ଉପ୍‌ରେଁ ଘର୍ ଟିକେ ଟିକେ ବନେଇ ଥିସନ୍ ଯେ ସେଥିର୍ ଉଧେଁ ଲୋକ୍ ରହେବେ, ନିଜର୍ କବାର୍ ବୁତାକେ ଭୂତିଏର୍ ନୁରା ନାଇଁ ଲାଗେ, ସହଜେଁ ମିଲିଁ ଯିବା ହେଲେଁ ଏସୁର୍ କେତେ ସେ ଲୋକ୍ ଆସିଛନ୍ ଯେ ମୁଡ଼୍ ଗୁଂଜିମି ବଲିଁ କାହିଁ ଠାନ୍ ନାଇଁ । ଶୀତ ଦିନ୍ ଆଏ, ଜାଡ଼୍ କାକର୍ କୁଦେଇ ଆନୁଛେ, କାଁ କର୍‌ସନ୍ ? ପାଏକ୍ ବୁଢ଼ା ନୁରିଁ ଖୁଜିଁ ଠାନ୍‌ଟେ ଥାବ୍‌କଲା ଗଁତିଏନ୍ ମାଁର୍ ଘର୍‌ପାଶେଁ ପିପଲ୍‌ତଲେଁ; ଗଁତିଏଁନ୍ କୁରିଆ ହିଁ ଭରିଛନ୍, ସେ'ନେ ଡ଼ାଲ୍ ମାରି ରହେବେ । ଆଝିର୍ ରାଏତଟା ତାକର୍ ଗୁହାଲ୍ ବଖ୍‌ରେ ମେଲାଅଛେ ଦୁଖେଁ କଷ୍ଟେଁ ଚଲିଁଯିବେ ନ ରାଏଡ୍ ତାଏର୍ ପହରର୍ କଥା ।

ସଭେ ରହେଲେ, କମାନି ନେ ଲାଗ୍‌ଲେ । ଫଗ୍‌ନି ଆର୍ ତାର୍ ବା' ଦୁଇଟା ପେଟ୍, କାମ୍ ଜାନି କମାନି, ଅଗ୍‌ଲି ଅଗ୍‌ଲି ଆଉଛେ ।

ଗଁତିଏନ୍ ଗାଁଟା ଯାକର୍ ମାଁ, ବଏସ୍‌ବେଶୀ ନାଇଁ ହେଲେଁ ବି ଯୁଆନ୍ ନୁହନ୍ । ଗଁତିଆ ଯୁଆନ୍ ବଏସର୍ ବେଲୁଁ ପଲାଲେ ନ ସେ ଫାଲ୍‌କେ; ବାହ୍ମନ୍ ଘର, ଦୁହୁରି ବିହାର୍

କଥା ନାଇଁ । ପୁଓଟେ ଥିଲା ଜଏଦେବ, ସାପ୍ ପଢୁଥିଲା ବେଲୁଁ ବାପର୍ ବାଟ ଧଏଲା । ଗଁତିଏନ୍ କାଁ କର୍‌ବେ ଆର୍ ? ଏକ୍‌ଲା ରହେଲେ । ଏଭେଁ ଏଭେଁ ବଛର୍ ଦୁଏ ହଉଛେ ତାକର୍ ଦଦା ଆସି ତାକର୍ ପୁଓ ରସିକ କେ ଛାଡ଼ି ଯାଇଛନ୍, ବହନିର ସୁଖ୍ ସୁବିଧା ଲାଗିଁ ନୁହେଁ; ସଂପତି ବନ୍‌ଏ ଟିକେ ଅଛେ ତ, କାଲେଁ ଅଂଶର୍ ବଂଶର୍ ବାର ଦିନିଆକର୍ ହାତେଁ ପଡ଼ିଁଯିବା କାଏଁ ବଲିଁ ।

ତାକର୍ ମୁଦାରର୍ ବୁଢ଼ୀମାନେ ଖାଲି ପର୍ଭା ବଲିଁ ଡାକ୍‌ସନ୍, ହେଲେଁ ସେ ଗାଁ ଯାକର୍ ଗଁତିଏନ୍ ମାଁ ଆନ୍ । ବେଭାର୍‌ଟା ସମ୍‌କର୍ କାଯେଁ ସମାନ୍, ମାଁ ମେତାଲ୍ ନ । ଯେ ଯେଭେଁ ଯାଁଥିର୍ ଲାଗି ଆଏଲେଁ ଭି ସୋଜ୍ ହାତେଁ ଫିରିଁ ନାଇଁ ଯାଏ । ମାଁ ପନ୍‌ଟା ତାକର୍ ଭିତ୍‌ରେଁ ବାହାରେଁ ଉଛୁଲ୍ ପୁଛୁଲ୍ ହୁହୁଛେ; ମୁନୁଷ୍ କାଁ କରି କୁକୁର୍ ବିଲେଇ ଦେଖି୍ଲେଁ ବି ରୁକେଇ ହେସି ଦର୍‌ଦର୍-ଦର୍‌ଦର୍ । ଗାଁର୍ ଲୁକେ କହେସନ୍ ପୁଓ ଘଏତା ଗଲେ ଦିନୁ ଗଁତିଏନ୍ ମାଁର୍ ଲୋଭ୍ ଲାଲଚ୍ ବି ଭାଗିଁ ଯାଇଛେ । ରସିକ ? ହଁ ରସିକ ଦଦାର୍ ପୁଓ ଆଏ, ଅବ୍‌ତକ୍ ସେ ଗଁତିଏନ୍ ମାଁର୍ ମନ୍‌କେ ନୁହେ ମାନ୍‌ଏ କି ନୁହେ ମନେଇପାରେ ତାଏଲ୍ । ଗଁତିଏନ୍ ମାଁର୍ ଘରେଁ ଝୁରିଶିକାର୍ କା'ଣା ଉଏଲ୍‌ଲେସୁନର୍ ବି ନାଁ ନାଇଁ । ରସିକ କେ ଖିଆପିଆ ଲାଗି ନନା ଘରେଁ ନୁକୋ ନାଇଁ ଲାଗେ । ମାସ୍ ଦୁଏ ହେବା ଗୁଣ ରଣାର୍ ସାଂଗ୍ ଧଏଲା ନ । ଗୁଣ ରଣା ନାଁ ପଦୁଁଲୁଚ୍‌ନ୍ ହେଲା ଲେଖେଁ ସବୁ ଦୁର୍ଗନ୍ ଯାକ ତାର୍ ନ । ବଛର୍ ଦୁକର୍ ଆଗୋ ସରପଁଚ୍ ଥିଲା, ଇନିର୍ ଭୋଟ୍ ସବୁ ଅଁଟେଁ ଧଏଲା ଲେଖେଁ କଥା କହେସି । ମଦ୍ କୁଚ୍‌ନି ଥିଁ ଜବର୍ ଲାଭ ଥିବାର୍ ଜାନି ସେ ଟା ଧରିଛେ । ଥାନା ବାବୁକେ ମାସ୍‌ରି ଗାଁଧୀ ଛାପର୍ ଗୁଟାଦୁ ଖୁଟିନେଲେଁ ସବୁପାର୍ । ଇନିର୍ ଏମେଲେ, ମନ୍ତ୍ରୀ ହଇଛନ୍ ତ ତାକର୍ ସଭାମାନ୍ କୁଁ ତାକର୍ ଦେଲା ମଟର ଥିଁ ଲୋକ୍ ଦୁହାରି ଜମା କରିନେଲେଁ ସବୁ ମାଫ୍ । ଏ' ଦେ ଇ ଦଶ୍‌ରା ମାସେଁ ମର୍‌ଡ଼ିର୍ ଡ଼ର୍‌ଡ଼ରାନି ଭେଶ୍ ଦେଖିବାର୍ ଲାଗି ଦେଶର୍ ମୁଖିଆ ମନ୍ତ୍ରୀ ଆସିଥିଲେ; ଲୋକ୍ ସାଜିଁ ହଇଥିଲେ କେତେ କା'ଣା ହର୍ଲାଗୁର୍ଲା କର୍‌ବେ । ହେଲେଁ ଗୁଣ ରଣା ଆର୍ ହେନ୍ତା କେତେ ଲୋକ୍ ଯାହା କରିନେଲେ, ବଡ଼ ମନ୍ତ୍ରୀ ତ ସତ୍ ଆଏ କି ସପନ୍ ଆଏ ଭାବି ନାଇଁ ପାର୍‌ଲେ । ଇନିର୍ ମନ୍ତ୍ରୀକୁଁ କେତେ ପିଠ୍ ଥଥିରାଲେ । କହେଲେ ''ତୁମର୍ ଇନେ ଲୋକ୍‌ମାନ୍‌କର୍ ଉପରେଁ ବନ୍‌ଏ ପକଡ଼, ଭଲ୍ ପ୍ରଭାବ ଅଛେଁ'' । ସେ ଦିନୁ ଗୁଣରଣା ବଢ଼େଟେ ଲୋକ୍ ଆଏ ଇନିର୍ ମନ୍ତ୍ରୀର ଲାଗିଁ । ଥାନାଦାର୍ ବି କେନ୍‌ସି ରିପଟ୍ ଆଏଲେଁ ରଣାବାବୁକୁଁ ପଚରାଲେଁ ଯାଇ ଲେଖିସି । ମନ୍ତ୍ରୀ ପରେ ହେନ୍ତା କହିଛନ୍ । ଥାନାଦାର ବି ପରେ ଠିକା ଥିଁ ଆଇଛେ; ''ବଛର୍‌କେଁ ଲାଖେ କି କେତେ ଦେଇଁ ବନ୍‌ଏ ଭୁଗ୍‌ରାଟେ ହତେଇଛେ ବାବୁ '' କହେସନ୍ ଥାନାର୍ ଚ଼ପରାଶି

ମାନେ । ଜୁଆ ଘୁରଘୁଡ଼ି ସଟା ମଦ୍‌କୁଚିଆର ଏରିଆ । କହେବାକେ କିହେ ଯାଇଁ, ଯାବ୍ ନୁ ଯେତେ ମାର୍‌ବାର୍ ଅଛେ ମାର । କିଛି ହେଲେଁ ମନ୍ତ୍ରୀ ଅଛନ୍, ସୋଙ୍ଗ୍ ମାହାଲିଆ ଆର୍ ଦିଆ ହଉଛେ...।

ଗଁତିଏନ୍ ମାଁର୍ ନଜ୍‌ରେଁ ପଡ଼୍‌ଲା ଦିନୁ ଫଗ୍‌ନିକେ ଲାଗ୍‌ଲା ତାର୍ ମଲାମା'କେ ଫିରି ପାଇଛେ । ହେଲେଁ ସେ ଗରିବ୍ ଥିଲା, ଇ ମାଁ ମାଥିବର୍ ଆ'ନ୍ । ପଗ୍‌ନିକେ ଗଉରେନ୍ ଟୁକେଲ୍ ଜାନି ମାଁ କହିଛନ୍ ତାକର୍ ଦୁହି ନନା ଭଂଡାର୍ ବାସନ୍ ବର୍ତ୍ତନ୍ ଦୁଇଖଣ୍ ମାଜିନେବା, ଦର୍କାର୍ ହେଲେଁ ପାଏନ୍ ଯୁରେ ଅଧେ ଆନି ନେବା, ଅଏଧିକା ହେଲେଁ ଖେଜାବୁଜା ଘିନାଘିନି । ଗଁତିଏନ୍ ମାଁ କାଁ କାଣା ଖାଏବାକେ ଦଉଛନ୍ ଯେ ଫଗ୍‌ନିର୍ ଚେହେରା ଦିନ୍‌କେ ଦିନ୍ ବଦଲ୍‌ତେ ଯାଉଛେ । ପୁଷର୍ ଆଏଲା ଫିର୍‌ଫିରି, ଇଛନି ଫଗୁନର୍ ହରେ ଭରେ ଫଗନି, ଆଏଲା ଦିନର ଫଗ୍‌ନି ଆର୍ ନାଏଁନ । ଯେ ଦେଖିବା ଲହଁପି ପର୍‌ବା । ଗଁତିଏନ୍ ମା ରସିକର୍ ଡ଼ରେଁ ଘରେଁ ନାଇଁ ରଖିବାର୍, ଥାଏତ; ନେହେଲେ କେଭୁଁ ରଖିନେତେ ନ । ଗଁତିଏନ୍ ରସିକର୍ ନାଆଁକେ କାଗଜ୍ ପତର୍ ନାଇଁ କର୍‌ବାର୍ ତାଏଲ୍ ତ, ରସିକର୍ ବିହା ବର୍‌ପନ୍ ବି ନାଇଁ ହେବାର୍ । କାଗଜ୍‌ପତର୍ ହେଲେଁ ରସିକର୍ ଭାଉଟା ବିହା-ବଜାରେଁ ମୁଡ଼ି ଅଷାଢ଼େଁ ଫାନ୍ଦ୍‌ଲା ବଲଦ୍ ଲେଖେଁ ବଢ଼୍‌ବା ତ । ସେଟା ଜାନୁଛନ୍ ଗଁତିଆନିର୍ ଦଦା । ମୁଡ଼୍‌କେ ସଂପତି ଗଲା ଉଦ୍‌ରୁଁ କେନ୍ତା ମାନ୍‌ବା କେନ୍ତା ନାଇଁ, ନାଇଁ ଜାନିପାର୍‌ବାର୍ ତ ଗଁତିଏନ୍, କେନ୍ତା କରି ହେଲେଁ କାଗଜ୍ ପତର୍ କର୍‌ବେ । ତାର୍ । ନିଜର ସଂପଦେଁ ବି କୁକୁର୍ ସାଁକୁର୍; କାହାକେ ଦେଇ ଥୁଇ ନାଇଁ ହଏ । ରସିକ କେ ବିଶ୍ୱାସ୍‌କେ ନାଇଁ ଆନିପାର୍‌ବାର୍ ଗତିଏନ୍ । ନାଇଁ କହେସନ୍ ''ଘର୍ ସରବସ ହରିକେ ଦେଇଁ, ହରି ପଲାଲେ ନଙ୍ଗଲା ହଇଁ ।'' କିଛି ନାଇଁ ଦଉନୁ ତ ହରି ନଙ୍ଗ୍‌ଲା ବୁଦ୍‌ଲା ହଉଥିବାର୍ ଶୁନୁଛନ୍ ଗଁତିଏନ୍ ।

ଶୀତ୍ ଯାଇ ଖରା ବଦ୍‌ରି ଆଏଲା ନ, ମଏଧାନ୍‌ଟା ଲମି ଲମି ଯାଉଛେ । ଧାନର୍ ଲଟାବଛା ସରି ସରି ଆଉଛେ । ଗୁଣ ରଣା ଘରେଁ ତାର୍ ଆର୍ ରସିକର ଖାନା ପିନା ଚ଼ଖିନା ଚାଲିଛେ । ଆଏଁଖ୍ ମାନେ ପଲ୍‌ଶା ଫୁଲିଆ ପାଚି, ଆଏଲାନ । ଗୁଣ କହେଲା ''ଗଁତିଆ ପିଲା ! ବନ୍‌ଏ ଚିଜ୍‌ଟେ ହାତେଁ ଅଛେ ଯେ ତୁଇଁ ତ....'' ''ମୁଇଁ କାଣା କର୍ଲି ବୋ ?'' କଥା ଛଡ଼େଇ ଆନ୍‌ଲା ରସିକ । ତୁର୍‌ତା ତୁର୍‌ତି ଲେହେଁଟେଇ ନେଲା ଗୁଣ ରଣା, ''ତୋର୍ ନାମ୍‌କେ ବଦ୍‌ନାମ୍‌କରୁଛୁ, ରସିକ ନାଁ କିଏ ଦେଇଥିଲା ପଛାଁ ଅରସିକ୍‌ଟାକେ ବଲୁଛେଁ । ଚ଼ିଜ୍ ବଡ଼ି ହେ ମସ୍ତ ମସ୍ତ-ମସ୍ତ'' । ''ଫଗ୍‌ନିର୍ କଥା କହୁଛୁ କାଏଁ ?'' କହେଲା ରସିକ । ଅଗ୍‌ବା ଚାଏଁ ଖପ୍‌ରା ବୋ ? ପାଶ୍‌କେ ନାଇଁ ଯାଉନୁ କୋଶ୍‌କେଁ ହାଜର୍ ।''

କଥା ନାଇଁ । ପୁଓଟେ ଥିଲା ଛଏଦେବ, ସାତ୍ ପଢୁଥିଲା ବେଲୁଁ ବାପର୍ ବାଟ ଧଏଲା । ଗଁତିଏନ୍ କାଁ କର୍‌ବେ ଆର୍ ? ଏକ୍‌ଲା ରହେଲେ । ଏଭେଁ ଏଭେଁ ବଛର୍ ଦୁଏ ହଉଛେ ତାକର୍ ଦଦା ଆସି ତାକର୍ ପୁଓ ରସିକ କେ ଛାଡ଼ି ଯାଇଛନ୍, ବହନିର ସୁଖ୍ ସୁବିଧା ଲାଗିଁ ନୁହେଁ; ସଂପତି ବନ୍‌ଏ ଟିକେ ଅଛେ ତ, କାଲେଁ ଅଂଶର୍ ବଂଶର୍ ବାର ଦିନିଆକର୍ ହାତେଁ ପଡ଼ିଁଯିବା କାଏଁ ବଲିଁ ।

ତାକର୍ ମୁଦାରର୍ ବୁଢ଼ୀମାନେ ଖାଲି ପର୍ଭା ବଲିଁ ଡାକ୍‌ସନ୍, ହେଲେଁ ସେ ଗାଁ ଯାକର୍ ଗଁତିଏନ୍ ମାଁ ଆନ୍ । ବେଭାର୍‌ଟା ସମ୍‌କର୍ କାଯେଁ ସମାନ୍, ମାଁ ମେତାଲ୍ ନ । ଯେ ଯେଭେଁ ଯାଁଥିର୍ ଲାଗି ଆଏଲେଁ ଭି ସୋଇ୍ ହାତେଁ ଫିରିଁ ନାଇଁ ଯାଏ । ମାଁ ପନ୍‌ଟା ତାକର୍ ଭିତ୍‌ରେଁ ବାହାରେଁ ଉଛୁଲ୍ ପୁଛୁଲ୍ ହୁହୁଛେ; ମୁନୁଷ୍ କାଁ କରି କୁକୁର୍ ବିଲେଇ ଦେଖିଲେଁ ବି ରୁକେଇ ହେସି ଦର୍‌ଦର୍-ଦର୍‌ଦର୍ । ଗାଁର୍ ଲୁକେ କହେସନ୍ ପୁଓ ଘଏତା ଗଲେ ଦିନୁ ଗଁତିଏନ୍ ମାଁର୍ ଲୋଭ୍ ଲାଲଚ୍ ବି ଭାଗିଁ ଯାଇଛେ । ରସିକ ? ହଁ ରସିକ ଦଦାର୍ ପୁଓ ଆଏ, ଅବ୍‌ତକ୍ ସେ ଗଁତିଏନ୍ ମାଁର୍ ମନ୍‌କେ ନୁହେ ମାନ୍‌ଏ କି ନୁହେ ମନେଇପାରେ ତାଏଲ୍ । ଗଁତିଏନ୍ ମାଁର୍ ଘରେଁ ଝୁରିଶିକାର୍ କା’ଣା ଉଏଲ୍‌ଲେସୁନର୍ ବି ନାଁ ନାଇଁ । ରସିକ କେ ଖିଆପିଆ ଲାଗି ନନା ଘରେଁ ନୁକୋ ନାଇଁ ଲାଗେ । ମାସ୍ ଦୁଏ ହେବା ଗୁଣ ରଣାର୍ ସାଂଗ୍ ଧଏଲା ନ । ଗୁଣ ରଣା ନାଁ ପଦୁଁଲୁଚ୍‌ନ୍ ହେଲା ଲେଖେଁ ସବୁ ଦୁର୍ଗନ୍ ଯାକ ତାର୍ ନ । ବଛର୍ ଦୁକର୍ ଆଗୋ ସରପଁଚ୍ ଥିଲା, ଇନିର୍ ଭୋଟ୍ ସବୁ ଅଁଟେଁ ଧଏଲା ଲେଖେଁ କଥା କହେସି । ମଦ୍ କୁଚ୍‌ନି ଥିଁ ଜବର୍ ଲାଭ ଥିବାର୍ ଜାନି ସେ ଟା ଧରିଛେ । ଥାନା ବାବୁକେ ମାସ୍‌ରି ଗାଁଧୀ ଛାପର୍ ଗୁଟାଦୁ ଖୁଟିନେଲେଁ ସବୁପାର୍ । ଇନିର୍ ଏମେଲେ, ମନ୍ତ୍ରୀ ହଇଛନ୍ ତ ତାକର୍ ସଭାମାନ୍ କୁଁ ତାକର୍ ଦେଲା ମଟର ଥିଁ ଲୋକ୍ ଦୁହାରି ଜମା କରିନେଲେଁ ସବୁ ମାଫ୍ । ଏ’ ଦେ ଇ ଦଶ୍‌ରା ମାସେଁ ମର୍‌ଡ଼ିର୍ ଡ଼ର୍‌ଡ଼ରାନି ଭେଶ୍ ଦେଖିବାର୍ ଲାଗି ଦେଶର୍ ମୁଖିଆ ମନ୍ତ୍ରୀ ଆସିଥିଲେ; ଲୋକ୍ ସାଙ୍ଗିଁ ହଇଥିଲେ କେତେ କା’ଣା ହର୍ଲାଗୁର୍ଲା କର୍‌ବେ । ହେଲେଁ ଗୁଣ ରଣା ଆର୍ ହେନ୍ତା କେତେ ଲୋକ୍ ଯାହା କରିନେଲେ, ବଡ଼ ମନ୍ତ୍ରୀ ତ ସତ୍ ଆଏ କି ସପନ୍ ଆଏ ଭାବି ନାଇଁ ପାର୍‌ଲେ । ଇନିର୍ ମନ୍ତ୍ରୀକୁଁ କେତେ ପିଠ୍ ଥଥିରାଲେ । କହେଲେ ‘‘ତୁମର୍ ଇନେ ଲୋକ୍‌ମାନ୍‌କର୍ ଉପରେଁ ବନ୍‌ଏ ପକଡ଼, ଭଲ୍ ପ୍ରଭାବ ଅଛେଁ’’ । ସେ ଦିନୁ ଗୁଣରଣା ବଢ଼େବେଟେ ଲୋକ୍ ଆଏ ଇନିର୍ ମନ୍ତ୍ରୀର ଲାଗିଁ । ଥାନାଦାର୍ ବି କେନ୍‌ସି ରିପଟ୍ ଆଏଲେଁ ରଣାବାବୁକୁଁ ପଚରାଲେଁ ଯାଇ ଲେଖିସି । ମନ୍ତ୍ରୀ ପରେ ହେନ୍ତା କହିଛନ୍ । ଥାନାଦାର ବି ପରେ ଠିକା ଥିଁ ଆଇଛେ; ‘‘ବଛର୍‌କେଁ ଲାଖେ କି କେତେ ଦେଇଁ ବନ୍‌ଏ ଭୁଗ୍‌ରାଟେ ହତେଇଛେ ବାବୁ ’’ କହେସନ୍ ଥାନାର୍ ଚ଼ପରାଶି

ମାନେ । ଲୁଆ ଘୁର୍‌ଘୁଡ଼ି ସଟା ମଦ୍‌କୁଚ଼ିଆର ଏରିଆ । କହେବାକେ କିହେ ଯାଇଁ, ଯାବ୍ ନୁ ଯେତେ ମାର୍‌ବାର୍ ଅଛେ ମାର । କିଛି ହେଲେଁ ମନ୍ତ୍ରୀ ଅଛନ୍, ସୋଲ୍ ମାହାଲିଆ ଆର୍ ଦିଆ ହଉଛେ...।

ଗଁତିଏନ୍ ମାଁର୍ ନଜ୍‌ରେଁ ପଡ୍‌ଲା ଦିନୁ ଫଗ୍‌ନିକେ ଲାଗ୍‌ଲା ତାର୍ ମଲାମା'କେ ଫିରି ପାଇଛେ । ହେଲେଁ ସେ ଗରିବ୍ ଥିଲା, ଇ ମାଁ ମାଥିବର୍ ଆ'ନ୍ । ପଗ୍‌ନିକେ ଗଉରେନ୍ ଟୁକେଲ୍ ଜାନି ମାଁ କହିଛନ୍ ତାକର୍ ଦୁହି ନନା ଭଂଜାର୍ ବାସନ୍ ବର୍ତ୍ତନ୍ ଦୁଇଖଣ୍ ମାଜିନେବା, ଦର୍କାର୍ ହେଲେଁ ପାଏନ୍ ଯୁରେ ଅଧେ ଆନି ନେବା, ଅଏଧିକା ହେଲେଁ ଖେଜାବୁଜା ଘିନାଘିନି । ଗଁତିଏନ୍ ମାଁ କାଁ କାଣା ଖାଏବାକେ ଦଉଛନ୍ ଯେ ଫଗ୍‌ନିର୍ ଚେହେରା ଦିନ୍‌କେ ଦିନ୍ ବଦଲ୍‌ତେ ଯାଉଛେ । ପୁଷର୍ ଆଏଲା ଫିର୍‌ଫିରି, ଇଛ୍‌ନି ଫଗୁନର୍ ହରେ ଭରେ ଫଗନି, ଆଏଲା ଦିନର ଫଗ୍‌ନି ଆର୍ ନାଏଁନ । ଯେ ଦେଖିବା ଲହଁପି ପର୍‌ବା । ଗଁତିଏନ୍ ମା ରସିକର୍ ଡ଼ରେଁ ଘରେଁ ନାଇଁ ରଖିବାର୍, ଥାଏତ; ନେହେଲେ କେଭୁଁ ରଖିନେତେ ନ । ଗଁତିଏନ୍ ରସିକର୍ ନାଆଁକେ କାଗଜ୍ ପତର୍ ନାଇଁ କର୍‌ବାର୍ ତାଏଲ୍ ତ, ରସିକର୍ ବିହା ବର୍‌ପନ୍ ବି ନାଇଁ ହେବାର୍ । କାଗଜ୍‌ପତର୍ ହେଲେଁ ରସିକର୍ ଭାଉଟା ବିହା-ବଜାରେଁ ମୁଡ଼ି ଅଷାଢ଼େଁ ଫାନ୍ଦ୍‌ଲା ବଲଦ୍ ଲେଖେଁ ବଡ଼୍‌ବା ତ । ସେଟା ଜାନୁଛନ୍ ଗଁତିଆନିର୍ ଦଦା । ମୁଡ଼୍‌କେ ସଂପତି ଗଲା ଉଦ୍‌ରୁଁ କେନ୍ତା ମାନ୍‌ବା କେନ୍ତା ନାଇଁ, ନାଇଁ ଜାନିପାର୍‌ବାର୍ ତ ଗଁତିଏନ୍, କେନ୍ତା କରି ହେଲେଁ କାଗଜ୍ ପତର୍ କର୍‌ବେ । ତାର୍ । ନିଜର ସଂପଦେଁ ବି କୁକୁର୍ ସାଁକୁର୍; କାହାକେ ଦେଇ ଥୁଇ ନାଇଁ ହଏ । ରସିକ କେ ବିଶ୍ୱାସ୍‌କେ ନାଇଁ ଆନିପାର୍‌ବାର୍ ଗତିଏନ୍ । ନାଇଁ କହେସନ୍ "ଘର୍ ସରବସ ହରିକେ ଦେଇଁ, ହରି ପଲାଲେ ନଙ୍ଗଲା ହଇଁ ।" କିଛି ନାଇଁ ଦଉନୁ ତ ହରି ନଙ୍ଗ୍‌ଲା ବୁଦ୍‌ଲା ହଉଥିବାର୍ ଶୁନୁଛନ୍ ଗଁତିଏନ୍ ।

ଶୀତ୍ ଯାଇ ଖରା ବଦ୍‌ରି ଆଏଲା ନ, ମଏଧାନ୍‌ଟା ଲମି ଲମି ଯାଉଛେ । ଧାନର୍ ଲଟାବଛା ସରି ସରି ଆଉଛେ । ଗୁଣ ରଣା ଘରେଁ ତାର୍ ଆର୍ ରସିକର ଖାନା ପିନା ଚ଼ଖ୍‌ନା ଚାଲିଛେ । ଆଏଁଖ୍ ମାନେ ପଲ୍‌ଶା ଫୁଲିଆ ପାଚି, ଆଏଲାନ । ଗୁଣ କହେଲା "ଗଁତିଆ ପିଲା ! ବନ୍‌ଏ ଚିଜ୍‌ଟେ ହାତେଁ ଅଛେ ଯେ ତୁଇଁ ତ...." "ମୁଇଁ କାଣା କଲିଁ ବୋ ?" କଥା ଛଡ଼େଇ ଆନ୍‌ଲା ରସିକ । ତୁର୍‌ତା ତୁର୍‌ତି ଲେହେଁଟେଇ ନେଲା ଗୁଣ ରଣା, "ତୋର୍ ନାମ୍‌କେ ବଦ୍‌ନାମ୍‌-କରୁଛୁ, ରସିକ ନାଁ କିଏ ଦେଇଥିଲା ପର୍ଚ୍ଛା ଅରସିକ୍‌ଟାକେ ବଲୁଛେଁ । ଚିଜ୍ ବଡ଼ି ହେ ମସ୍ତ୍ ମସ୍ତ-ମସ୍ତ" । "ଫଗ୍‌ନିର୍ କଥା କହୁଛୁ କାଏଁ ?" କହେଲା ରସିକ । ଅଗ୍‌ବା ଚାଏଁ ଖପ୍‌ରା ବୋ ? ପାଶ୍‌କେ ନାଇଁ ଯାଉନୁ କୋଶ୍‌କେଁ ହାଜର୍ ।"

ଗୁଣ କହେଲା "ଆଏଇ୍ ବତର୍ ଅଛେ, ଦମ୍ କଲେଁ ହେଲା । ଏ ଦେ ଏ ଦେ ଯାଇଛେ ତୁମର୍ ଖଲା ପାର୍, ଦେଖି ମୁଡ଼ାବୁ ହେଲେଁ, ହାତ୍ ପୁହୁଁଚ୍ ନ ଅଛେ ଆକାଶର୍ ଜନ୍; ଚାହେଁଲେଁ ଛିଇ ହେବା, ପଛେଁ ପସ୍ତାବୁ ।"

ଗଁତିଏଁନ ସକାଳେଁ ଖଲାକେ ଯାଇଥିଲେ; ସେ ନେ ଜଗେଇଛନ୍ କର୍‌ଲା କୁନ୍ଦ୍‌ରୁ ମିର୍‌ଚା, ପାତଲ ଘଁଟା କରି ମନ୍ଦା ଦୁ । ସୋଜ୍ ସୋଜ୍ ଦିନ୍ ନାଇଁ ଯାଏତ; ସମିୟା କଟାସନ୍ ସେ ସବୁର୍ ଦେଖିରେଖି ନେ; ଆର୍ ଘର୍‌ଚଲନ୍ ଭର୍ ତୁନଶାଗ୍ ବାହାରି ପର୍‌ସି ଭି, ଘିନା ନାଇଁ ଲାଗେ । ପୁଟଲ୍ ବୁଟା ଖୁର୍‌ପୁ ଥିଲେ, ହେଁ ନେ ଚ଼ାବି ଛାଡ଼ି ଆଏଲେ । ଫଗ୍‌ନିକେ ପଠେଇଛନ୍ ଚ଼ାବି ଆନ୍‌ବାର୍‌କେ । ଆପ୍‌ନେ ନିଙ୍କେଁ ଉପର୍‌ର୍ ମେଲା ପଛିନେ ଦେଖୁଛନ୍ ଆଉଛେ କି ନି ବଲିଁ । ଫଟିକ୍ ଦେଖିଲେ ଖଲାନୁ ବାହାରୁଛେ ଫଗ୍‌ନି । ଖଲାର୍ ବାଟ୍ ମୁହିଁକେ ଛେଁକି ବସିଛନ୍ ବାଘ୍ ବାଗିର୍ ରଣା ଆଉର୍ ରସିକ । ଦୁହି ପହର୍ ଟଳିଁ ଯାଉଛେ ଆଉର୍ ସେ ଦୁହିକର୍ ପାହାମାନେ ବି ଟଲ୍‌ଟଲ୍‌ଉଛେ । ଦୁଇବେଲିଆ ଭୂତିଆର୍ ଆସି ସାଏଲେନ । ଖେଦ୍‌ଖଲା ଝାଏଁ କରୁଛେ, ସାଏଁ ସାଏଁ ପିଟୁଛେ ମଏଧନିଆଁଝାଉ । ଫଗ୍‌ନି ଡେଗୁଛେ ବିଲେଇ ଝାଁପ୍‌ଲା କୁକ୍‌ରା ପୁଇର୍ ଲେଖେଁ । ପଗ୍‌ନି ଦଉଡୁଛେ ଜାନ୍ ଛାଡ଼୍‌ତେଲ୍, ତାର୍ ଆଖିପାଖି ରସିକ ଆର୍ ରଣା । ପାଖେଁ ଦଉଡୁଛେ ମାଇ କେନାଲ୍ ପୂରାପାଏନ୍ ନେଇ ଗଁ....ଗଁ....। ଫଗ୍‌ନି ବାଟ୍ ଘାଟ୍ ନାଇଁ ପାଇଁ ଡେଗି ପର୍‌ଲା କେନାଲ୍‌କେ । ଗଁତିଏଁନ୍ ତତାପନା ହଇଁ ଉଦ୍‌ରିଁ ଡାକ୍ ପକେଇଛନ୍ ଖଗେ କେ । ଖଗେ ଆର୍ ଭୀମ ଜାନ୍‌ଲେ କି ଦଉଡ଼ିଛନ୍ କେନାଲର ତଲ୍ ଫାଲ୍‌କେ । ବନ୍‌ଏ ଘଡ଼େ ଗଲା ଉଦ୍‌ରୁଁ ଉଦା ସର୍‌ସର୍ ଫଗ୍‌ନିକେ ଧରିଁ ଆଏଲେ । ଚେତା ଚ଼ଏତନ୍ ନାଇଁ ଫଗ୍‌ନିର୍ ଯଦ୍‌ରି ବି ଜୀବନ୍‌ଟା ଅଛେ ଲେଖେଁ ଲାଗୁଛେ । ତଲୁଁ ଖଟ୍‌କେ ନେଲା ବେଲ୍‌କେ ଭର୍ଡୋ ଭର୍ଡୋ ବାଁତି କରିଛେ ଫଗ୍‌ନି ଆର ଆଏଁଖି ବି ପାଛିର୍‌ଲା ନ ।

ଥାନାକେ ଗଲେ ଗ୍ରାମ୍ ରଖୀ ସାଂଗେଁ ଖଗେ ଆର୍ ଭୀମ୍, ଯୁବକ୍ ସଂଘର୍ ପିଲାମାନେ ତହେଁକାବାରେଁ । ସେ ନେ ଗୁଣ ରଣା ଆଗୁଁ ହାଜର୍ । ଥାନା ବାବୁ ସାଂଗେଁ ହଁସା ଗିଜ୍‌ରା, ଫୁସୁର୍ ଫାସର୍ କଥା ।

ଥାନାବାବୁ ଯାବଦ୍ ଗାଏଲ୍ ଦେଲା ଭୀମ୍ ଆର୍ ଖଗେକେ ଦେଖି । "ଶଲେ ଶୁଖା ଅଂଚ଼ଲୁଁ ପଲେଇଁ ଆସି ଇନେ ମଜା କରୁଛ ନାଇଁ ? ଛୁଆ ଥିବାର୍ ତକ୍ ସେ ନେ ବିକ୍ ସ ଟୁକେଲ୍ ଆର୍ ବଏସ୍ ହେଲେ ଇନ୍‌କେ ଆନ୍ ସ ବିକି । ଶଲେ ବେପାର୍ ଚ଼ଲେଇଛ । କେ ଦଉଡ଼ାଲା, କେ ଧଏଲା, କେ ଦେଖିଛେ ? କାଁ ପ୍ରମାଣ୍ ଅଛେ ? ଭାଗ ଶଲେ ! ନେହେଲେଁ ଢୁକାମି ହାଜତ୍ ଥିଁ ।"

ତୁମୁନ୍ ମୁମୁନ୍ ଠିଆ ହଇଛନ୍ ଖଗେ ଆର୍ ଭୀମ୍ । ପାଶେଁ ଗ୍ରାମ୍ ରଖୀ ଭକୁଆ ଲେଖେଁ ଉଧେଇଁ ହଇଛେ ଥାନା ବାରଣ୍ଡାର୍ ଗୁମାଟାକେଁ । ଥାନାବାବୁ ଘଡ଼େ ଛାଡ଼ିଁ ସିଗ୍ରେଟ୍‌ଟେ ପିଇଲା । ଟିକେ ପରେଁ ଭାବ୍‌ଲା ବାଗିର୍ କହେଲା "ରଣା ବାବୁ ! ବୁଝ୍‌ଲେ ଆଏଜ୍ କାଏଲ୍ ସୋଜ୍ କଥାଥିଁ ବି ଗେଜଟ୍ ଲେଖୁଛେ, ବଦ୍‌ନାମ୍ କରୁଛେ । ଯିମି ଇନ୍‌କୁଆରି କେ । ଯଦ୍‌ରି ସାଖୀ ଗୁହା ପ୍ରମାଣ୍ ନାଇଁ ମିଲେତ ଶଲାକୁଁ ଆନି ତୁକାମି; (ଇତାକର୍ ଆଡ୍‌କେ ଦେଖି) ଯିବ ଶଲେ ! ମାମୁଁଘର୍"। ରିଶ୍‌ମି ବଢୁଥିଲା ଥାନାଦାରର୍ ।

ଖଗେ ଆର୍ ଭୀମ୍ ଫିର୍‌ଲେ ଗାଏଲ୍ ଝଗର୍ ଖାଇଁ । ଫଗ୍‌ନି ଗଁତିଏଁନ୍ ମାଁର୍ ଦେଖ୍-ରେଖ୍‌ନେ ଟିକେ ଚେ଼ତା ପାଇ ଆଏଲାନ୍ । ତାହାକେ ଘେରିକରି ଠାଡ୍ ପଟୁଆ ଲୋକ୍ ଥାନାଦାର୍ ଚପ୍‌ରାଶି ଦୁଇଟା ଧରି ଆଏଲା, ସବୁ ଶୁନ୍‌ଲା । ଫଗ୍‌ନି ଡ଼ରେଁ ମରେଁ ଯେତ୍‌କି ଭର୍‌ସି ପାର୍‌ଲା କହେଲା । ଥାନାବାବୁ ତ ଗୁଟାରଂଗେଁ ଗୁଣର୍ ଆଏ । ଦିଆଥୁଆ ଅଲ୍‌ଗା କଥା, ହେଲେଁ ନେହେଲେଁ ମନ୍ତ୍ରୀର୍ ଲୋକ୍ ଆଏ, ଥାଏ ତ ।

ଥାନା ବାବୁ କହେଲା "ଭଲ୍ ଘରର୍ ପୁଓକୁଁ ଲଗେଇଁ ଯୁଝେଇଁ କହିନେଲେଁ କେଶ୍‌ଟେ ହଇଁଯିବା କାଏଁ ? ସାଖୀ ପ୍ରମାଣ୍ ଦର୍‌କାର୍ । ଦିନ୍ ଦୁଇ ପହରର୍ କଥା, କେ କେ ଦେଖିଛ କହ । ଭୀମ୍ ବନ୍‌ଏ ଦମ୍ କରି କହେଲା "ହଜୁର୍ ଏନ୍ତା କବାର୍ କିଏ କାହାରି ଦେଖ୍‌ତେଁ କର୍‌ବା କାଏଁ ! ଯେ କିଏ ଦେଖ୍‌ବା ?"

ଗର୍ଜି ଉଠ୍‌ଲା ଥାନାବାବୁ "ଶଲା ଆଇନ୍ ପଢ଼ଉଛୁ ମତେ ରେ । ପିଠ୍ ଖୁଜାଲା ନ ତୋର୍, ର'ର' ଗୁରୁ ! ଦଖିଣା ଦଉଛେଁ ତୋର୍ । ଇଟା ସେସନ୍ କେଶର୍ ମାମ୍‌ଲା ଆଏ; ବିନ୍ ସାଖୀ ପ୍ରମାଣ ଥିଁ ହେବା କାଏଁ ? ଇଟା ଗୁଟେ ମିଛ୍ କଥାକେ ବନେଇ ଚୁନେଇ କେଶ୍ କରା ହଇଛେ ବଲିଁ ଯଦର୍‌ପି ଜଜ୍ କହେ ତ ମୁଇଁ କେନ ଘାଟର୍ ପାଏନ୍ ଖାଏମି ?" କଥା ନାଇଁ ସର୍‌ନୁ ଭୀମର୍ ଉପ୍‌ରେଁ ସେ' ସେ' ଥିଁ ମାର୍ ।

ଗଁତିଏଁନ୍ ଆର୍ ସହି ନାଇଁ ପାର୍‌ଲେ ନ । ଡ଼ାକ୍‌ଲେ ଗାଁର୍ ଉଆଡ୍‌ମେମ୍ବର୍ ଆର୍ ମାଏନ୍ ତା ଗୁନ୍‌ତା ଲୋକ୍‌କୁଁ । ଥାନାବାବୁକେ କହେଲେ-"ଆଜ୍ଞା ! ଆସ ସଭେ ଆମର୍ ଉପର୍ ମହଲାର୍ ପର୍‌ଛି କେ । ସେ ନେ କେନାଲ୍ ଖଣି ଥିବା ଆମର୍ ଖଲା ଫଟିକ୍ ଦିଶୁଛେ । ମୁଇଁ ସବୁ ଦେଖିଛେଁ ଆଜ୍ଞା ।" ଥାନାବାବୁ ପଚ୍‌ରାଲେ କେ କେ ଆନ୍ ? ଗଁତିଏଁନ୍ କହେଲେ ଗୁଣ ରଣା ଆର୍ ଆମର୍ ପିଲା ମୋର୍ ପୁଷ୍ ପୁତର୍ ରସିକ ଦାଶ୍ । କାହାରି ମୁହେଁ ଆର୍ କଥା ନାଇଁ । ଥାନାବାବୁର୍ ମୁଡ଼୍ ଚ଼କର୍ ଖାଏଲା ନ । ସଂଗେଁ ଥିବା ଚ଼ପ୍‌ରାଶି ଆର୍ ଗ୍ରାମ୍‌ରଖୀ କେ କହେଲେ, ହେଁ ଦୁହିଁକୁଁ ହାଡ୍‌କଡ଼ି ଦେଇଁ ଥାନାକେ ଆନ୍‌ଅ ।' ଲୋକ୍ ପଚ୍‌ରାଲେ "ଜମାନତ୍

ମିଲ୍‌ବା କାଏଁ ଆଛା ? ଥାନା ବାବୁ କହେଲା ସେସନ୍‌କେଶ୍ କହେଲି ପରେ, ସେସନ୍ କୋଟ୍ ହାଏକୋଟ୍ ବିଚାର୍ କର୍‌ବେ ସେ କଥା, ମୋର ହାତେଁ ଆର୍ ନାଏଁନ ।''

ଅଁଧାର୍ ହେଲାନ । ଖଗେ ଆର୍ ଭୀମ୍ ତାକର୍ ବୁଚ୍‌କା ପେଁଡ଼ା ବାଂଧୁଛନ୍, ସକାଲୁଁ ଭାଗ୍‌ବେ ତାକର ଗାଁ କେ । ସେ' ନେ ଖାଏଦ୍ ନାଇଁ, ପାଏନ୍ ବି ନାଇଁ ଥିବା, ହେଲେଁ ମାଏନ୍ ତ ଅଛେ । ମହୁଲ ଥିପୁଥିବା; କେଂଦୁ ଆର୍ ରେଂଗାଲ୍ ପତର୍ ପାଆଁଲିବା ନ; ଚାର୍ ବି ଗନ୍ଧ ପୂର୍‌ନୁ ଆସିଥିବା । ଚ଼ଲି ହେବା ନ । ତାକର୍ ସେ ଛିନା ଗାଁର ଡାକ୍ ଫଟିକ୍ ଶୁଭୁଛେ ।

''ନରିହା ପିଲା !'' କହୁଥିଲା ଭୀମ ''ଆମର୍ ସେ ନେ ବର୍ଷା ନାଇଁ ତ ଫସଲ୍ ମର୍‌ଡି ହେଲା । ସେ ମର୍‌ଡି ନୁ ମୁକ୍‌ଲିବାକେ ଆଏଲାଁ ଯେ ଦେଖୁଛୁ ତ, ରେଲଁ ମଟରେଁ, ଗାଁ ଭୂଇଁ ସବୁ ନେ ଆଚାର୍, ବିଚାର୍, ନୀତି, ନିୟେର୍ ମର୍‌ଡ଼ି । ସବୁନେ ମର୍‌ଡି, ପିଲା !''

ସାଂଗେଁ ସାଂଗ୍ କହି ପକାଲା ଖଗେ ''ସବୁ ନେ ମର୍‌ଡ଼ି ଯେ ଗଁତିଆ ପିଲା । ମାଁ ପନର୍ ମର୍‌ଡ଼ି ନାଇଁ ଗା ।'' ଖଗେର୍ ଗାଡୁଆ କଜ୍‌ଲା ଆଖୁଁ ଲହ ଉପ୍‌ଜୁଥିଲା ବାଏଲ୍‌ଛୁଆଁ ଲେଖେଁ ।

❑❑

# ''ନାଇଁ ଆଜ୍ଞା ! ନାଇଁ...ନାଇଁ...ନାଇଁ''

ଥାନା, ଜମି, ଯାନ୍ ବାହାନ୍‌ର୍ ରେଜିଷ୍ଟ୍ରିଖାନା, ତସିଲ୍ ଅଫିସ୍ ବାଗିର୍ ଠାନ୍ ମାନ୍‌କର୍ ପର୍‌ଶଁସା ଶୁନ୍‌ଲେଁ ସମ୍‌କୁଁ ଆଶ୍‌ରିଯ୍ ଲାଗ୍‌ସି । ଆର୍ କେନ୍ ସି ଭି ତସିଲ୍‌ଦାର୍‌କେ ଲୋକ୍ ସହରାଲେଁ ତ ସତ୍ କରି ନାଇଁ ହଏ । ହେଲେଁ ଆମର୍ ଇ ତସିଲର୍ ତସିଲଦାର୍ ପିଲାକେ ସଭେ ସହରଉଛନ୍ । ଦେଖ୍‌ବାକେ ଯେନ୍ତା ସୁଂଦର୍, କଥାବାର୍ତ୍ତା ଚାଲ୍ ଚ଼ଲନ୍ ତାହାଗୁଁ ଜିତିକରି ବି ସୁତର୍ ଆଏ । ଗୁରା ଗୋଲ୍ ମୁହଁକେ କଲା ସଁପୁର୍ ମେଛା ଧାର୍‌କ ଯେନ୍ତା ବେଟି ଆନ୍‌ଛେ । ମୁଡେ଼ଁ କୁଚ଼କୁଚି଼ ବାଲ୍ ଦୁଟାକ ମକୁଟ୍ ମେତାଲ୍ ସେନ୍ତା ଫବିଛେ । ଡେଂଗ୍ ନୁହେଁ କି ବାଂଗର୍ ନୁହେ, ପଠା ଯୁଆନ୍ ପିଲା ବାହାମାନ୍ ମୁରିଁ ମୁରିଁ ହଇଛେ । ମୁହେଁ ମୁଲ୍‌କି ହଁସି ହରୁମେଷ୍ ମଲୀଫୁଲ୍ ମେତାନ୍ ବଗ୍‌ବଗ୍‌ଉଛେ । କଥାବାର୍ତ୍ତା କହେଲେଁ ଅମୃତ୍ ସାନିକରି କହେଲା ଲେଖେଁ । ଆର୍ ଆଚାର୍ ବେଭାର୍ ତ କେନ୍‌ସି ମିତ୍ ମଏତର୍, ବଂଧୁ ବାଂଧବ୍, ନିଜର୍ ବାର୍ ଦିନଆଁ ବି ନାଇଁ ଦେଇପାରେ । ତାକର୍ ସାଂଗର୍ ରେଭିନି ଅଫିସର୍ ପରେ କହି ପକାଲା 'ଯେନ୍‌ତା ତୁମେ ଚ଼ଷା ଭୁଷାକୁଁ ଚ଼ଉକି ଟୁଲ୍ ଦେଇ ବସଉଛ ନାଇଁ, ହେମାନେ ଦିନ୍‌ଏ ତମର୍ ମୁଡେଁ ବସ୍‌ବେ ; ହଁସି ହଁସି ପରେ ତସିଲ୍‌ଦାର ପିଲା କହେଲା ବୋ ! ''ହେ ମାନେ ତ ଇ ଦେଶର୍ ରଜା ଆ'ନ୍ ହୋ; ହେତାକୁଁ ନାଇଁ ବସାଲେଁ କାହାକେ ବସାବ ? ହେଁ ମାନେ ତ ଅରନ୍ ପାଏନ୍ ଦେସନ୍ ସମ୍‌କୁଁ, ହେଁ ମାନ୍‌କର୍ ଟିକସ୍ ମାଲଗୁଜାରି ନୁ ଆମର୍ ଦରମ୍‌ହାଁ ଆଏସି ।''

ବନ୍‌ଏ ଜନ୍ ଦୁ ବେଲ୍‌ବୁଡ଼ିଆ ବସିଛନ୍ ଗାଁର୍ କୀର୍ତ୍ତନ୍ ମଂଡ଼ଲୀ ନ, ତସିଲ୍‌ଦାରର୍ ଗୁନ୍ ବଖାନି କହୁଛେ କାହ୍ନୁ ଭୁଏ । କିହେ ବି ମିଛ୍ ଆଏ୍ ବଲିଁ ନାଇଁ ରେହୁବାର । ଉଲ୍‌ଟିଆ ବଲିଁ ବଲିଁ କରି କହୁଛନ୍ ପଦେ ଅଖ୍‌ରେ ଲଗେଇଁ ଯୁରିଁ ।

ଗାଁର୍ ବେହରନ୍ ବସିଛେ । ବିଚାର୍ ହଉଛେ ଆଏବା ବୁଧବାର୍‌କେ ଏସ୍‌ଡ୍ରର୍ କଚ଼ରି ଘେରଉ କର୍‌ବେ, ଇଲାକା ଯାକର୍ ଲୋକ ଏକ୍ ହଇଛନ୍ । ଏକ୍‌ତା ଭାବ୍ ଥିଁ ସମ୍‌କର୍ ମନେ ଟିକେ ଟିକେ ତାକତ୍ ଆଇଛେ । ଏସୁରର୍ ମର୍‌ଡି ବଏଲେଁ ସର୍‌ଲା କଥା । ସର୍କାର୍ ଆଡୁଁ ''ମନ୍ତ୍ରୀମାନେ କହୁଛନ୍ ଖାଲି ଭୁର୍‌ଥା ଭୁର୍‌ଥି କଥା ଆର୍ ଅଫିସର୍‌ମାନେ କହୁଛନ୍ ''ଆମେ କାଁ କର୍‌ମୁଁ ? ଉପରୁଁ ଆଏଲେଁ ଆମେ ଦେମୁଁ କାଏଁନ ? ଖାଏଦ୍ ନାଇଁ କି ପାଏନ୍ ନାଇଁ । କମେଇ ଖାଏବାକେ କାମ୍ ବୁତାର୍ ବି କେହେନି ବେବସ୍ଥା ନାଇଁ । କାଁ କର୍‌ବେ ଲୋକ୍ ? ଭୋଂକ୍ ଲୁକ୍‌କୁଁ ବଝା କରିନଉଛେ । କିଏ ତସିଲ୍‌ଦାର୍ କେ ସହରାଲେଁ, କିଏ ବିଡ୍ରୁ ଏସ୍‌ଡ୍ରର୍

ଚ଼ଉଦ ପୂର୍‌ଖା ଉଘେଇଁ ହୁତୁଛେ । କାହାକେ ଡ଼ର୍‌ବା ? କାଁ କରି ଡ଼ର୍‌ବା ? ଆଏଇଙ୍କ୍ ଇଲାକାଟାକର୍ ପୁଓ ପରଙ୍କା ଏକ୍ ଗୁଚ୍ଛା ହ଼ଇଛନ୍; ମଲେଁ ସଭେ ମର୍‌ବେ, ଜହଲ୍ ଗଲେଁ ସଭେ ଯିବେ । ବେହରନ୍ ସର୍‌ଲା । ଘର୍‌କେ ଜନ୍‌ଏ, ଜନ୍‌କ ଚାଉଲ୍ ଟାମ୍‌ଏ, ଟଁକା ଗୁଟେ, ଭେଦାଦେବେ ଘେରଉକେ ଯିବେ ।

ସୁଶୀଲ୍ ସାହୁ ତସିଲ୍‌ଦାର୍, କେନ୍ ଅଜନା ଗାଁର୍ ଚାଷୀ ହୁର୍‌ଷି ସାହୁର୍ ପୁଓ । ହୁର୍‌ଷି ସାହୁର୍ ଆଗର୍ ଥିତି ଯାହା ଥିଲା, ପୁଓ ତସିଲଦାର୍ ହେଲେଁ ଭି ସେଟାନ ଅଛେ । ଘରେଁ ବାସନ୍ ବର୍‌ତନ୍ ଗାଏ ଗୋର ଛେଲ୍, ମେଢ଼ି, ସାଙ୍ଗୋ ବାଙ୍ଗୋ ଯାହା ଥିଲା ମୁର୍‌ଛି ସୁଶୀଲ୍‌କେ ମୁନୁଷ୍ କଲା । ସୁଶୀଲ୍ ଯେନ୍ ଦିନ ନଉକିରି ପାଏଲା କହଲୋ-''ପୁଓ ରେ । ଆମେ ଯେନ୍‌ଟା ଅଛୁଁ ସେଟା ନ ରହେମା । କାହାରିର୍ ମୁଡ୍ ମାରି ପଏସା ନାଇଁ ଢୁକାବୁ ଘର୍‌କେ । ନାଇଁ ପୂର୍‌ଲେଁ କହେବୁ, ଘରୁଁ ଦାଏଲ୍ ଚାଉଲ୍ ନେବୁ ପଛେ, ଦରମ୍‌ହାଁ ବାହାରର୍ ପଏସାକେ ନାଇଁ ଲୁଭାବୁ । ହେଁଟା ଅଗ୍‌ବା ବିଷ୍ଠା ଆଏ । ନାଇଁ ପୂରେ । ସୁଶୀଲ୍ ସେ କଥାକେ କୁରେଁ କୁରେଁ ମାନି ଚ଼ଲି ଆଇଛେ । ବାହାରି ପଏସା ନାଇଁ ଆଏଲେଁ ଦରମ୍‌ହାଁ ତର୍‌ସର୍ ମାସେ ଯାଏସି; ବାପ୍ ମା' କେ କିଛି ସାହେଯ୍ କରି ନାଇଁ ପାରେ । ନିଜ୍‌କେ ଦୁଷୀ ବାଗିର୍ ଲାଗ୍‌ସି । ହୁର୍‌ଷି ସଥେଁ କେତେ ହରଷ୍ ଜନା ପଡ଼୍‌ସି ପୁଓର୍ ପର୍‌ଶଁସା ଶୁନ୍‌ଲେଁ । ଲୋକ୍ କେତେ ସହରାସନ୍ । ସେଥିଁ ସେ ଯେନ୍ ଆନଂଦ୍ ପାଏସି କେନ୍ ପଏସା ନେ ସେ ଆନଂଦ୍ ଥିତା ? ଏଛ୍‌ନି ବି ପୁଓ ଘର୍‌କେ ଆଏଲେଁ ତାର୍ ବାବୁର୍ ନିକେ ପଡ଼୍‌ଲା ଦିନର୍ ଲେଖେଁ ଥିର୍ ନେଇନେସି । ଯାହା ପାର୍‌ସି କର୍‌ସି, ହଲ୍ ଯୂତା ଥିଲେଁ ହଲ୍ ଯୂତା, ଧାନ୍‌କଟା ଦିନେ ଧାନ୍‌କଟା । ସଭେ କହେସନ୍ ପୁଓଟେ ପାଇଛେ ବୋ ହୁର୍‌ଷି, ପୁଓ ଯେନ୍‌ଟା ବଲ୍‌ସନ୍ ପୁଓଆଏ ।

ଇନିର୍ ଏମେଲେ ମଂତ୍ରୀ ହଇଛନ୍ । ବନ୍‌ଏ ବର୍କସ୍ ଠାନ୍‌ଟେ ଆବ୍‌ରି ବସିଛନ୍ ମଂତ୍ରୀ ମଂଡ଼ଲ୍‌ନେ । ତାକର୍ ଇଲାକା ନେ କଚ଼୍‌ରି ଘେରଉ । ସେଟା ଯଦର୍‌ପି ସାଫୁଲ୍ ହେବା ତ ସେ କେନ୍ ଘାଟର୍ ପାଏନ୍ ଖାଏସନ୍ । କେନ୍‌ସି ମିଡ଼୍‌ରେଁ ଇ ଘେରଉକେ ଫସର୍ ଫଟାବାକେ ହେବା, ଫସ୍‌କାବାକେ ହେବା ଇ ଏକ୍ ଯୋଟ୍ ଚେ଼ରେଷ୍ଟା । ବଡ୍ ପୁଲିସ୍ ଅଫ୍‌ସର୍ କେ କେନ୍ ମୁଡ୍‌ଫର୍‌କା ପୋଷ୍ଟକେ ବଦ୍‌ଲି ହଉଥିଲା, ବଂଦ କରିଛନ୍, ସେ ତାକର୍ ବୁଲେଁ ଆକ୍‌ଟେ ଭାଏଲ୍ ରହେବା, ଜିଲା ସାହେବ୍ ଟା ନୂଆଁ ଟିର୍‌କୁ ଆଇଏସ୍‌ଟେ ଆଏ, କେନ୍ତାକର୍‌ବା ଯେ ? ହେଲେଁ ସୁରୁ ଜିଲା ସାହେବ ଏଡ଼ିମଏମ୍ ଆଇଏସ୍ ନୁହେ ପାଏ ବଲିଁ, ଜିଲା ସାହେବ୍ ନାଇଁ ହଇ ପାର୍‌ବାର୍ । ଲଲ୍‌ଚ଼ଉଛେ ଆଇଏସ୍ ଲାଗିଁ, କହିନେଇଛନ୍ କାମ୍ ଜାନି ନାମ୍, ତାର୍ ପରେଁ ଦାମ୍ । ସେ ଇଥିର୍ ଆଇନ୍ ଆର୍ ଶାସନ୍ ଜିମାନେ ରହେବେ ତ ପାରିହେବା । ଲୋକ୍ ଭିତ଼ରେଁ

ହେନ୍ତା ନେତା କିହେ ବର୍କସ୍ ଲୋକ୍ ନାଏଁନ । ଗଅଁଲିର୍ ଉଦୁର୍‌ଧୁମା ଠେଙ୍ଗ୍ ଠେଂଗ୍ରିଆ ଜନ୍‌ହୁ ତ, କେନ୍‌ସି ମିଦ୍‌ରେଁ ଭି ଦବେଇ ହେବା ନ, ଦମ୍ କରିଛନ୍ ମଂତ୍ରୀ । ଯାହାକେ ଯେନ୍‌ଟା କହେବାର୍ କଥା କହିଁ ଉଡ଼ି ନେଇଛନ୍ ରାଜ୍‌ଧାନୀ । କହିଛନ୍-‘‘ଦେଖ, ସବୁବେଳେଁ ମୁଇଁ ଫୋନ୍ ଥିଁ ଖବର ପାଉଥିବାର୍ କଥା ।

ଲୋଁକ୍ ଏଛ୍‌ନି ତ ଭୁଖେଁ ଇ ଆଡ୍ ସେଆଡ୍ । ଆଗଦ୍ ଦିନ୍‌କେ କେନ୍ତା ହେବା ? କା’ଣା କର୍‌ବେ ଭର୍‌ସା ନାଇଁ । କେ କହୁଛେ ଘରେଁ ଥାଇ ଭୁଖେଁ ମର୍‌ବାର୍‌ନୁ ଲାଠି ଗୁଲି ଖାଇ ମର୍‌ଲେଁ କାଏଁ ନୁକ୍‌ସାନ୍ ? କିଏ କହୁଛେ ଗାଏଁ ଘରେଁ ହେଲେଁ କାଏଁ ସୁଖେଁ ଅଛୁଁ ? ଜହଲ୍ ଘରୁଁ ତ ବନ୍‌ଏ ନୁହେ । ସେ ନେ ରୁଠା ବଗ୍‌ରା କରି ମୁଠେ ଖାଏବାକେ ତ ମିଲ୍‌ବା ।

ବୁଧବାର୍ କେ ସଭେ ବୁଦ୍ ବୁଦ୍ ବାହାରି ପର୍‌ଲେ ନ କଚ୍‌ରି ଘେରଉକେ । ନଏଦ୍ ଖଁଡ଼ି ରଂଧା ଚ଼ାଲିଛେ । ହଜାର ଚ଼ାର୍‌କର୍ ପତର୍‌କେ ପୁହୁଁଚିବା ଯେତକି ଅଶୁଲ୍ ତଶୁଲ୍ ହଇଁ ରଂଧା ହଇଛେ । ଜହ ଲୋକ୍ ହେଲେଁ ଖଂଗ୍‌ବା ତ ଭାଗ୍‌ବଁଟା କରି ପର୍‌ସାଦ୍ ପାଇନେବେ । ସବ୍‌ଡିଭିଜନ୍ ସହର୍‌ଟା ଗଜର୍କି ଉଠୁଛେ, କେନ୍‌ସି ଯାତ୍‌ରା ପରବ୍ ଥିଁ ଏତେଲୋକ୍ ଏକା ସଂଗେଁ ଇ ସହର୍ ନାଇଁ ଦେଖିଥିବା । ମୁଡ଼ି ଆଷାଢ଼ର୍ ବତର୍‌କିରି ବାଗିର୍ ଲୋକ୍ ସିଗିର୍ ବିଗିର୍ । ପୁଲିସସାହେବ୍ ଆର୍ ସାନ୍ ଜିଲା ସାହେବ୍ ଦେଖଲେ ଯେତ୍‌କି ପୁଲିସ୍ ଆସିଛନ୍ ଇମାନେ ସଁଭ୍‌ଲାଇ ନାଇଁ ପାରନ୍ ନ । ଲୁକ୍‌କର୍ ତିଲେ ଭଏଭ୍ରାନ୍ତି କିଛି ନାଇଁ ଜନାପର୍‌ବାର୍ । ମର୍‌ଡ଼ି ସମ୍‌କର୍ ମରନର୍ ଡ଼ର୍ ମେଟେଇ ନେଇଛେ ଲେଖେଁ ଲାଗୁଛେ । ତୁରୁତ୍ ଖବର୍ ଗଲା, ଦନାଦନ୍ ପୁହୁଁଚି ଆଏଲା ଗାଡ଼ିମାନେ ଗୁର୍ଖା ସିପେଇ ଭରି ଭରି । ସହର୍‌ଟା ଉଠୁଛେ ପରୁଛେ ।

ତସିଲ୍‌ଦାର୍ ସୁଶୀଲ୍ ସାହୁକେ ମେଜେଷ୍ଟର୍ ପାଉର୍ ମିଲିଛେ । ଇ ମିଲ୍‌ବାର୍‌ଟା ସୁଶୀଲ୍‌କେ ଥାବେଁ ନାଇଁ ରଖିବାର୍ । ସେ ପରେ ଅଡ଼ର୍ ଦେବା ଲାଠି ଚ଼ାରଜ୍ କି ଗୁଲି ଫଏର୍ ଲାଗିଁ ଦର୍‌କାର୍ ହେଲେଁ । ଦର୍‌କାର୍ ତ ହେବା ଭି ସର୍‌କାର୍ ଯେନ୍ତା ଭାବୁଛେ । କାଁ କର୍‌ସି ସୁଶୀଲ୍ ? ସାନ୍ ଜିଲା ସାହେବ୍‌କେ, ଏସ୍.ଡ୍ରୁ.କେ ହୀନତି ବିନ୍‌ତି ହଇଁ ଦେଖିଲା, କହେଲା ଦୁସ୍‌ରା କାହାକେ ଦଉନ୍ । କେ କାର୍ କଥା ଶୁନୁଛେ ? ସାହେବ୍‌ମାନ୍‌କର୍ ମନ୍ ମାନ୍ ବି ଅସାହାଁସ୍ ଜନା ପରୁଛେ ସବୁ ଆଡୁଁ ଲୋକ୍ ମାନ୍‌କର୍ ଜମା ହେବାର୍ ଦେଖିଁ ।

ସୁଶୀଲ୍ ଏଭେଁ ଏଭେଁ ଘରୁଁ ଆଇଛେ, ଦେଖି ଆଇଛେ ତାର୍ ଚାଷୀ ବାପର୍ କକର୍‌ଥନିଆଁ କନ୍ଦ୍ କନ୍ଦ୍‌ନିଆଁ ଚ଼େହେରା । ବଛର୍ ଟାକର୍ ଖେତି କମାନି ମାନ୍‌ଏ ଭି ଘର୍‌କେ ନାଇଁ ଢୁକିଁ । ପିଁଧିନା ପଟା କଥା କିଏ ପଚାରେ, ଥିର୍ ପଷକର୍ ବି ଆଶ୍ ନାଇଁ ନ । ସବୁ ଚ଼ାଷୀର୍ ହେଁ ଅବସ୍ଥା । ଯେନ୍ ଚ଼ାଷୀକେ ଦେଖିଲେଁ ସୁଶୀଲର୍ ଆଖିଁ ତାର୍ ବାବୁର୍ ଚ଼େହେରା

ଝଁପେଇ ହଉଛେ । ସମ୍‌କର୍ ମୁହେଁ ତାର୍ ବାବୁର୍ ଲେଖେଁ ନିରାଶ୍ ନିରାନନ୍ଦର୍ ଲହ ସର୍‌ସର୍ ଭାବ୍‌ନାର୍ ଛାପ୍ ଛପ୍‌ଲିଁ ଉଠୁଛେ । ମୁଇଁ ତ ହେଲେଁ ଅଛେଁ ଇ ମର୍‌ଡ଼ିର୍ ରଠ୍ ଖରାନେ ଠାଡ୍ ହେବାର୍ ଲାଏକ୍ ଛାଏରାଟିକେ ମୋର ବାବୁର୍ ଲାଗିଁ । ବାକି ଲୁକ୍‌କର୍ ? ନାଇଁ....ନାଇଁ....ଭାବି ନାଇଁ ହେବାର୍ ।

ସୁଶୀଲର୍ ଚେ଼ତା ଆଏଲା ଗଗା କିର୍ଲା ହୋ ବୋଁ ଶୁନି । ଚାଷୀ ସବ୍‌କେ ସବ୍ ଝଁପେଇ ହେବାର୍ ଜାନି ଅର୍ଡର ହେଲାନ ଆର୍ ସଭେ ଏରେଷ୍ଟ ବି ହେଲେ ନ । ତାର୍ ପଛେଁ ବି ହୋ ହର୍ଲା । ଶଲାକୁଁ ପାରି ନାଇଁ ହଏନ, ଦିଅ ପିଟାନ୍, ପଲଉନ୍ ଶଲେ । ସାହେବ୍‌ମାନ୍‌କର ଅର୍ଡର । ପିଟାନ୍ ଚା଼ଲ୍‌ଲା, ଲୋକ୍ ମାର୍ ଖାଇଁ ବି ନିଲ୍ ଜେଇ ନଉଛନ୍ ।

ସୁଶୀଲ୍ ଭାବ୍‌ଲା, ଏରେଷ୍ଟ୍ ତ ହେଲେ ବୁପ୍‌ରେ; ନିଅ କେନ୍ ଜେଲ୍‌କେ ନେବ ଯେ ନିଅ; ପିଟ୍‌ବାର୍ ମାର୍‌ବାର୍ ତ ନିୟମ୍ ନାଇଁ କହେବାର୍ । ହେଲେଁ ଇନେ ନିୟମ୍ କାମ୍ ନାଇଁ କରେ । ମନ୍ତ୍ରୀର୍ ଏରିଆ, ଘେରଉ ଭାଙ୍ଗୁ ତ ନିୟମ୍ ଭାଂଗ୍‌ଲେ କିଛି ଯାଏ ଆସେ ନାଇଁ । ଖାଏବାର୍ ବେଲା ଡେ଼ଗିଁ ଗଲାନ, ଲୋକ୍ ଭୁଖେଁ ହେଲେ ନ, ପେଟ୍ ପାତାଲ୍ କେ, ମନ୍ ପଖାଲ୍‌କେ ଯିବାର୍ ସମିଆ । ସାନ୍ ସୁରୁ ସିଆନ୍‌ମାନେ କହେଲେ ‘‘ରଁଧା ବଡ଼ା ଯାହା ହଇଛେ ମୁଠେ ଗର୍‌ସେ ପାଇ ନଉଁ । ତେଡ୍‌କେଁ ଆମର୍ ଦେଖେ କାମ୍ କର୍‌ମା ।’’ ସଭେଁ ରଁଧା ଖଁଦା ଆଡ୍‌କେ ମୁହାଁଲେ । ଇଟା ଦେଖିଁ ତାହାକୁଁ ବହଁକି ସାହେବ୍ ମାନ୍‌କର୍ ସାଂଗେଁ ସିପେଇମାନେ ବି ଧାର୍ ଧଏଲେ ଖଁଦା ଶାଲ୍‌କେ । ତପ୍‌ଲା ଭାତ୍ ଡୁନ୍, ଭାପ୍ ଉଠୁଛେ, ଭୁଖା ପେଟ୍‌କେ ତପତ୍ ଭାତ୍ ଡୁନର୍ କହର୍ ଉଦୁର୍‌ମାଦ୍ କରି ନଉଛେ । ଭୁଖ୍‌ର୍ ବେଲା, ଖାଇନେ ଗବ୍ ଗବ୍ ଲେଖେଁ ଲାଗୁଛେ ମନ୍ ମାନ୍ । ପୁଲିସ୍ ବାଲାକୁଁ ସେନ୍‌କେ ଯିବାର୍ ଦେଖିଁ ସଭେ ଇଆଡ୍ ସେଆଡ୍ । କେ ଜନ୍‌ଏ କହେଲା ‘‘ପୁଲିସ୍ ମାନ୍‌କୁଁ ହେଲେଁ ଭୋକ୍ ଛାଡ଼ିଛେ ? ଖାଏବେ ହେଲେଁ ଖାଆନ୍ ନି ଯେ, ସମ୍‌କର୍ ଜୀବ୍‌ଆତ୍‌ମା ଏକେଟା ଆଏ । ଯାହା ବଅଁଚି଼ବା ପର୍‌ସାଦ୍ ପାଏମା, ନେ ହେଲେଁ ନାଇଁ !’’ କାଏଁ ଖାଏତେ ? ସାନ୍ ପୁଲିସ ସାହେବ ହଁଡ଼ା ଡେ଼କ୍‌ଚି ଯାହା ଥିଲା ରଁଧା ଭାତ୍ ଡୁନ୍ ଭର୍ତି ହଇଁ, ମାଏଲା ଲାତ୍; ତାର୍ ଦେଖାଦେଖି ସିପେଇ ମାନେ ବି । ଭାତ୍ ଡୁନ୍‌କେ ଯାହା ପାର୍‌ଲେ ଫିକ୍‌ଲେ, ବୁନ୍‌ଲେ ବିଛ୍‌ଲେ । ନଦୀର୍ ବାଲିଁ ସାନି ହେଲା ସବ୍, ଚେ଼ରେଷ୍ଟା କଲେଁବି ଉଁଡ଼େଇ ନାଇଁ ହଏ, ସଁଖ୍‌ଲି ନାଇଁ ହଏ । ନଦୀର୍ ଗୁଁଦାଲ୍ ପାଏନ୍ ଉଁଝ୍‌ଲେ ଉଝ୍‌ଲେ ପିଇ ଫିର୍‌ଲେ ସବ୍ । ଭୁଖେଁ ପେଟ୍ ଜଳୁଛେ, ରିଶ୍‌ମିନେ ଜଳୁଛେ ମନ୍ । କଚ଼ରୀ ଘେରାଲେ । ପୁଲିସ୍ ଫଉଜ୍‌କେ ଡ଼କ୍‌ରା ପରୁଛେ ଆସ, ଆସ, ମୁକାବିଲା କର ; ହଟାଅ ହଟାଅ । ଲୁକ୍‌କର୍ ଆଡୁଁ ସହି ନି ପାରିଁ ପାଶେଁ ଯାହା ପାଏଲେ ଫିକ୍‌ଲେ । ଚ଼ପଲ୍

ପଟେ ଯାଇ ବାଙ୍ଗ୍‌ଲା ପୁଲିସାହେବର୍ ଛାତିଁ, ସୁଶୀଲ୍ ଲୋକ୍‌ସାମ୍‌ନାକେ ଆସିଁ ମନା କରୁଛେ । ସୁରୁ ଜିଲା ସାହେବ ସୁଶୀଲ୍‌କେ ପାଶ୍‌କେ ଡ଼ାକି କହେଲା ଲାଠିଚାର୍ଜ ଅର୍ଡ଼ର ଦିଅ । ପୁଲିସ୍ ସାହେବ୍ କହେଲା ମୋର୍ ଛାତି ପର୍‌ଲା ନ ଚ଼ପଲ୍, ଆର ଘାଏକେଁ ଇମାନେ ମାରି ପକାବେ ଆମ୍‌କେଁ । ଯାହା କର୍‌ବାର୍ ଅଛେ ତାହୁତ୍ କର । ସାହେବ୍ କହେଲା ସୁଶୀଲ୍ କେ-'ତୁମେ ମାଜିଷ୍ଟ୍ରେଟ୍, ଲାଠି ଚାର୍ଜ ଅଡ଼ର୍ କର ।'' ସୁଶୀଲ୍ କହେଲା-''ଆମେ ତାକର୍ ରାଁଧିଲା ଭାତ୍ ତୁନ୍‌କେ ଯାହା କଲାଁ, ଛାତିଁ ଆମର୍ ଗୁଲି ପର୍‌ବାର୍ କଥା ଆଜ୍ଞା ! ଚ଼ପଲ୍ ପର୍‌ବାର୍‌ଟା ତାକର୍ ଦୟା ନାଇଁ କହି ଅପାରୁପନ୍ ବଲିଁ ଲୋକ୍ କହେବେ । ଅଏଁଠା ଖଲି ଚାଟୁଥିବାର୍ ବୁଲାକୁକୁର୍ ନୁ ଖାଲି ଛଡ଼େଇ ନେଲେଁ ସେ ବି ନାଇଁ ଡ଼ରି ଦିହ୍ ଉପର୍‌କେ ଝାଁପି ଆଏସି ଆଜ୍ଞା !! ଇଟା ତ ମୁନୁଷ୍ ଆ'ନ୍, ରଂଧା ବଡ଼ା କରିଛନ୍ ତାହାକେ ଖାଇ ନାଇଁ ଦେଲେଁ ସହେବେ କାଏଁ ? ଆମର୍ ହାତେଁ ଖେମ୍‌ତା ଅଛେ, ଅସ୍ତ୍ରର ଶସ୍ତ୍ର ଅଛେ; ସେମାନେ ନିହତ୍ତ ଆ'ନ୍ । ସାଁପର୍ ମୁହେଁ ଭଗବାନ୍ ବିଷ ଦେଇଛେ ତ ସେ ବୁଲି ବୁଲି ଚାବ୍‌ସି କାଏଁ ? ଆମେ ଟିକେ ଦମ୍ ଧରିନେଉଁ, ଦେଖୁଁ କା'ଣା ହଉଛେ ଯେ । ସାନ୍ ଜିଲା ସାହେବ୍ ଚିହ୍‌କିଁ ଉଠ୍‌ଲା । ଦେଖିଲା ତାର୍ ଆଇ.ଏ.ଏସ୍. ପାହିଆଟା ପିଛ୍‌ଲି ବସୁଛେ । ପୁଲିସ୍ ସାହେବ କହେଲା ଆମେ ଜନ୍ ଦୁ ମଲେଁ ଯାଇ ମାଜିଷ୍ଟ୍ରେଟ୍ ଅର୍ଡର୍ ହେବା ? ତାର୍ ମନର୍ ଆଖିଁ ଦେଖିଲା ତାର୍ ସେ ମୁତ ଫର୍‌କା ଶୁଖା ଏରିଆକେ ବଦ୍‌ଲିଟା ଫେର୍ ଘୁଁଚି, ଘୁଚିଁ ଆଉଛେ । ମଂତ୍ରୀର୍ ଲାଲ୍ ଲାଲ୍ ଆଏଁଖ୍ କଡ଼ାକଡ଼ା କଥା ଆଖିଁ ଝଲ୍‌ସି ଉଠୁଛେ । ସାନ୍ ଜିଲାସାହେବ୍ ହୁକୁମ୍ କଲା, ଚାର୍ଜ-ଚାର୍ଜ-ଚାର୍ଜ । ସୁଶୀଲ୍ କେଦ୍‌ନି କେତେ ଗୁଲ୍‌ଗୁଲା ହଇଁ କହୁଥାଏ-''ନାଇଁ ଆଜ୍ଞା! ଟିକେ ଦମ୍ ଧରୁଁ ।'' ତାର୍ ଆଖିଁ ଦଉଡୁଥାଏ ତାର୍ ବାବୁ ହୁର୍‌ଷି ସାହୁର୍ ଚ଼େହେରା ସବୁ ଘେରଉବାଲାର୍ ମୁହେଁ । ଗୁର୍ଖା ସିପେଇମାନେ କଚ଼୍‌ରି ପର୍‌ଛିନୁ ଉତ୍‌ରି ପର୍‌ଲେ ବାରପାହାଡ଼ିଆ ଗେଡ଼ାମାନ୍ ଧରି ତାକର୍ ମୁଡ଼େ ମୁଡେ ଡେଙ୍ଗର୍ । ଅବ୍‌ତକ୍ ବନିହାଁ ଦିନ୍ ଧରି ଖାଲି ପରେଡ୍ କରୁଥିଲେ ସଂଜ୍ ସକାଲ୍, ପିଟ୍‌ବାର୍ ମଉକା ନାଇଁ ମିଲିଥାଇଁ । ଆଏଜ୍ ପାଇଛନ୍, ପିଟିଆନ୍‌ଲେ ମନ୍ ଇଚ୍ଛା ଯା'ର୍ ଯାହିଁ ବାଜୁ ଯେନ୍‌କେ ବାଜୁ କେ ପଚ଼ାରେ ? ସୁଶୀଲ୍ ସମ୍‌କେଁ ଛେଁକି ଦେଖୁଛେ ଯୁଡ଼ା ହାତ୍ କରି । ପିଟାନ୍ ଚାଲିଛେ ଅନାଧୁନ୍ । କିଏ କାହାକେ ଦେଖୁଛେ ? ପିଟୁଛନ୍ ତ ପିଟୁଛନ୍ । ସୁଶୀଲର୍ ଦିହେଁ ମୁଡ଼େଁ ଗୁଡ଼େଁ ଗେଡ଼ା ମାନ୍ ବର୍‌ଷୁଛେ, ବାଙ୍ଗ୍‌ଲା ଠାନୁ ରକତ୍ ଛିର୍‌ଲା ମାରୁଛେ । ଦିହ୍ ମୁଡ୍‌କେ ନିଘା ନାଇଁ ସୁଶୀଲର୍ । ଗୁଟେ ସୁରେଁ କହିଚ଼ାଲିଛେ ଖାଲି,-''ନାଇଁ ଆଜ୍ଞା. ନାଇଁ....ନାଇଁ....ନାଇଁ ।''

ଢ଼ଲି ପଡ଼ଲା ସୁଶୀଲ୍ ଲହୁ ଲୁହାନ୍ ହଇଁ, ତଥାପି ତାର୍ ମୁହେଁ ଶୁଭୁଛେ, ''ନାଇଁ ଆଜ୍ଞା-ନାଇଁ ନାଇଁ....ନାଇଁ...'' । ଲୋକ ଛିନ୍ ଛତର୍ ହଇଁ ପଲାଲେ ନା ସୁଶୀଲ୍‌କେ ଷ୍ଟେଚ଼ର୍‌ଥିଁ ପକେଇ ସିପେଇମାନେ ଉଠଉଛନ୍ ତଥାପି ଶୁଭୁଛେ ''ନାଇଁ ଆଜ୍ଞା, ନାଇଁ-ନାଇଁ-ନାଇଁ'' ।

ସବୁ ସର୍‌ଲା, ମଂତ୍ରୀ ଆଏଲେ । ଭଲ୍ ଲୁକି କଥା ପଦ୍‌ଦୁ କହିଁ ଲୁକ୍‌କୁଁ ଭୁର୍ତେଇ ନେବେ । ''ଗୁଟେ ଗୁଟେ ସମିଆ ଥିସି, ଯାହା ହେବାର୍ ଥିସି ହଇଁ ଯାଏସି, କାଁକର୍‌ମା ? ଆମେ ସଭେ ସମ୍‌କର୍ ଆଉଁ ।......''

ସାନ୍ ଜିଲା ସାହେବ କହେଲା ମଂତ୍ରୀର୍ କାନେ, କିହେ ନାଇଁ ଶୁନ୍‌ବାର୍ ବାଗିର୍, ''ସୁଶୀଲ୍ ସାହୁ ତସିଲ୍‌ଦାର୍ ଗଲେ ଲେଖେଁ ଶୁଭୁଛେ; ଡ଼ାକ୍ତର୍ ପରେ ମୁଡ଼୍ ହଲେଇ ନେଲେ ।''

ମଂତ୍ରୀ କହେଲେ-''ଯଜ୍ଞଟେ ହେଲା ତ, ବଲିଟେ ନାଇଁ ପର୍‌ଲେଁ ସିଦ୍ଧ୍ ଫଲ୍ ନାଇଁ ମିଲେ ।''

ସାନ୍ ଜିଲା ସାହେବର୍ କାନୁ ହଇଁ କଚ଼ରି ପରିଆର୍ ପବ୍‌ନେ ପବ୍‌ନେ ଗୁଁଜ୍‌ରୁ ଆଏ ଶବଦ୍‌ଟେ ''ନାଇଁ ଆଜ୍ଞା, ''ନାଇଁ...ନାଇଁ....ନାଇଁ ।''

❑❑

# ଥରେ ଗଲେଁ ଆର୍ ଫିରେ ନାଇଁ

ଢେମା, ଫୁଲ୍‌ଝରିଏନ୍ ନୁ ଫୁଲ୍‌ଝରି ହେଲା । ଇ ନାଆଁଟା ତାର୍ ଚେ଼ହେରାକେ ଯେନ୍ତା ଭିରୁଥିଲା, ଚେ଼ହେରାଟା ବି ନାଆଁକେ ସେନ୍ତା ଫବୁଥିଲା । ବଏସ୍ ତବଏ ହଇ ବସ୍‌ଲା ନ ଚେହେରାଟିକ ବି ହେରା ଟେକା ହଇଁ ଥିଲା ଥିଲା, ଚୁରି ଲାଖ୍ ସାଂଗେଁ ସେ ବି ଝରିଁଗଲା ନ, ତାର୍ ବଏସର୍ ଦିନେ ଫୁଲ୍‌ଝର୍ ଇଲାକାନୁ ଇ ଗାଁକେ ପଲେଇ ଆଇଥିଲେ, ମାଏଝି ମୁନୁଷ୍ ଦୁହିଁ ପ୍ରାଣୀ । ଲୋକଟାକେ ଇ ଗାଁ ଥିଁ କହେଲେ ଫୁଲ୍‌ଝରିଆ ଆର୍ ମାଏଝିକେ ଫୁଲଝରିଏନ୍ । ଫୁଲ୍‌ଝରିଆ କ଼ହେ ଭାଏ ବିରାଦର୍, ଗାଆଁ ତ ଛାଡ଼୍‌ଲିଁ, ନାଆଁଟାକ ଗଁଠେଇ କା'ଣା ପାଏମି ? ଯେ ଯାଁ ନଁ ଥିଁ ଡ଼ାକ୍‌ବ ଡ଼ାକୁ ।

ଫୁଲ୍‌ଝରିର୍ ସାଫ୍ ସୁତର୍ ଚେ଼ହେରା, ଗୁରୀ କହି ନୁହେ କି କାଲୀ ତାର୍ ଦିହର୍ ବରନ୍, ଅଁଟା ନ ପରୁଥିବାର୍ ଭଅଁର୍ ମେତାଲ୍ ମୁଡ଼ର୍ କଲାବାଲ୍, ପୁଛି ଆନ୍‌ଲା ଲେଖେଁ କପାଲ୍, ଉଦିଁ ଆଏଲା ଜନ୍ ମେତାଲ୍ ମୁହଁ, ପାନ୍ ଖାଏଲା ଲେଖେଁ ଚଣ, ତାହିଁ ଫୁଟ୍‌ଲା କୁରେ ଫୁଲ୍ ଲେଖେଁ ହଁସି, ଇ ସବୁ ଦେଖ୍‌ଲେଁ ଦେଖୁଆ ମେତାନ୍ ଲାଗ୍‌ସି । ରୁଖା ରୁଖା ଲେଖେଁ ହାତ୍ ଗୋଡ଼୍ ତାହିଁ ଲେଖା ହଇଥିବା ଝୁଁଟି ଦୁଟାକ କେନ୍ ଅଜନା ଗାଁର୍ ଘୁଘିଏନ୍ ଟାକର୍ ହାତର୍ ବାହାଦୁରି ବଖାନ୍ ସି । ତାର୍ ଚେ଼ହେରା କଥାବାର୍ତ୍ତା ଆର୍ ଚାଲ୍ ଚ଼ଲନର୍ ଢ଼ଙ୍ଗ କହେସନ୍, ଫୁଲଝରି କମିହେଁନ୍ ହେଲେଁ ଭି କେନ୍‌ସି କମିହାଁ ଘରର୍ ଝି' ନାଇଁ ହଇଥିବା । ବଡ଼ ଘରିଆ ପାଏନ୍ ଟେ ତାର୍ ତାର୍ ଝଁପେଇ ହେସି ତାର୍ ସାଂଗେଁ କଥା ହେତେ ସାଏର୍ । ନିଜେଁ ନାଇଁ ଦେଖେଇ ହୁଏ, କହି ନାଇଁ ବୁଲେ ଯେ ସେ ଶଏ ଏକର୍ ଭୁଗ୍‌ରା ଭୁଗୀ କେନ୍ ଗଁତିଆର୍ ଝି' ଆଏ । ତାକର୍ ଘରୁଁ ଟୁକେଲ୍‌ମାନେ ବରିହା ଜମିଦାର୍‌ମାନ୍‌କର୍ ଘର୍‌କେ ବହ ହଇଁ ଯାଇଛନ୍, ଆର୍ ତାକର୍ ଘର୍‌କେ ବହମାନେ ହେନ୍ତା ଘରୁଁ ଆଇଛନ୍ । ହେଲେଁ ବି କଥାଟା ନାଇଁ ଲୁକିଁ ନ, ଲୋକ୍ ଜାନ୍‌ଲେ ଫୁଲ୍‌ଝରର୍ କେନ୍ ଗାଁର୍ ଗଁତିଆର୍ ଝି ତାକର୍ ଘରର୍ କମିହା ପିଲାଟାକର୍ ସାଂଗେଁ ଉଧ୍‌ଲିଆ ପଲେଇଁ ଆସି ଇ ଗାଁନେ ଅଛେ, ଭୂତି ଭରା କରି ପେଟ୍ ଅଁଟା ପୁଷୁଛେ ।

ତାର୍ ଚୁରି ଲାଖ୍ ଗଲା ଦିନୁ ଦିନ୍‌ଏ ଦିନ୍‌ଏ ଫୁଲ୍‌ଝରି ସୋର୍ କର୍‌ସି ତାର୍ ଫୁଲ୍‌ଝରିଆର୍ କଥା, ତାର୍ ଛୁଆର୍ ବୁଆ ପଁଚୁର୍ କଥା । ପଁଚୁ ତାକର୍ ଘରେଁ ଘରଖିଆ କୁଠିଆ ଥିଲା; ଜାତିର୍ ପୁଓ ବଲିଁ ବାଛ୍ ବିଚାର୍ ନାଇଁ ଥାଇ । ରଁଧାଘରର୍ ପରଛି ନେ ଦିନ୍‌ଏ ସେ ଖାଇ

ବସିଥିଲା ଆର୍ ଆପୁନେ ନିଙ୍କେ ପର୍ଷୁଥିଲା ପଖାଲ୍ । ମୂଷାକର୍ ଲାଗିଁ ସାଁପ୍ ବି କେଭେଁ ମଚାତଳେଁ ତ କେତେବେଳେଁ ଭଦ୍‌ରି ଭିଡ୍‌ରେଁ ଦେଖାଦିଅନ୍ । ଦୁହୁରା ପଖାଲ୍ ଦେଇଗଲା ବେଳେଁ ମୂଷାଟେ ପଲଉଛେ ଆର୍ ତାର୍ ପଛାପଛା ସାଁପ୍ କୁଦଉଛେ । ପୁହୁଁଚି ଆଇଛେ ନିଙ୍କେଁ ସେନ୍‌କେ; ଆର୍ ପାହେ ପକେଇଥିଲେଁ ସାଁପର୍ ମୁଡ଼େ ପରିଥିତା ପାହା । ତାକି ପାରି ପଁଚୁ ସାଁପର୍ ଲେଞ୍ଜ ଧରି ଘିଚିଁ ଫିକିନେଲା । ସାଁପ୍ ବଅଁଚି ନାଇଁ ପାର୍ଲା, ହେଲେ ବଅଁଚି ଗଲା ନିଙ୍କେଁ ଢେମା ।

ସେ ଦିନୁ ଢେମାର୍ ଭାବ୍‌ନା ''ତାର୍ ଜୀବନ୍ ଯେ ବଅଁଚେଇଛେ, ସେ ଜୀବନ୍ ଟା ତାର୍ ହିଁ ଆଏ ।'' ଯେତେ ଘର୍ ଯେନ୍ତା ବର୍ ହେଲେଁ ବି ଢେମାର୍ କଥା ଆନ୍ ଅଦଲ ନାଇଁ ହଏ । ଗଁତିଆ କହେଲେ ''ଜାତିର୍ ପୁଓ ଆଏ ଯେ, ମୋର୍ ନଉକର୍ ଯେ ମୋର୍ ଝି'କେ ବିହା ହେବା, ଲୋକ୍ କାଁ ବଲ୍‌ବେ ? ହେଲେଁ ମାଁ ବୁଝ୍‌ଲା ଝି'ର୍ ମନ୍ । ଯାହିଁ ମନ୍ ମାତ୍‌ସି ଧନ୍ କି ମାନ୍ ତାହିଁ ନାଇଁ ଅଟକ୍ କରିପାରେ । ମାଁ ତାର୍ ବେଁକର୍ ସୁନାମାଲିଟା ଆର୍ କରନ୍ ଫୁଲ୍ ସାର୍‌କ ପିଁଧେଇ ନେଲା, ଦୁହିଁକର୍ ଲାଗିଁ ବଛର୍‌କର୍ ପିଁଧ୍‌ନା ପଟା ଘିନିନେଲା, ହାତେଁ ପନ୍‌ତେଁ ଯେନ୍ ଦୁଇ ପଏସା ଥିଲା, ଧରେଇ ନେଇ କହେଲା ''ତୋର୍ ବା'ର୍ ମହତ୍ ବଅଁଚାବାକେ ଯ, ମା ! କେହେନି ନ ବି ପେଟ୍ ପୁଷ୍‌ବ ! ମନ୍‌କେ ଧନ୍ ନାଇଁ ପାରେ ।''

ଦୁହେ ପଲେଇଁ ଆସି ଇ ଗାଁର୍ ଉଧେଁ ରହିଗଲେ । ଧଏନ୍ ଇଗାଁର୍ ମାଟି ମାତା ଦେ ଦେବ୍‌ତା ଶଏ ଯୁହାର୍ ତାହାକୁଁ ଯେ, ଇନକେ ଆମ୍‌କୁଁ ଟିକି ଦେଲେ । ଫୁଲ୍‌ଝରିଆର୍, କବାର୍-ବୁତାକେ ସଭେ ସହରାଲେ । ତାର୍ ଇମାନ୍‌ଦାରିର୍ କଥା ସମ୍‌କୁଁ କଥେନ୍ ମେତାନ୍ ଲାଗ୍‌ଲା । ତାର୍ ମାନ୍ ଇଜତ୍ କେ ଯେନ୍ ଡ଼ର୍ ସମ୍‌କୁଁ ଆଶ୍ରିଯ୍ କରିପକାଲା । ଇମାନ୍ ତାର୍ କୁଟ୍‌ମର୍ ମାନ୍ ବଢ଼ାଲା, ଇଜତ୍ ମହତ୍ ତାହାକେ ପାଁଚ୍‌ଲୁକେଁ ଝନ୍‌ଏକଲା ।

ଢେମାକେ କେନ୍‌ସି ଖେଦ୍‌ଖଲା ଝାର୍ ଜଂଗଲର୍ କବାର୍ ବୁତାକେ ନାଇଁ ଯାଇଦିଏ । ପଁଚୁ କହେ ''ମୋର୍ ବାହା ଜାଂଗଲ୍ ଥାଉନ୍ ଥାଉନ୍ କାଁ କରି ଯାଇଦେମି ? ବିଚ଼ରୀ କେନ୍ ଗଁତିଆ କି ଜମିଦାର୍ ଘରେଁ ପରିଁ ମହାଲକ୍ଷୀଁ ଖଟ୍‌ଲି ଲେଖେଁ ଥିତା, ମୋର୍ ହାତ୍ ଧଏଲା ବଲିଁ ଯାବତୀଆ ବୁତାକେ ଯିବା ? ନାଇଁ-ନାଇଁ ମୁଇଁ ପୁଷ୍‌ମି ନ ; ଦୁଇଟା ପେଟର୍ କଥା, ଅଏଧିକା ଟିକେ ମେହେନତ୍ ଲାଗ୍‌ବା, ଲାଗୁ ।''

ଗାଁ ଥୁଁ ପଁଚୁ ପର୍ଶଁସୋ ପାଏଲା, ଇଜତ୍ ପାଏଲା; ମାନ୍ ପାଏଲା, ଠାନ୍ ପାଏଲା, ଘର୍ ବଖ୍‌ରେ ବନେଇଁ ଢ଼ବା ବି ପାଟିନେଲା । ସମ୍‌କୁଁ ସବୁବେଳେଁ କହେ-''ମୁନୁଷ୍ ଜୀବନ୍ ଥି ଆର୍ କା'ଣା ଅଛେ ? ଇ ଇମାନ୍ ଆର୍ ଇଜତ୍ ଟିକ୍‌କ ନ । ସଂପଦ୍ ଗଲେଁ ଫେର୍ କମେଇ

ହେବା, ମାତର୍‌କ ଇମାନ୍ ଗଲେଁ ଇଜତ୍ ଥରେ ଗଲେଁ ଆର୍ ଫିରେଇ ପାର୍‌ଲନ ? ଇ ଦୁହିଟାକ ଜୁଗି ରଖି ପାର୍‌ଲେଁ ମୁନୁଷ ଜୀବନ୍ ସାଫୁଲ୍ ହେସି । ''ଜେମାର୍ ଆଏଁଖି ଛଲ୍ ଛଲେଇଁ ଯାଏସି ଯେତେବେଲେଁ ସୋର୍ କର୍‌ସି ତାର୍ କହେବାର୍ ''ଦେଖ୍ ଜେମା ! ଇଜତ୍ ଜୁଗିଁ ଚ଼ଲ୍‌ବୁ, ସବୁ ଯାଉ ମହତ ଥାଉ କହେସନ୍‌ଟା ମିଛ ନୁହେ । ସେ ଥିଁ ଟିକେ ଢ଼ିଲା ହେଲେଁ ତତେ ଅଚ଼ଲ୍‌ନିଏନ୍ ଟେ ବେଶ୍ଯଏନ୍ ଟେ ବଲିଁ କହେଲେଁ, କେନ୍‌ସି ଭି ଦୁଚଡ଼ିଆ କଥା ଶୁନ୍‌ଲେଁ, ଆମର୍ ବର୍ କନିଆଁ ଭାବ୍ କେ କାଲି ଲାଗ୍‌ବା; ଆମର୍ ମଧୁର୍ ପୀର୍‌ତି-ପସରା କେ ଚାଁଟି ଲାଗ୍‌ବା । ଲୋକ୍ କହେବେ ଇଥିର୍ ଲାଗିଁ ଇମାନେ ତାକର୍ ଗାଁ ଭୂଇଁନେ ରହିନାଇଁ ପାର୍‌ଲେ; ଉଧିଲିଆ ପଲେଇ ଆଏଲେ । ଇଟା ଶୁନ୍‌ଲେଁ ପେଟେନ୍ ଭୂଟେନ୍ ହଇଁ ଥିଲେଁ ବି ବଷା ହଇଁ ଯିମି, ନାଇଁ ସହିପାରେ ।'' ଜେମା ଲହ ପୁଛିଲା । ତାର୍ ଶୁଇଥିବାର୍ ପୁଓକେ ସୁଆଁଲି ଆନ୍‌ଲା । ଏକସକିଁଟ୍ ଦେଖିଲା ତାର୍ ପୁଓ ଜୀବର୍ଦ୍ଧନକେ । ସଏଗୋ ତାର୍ ବାପର୍ ଚ଼େହେରା, ସେ ହାତ୍ ଗୋଡ଼୍, ସେ ମୁହଁ, ସେ ଆଏଁଖି । ତାର୍ ବାଆ ଥିଲେଁ, କେତେ ଉଷତ୍ ହଉଥିତା, ପିଲା ସାତ୍-କିଲାସ୍ ପାସ୍ କଲା ବଲିଁ ତଲେଁ ପାହା ନାଇଁ ପରୁଥିତା । ହେଲେଁ ରାଆଁଡ଼ର୍ ଯମ୍ କାହିଁ ମାନ୍‌ତା ? ଏନ୍ତା ଇମାନ୍‌ଦାର୍ ଲୋକଟାକର୍ ତାର୍ ଖୁଜାର୍ ଥିଲା କାଏଁ ଯେ ତୁର୍‌ତି ନେଇଁ ଗଲା ।

ଆଖିଁ ପାଏନ୍ ରହେ ନାଇଁ, ଫୁଲଝରିର୍ ଭାବ୍‌ନା ସାଂଗେଁ ଲମି ଆଏସି । ପୁଓ ମାଏପୋକେ କିଛି କାମ୍ ବୁତା କରି ନାଇଁ ଦେଇ । ଏକ୍‌ଲା କୁଟୁମ୍‌ଟାକର୍ ବୋଝ୍ ବୁହି ଚ଼ାଲ୍‌ଲା ତ, ତାହାକେ ବନିହାଁ ବୁତା କର୍‌ବାକେ ପର୍‌ଲା; ହେତେଟେ ମେହେନତ୍ ପାର୍ ନାଇଁଗଲା କାଏଁ ? କାଏଁ ଜର୍ କାଏଁ ଖାସି ଆଏଲା ଯେ ଖଟୁଁ ଆର୍ ନାଇଁ ଉଠିଁ ନ । ଇଷୋ କଷା ଯାହା ପାର୍‌ଲା କଲା ଫୁଲ୍‌ଝରି । କାନର୍ ଫୁଲ୍ ବେକର୍ ମାଲି କେ ଭଁଜେଇ ବଏଦ୍ ଗୁନିଆଁ କରୁଥିଲା ଯେ ପଁଚୁ ମନା କରି କହେଲା ''ଆଏଜ୍ ନେହେଲେଁ କାଏଲ୍ ବହ ଢୁକାବୁ, କାଣା ଦେବୁ ତାହାକେ ? କା'ଣା ଅଛେ ଆର୍ ଆମର୍‌ନେ ? ମୋର୍ ମୁଡ୍ ଖାଏବୁ ରଖିଥା ; କହିଛେଁ ଯେନ୍ କଥା ସୋର୍ ରଖିଥିବୁ । ଆମର୍ ସଂପଦ୍ ଆଏ ଇମାନ୍ ଆର୍ ଇଜତ୍; ଯାହା ହେଲେଁ ବି ନାଇଁ ବିକ୍‌ବୁ ନାଇଁ ଭାଁଜ୍‌ବୁ । ସେ'ଟା ଥିଲେଁ ଇ ସଂସାରେଁ ଦମ୍ ଦମ୍ ଟରୋ ଟରୋ ଚ଼ଲିଯାଇ ପାର୍‌ବୁ ନିଦକ୍ ନିଡ଼ର୍ । ଶୁନୁଛୁ କି ନି ବଢ଼େ ବଢ଼େ ଲୋକ୍ ବି ଧନ୍ ସଂପତ୍ତିର୍ ଲୁଭେଁ ବେଇମାନ୍ ହଉଛନ୍ ବେଇଜତ୍ ହଉଛନ୍ ଦେଶର୍ ଆଗେଁ । ତେତ୍‌କେଁ କେ ପଟାରେ ବଡ଼ ଲୁକି କେ ? ସଭେ ଛି-ଛି, ଥୁ-ଥୁ କରୁଛନ୍, ଯେନ୍ ଆଡ଼୍‌କେ ଗଲେଁ ଲୋକ୍ କୁଆ ବାଗିର୍ ବୁରି ପକାଉଛନ୍ । ହୋ-ହଲ୍ଲା, ଲାଜ୍ ଲଜ୍‌ନା କଥା; ଯାହା ହେଲେଁ ବି ଗଲା ଇଜତ୍ ଫିର୍‌ବା କାଏଁ ? ଦେଶର୍ ସାଙ୍ଗେଁ ଯେନ୍‌ମାନେ ବେଇମାନି କରିଛନ୍, ସେତାକୁଁ କିଏ ମାଏନ୍ କର୍‌ବା ?

ସେ ସବୁ କଥାକେ ଗଏଁଠ୍ କରି ଧରିଛେ ଫୁଲ୍‌ଝରି । ବଏସ୍ ଥିଲା ବେଲେଁ ଲାଖ୍ ଚୁରି ଥିଲା ବେଲ୍‌କେ ଲୋକ୍ ତାହାକେ କେତେ ଲୁଭେଇଛନ୍, କାଁ କାଣା ନେଇ କାଁ କାଣା ଯାଚିଛନ୍; ସେ ଲୁଭେଁ ନାଇଁ ପରିଁ, ଇଜ୍ଜତ୍ ନାଇଁ ହାରିଁ, ଇମାନ୍‌ଦାରି ନାଇଁ ପାଶ୍‌ରି । ଚୁରିଲାଖ୍ ଗଲା ପରେଁ ଲୋକ୍ କହେଲେ, ଦୁଇହାଦ୍ ହଇଁପର୍, ବନ୍ଏ ବନ୍ଏ ଗଁତିଆମାନେ ଚୁରିଲାଖ୍ କର୍‌ବାକେ ଯଚେଇ ହେଲେ, ଶ' ଶ' ଥର୍ ଜୁହାରିଁ ହେଲେ । କହେଲେଁ ଜାତିଁ ତ ଚ଼ଲ୍‌ସି କାଁ ଯେଁ ନାଇଁ କରୁଛୁ ? ଏକେଁ ମାଏଝି ଜାଏତ୍ ଲମ୍ଭା ଜୀବନ୍-ବାଟ୍; ଏକ୍‌ଲା ଚ଼ାଲି ନାଇଁ ହଏ । ସାଂଗ୍‌ଟେ ଦର୍‌କାର୍; ସାଂଗ୍ ସର୍‌ସିଆର୍ ସଂସାର୍; ପଟେ ଚ଼କା ଥିଁ ଶଗଡ୍ କାହିଁ ଘୁଡ୍ ଘୁଡ୍‌ବା ? ହେଲେଁ ଫୁଲ୍‌ଝରି ସେ କଥାର୍ ଉସେଁ ନାଇଁ ପହଁରି, ସବୁକେ ପର୍‌ଛା ପଛ୍ କରି ନେଇଛେ । ପଁଚୁର୍ ପୁଥି ତାର୍ ପୁଓ ଜୀବର୍ଦ୍ଧନ୍ କେ ଧରିଁ ସେ କାଟି ଦେବା ତାର୍ ଜୀବନ୍-ବାଟ୍ । ତାର୍ ମନ୍-ଦଉଲର୍ ଦେବ୍‌ତା ଗଲା ଦିନୁ, ଦଉଲର୍ ବାଟେଁ ତାଲା ପକେଇ ଦେଇଛେ, କିଏ ପଶ୍‌ବା ? କାଁ କରି ପଶି ଦେବା କାହାକେ ?

ପଁଚୁର୍ ମର୍‌ବାର୍ ବଛର୍ ପାଁଚେ଼ ହଇଁଗଲାନ, ହାତର୍ ଆଁଗୁଟ୍ ଗନ୍‌ଲା । ହେଲେଁ କାଏଲ୍ ମେତାଲ୍ ଲାଗୁଛେ । ତାର୍ ପୁଓ ଜୀବର୍ଦ୍ଧନ୍‌କେ ବାର ପୂରିଁ ତେର୍ ଚାଲୁଛେ । ସାତ୍ କିଲାସ୍ ପାସ୍ କରି କାଏଁ ବୁତା କର୍‌ତା ? କିଏ କିଏ କହେଲେ ପିଲାକେ କୁଠିଆ ଦେଇନେ । ଫୁଲ୍‌ଝରି ଭାବ୍‌ଲା, ପୁଓ ଅଲ୍‌ଗେଁ ସେ ଅଲ୍‌ଗେଁ ନାଇଁ ଖାଇ ପାରନ୍ । ତାର୍ ବା' ଥିଲେଁ ଇ ଟସ୍ କଅଁଳି ଛୁଆକେ ହେଲେଁ ପର୍ ଘରକେ ମୁରୁଛିତା କାଏଁ ? ନାଇଁ, ଯାହା ମିଲ୍‌ବା ମା ପୁଓ ଗୁଟେ ଖୁରି ଥିଁ ଖାଏବେ । ଯାହା ପାର୍‌ବା କରୁଥାଉ, କିଛି ନୈହେଲେଁ ଖର୍ସି ଭାରେ ଆନ୍‌ଲେଁ ବି ଛେନା ପାରଲେଁ ଦଶ୍ ଟଙ୍କା ହେବା ତ । ହେନ୍ତା କରି ଚ଼ଲିଁ ଆଏଲେ ଅବ୍‌ତକ୍ । ଏସୁର୍ ସିନା ରାଆଁଡ଼ର୍ ଅକାଲ୍ ଆଏଲା, ଇ ନିପନିଆଁ କେ ତ ଗଁତିଆ ବିତ୍‌ତିଆମାନ୍‌କର୍ ଘରେଁ ଅଡ଼ିଆ ନାଇଁ, ଆପ୍‌ନେ ଭାଏଲ୍ କେନ୍ ଖେତର୍ ଢ଼େଲ୍ ? କେନ୍ ରାଏଜୁଁ ଉଡ଼ିଁଆସି ଡାଲେଁ ବସ୍‌ଲା ରାଁଆଡ଼ି ସୁଖ୍‌ବାସୀ । ଗାଆଁଟା ସାରା ଭୁଖର୍ କଲା-ଛାଏ ଘେରି ରହିଛେ । ଧାନ୍ ନାଇଁ, ଚାଉଲ୍‌ଁ ନାଇଁ, କମାନି ନାଇଁ, କୁଠାନି ନାଇଁ, ପିଁଢ଼ା ପିଁଢ଼ା ବସି ଲୋକ୍ ଭାଜୁର୍ କୁଟୁର୍ ହଉଛନ୍ କା'ଣା କରି ହେସି ? ଭାଗେ ତ ଭାଗ୍‌ଲେ ନ ଗାଁ ଭୂଇଁ ଛାଡ଼ିଁ ଦାନା ପାନି ନୁରି । ଆପ୍‌ନେ କେନ୍‌କେ ଯିବା, ପଟେ ଚ଼କାର୍ ଶଗଡ଼ ।

ଗାଁକେ ମାଏଟ୍ କାମ୍ ଆଏଲା । ଗାଁର୍ ଖଲିଆ ବଁଧେଁ ମାଏଟ୍ ହେବା । ଶହେ ଫୁଟିଆ ଖୁନ୍‌ତି; କେ କହୁଛେ ତିରିଶ୍ ତ କେ କହୁଛେ ଚାଳିଶ୍ ଟଁକା । ଯାହା ବି ହଉ କାମ କଲେଁ କିଛି ହଉ ତ ପାଏବେ । ଭୁଦୋର୍ ଭୁଖା ଦିନେ କେ ଆନି ଚ଼ାତର୍ ରାଏଜର୍ ଗାଏ

ଗୁହୁଡ଼ା ଆଗେଁ ଶାଗ୍ ଗାଡ଼େ ଉଲ୍‌ଦି ନେଲା କାଏଁ ? ଲୋକ୍ ଧାଏଁଲେ ଆଁପୁର୍ ଚିଁପୁର୍ ହଇଁ । ସକାଲ୍ ପୁଆକେ ଖଲିଆ ବଧେଁ ଚାଟି ମୁଦ୍ ଲେଖେଁ ଲୋକ୍ କୁଏଡ଼ ଗଏଁତି ଡ଼ଲାଭାର୍ ଧରି ।

ଜୀବର୍ଦ୍ଧନ୍ ଯେତେ ଗେଲିହା ହେଲେଁ ବି, ତାର୍ ମାଁର୍ କଥା, ଘରର୍ କଥା ନାଇଁ ଜାନୁଛେ କାଏଁ ? କହେଲା-''ଯାଏସି ମା, ମୁଇଁ ବି ମାଏଟ୍ ବୁହିମି; ଖୁନ୍‌ତେ ନାଇଁ ପାର୍‌ଲେଁ ଅଧା ଖୁନ୍‌ତି କି, ତାର୍ ଅଧା ତ ହେଲେଁ ପାର୍‌ମି; ଯାହା ମିଲ୍‌ବା ସେ ଥିଁ ଚଲିଁ ଯିମା, ତୁଇଁ କେତେ ଇନୁ ସେନୁ ହଉଥିବୁ । ଫୁଲ୍‌ଝରିର୍ ମନ୍ ନାଇଁ । ଗୁରସ୍ ପିଆ ଛୁଆ ମୋର୍ କାଏଁ ମାଏଟ୍ ବୁହିସି ! ଫେର ଖଲିଆ ବଁଧ,କେଉଁ କେଉଁ ପାଏନ ବର୍ଷିବାର ନାଇଁ, ମାଏଟ୍ ଖୁପ୍‌ବାର୍ ନାଇଁ କହୁଛନ୍ ମାଏଟବୁହା ଲୋକ୍ । ପାଶେ ଅଁଦ୍‌ରେଁ କାହିଁ ପାନିର୍ ନାଁ ନାଇଁ, ଥିଲେଁ ଭାଏଲ୍ ଆନିକରି ବୁଡ଼ରାତେ ।

ପୁଓକେ ଯାଇଦେବାର୍ ମନ୍ ନାଇଁ, ଇ ଆଡ଼େଁ ଚଲ୍‌ବାର୍‌କେ ବି ସାଧନ୍ ନାଇଁ । ଅକାଲ୍ କେ, ପାଏନ୍ ଛାଡ଼୍‌କେ ଜିନିଷ୍ ପତର୍ ବି କେତେ ମହରଗ୍ । ସର୍‌କାରୁଁ କାଁ କା'ଣା ଆଏବା କହେସନ୍ ଯେ ତା'ର୍ ମେତାର୍ ରାଁଆଡ଼ି ଦୁଖୀ ତକ୍ କେ'ନ ପୁହୁଁଚୁଛେ ? କହେଲା ''ବେଟା ! ଗୁଟେ କଥା କରୁଁ । ତୋର୍ ବା'ର୍ ଡ଼ଲାଭାର୍ କୁଏଡ୍ ଗଏଁତି ସବୁ ଅଛେ; ତୁଇଁ ନେ ମାଏଟ୍ କୁଡ୍‌ବୁ, ଆର୍ ମୁଇଁ ଯାଇ ବୁହିମି, ଯେତ୍‌କି ପାର୍‌ମା ସେତ୍‌କି ଥିଁ ଚଲି ପାର୍‌ମା ନ ।'' ଦୁହେ ଗଲେ । ମାଏଟ୍ ଖୁପ୍‌ବାର୍ ନାଇଁ । ଖଲିଆ ମାଏଟ୍ ସବୁ ମାଏଟ୍ ବୁହାକୁଁ ଗୁଲିଆ କରିନଉଛେ । ଫୁଲଝରିକେ ମାଏଟବୁହା ଠାନେ ଦେଖି ସଭେ ଉଷଦ୍ । କିଏ କହୁଛେ ''ବହୂ ଆଇଛନ୍ କାଏଁ ? ଦର୍‌ହାର୍ ମାଛ୍ ଭଠେଁ ପରିଛେ'', କେ କହୁଛେ ''କାକି ! ତୁମେ ଆଇଛ ?'' ଫୁଲଝରିକେ ଆଏଜ୍ ମାଏଟ୍ ବୁହାନେ ଦେଖିଁ ସଭେଁ ଆଶ୍‌ରିଯ୍ । ମା ପୁଓ ସର୍‌ଲଗ୍ ସବୁଦିନେ ମାଏଟ୍ ବୁହଛନ୍ । ଫୁଲ୍‌ଝରି ଜୀବବର୍ଦ୍ଧନ୍ କେ କହୁଛେ ''ଦେଖି ପୁତା ! ବଂଧି ଅସ୍ ଠାନ୍‌ର୍, ଧର୍‌ମର୍ ଠାନର୍ ମାଏଟ୍ ବୁହା ଆଏ; ଇନେ ନିଜର୍ ପଛେଁ ଢ଼େଲେ ଅଏଧିକା ଯାଇଥାଉ, ଆମର୍ ଆଡ଼ୁଁ ଠକାମି ବେଇମାନି ନାଇଁ ହଉ । ନିଜର୍ କାମେ ନିଜେଁ ଚୋର୍ ହଇଁ ମହତ୍ ନାଇଁ ହାରୁଁ, ଇଜତ୍ ନାଇଁ ଗୁଆଁଉଁ । ଉନିଆଁ ଲୋକ୍ ବି ଶୁନି କହୁଛନ୍ ନିଯେ କଥା ଆଏ ।'

ଆଏଜ୍ କାଏଲ୍ କରି ଦିନ୍ ଗଡ଼େଇଁ ସର୍‌ପଁଚ୍ ମାସେ ତୁନ୍ ପରିନେଲାନ ପଏସା ନାଇଁ । ଅଢ଼ିଆ ନାଇଁ ଚଲ୍‌ବାର୍ ତ, ମାଏଟ୍ ବୁହା ପଏସା ପାଏଲେଁ ଶୁଝ୍‌ମୁ ବଲିଁ ଲୋକ୍ ଧାର୍ ଉଧାର୍ ଗହନା ପାତି କରି କଷ୍ଟେଁ ମଷ୍ଟେଁ ଚଲୁଛନ୍ । କେତେ ଲୋକ୍ ବେମାର୍ ପଡ଼୍‌ଲେ ନ; ପଏସା ପାଏଲେଁ ବଏଦ୍ ଗୁନିଆଁ ଉଷୋ କଷା କର୍‌ବେ ।

ଫୁଲ୍‌ଝରି ଆର୍ ଜୀବର୍ଦ୍ଧନ୍ ଦୁହି ମାଁ ପୁଓ ବେମାର୍ ପରି ଖଟ୍ ଧଏଲେନ । କେଭେଁ ଏନ୍ତା କାମ୍ ନାଇଁ କରିଥାଇଁ । ଖରା ତରା ନେ ଭୁଖେଁ ଦୁଖେଁ ମାଏଟ୍ ବୁହା କାଏଁ ସହଜ ଆଏ ? ଯେ କର୍‌ସି ସେ ଜାନ୍‌ଏ । ଏକେଁ ମାଏଟ୍ ଖୁପ୍‌ବାର୍ ନାଇଁ । ଚୁଟେ ପକାଲେଁ ପଷେ ରକଦ୍ ଶୁଖୁଛେ, ଫେର୍ ଠି ଠି ଖରା ଥିଁ ଡଙ୍ଗର୍ ମେଡାଲ୍ ବଂଧ୍ ଆଏର୍‌କେ ଚଢ଼ି ମାଏଟ୍ ଭାର୍ ପକାବାରେଁ ହାଡ୍ ପଁଜରା କଟ୍‌କଟେଇଁ ଯାଉଛେ । ମାଁ ପୁଓ ନିରସ୍ତ୍ ହିଁ ଖଟେଁ ପରିଛନ୍ । ଫୁଲ୍‌ଝରି ଦୁଖେଁ କଷ୍ଟେଁ କରି ଥିର୍ ପଷେ ଉହ୍ଲଉଛେ, ପୁଓକେ ଯତ୍‌ନଉଛେ । ନିଜର୍ ଦିହ ପା'ର୍ କଥା କେନ ସୋର୍ କରୁଛେ । ବେଁକର୍ ମାଲି, କାନର୍ ଫୁଲ୍ ଜୀବର୍ଦ୍ଧନର୍ ମୁଡ଼ଆଡେଁ ରଖି ନେଇଛେ । କହିଛେ ''ପୁତା ! ଦେଖିବୁ ମୋର୍ ମା'ର୍ ଦେଲା ଟା ଆଏ, ମୋର୍ ମାଁକେ, ମୋର୍ ବହକେ ଦେବାକେ ରଖିଛେଁ । ଏତେ ଅଭାବ୍ ଅନାଟନ୍‌ଥିଁ ବି ନାଇଁ ବିକି ଭାଁଜି । ମୁଇଁ ଥିମି ନାଇଁ ଥିମି, ଯେଭେଁ ବିହା ହେବୁ ଇଟା ଦେଇଦେବୁ ମୋର୍ ମାଁକେ । ଆର୍ ତୋର୍ ବା'କହିକରି ଯାଇଛେ 'ସଂପଦ୍‌ବଏଲେଁ ଇମାନ୍ ଆଉର୍ ଇଜତ୍ ଆଏ, ବନ୍‌ଏ ହେପାଜତ୍ ନେ ରଖିବୁ, ଥରେ ଗଲେଁ ଆର୍ ଫିରେ ନାଇଁ ।

ଜୀବର୍ଦ୍ଧନର୍ ଦିହ୍ ଚ଼ଟ୍ କରୁଛେ, ଟଁଟି ଶୁଖି ଯାଉଛେ, କଁପି ଥିଁ କଁଠ୍ ଥରୁଛେ । ତଥାପି କହେଲା 'କାଏଁ ଚିନ୍ତା କରୁଛୁ ମା, ମାସେ ମେଡାଲ୍ କାମ୍ କରିଛୁଁ ଅବେଶ ପାଁଚ୍ ଛ'ଶ ମିଲ୍‌ବା । ତୋର୍ ଉଧାର୍ ବାଏର୍ ଶୁଝିନେମା । ଯେନ୍ ଦୁଇ ଦରବ୍ ଗହନା ପାତି ପକେଇଛୁ ମୁକ୍‌ଲେଇ ଆନ୍‌ମା; ଦୁହିକର୍ ଲାଗଁ ଉଷୋକଷା ମନ୍‌ମାନା କର୍‌ମା; କାଏଲ୍ ମିଲ୍‌ବା କହୁଛନ୍ ତ ।'

ଆର ଦିନ ପଏସା ମାନ୍ ପାଏଲେ । ହିସାବର୍ ଅଧାଅଧା ବି ନୁହେ, ଦିନ୍‌କିଆ ଭୂତି ନୁ ବି କମ୍ ପର୍‌ଲା । କେତେ ଲୋକ୍ ଅଡ଼ିବସ୍‌ଲେ ଆମେ ନାଇଁ ନଉଁ । ଫେର୍ ଘରର୍ ଅବସ୍ଥା ସୋର୍ କରିଁ ମରେ ଅସ୍ ନେଲେ । କେତେ ଲୋକ୍ ଶାଏପ୍ ବି ଦେଲେ ଗରିବର୍ ପେଟ୍ ଯେ ମାରୁଛେ ତାର୍ କଥା ଯେ ଉଦୁଛେ ବୁଡୁଛେ, ସେ ବୁଝିବା ।

ସର୍‌ପଁଚ୍ କହେଲା-''କାଁ କରି ଏନ୍ତା ହଉଛ, ରହ ମୁଇଁ ସବୁ ବୁଝେଇ ନଉଛେଁ । ଖେଦ୍ ଖଲାର୍ କମାନି ଥି ଯେନ୍ତା ଚ଼ରେ ଚି଼ର୍‌ଗୁନ୍ ମୂଷା ମାକର୍ ପୋକ୍ କିରଂଗା ସମ୍‌କର୍ ଭାଗ୍ ଥିସି ଇଥିଁ ବି ହେନ୍ତା ଆଏନ । ଦେଖ ମୁଇଁ ସର୍‌ପଁଚ୍‌ଟେ ହେଲିଁ ଯେ କେତେ ସାରିଛେଁ ମୁଇଁ ଜାନେ; ଚାଲିଶ୍‌ପଚାଶ୍ ହଜାର ପରେ ପତା ନାଇଁ ପୂର୍‌ଲା ବୋ । ସମିତି ମେମ୍ବର୍ ତାର୍ ଦୁଇଗୁନ୍ ଧର, ଜହ ନାଇଁ ହେଲେଁ ବି । ସମିତି ଚ଼େଆର୍‌ମେନ୍ ତ ସତରଟା ମେମ୍ବରକେ ଜନ୍‌କ ଅଧା ଲଖି ଲେଖା, କେତେ ହେଲା ଯେ ହିସାବ୍ କର । ତାର୍ ପରେଁ ବଲକ୍ ଅଫିସ୍‌ନେ

ଅଛନ୍ କିରାନି, ଇଂଜିନିଅର, ଅଫିସର୍ ପାତି, ସେନେ କିଛି ନାଇଁ ପକାଲେଁ ପଏସା ପତର୍ ବାହାର୍‌ଲା ନ ? ଢୁଗୁଆ କୁକୁରର୍ ଆଗ୍‌କେ ଶିକାର୍ ଫୁଟେ ନାଇଁ ପିକ୍‌ଲେଁ ମାଲିକର୍ ଘରୁ ଖୁଟି ଖଁଡ଼େ ହେଲେ ବେଟି ପାର୍‌ବୁ ? ସର୍‌ବାର୍ ଉପ୍‌ରେଁ ନାଇଁ କହେବାର୍ କଥା କହୁଛେଁ, ଫେର୍ ମନ୍ତ୍ରୀ ଏମେଲେ । ଖଜୁର୍ ଗଛ୍‌କେ ଚଢ଼ି ଜନ୍‌ଏ ଖଜୁର୍ ଝୁନ୍‌ବା ଯେ ତଲର୍ ଲୁକେ ବେଟି ସାଉଁଟି ଖାଇନେବେ ଆର୍ ଝୁନ୍‌ଲା ଲୋକ୍ ଚୁକୁଥିବା ? ତାର୍ ଲାଗିଁ ତ ମିଲୁଛେ ବଲିଁ ତାର୍ ଭାଗ୍‌ଟା ଆଗୁଁ ରଖ୍‌ଲେଁ ଯାଇ । ଆମର୍ ଇ ପଂଚେତ୍‌ନ ତ ବନ୍‌ଏ ପାଉଛ ବୋ ! ଉନିଆଁ ପଂଚ୍ଚେତ୍‌ମାନ୍‌କେଁ ତ ଟଂକାକେଁ ଚାଏର୍ ଅନା ବି ନାଇଁ ।''

କୁଁଥେଇ କୁହୁରି ଯାଇଥିଲା ଜୀବର୍ଦ୍ଧନ୍ ପଏସା ଆନ୍‌ବାର୍‌କେ । ଫିର୍‌ଲା ବେଲ୍‌କେ ଜର୍ ବଢ଼ି ଯାଇଛେ । ବସିଉଠି କରି ପୁହୁଁଚିଲା ବେଲ୍‌କେ ମାଁ ତାର୍ ଖଟେଁ ପରି ବିନ୍‌ସୁରିଆ ବେବ୍‌ଲଉଛେ-''ଇମାନ୍ ଇଜତ୍‌କେ ଜୁଗି କରି ଚ଼ଲ୍‌ବୁରେ ବେଟା ।''

ଆର ଦିନେ ବଂଧ୍ ଦେଖ୍‌ବାକେ ଆଏବେ ମନ୍ତ୍ରୀ । ବାହାଦୁରି ନେବେ ସେ କେନ୍ତା କରି ଲଡ଼ି ଭିଡ଼ି ପଏସା ଆନ୍‌ଲେ । ଲୋକ୍‌କର୍ ଦୁଖ୍ ସହି ନାଇଁ ହେବାର୍ ବଲିଁ ଶୁଖା ଆଁଖି ସଫା ଉର୍‌ମାଲ୍ ଘେଁସ୍‌ରେଇ ଆନ୍‌ବେ ।

ସକାଲ୍ ପାହିଁ ଗାଏ ଢ଼ିଲା ବେଲ୍ ହେଲା ନ; ସର୍‌ପଁଚ୍ ଘର୍ ଘର୍ ବୁଲୁଛେ କହି କହି-''ମନ୍ତ୍ରୀ ଆଉଛନ୍-ଚାଲ ଯିମା, ତୋରନ୍ ବାଁଧିମା, ଫୁଲମାଲ୍ ପିଁଧାମା, କୀର୍ତ୍ତନ୍, ବଜା ଗଜା ବଜେଇଁ ସଡ଼ଖୁଁ ପର୍‌ଘେଇ ଆନ୍ ମା ଚ଼ାଲ ।'' କାହାକେ କହେଲା ମେଡାଲ୍ କିହେ ଶୁନ୍‌ବାର୍ ନାଇଁ ।

ପଁଚୁ ଘରୁଁ ଫୁଲ୍‌ଝରିର୍ ବେବ୍‌ଲାବାର୍ ଶୁଭୁଛେ ''ଇମାନ୍ ଆର୍ ଇଜତ୍ ଥରେ ଗଲେଁ ଫିରେ ନାଇଁ ।''

□□

# ପାନିର୍ ନାଁ ଜୀବନ୍ ଆଏ

ଦଶ୍‌ରାର୍ ବାଦ୍‌ଲିଆ ଖରା ଜୁଏ ଜାଲି ନଉଛେ ବାହାରେଁ ମର୍‌ଡ଼ିର୍ ଖଏ ଢେଁକାର୍ ଶୁଭୁଛେ ଖେତର୍ ଡୁଲି ଡାଂଗ୍‌ରିନେ । ଶାଗ୍ ରସିଆ ରଂଗ୍ ଫଁକେଇ ହଇ ଖରାର୍ ଲେଖେଁ ପର୍‌ରଇ ଆଉଛେ ଧାନର୍ ଫସଲ୍ । ଘରେଁ କେଶବ ଭୁଏ ଡ଼ଲାଭାର୍ କୁଏଡ଼ ଗଏଁତି ସଜଉଛେ ।

ମା ଦଏମତୀ କହେଲା ''କାହିଁ ଯିବୁରେ ବୁଆ ?

ଫଟା କରିଆ ଖଣ୍‌କ ଖଦେଁ ପକଉନ୍ ପକଉନ୍ କେଶବ କହେଲା, ''ଆର୍ କେନ୍‌କେ ଯିମି ମା ? ଖେତେଁ ତ କାହିଁ ପାଏନ୍ ନାଇଁ; ଥିବାର୍ ତକ୍ ଉପେ ଚ଼କର୍ ଚାଲିଥିଲା; ଲଡ଼ବାର୍ ଚେ଼ରେଷ୍ଟା କରୁଥିଲିଁ ମର୍‌ଡ଼ିର୍ ସାଂଗେଁ । ହେଲେଁ ପାଏନ୍ ଗଲା, ଧାନ୍ ଗଲା ସାଂଗେଁ ଜାନ୍ ବି ଯାଇ ବସ୍‌ଲାନ । ନାଇଁ ବର୍‌ଷେ ବଲିଁ ଜାନିଥିଲେଁ ପଛର୍ ଖର୍‌ଚାମାନ୍‌କୁଁ , ଲଟା ବଛା ସାର୍ ବିଛାଥିଁ ଯାହା ସର୍‌ଲା, ବଅଁଚେ଼ଇ ହଇଥିତା; ସେଟା ଥିଲେଁ ଇଛେନ୍ ଛୁଆକର୍ ମୁହେଁ ଥିର୍ ଢୁକେ ହେଲେଁ ଦେଇ ହଉଥିତା । କାଁ କର୍‌ମା ? .....'' ଖର୍‌ନିଶାସ୍ ପକାଲା, କେନ୍‌ସି କଥା ଥିଁ ପୂର୍ଣ୍ଣଛେଦ୍ ପକାଲା ଲେଖେଁ ।

ଦଏମତୀ ପୁଓର୍ ଟିକେ ପାଶ୍‌କେ ଆସି କହେଲା-''ଦେଖ୍‌ତରେ ବୁଆ ! ଆମର୍ କଟାତଲର୍ ଡୁଲି ଭି ମରିଁ ଯିବାର୍‌ଟା କେଡ଼େ ଆକାଭୂତ୍ କଥା ଯେ । ମୋର୍ ଖଟି ଆଏଲା ବେଲ୍‌କେ ମୋର୍ ଶଶୁର୍ କହୁଥିଲେ, ଛପନ୍ ସାଲେଁ ଭି ପରେ ହେଁ ଡୁଲିଥିଁ ଧାନ୍ ଟୁପା ଦୁ ପାଇଥିଲେ, ଯେ ବିହନ୍ ପାଚ଼ନ୍ ଚ଼ଲ୍‌ଲା । ତାର୍ ପଛର୍ ସାଲେଁ ମୋର୍ ଦିହ୍‌କେଁ ଭି ସାନ୍ ବଡ଼୍ କରି ଗୁଟା ଚ଼ାରେ ମର୍‌ଡ଼ି ଭୁକ୍‌ତିଛେଁ । ହେଲେଁ ଆମର୍ ହେଁ ଡୁଲି କେଭେଁ ନିରାଶ୍ ନାଇଁ କରି, ମଲା ମର୍‌ଡ଼ିଆ କରି ଟୁପାହୁ ଦେଇଛେ; ଏସୁର୍ ତ ଶୂଇନ୍ ଶୂଇନ୍ ମହାଶୂଇନ୍ । କା'ଣା କରି ହେସି ବଲୁଛେଁ । ଗୁଟେ ମର୍‌ଡ଼ି ଥିଁ ସୁନା ରୂପା ଥିଲା । ଆଏଜ୍ ସିନା ମୋର୍ ଦିହେଁ ସୁନା ରୂପାର୍ ଦାଗ୍ ନାଇଁ ନ, ହେଲେଁ ଦିନ୍ ଥିଲା, ଚ଼ାଁଘ୍‌ରେ ସାଜୋ ମୋର୍ ଦିହେଁ ଚ଼କ୍ ଚ଼କଉଥିଲା । ତୋର୍ ବା' ଥିଲେ କହେଲେ, ସାଜୋ ଗଲେଁ ଯାଉ; ଜୀବନ୍ ଥିଲେଁ ସମିଆ ସୁକାଲ୍ କଲେଁ ଏଖେଇ ବଛର୍‌କେଁ ମାଏନ୍ ମନ୍‌ସା ସାଜୋ ଗରେହଇ ନେମି । ଆର୍ କେ'ଭେଁ କରି ହେଲା ? ସେ ମର୍‌ଡ଼ିନୁ ସଁଭରୁନ୍ ସଁଭରୁନ୍ ବଛର୍ କେତେଟା ନାଇଁ ଯାଉନୁ ଫେର୍ ଗୁଟେ ଅନାଟନ୍ । ସାଜୋର୍ ବାଟ୍ ଧଏଲେ ଘରର୍ କଂସା ପିତଲ୍, ଖେତର୍ ଗଛ ଖୁଟ୍, ଗୁହାଲର୍ ଗାଏ ଭଏଁସ୍ ଛେଲ୍‌ମେଡ଼ି । ଦୁଖେଁ କଷ୍ଟେଁ ଭୁଖେଁ ଶୁଷେଁ ମରି ଜମି ଟେପର୍ ଦୁକ ବଅଁଚିଥାଉ ଯେ ଛୁଆଟାକ

ଯେତେବେଳେଁ ହେଲେଁ ସଁଭ୍ରିବା, ଘର୍ ଦୁଆର୍ କରି ଖାଏବା ବଏଲେ ରେ ପୁଓ, ତୋର ବା' । ଗଲା ଥରର୍ ମର୍‌ଡ଼ି, ତୋର୍ ବିହା ବଛରେଁ ଯେନ୍ ହେଲା, ସେଥର କେନ୍ତା କରି ଜୀଇଁ ଖାଇ ହେବା ବଲିଁ ହୁର୍‌ଗୁନି ହୁରୁଗୁନି ଦିହ୍ ଛାଡ଼୍‌ଲେ । ହାତୁଁ ତୁରି ମୁହୁଁ ସେଂଦୁର୍ ଗଲା ମୋର୍ । କହିଥିଲେ ଜମି ଉପ୍‌ରେଁ ହାତ୍ ନାଇଁ ଦିଏଁ, ସେ ଟେପର୍‌ଦୁକ ଥିଲେଁ ମୋର୍ ପୁଓ ସୋଇ ଲୋକ୍ ଲେଖେଁ ମାଏଟ୍ କାଏଟ୍ ବୁହି ନାଇଁ ଯିବା । ରାଆଁଡ଼ର୍ ମର୍‌ଡ଼ି ତ ଧୁଆଁ ଧାଉଁଛେ, ଦୁଇ ଚ଼ାଏର୍ ବଛର୍ ନାଇଁ ଯାଉନୁ ହାଜର୍ ।''

ଦଏମତୀକେ ଆର୍ ନାଇଁ କହିଦେଇଁ କେଶବ କହେଲା-''ହଁ ମା ! ମର୍‌ଡ଼ି ଆଏବା ତାହାକେ ମନା କରି ନାଇଁ ହଏ । ମେଘ୍‌କେ ଦେଖିଁ ଚାଷ୍ କଲେଁ ମର୍‌ଡ଼ି ତ ବାଟ୍ ମୁହଁର୍ କୁନୁଆଁ, ସାଏଁନୁ ଢୁକିଁ ଆଉଛେ । ହଁ ବଡ଼ଯୋର୍ ବଁଧା ହଇଥିଲେଁ, ଯେତ୍‌କି ଟେ ପାଏନ୍ ନଏଦ୍ ସମୁଦର୍‌କେ ବୁହିଁ ଯାଉଛେ, ଚାଷୀର୍ ଖେତ୍ ବାହାଲ୍ ଭରେଇ ନେତା । ହେବା ହେବା ବଲ୍‌ସନ୍, କେଭେଁ ନାଇଁ ହେବାର୍ ତ । ଯାଁ ବ୍ ହେସି, ଶୁଭ୍ ବି ଦିଆହେସି । ଭୋଟ୍ ବେଲ୍‌କେ ହେତାର୍ ଉପ୍‌ରେଁ ଚ଼ରଚା ବି ହେସି । ସଭେ କହେସନ୍ ଆମର୍ ସରକାର ହେଲେଁ ଇଥର୍ ଜରୁର୍ ହେବା । ସର୍‌କାର ହେସି ହେଲେଁ ବଁଧା ନାଇଁ ହଏ । କାଁ କର୍ ମା ? ଆମର କପାଲ୍ ଆଏ ।'' ଆଏଁଖିମାନ୍ ଉଦା ହଇଁ ଆସ୍‌ଲା ।

କଥା ଫଁକାବାର୍ ମେତାଲ୍ ଦଏମତୀ କହେଲା-''ଡଲାଭାର୍ କାଁ କର୍‌ବୁ ? କେନ୍‌କେ ଯିବୁ ସେ ? ଥିର୍ ପାଏନ୍ ଟିକେ ନେଇକରି ଯାଏତୁ ଯେ କାଏଲ୍ ରାତିଁ ତ ଭାତ୍ ତୁନ୍ କଁଟ୍‌କେ କଁଟ୍ ମେତାଲ୍ ହେଲା । ବାସି କାଁଜି କିଛୁ ନାଇଁନ୍ । ଭୁଆଷେନ୍ ଗାଧିଯାଇଛେ । ଛୁଆମାନେ ବି ସାଂଗେଁ ଲମି ଯାଇଛନ୍, ଆଏଜ୍ କା'ଣା କରି ହେସି ଯେ ?.....''

'ଯେ'ର୍ ପରେଁ ଲମି ଥିବାର୍ ହତାଶିଆ ଭାବର୍ ଅର୍ଥ ବୁଝି ପାର୍‌ଲା କେଶବ୍ । ସେ ଚାଉଲ୍ ସରିଁ ଗଲା ନ ଭାଏଲ୍ ମା?'' ପ୍ରଶ୍ନ ପଚ଼ରାବାର୍ ଚାହାନି ସାଂଗେଁ ଆଏଁଖି ମାନେ ତାର୍ ଉଦା ଉଦା ହଇଁ ଆସୁଥିଲେ ।

'ହଁରେ ପୁତା !' କହେଲା ଦଏମତୀ 'ହେଁ ଦୁଇ ଟଁକିଆ ଚାଉଲ୍ ମିଲୁଥିବାର୍ ତକ୍ ଟଁକା ଯୁଡ଼େ ଖଁଜିହେବାର୍ ଦମ୍ ଲାଗୁଥିଲା । ଚ଼ଅଁରୀର୍ ଗୁରସ୍ ଗିଲାସେ ମୂର୍‌ଛି ଲେଁ ଟଁଙ୍କା ଦୁଇଟା ହଇଁ ଯାଉଥିଲା । ଫେର୍ ଆଶ୍ଚର୍ଯ୍ୟ ହେଲା ବାଗିର୍ ପଚ଼ାରିଲା ''କାଁ ହେଲାରେ ବାବୁ ! ସର୍‌କାର ନୁ ମିଲୁଥିଲା କିଏ ଫେର୍ ସେଥିଁ ଆଡେଁ ପର୍‌ଲା ?

ଦଏମତୀର୍ କଥା ନାଇଁ ସର୍‌ନୁ କେଶବ କହି ପକାଲା-''ମୁନୁଷ୍ ମା! ମୁନୁଷ୍ । ତାର୍ କଥା ନେ ରିଶ୍‌ମି ଟିକେ ମିଶିଥିଲା । ''କୁକୁର୍ କୁଲିହା ଭି ନିଜର୍ ଜାତିର୍ ମାଉଁସ୍ ନି

ଖାଆନ୍, ହେଲେଁ ମୁନୁଷ୍ ନାଇଁ ଛାଡ଼େ, ମା ! ମୁନୁଷର୍ ମାଉଁସ୍ ଖାଏସି । ନାଇଁ ଦେଖୁଛୁ ପଂଚେତ୍ ଟାକର୍ ଲୋକ୍, ନାଇଁ ବଏଲେଁ ଭି ହଜାର୍ ତିନ୍‌ଏ ଚାର୍‌ଏ ହେବେ, ଇ ଚାଉଲ୍‌କେ ଆଶ୍ରା କରିଥିଲେ ଯେ, ଗୁଟେ କା'ଣା ମା ! ତିନ୍ ତିନ୍‌ଟା କୁଟା ଗାଏବ୍ ।''

''ହେଁ ଟା ଧରମ୍ ନାଇଁ ସହେ ପୁତା ! ନାଇଁ ପାର୍ ଯାଏ ହେ ପାପ୍ । ହେ ପାପ୍ ଯେ କରିଛେ, ଏତେ ଲୁକର୍ କନ୍ଦନା ପର୍‌ବା, ତାର୍ କେଭେଁ ଭଲ୍ ନାଇଁ ହଏ ।'' ଶଁପ୍‌ଲା କାଟ୍‌ଲା ଲେଖେଁ କହି ପକାଲା ଦଏମତୀ । ୭

କେଶବ ମାଁର୍ ପାଶ୍‌କେ ଘୁଚି ଆସି କଲେଁ କଲେଁ କହେଲା 'ହଁ କଥାଟା ଗାଁର୍ ଲୁକେ କହେଲେ ଏମେଲେ କେ ଯେ, ସେ ମହା ଦୁଖ୍‌ମନା ମହାନ୍ ରିଶ୍‌ମି । କହେଲା ପରେ ''ଇଛନ୍ ଚାଉଲ୍ କଥା ଛାଡ଼, ମର୍‌ଡ଼ିର୍ କଥା କହ । ତାହାକେ ତ ସସ୍‌ପେଁଡ୍ କରା ହଇଛେ ।''

ଲୁନ୍‌ହାଁ ସର୍‌ପଂଚ୍ କହେଲା ''ସେ ସସ୍‌ପେଁଡ୍ ହେଲେଁ ଟାଏର୍ ହଜାର୍ ଲୁକର୍ ଗର୍‌ଜିଲା ଅଁଧାନ୍ ଥିଁ ଚାଉଲ୍ ପର୍ଡି ଭାତ୍ ହେବା କାଏଁ ?'' ଏମେଲେ ତ ଲାଲ୍ ଲାଲ୍ ଆଏଁଖ୍ କରି ଗର୍‌ଜି ଉଠୁଥାଏ । କହୁଥାଏ ''ଆର୍ କା'ଣା ତାର୍ ଛାଲ୍ କଟାହେବା ?'' ''କାଏଲ୍ ଇ ଗାଁର୍ ଲାଗିଁ ଗୁଟେ ଖରାପ୍ ଦିନ୍ ଥିଲା ମା, ; ଲୋକ୍ କହେଲେ ଗାଁ ନେ ଗୁଟେ ନଲ ଚୁଆଁ ଥିଲା ଯେ ପାଏନ୍ ଆର୍ ନାଇଁ ବାହାର୍‌ବାର୍ ନ । ଆର ଗୁଟେ ଚୁଁଆ କରେଇ ଦିଅ ଆଜ୍ଞା ।, ଅରନ୍ ନାଇଁ ମିଲ୍‌ଲେଁ ଭି ପାଏନ୍ ଟିକେ ହେଲେଁ ମିଲ୍‌ବା । ଭୁଖେଁ ଟାଏର୍ ଦିନ୍ ବି ରହି ହେସି ଶୁଷେଁ ଘଡ଼େ ନାଇଁ ରହି ହଏ ।''

''ଝାଁରି ଝୁରି ହଇଁ ଏମେଲେ କହେଲା ପରେ ଘର୍‌କେଁ ଗୁଟେ ଚୁଆଁ ଦିଅ ବଲ ବୋ ! ଛୁଆଟେ ଗାଁ, ଭୋଟର୍ ଶ' ପାଁଚେ ଥିବେ କି ନି, ଗୁଟେ ଚୁଆଁ ଯେତେତେତେ । ଫେର୍ ଇ ଚୁଆଁ ଥିଁ ପାଏନ୍ ନି ହେବାର୍ ତ ଆର୍‌ଗୁଟେ ହେଲେଁ ସେଥିଁ ଯେ ପାଏନ୍ ହେବା ସେ ଗେରେଂଟି କେ ଦେବା ? ଛାଡ଼ ତୁମର୍ ଗାଁ ଥିଁ କିଛି ନାଇଁ ହଏନ । ତୁମେ ସବୁ ଥିଁ ରାଜ୍‌ନୀତି କରୁଛ; ଚାଉଲ୍ ଥିଁ କଲ, ଚାଉଲ୍ ପରେଁ ଚୁଆଁ ଆର୍ ଚୁଆଁ ପରେଁ ଫେର୍ କା'ଣା କର୍‌ବ ଯେ କେ ଜାନ୍‌ଏ ? ଆଗେଁ ପୁର୍ବେଁ ଚୁଆଁ ନାଇଁ ଥାଇଁ ଯେ ନାଇଁ ଚଲୁଥିଲ, ହେନ୍ତା ଚଲ୍‌ବ୍ ।'' ''ଆର୍ ଚୁଆଁ ଭି ନାଇଁ ହଏନ ମା'' ବଡ଼ା ନିରାଶ୍ ଭାବେଁ କହୁଥିଲା କେଶବ । ଅଡ଼ିଆ ନାଇଁ କି ପାଏନ୍ ନାଇଁ, କେନ୍ତେ'ଇ ଚଲ୍‌ବେ ଗାଁଟେ ଯେ...''

''ମହାପ୍ରୁ ଜାନ୍‌ବା'' କହିଁ ଘର୍ ଭିତ୍‌ର୍ କେ ପଶିଁଗଲା ଦଏମତୀ କହି କହି ''ଦେଖ୍‌ସିଁ ମୁର୍‌ହି ଲିଆ ମୁଠେ ଥିବା କାଏଁ ନେତୁ ।''

ତାର୍ ମା ଶୁନୁଛେ କି ନି ନିଘା ନାଇଁ, କେଶବ କହେଲା ''ମହାପ୍ରୁ କା'ଣା ଜାନ୍‌ବା ମା ! ମୁନୁଷ୍ କେ ଜାନ୍‌ବାର୍ କରିଛେ, ହାତ୍ ଗୋଡ଼୍ ବିବେକ୍ ବିଚାର୍ ସବୁ ଦେଇଛେ । ସେ ଯଦର୍‌ପି ସେଥିଁ ମୁନୁଷ୍‌କେ ବଅଁଚାବାର୍ ଚେରେଷ୍ଟା ନାଇଁ କରି ମାର୍‌ବାର୍ ଉପ୍‌ରେଁ ରହେବା ।''

ଦ୍ଅମତୀ ମୁଗ୍‌ଫଲି ଗୁଟା ଦୁ ଟୁପ୍‌ଲି ଟାକେଁ ଧରି ବାହାରି ଆସି କହେଲା ''ଏ ଦେ ନେ ରେ ପୁତା । ହେଁ ନେ ଝୁରେଇ କରି ଖାଇନେବୁ । ଇ ନେ ପୁଡ଼ାଲେଁ ଛୁଆକର୍ ନୁ ନାଇଁ ଅଗ୍‌ଲେ ।''

ଟିକେ ହଁସି କେଶବ କହେଲା ''ନିଜର୍ ଜନମ୍‌କଲା ଛୁଆକୁଁ ଲୁକେଇ କରି ଖାଏମି ମା ! ଇ ମୁଗ୍‌ଫଲି ପାଁଚ୍‌ଟାକ । ଧିକ୍ ଯାଉ ମୋର୍ ବାପ୍ ପନିଆଁ । ରଖିଥା ତାହାକୁଁ ଭାଗ୍ ବଁଟା କରି ଦେବୁ । ମୁଇଁ ଯାଉଛେଁ ଜହ ବେଲ୍‌ତକ୍ ନାଇଁ ରହେଁ । ହଁ ତତେ ନାଇଁ କହେବାର୍ ମା ! କେ ନ କହି ଦଉଛୁ ଯେ ହେଲେଁ କହେ ତିଁ, ଆମର୍ ବଡ଼ ଡୁଲିର୍ ତରା ତରା ସିନେ ଓଲ୍ ଚଟ୍‌କିଲା ନ, ହେଲେଁ ମଝ୍‌ଟାକ ବନ୍ଏ, ଉଦା ଅଛେ । ହେଁ କଟା ଆଡ଼ର୍ କନ୍‌କେ ଚୁଆଁଟେ କୁଡ୍‌ତିଁ ବଲୁଛେଁ, ପାଏନ୍‌ଟିକେ ହେତା କାଏଁ ବଲିଁ ମନ୍ ଭର୍‌ମୁଛେ । ଯଦର୍‌ପି ହଏ, ଗାଁ ମାଁ ବି ପାଏନ୍ ତୁକେ ପାଏତେ; ଅଢ଼ିଆ ତ ନାଇଁ ଦେଇ ହଏ ମା ! ପାଏନ୍ ପଷେ ହେଲେଁ ଦେଇ ପାର୍‌ଲେଁ କେତେ ବଢ଼ିଆ ହେତା ? ତାହାରୁଁ ଅଗ୍ ଭିଲେଁ ଡୁଲିକେ ଗନ୍ଦେ ଗନ୍ଦେ କରି ଭିଜାଲେଁ କିଛି ହଉ ଧାନ୍ ପିଚ୍‌କିଲେଁ ମାସେ ଅଧେ ଚଲିଁ ଯାଏତାଁ । ତେହେଁରୁ ଅଗ୍‌ଲିଲେଁ, ଆଲୁ ଉଏଲ୍ ଶାଗ୍ ଭାଜି କରି ଦୁଇ ଟାଏର୍ ପଟି କଲେଁ ଖରା ଚ଼ାଏର୍ ମାସ୍ କାଟି ହେତା ।'' କେଶବର୍ ମନ୍ ଭିତରର୍ ଆଶା ଟିକ ମୁହେଁ ଝଟ୍‌କିଁ ଉଠୁଥାଏ ।

ଦଏମତୀ ସାଂଗେଁ ସାଂଗେଁ କହି ପକାଲା-''ବନ୍ଏ କହୁଛୁ ଯେ, ଏକ୍‌ଲା ପାର୍‌ବୁ କାଏଁ ?'' ''କାହାକେ ଦୁକ୍‌ଲା କର୍‌ମି ମା ?'' ମାଁର୍ କଥା ନାଇଁ ଛିଡ଼୍‌ନୁ କେଶବ କହି ଚାଲିଥାଏ । ''ଭୂତି ଭରା ଦେବାର୍ ତ ତାକତ୍ ନାଇଁ, ଛୁଆମାନେ ତ ଛୋଟ୍ ଛୋଟ୍, ତାର ମା ତ ଏକେଁ ପିଲାତୀ ତାହିଁ କେଭେଁ ପେଟ୍ ପୂରା ନାଇଁ ପାଏବାର୍ । ଦେଖ୍‌ବୁ ପାଏନ୍ ଥିବା ହେଲେଁ ଦିନ୍ ଆଠ୍‌ଟା ନେ ଲୁକ୍‌କର୍ ମୁହଁକେ ପୁହଁଚେଇ ନଉଛେଁ ମା ।''

''ଖାଲି ଲୋକ୍ ନୁହନ୍ ବେଟା ! ସବୁ ଜୀବ୍ ଜଂତୁର୍ ଆଶା ଥିସି ପାନିର୍ ଉପ୍‌ରେ; ପାନିର୍ ନାଁ ପରେ ଜୀବନ୍ ଆଏ ।'' କହେଲା ଦଏମତୀ କେଶବର୍ ଭାବ୍‌ନାକେ ସହରାଲା ବାଗିର୍ ।

ଟିକେ ତହିଁକିଲା ଲେଖେଁ କହେଲା କେଶବ ''ହଁ ଠିକ୍ କହେଲୁ ମା ! ପାନିର୍ ନାଁ ଜୀବନ୍ ଆଏ । ମୋର୍ ଇ ମାଟିର୍ ପିଁଡ଼୍ ଭିତରର୍ ଜୀବନ୍‌କେ ପଣ୍ କରି ମାଏଟ୍ ଭିତରର୍

ଜୀବନ୍ କେ ବାହାର କଢ଼୍‌ମି ମା ! ଆମର୍ କୁଟ୍‌ମର ଜୀବନ୍ ସାଂଗେଁ ସାରା ଗାଁର ଜୀବନ ଭୁଖେଁ ଦୁଖେଁ ବି ଉଷତ୍ ଆନନ୍ଦ ଥିଁ କୁରଲି ଉଠ୍‌ବା ।'' କା'ଣା ପାଶିରିଲା କଥା ସୋର୍ କଲା ବାଗିର୍ କହେଲା ''ହଁ ଏଛନି ଅଡ଼ିଆ କଥା କେନ୍ତା କର୍‌ମା ବଲୁଛେଁ ?''

ଦଏମତୀ କହେଲା-''ଦେଖ୍ ତ ମଲା ମେତାଲ୍ ପାଶ୍‌ରି ପକଉଛେଁ ଯେ କହେବାକେ । ସେ ଡ଼ିଲର୍‌ବାଲା କହୁଥିଲା ଚଅଁରୀକେ ଦେବ ବଏଲେଁ ଚାଉଲ୍ ଦୁଇବସ୍ତା ଦେବା, ବସ୍ତାକ ହଜାରେ ଟଁକା ଏକା କଷୁଛେ ।''

କେଶବ ଛଟ୍‌କି ପର୍‌ଲା ଲେଖେଁ କହେଲା ''ଚ଼ଅଁରୀ କେ ? ନାଇଁ ମା ! ନାଇଁ । ନାଇଁ ମୁର୍‌ଛି ହଏ । ପହେଲା ବେତ୍ । ଶଁଖ୍ ଧୋବ ଛଡ଼ା ଛନ୍‌କି ଉଠୁଛେ । ଦୁହିବେଲ୍‌କେ ହିସାବ୍ କଲେଁ ତାମ୍ ତିନ୍ଏ ଗୁରସ୍ ଥୁଇଲାଟା, ତାର୍ ଖାଇ ତାର୍ ପିଇ । ନା ଦାନା ନା ପାନି । ବଂଧା ନାଇଁ ଲାଗେ କି ଛଂଦା ନାଇଁ ଲଗେ । ଚ଼ଅଁରୀକେ ବିକି ନାଇଁ ହଏ ମା, ମୁଇଁ ନିଜେଁ ପଛେଁ କେନ୍‌ସିନେ ବିକି ହେମି ।'' କେଶବର୍ କଥା ଥିଁ ଦରଦ୍ ଭରି ରହିଥିଲା ଆଁଖି ଭରି ଆଉଥିଲା ଲହର୍ ଲହରୀ ।

ଉଦା ସର୍‌ସର୍ ହଇଁ ଗାଧିକରି ଆଏଲା ଆଶା, କେଶବର୍ କନିଆଁ । ପିଧିଲା କପ୍‌ଟା ଠାନ୍ ଠାନ୍ ଦର୍‌କି ଯାଇଛେ । ଦର୍‌କିଲା ଠାନ୍‌ମାନ୍‌କୁଁ ଲୁକାବାର୍ ଚ଼େରେଷ୍ଟା ଥିଁ ଛାତିର୍ ପନତ୍ ଉସାର୍ ହଅତେଲ୍ ତଲ୍‌କେ ତଲ୍‌କେ ଖସ୍‌ରିଁ ଆଇଛେ । ମଠିଆଟେ ଖାକେଁ, ଭୁଜ୍‌ନି ହାତେଁ ଗିଲ୍‌ଟିର୍ ବାଲ୍‌ଟିନ୍, ପାଏନ୍ ଛଲ୍‌କିଁ ପରୁଛେ । ତାର୍ ଭୁଆଷେନ୍ ଆନ୍‌ଲା ପିତଲ୍ ଗରିଆ ମର୍‌ଡ଼ିର୍ ପେଟେଁ ଗଲା ଦିନୁ ମଠିଆ ଆର୍ ବାଲ୍‌ଟିନ୍ ଯୁରା କରିଛେ । ସାନ୍ ଛୁଆଟା ବୁଟ୍ ବୁଟ୍ ଚାଲିଁ ପଛେଁ ଗୁଡ଼୍‌ଉଛେ, ବଡ଼୍ ଛୁଆଟା ମା'ର୍ ଆଗୋ ଆଗୋ ମାଁ'କେ ଲେହେଁଟି ଲେହେଁଟି ଆଉଛେ । କେଶବର୍ ଛାତି ଚ଼ାଏଁ କଲା ଶୁଖିଁ ଗଲା ଆଶାର୍ ପିଧିଲା କପ୍‌ଟା ଦେଖି । ଅଖି ତୁର୍ଟୀଆର୍ ମୁଠି ଛୁଆ ବେଲ୍‌କେ ଆଶାର୍ ଲାଗି କପ୍‌ଟା ଘିନିବାର୍ ଥିଲା । ନାଇଁ ପାର୍‌ଲା ତ କହିଥିଲା, ଦୁଖେଁ କଷ୍ଟେଁଇ ଚ଼ାଏର୍ ମାସ୍ କଟେଇ ନେଲେଁ ଦଶ୍‌ରାକେ ସେ ନୁକୋ କପ୍‌ଟା ଯୁରେ ଘିନି ଆନ୍‌ବା । ହେନ୍ତେଇ ତ ଆଶାର୍ ଦିହେଁ ସାଙ୍ଗୋ ବାଙ୍ଗୋର୍ ଲେଶ୍ ନାଇଁ, ଅଏନ୍ କପ୍‌ଟା ଯୁରେ ହେଲେଁ ନାଇଁ ପିଁଧିବା କାଏଁ ? ହେଲେଁ ନେହେଲେଁ ପର୍‌ଜା ଘରର୍ ବହ ଆଏ । ଦଶ୍‌ରା ଆସିଛେ । କପ୍‌ଟା ଫାଟ୍‌ବାର୍ ସାଂଗେଁ ଖେଦ୍ ଖଲା ଫାଟି ଆଁ କଲା ନ । ମନ୍ ଫାଟି କରି ଖାଁ ଖାଁ କୁଦଉଛେ । ମନେ ମନେ କୁହୁରି ଯାଉଥିଲା କେଶବ । ଆଶା ତାର୍ ହାତ୍ ଧଏଲା ଦିନୁ ଗାଏଲ୍ ଝଗର୍ ମୁହଁଫୁଲା କିଛି ନାଇଁ । ଅରଦ୍‌ଲି ନାଇଁ କି ଅମାନ୍‌ତି ନାଇଁ । ଏସୁର୍ ସାଲେଁ ତ, ଯେନ୍ କହେସନ୍ ପିଠ୍‌କେ କନା ନାଇଁ କି ପେଟ୍‌କେ ଦାନା ନାଇଁ, ଆଶାର୍ ଠାନେ

ସବ୍ ହଇଛେ । ପାଁଚ୍ ପରାନୀ କୁଟୁମ୍ ସମକ୍କୁ ଦେଇ ସାଏଲେଁ ଯାଇ, ହେଲେଁ ଖାଏସି ନେହେଲେଁ ହେନ୍ତେଇ ଖାଲି ପେଟେଁ ....। କେଶବର୍ ମନ୍ ବିତାପୋର୍ ହଇଗଲା ।

''ମା ! କେନ୍ତା କର୍‌ମା ଗୋ ! ଅଁଧାନ୍ ଗର୍‌ଜି ଆଉଛେ, ଆଏଜ୍ ତ କିଛୁ ନାଇଁନ । ଆଶାର୍ ସିଧା ସାଦା ସରଲ୍ କଥା ଘଡକର୍ ଲାଗି ଘରେଁ ଛାଇଁ ଯାଇ ଥିବାର୍ ତୁନ୍ ତାନ୍‌କେ ଭାଂଗ୍‌ଲା । କାଏଲ୍ ରାତିଁ ତ ଛୁଆକୁଁ ଭି ପେଟ୍‌ପୂରା ନାଇଁ ଦେଇହେଲା, ଏଛନି ଫେର୍ ତାର୍ ବା' କବାର୍ କେ ବାହାର୍ ଲେ ନ, ଚୁଚ୍ଛା ହାତେଁ କେନ୍ତେଇଁ ଯାଏସନ୍....?''

ଦଏମତୀ କହେଲା ''ହଏଗୋ ମା ! କିଛି ହଉ ନାଇଁ କର୍‌ମା କାଏଁ ? ହେଁଟା ତ ମା ପୁଓ କଥା ହଉଥିଲୁଁ, ତୁଇଁ ପୁହୁଁଚ୍‌ଲୁ । ଚଅଁରୀକେ ଦେଲେଁ ଡିଲର୍‌ବାଲା ଚାଉଲ୍ ଦୁଇବସ୍ତା ଦେମି ବଲୁଥିଲା ଯେ ବୁଆ ତ ନାଇଁ ବଲୁଛେ ।''

''ଚ୍‌ଅଁରୀ କେ ? ସାତ୍ ପୁରୁଷର୍ ଖୁଁଟି ପଟେ ନ ଅଛେ...।'' ଆଶା କହି କହି କପ୍‌ଟା ପାଲ୍‌ଟି ବସ୍‌ଲା । ଇ ପନ୍ତ ସେ ପନତ୍ କରି ବଦ୍‌ଲା ଉଦ୍‌ଲା କରି ଦେଖୁଛେ, ଦୁହି ପନତ୍ ତ ଫଟା, କେନ୍‌ଟା କମ୍ କେନ୍‌ଟା ବେଶୀ, କେନ୍‌ଟା ଢାପି ହେବା କେନ୍‌ଟା ନାଇଁ ?

କେଶବ ସବୁ ନିଘା କରୁଛେ । ମନ୍‌ଟା ତାର୍ ଆଶାର୍ କପ୍‌ଟାନୁ ବି ଶହେଗୁନ୍ ଦଦ୍‌ରେଇଁ ଗଲା । ଚଅଁରୀ ଛଡ଼ା ତାର୍ ପାଏନ୍ ଛଲ୍ ଛଲ୍ ଆଁଖିଁ ଆର୍ ନାଇଁ ଦିଶ୍‌ଲା ନ ; ଉଭିଁଗଲା କେନ୍‌କେ । ମର୍‌ଡିର୍ ପେଟେଁ ସଭେ ଗଲେ, ଚଅଁରୀ ବି ଯାଉ । ଛୁଆ ପୁତା କରି ପାଁଚ୍‌ଟା ପରାନୀ ଥିର୍ ପଷ୍‌କର୍ ଲାଗି ଛଟ୍‌ପଟ୍ ହେବେ । ସେମାନେ ଚଅଁରୀଠାନୁ ବଡ ଆ'ନ୍, ମୋର୍ କୁଟୁମର୍ ମହତ୍ ଚ୍‌ଅଁରୀଠାନୁ ବଡ଼ ଆଏ । ଗରିବି ମୁନୁଷ୍‌କେ କେତେ ନିର୍ବଲ୍ ନିଲଜ୍ କରି ନେସି ଅନ୍‌ଭବ୍ କରୁଥିଲା କେଶବ । ଲହବତ୍‌ରା କଥା ଥିଁ କହେଲା ''ମା ! ଯା ଆନି ଆଏବୁ ଯା ଚାଉଲ୍ । ଚ୍‌ଅଁରୀ ଆର୍ ଆମର୍ ନାଇଁ ଲାଗି ନ; ଚଅଁରୀ କେ ମୂରଛିଲେଁ ଯାଇ ଚ୍‌ଲେ ।'' କହିନେଲା ସିନା, ରହି ନାଇଁ ପାର୍‌ଲା ନ । ଡଲାଭାର୍ ଧରିଁ ଭାଗ୍‌ଲା କିର୍ କିରାନୁ ।

''ଦୁସ୍‌ରା ବଛର୍ ଏନ୍ତା ସମିୟାକେ ଗହଲ୍ ଚ୍‌ହଲ୍ ଚାପିଁ ଆଉଥାଏ, ଏସୁର୍ ଶୂନ୍‌ଶାନ୍ । ଖେଦି ଆନୁଛେ ଖେଦ୍‌ଖଲା ।'' ମନେ ମନେ କହି କେଶବ ପୁହଁଚିଲା ତାର୍ କଟାତଲର୍ ଡୁଲିନେ । ସବୁ ନିଘା କରି କନ୍‌ଟାକେଁ ଠାନ୍‌ଟେ ଠିକ୍ କଲା । କେତେ ହାତ୍ ଲମ୍ବା କେତେ ହାତ୍ ଉସାର୍ କର୍‌ବା ନାପ୍ ଯୁଖ୍ କଲା । କେନ୍ ଆଡ଼୍‌କେ ବାଟ୍ କର୍‌ବା ଚିହ୍ନା ଦେଲା, ଏକ୍‌ଲା କୁଡ଼୍‌ବା ତ ତଲୁଁ ଡଲାଭାର୍ ଧରି ଉପର୍‌କେ ଆଏବାର୍ କେନ୍ତା କଲେଁ ସଜ୍ ହେବା ଭାବ୍‌ଲା । ତାର୍ ମା'ର୍ କଥା ପଦ୍‌କ ସୋର୍ କରି ତାର୍ ମୁହେଁ ଉପ୍‌କି ଆଏଲା 'ପାନିର୍ ନାଁ

ଜୀବନ୍ ଆଏ'। ହଁ ଇ ଧର୍‌ତୀ ମାଁର୍ ଛାତି ଭିତ୍‌ରେଁ ଜୀବ୍ ଜଗତର୍ ଜୀବନ ଅଛେ, ମହାପ୍ରୁକେ ଯୋର୍ କରି ଖେଡ୍ ଗୁଁସିଏନ୍ ଦେବୀକେ ମୁଡ଼ିଆ ମାଏଲା, ଧର୍‌ତୀ ମାଁ କେ ଗୁଡ଼୍‌ଶାଲେଁ ପରି ମାଟିଁ ହାତ୍ ଛିଆଇ ମୁଡେଁ ଲଗାଲା । ମନେ ମନେ କହି ଉଠ୍‌ଲା, ମା ! ମୋର୍ ଛାତିର୍ ରକତ୍ ଦେଇ ତୋର୍ ଛାତି ଥିଁ ଚୋଟ୍ ପକଉଛେଁ ମା ! ଖାଲି ପାଏନ୍ ଟିକେକର୍ ଲାଗିଁ । ହୀରା ସୁନା କରି କେତେ କେତେ ରତନ୍ ରଖିଛୁ, ମୁଇଁ କିଛି ନାଇଁ ଚାହେଁବାର୍ ମା ! ଖାଲି ପାଏନ୍ ପଷେ ଦେ। ଆଉର୍ ଥରେ ମାଟି-ମାଁ କେ ଯୁହାର୍ କରି ମାଏଟ୍ କୁଡ଼ି ମୂଡ଼ାଲା । କୁଡୁଛେ ତ କୁଡୁଛେ ଭୋକ୍ ଶୋଷ୍ ଭୁଲିଁ ।

ଦିନାଚାର୍‌କର୍ ପରେଁ ପରେଁ କହେଲା "ମା ! ପାର୍‌ତୁ ବଏଲେଁ ମୋର୍ ଲାଗି ବେଲା ନିକେ ପଖାଲ୍ ଗର୍‌ସେ ନେଇନେତୁ ହେଲେଁ ଅଉର୍ ନାଇଁ ଆଏତିଁ ନ । କୁଡୁଥା ମେତାଲ୍ ଲାଗୁଛେ ମା ! ସେ ନେ ବାଲିଆ ଉଦ୍‌ମାଏଟ୍ ବାହାରିଲା ନ । ଭାବୁଛେଁ ପାଏନ୍ ପାଶେଁ ଅଛେ, ଦିନ୍‌ଏ ଅଧିକେଁ ପାଏନ୍ ଆସିଁଯିବା । ସଥେଁ ବି ପାଁଚ୍ ଦିନର୍ ଦିନେ ପାଏନ୍ ପଝରିଲା । ମହାପ୍ରଭୁକେ ମାଟି-ମା କେ ହଜାର୍ ହଜାର୍ ଯୁହାର୍ କରି ଆର୍ ଦିନେ ନଡ଼ିଆ ଆନି ଖେଡ୍ ଗୁଁସିଏଁନ୍ ଦେବୀର୍ ନାଁନେ ପିଟ୍‌ଲା । ଯେତ୍‌କି ଗାଡ୍ ହଇଥିଲା ସେତ୍‌କି ପାଏନ୍ ଭରିଁ ଆଇଛେ । ଅଢ଼ିଆର୍ ଅଭାବ୍ ନାଇଁ ନ ଇଛନ୍ ଚଅଁରୀର୍ ଧର୍‌ମୁ । ହେଲେଁ ତାର୍ ବଦ୍‌ଲେଁ ଯେନ୍ ଦୁଇବସ୍ତା ଚାଉଲ୍ ଆନ୍‌ଲା ସେଟା ସେ ଦୁଇ ଟଁକିଆ ଚାଉଲ୍ ଆଏ । ଚଅଁରୀକେ ତ ଏକେଁ ମୂର୍‌ଛି ନାଇଁ ହେବାର୍, ହେତାଲେଁ ଛାତି ଫାଟିଁ ଯାଉଛେ; ତାର୍ ବଦ୍‌ଲେଁ ଦୁଇଟଁକିଆ ଚାଉଲ୍‌କେ ପାଁଚ୍ ଗୁନ୍ ଦାମେ ଘିନିଛେ ଜାନି ଭିତର୍ ତାର୍ ରଦ୍‌ରଦେଇଁ ଯାଉଛେ । ଦମ୍‌କଲା ସହିନେବା ବଲିଁ ଇ ଅନିଯେକେ; ମହାପ୍ରୁକେ ସାକ୍ଷୀ ରଖି କହେଲା "ହେ ମହାପ୍ରୁ ! ତୁଇଁ ବୁଝ୍‌ବୁ ତୋର୍ ସଂସାରର୍ କଥା । ନିଯେ ଅନିଯେ ପାପ୍ ଧରମ୍ ଭଲ୍ ମଂଦ୍ ସବ୍ ।"

ସବୁ ଦୁଖ୍ ପାଶ୍‌ରି ନେଲା ଯେତେବେଳେଁ ଦେଖିଲା ଯେ ଗାଁ ସାରା ମଠିଆ ଗରିଆ ବାଲ୍‌ଟିନ୍ ଧରିଁ ତାର୍ ସେ ଚୁଆଁନୁ ପାଏନ୍ ଆନ୍‌ବାକେ ଧାର୍ ଧରିଛନ୍ ।

ଦଏମତୀ କହେଲା "ପାଏନ୍ ଧାରେ ନୁହେ ତ ଅମ୍‌ରତ୍ ଧାରେ ମିଲିଛେ ।" ଗାଁ ଥିଁ ଚର୍ଚ୍ଚା ହଉଛେ କେଶବର୍ ଧର୍‌ମୁ ପାଏନ୍ ତୁକେ ପିଇବାର୍ କାଯେଁ ପାଏଲେ । କେଶବ ତାର୍ ମାଁ କେ କହେଲା "ଗାଁର୍ ଶୋଷ୍ ମେଟ୍‌ଲେଁ ତାକର୍‌ନୁ ଅଗ୍‌ଲିଲେଁ ତୁଲି ଭିଜାମା । ତୁନ୍ ଶାଗ୍ ବି କର୍‌ମା । ଆର୍ ହାତ୍ ଚାରେ କୁଡ଼ି ନେସିଁ ।"

ଦଶରା ପୂନି ଦିନାଦୁ ଅଛେ, ଠିଆ ଫୁଲି ଜନକ୍ ରାଏଦ୍ । ବେଲ୍ ବୁଡ଼ାକେ ଚୁଆଁଟିକ ଅଁଟି ଯାଉଛେ । ରାତିଁ ରାତିଁ କୁଡୁଛେ କେଶବ । ପୋଟ୍ ବାଏଲ୍ ବାହାରୁଛେ ତଲୁଁ । ହେଲେଁ

ତରେଁ ତରେଁ ମାଏଟ୍ ଧସ୍‌କୁଛେ; କରା ମେତାଲ ପାଏନ୍ ସକାଲ୍‌କେ ଛଲ୍‌କି ଆଉଛେ । ଡ଼ର୍ ଅଛେ ଚୁଆଁଟା ଭର୍‌ଲି ପାଟି ହଉ ନାଇଁନ ? ରହ ଦିନାଚ଼ାରେ ପରେଁ ତରାତରା ବାଉଁଶ୍ ଗାଡ଼ି ଅମରି ଗଁଥିନେବା ।

ପୁନି ଦିନ୍ଏ ଅଛେ, ପାଶର୍ ଗାଁନେ ଆଏଜ୍ ଚତୁର୍ଦ୍ଦଶୀ ଯାତ୍‌ରା; ବଏଲ୍ ଆଏବା । ଗାଁ ଯାକ ଇ ମର୍‌ଡ଼ି ଥିଁ ବି ଯାଉଛନ୍ ବଏଲ୍ ନିକେ ଦୁଖ୍ ଜନାବେ । ସାଂଗ୍ ସର୍‌ସିଆ ଡ଼ାକ୍‌ଲେ ଯେ କେଶବ ଭାବ୍‌ଲା 'ଆଏଜ୍ ହାତେ ଅଧେ କୁଡ଼୍‌ବା । ହାଦ୍ ସାତେ ହେଲା ନ, ତଥାପି ଗାଁର୍ ଲୁକ୍‌କର୍ ନୁ ନାଇଁ ଅଗ୍‌ଲିବାର୍ । ମାଁ ଲାଗିଛେ ଡୁଲିକେ ଭିଜା, ଧାନ୍‌କେ ବଅଁଚା, ପରେଁ ତୁନ୍ ଶାଗ୍ କର୍‌ମା । ଗାଁର୍ ଶୋଷ୍‌କେ ଲହଁକି ନାଇଁ ହେବାର୍ ସିନେ, ହେଲେଁ ତାର୍ ବି ମନ୍ ଅଛେ । ମନ୍‌ଟା ମହାପ୍ରୁର୍ ନାଁ ଜପ୍‌ଲା ଲେଖେଁ ଜପୁଛେ, ପାନିର୍ ନାଁ ଜୀବନ୍ ଆଏ ।

ଗାଁର୍ ଉନିଆଁ ଲୁକେ ପାଶର୍ ଗାଁ କେ ବଏଲ୍ ଦେଖିଗଲେ । କେଶବ ଗଲା ତାର୍ ଧର୍‌ତୀ ଦେବୀର୍ ପାଶ୍‌କେ । କିଏ କା'ଣା ବର୍ ମାଗ୍‌ବା, ପାଏବା କି ନି ଯେ କେ ଜାନ୍ଏ ? ଆପ୍‌ନେ ତ ବର୍ ପାଇ ସାଏଲାନ, ଲାଗିଛେ ଆଉର୍ ଟିକେ ଜହ ହଉ । ସେଥିଁ ଧର୍‌ତୀ ଦେବୀ ଦୟା ତ କରିଛେ, ନିଜେଁ ଟିକେ ମେହେନତ୍ କଲେଁ ବଢ଼୍‌ବା ସେ ମେହେନତ୍ କର୍‌ବାର୍ ଲୋକ୍, ମେହେନତ୍ କର୍‌ବା; ଫଲ୍ ଆପେଁ ଆପେଁ ରୁକେଇ ହେବା ।

ସକାଲ୍ ହେଲାନ, ଯାତ୍‌ରାର୍ ବଏଲ୍ ପରୁଆ ପାଟ୍‌ଗଲାନ । ଦେଖିନ୍ ହାରୀ ଲୋକ୍ ଘର୍‌କେ ଘର୍‌କେ ଧାର୍ ଧଏଲେନ, ଫିର୍‌ବାର୍‌କେ । କେଶବର୍ ସାଂଗର୍ ଲୁକେ ଚୁଆଁବାଟେଁ ଫିରୁଛନ୍, ଦେଖିବେ କେଶବର୍ ଚୁଆଁର୍ ପାଏନ୍ କେତେ ବଢ଼ିଛେ ।

ଆସିଁ ଦେଖିଲେ ଚୁଆଁ ଭର୍‌ଲି ପାଟି ହଇଛେ । ଉପ୍‌ରେଁ ପାଏନ୍ ଛୁପୁଲ୍ ଛୁପୁଲ୍ ଚ଼ହଲି ଯାଉଛେ । କେଶବର୍ ମୁଡ଼ର ବାଲ୍ ଗୁଟାଦୁ ଦିଶୁଛେ । ଗୁଟେ ହାଦ୍ ଉପର୍‌କେ ଟେକି ହଇଛେ, ମାଟି ଗାଡ଼ି ହେଲା ଲେଖେଁ । କେଶବର୍ ଜୀବନଟିକ କେତେବେଲୁଁ ପଲେଇଁ ଗଲାନ । ହେଲେଁ କାହାକେ ଶୁଭୁଛେ କି ନି କେ ଜାନ୍ଏ । କେଶବର୍ ଶବ୍ କହୁଛେ ''ପାନିର୍ ନାଁ ଜୀବନ୍ ଆଏ'' ।

ଡୁଲିର୍ ଆରିର୍ ଲଟା ଉପ୍‌ରେଁ ଓସ୍ ବୁଂଦା ବୁଂଦା, ତାର୍ ଉପ୍‌ରେଁ ଉଦ୍‌ଲା ବେଲର୍ ଲାଲିଆ ଖରା ଚ଼କ୍ ଚ଼କ୍ କରୁଛେ, ଲହ ଆଏ କି ଲହୁ ଆଏ କେ କହେବା ?

❑❑

# ଟେଁଢ଼େଇ ନୁହେ, ମାଉଲୀ ଆଏ

‘‘ଦେଖ୍ ଆ ବ ବୋ ପିଲା ଜାଗେ ! କହେଲେଁ କେ ସତ୍ କର୍‌ବା ? ଦିନର୍ ଦୁଇ ପହରେଁ ଦହ ଦହ ଟେଁଢ଼େଇ ଚ଼ରୁଛେ । ଦେଖ୍ ନ ବୋ ଦିହେଁ ବସ୍ତର୍ ନାଇଁ, ସରବ୍‌ନଙ୍ଗଲା ନଲିଆର୍ ତଲ୍ ଉପର୍ ହଉଛେ ସେ ସେ ଥିଁ ।’’ କ୍ୟାଁ’ର୍ ବେଜା ବୁଡ଼ଉଛେ, କା’ର୍ ପୁଓକେ ଘତେଇଛେ କି କା’ଣା ଯେ କାହିଁ ଜାନି ହେବା ? ଦେଖ୍‌ରେ ; ମୁହଁଭେଟ୍ ପଡ଼୍‌ଲାଁ ବାଗିର୍ ଲାଗ୍‌ଲା ନ । ଉବ୍‌ରି ପାରୁଛୁଁ କି ନି ଯେ । ’’ କହୁଥିଲା ଅଧ୍ ନିଶ୍ୱାସାଁ ହଇଁ ଭାଗା ।

ଜାଗେ ଟିକେ ପାଶ୍‌କେ ଆଏଲା, ସେ ବି କହି ଉଠ୍‌ଲା ‘‘ଠାନର୍ ଠାନେ ମୁଇଁ ତ ସତ୍ ନାଇଁ କରୁଥାଇଁ ବୋ ! ଲୋକ୍ କା’ଣା ସତ୍ କର୍‌ବେ । ତାର୍ ଘଏତା କେ ପରେ ନାଇଁ ଛାଡ଼ିଁ ବୋ ! କଲ୍‌ଜା ଖାଇନେଲା ଯେ ଲୋକ୍‌ଟା ଭକ୍ ଭକ୍ ରକତ୍ ଉଁକ୍‌ଲେଇଁ ମଲା । ଲୋକ୍ କହେଲେ ସିନା ପେଟ୍‌ବଥା ଥିଲା, ଭିତ୍‌ରେଁ ଘା’ ହଇଁ ଯାଇଥିଲାନ, ମାହାଲିଆ କଥା । ଇ ଆଏ ନ । ଟେଁଢ଼େଇର୍ କାଏଁ ପୁଓ ଘଏତା ?’’

ଭାଗା କହେଲା ‘‘ବନ୍‌ଏ ଲୋକ୍‌ଟେ ଥିଲା ଗା ପଁର୍‌ରୁ, ନାଇଁ ଜାନି ପାର୍‌ଲା; ଖର୍‌କୁଟା ଟେଁଢ଼େଇଟାକେ ବନେଇ ଆନ୍‌ଲା । ତାର୍ ବିହେଇ କନିଆଁ କଏରାର୍ ମା ଏନ୍ତା ନାଇଁ ଥାଇଁ ଗା । ଦେଖ୍ ଦେଖ୍ କେତେ ସଲୋ ସଲୋ ଚ଼ଢ଼ା ଉଦ୍‌ରା କରୁଛେ ଯେ । ଯାହା ହେଲେଁ ବି ଓହର୍ ବଏସର୍ ଆଏ ତ । ଦେଖ୍ ତ କେନ୍ ଧାଁଗ୍‌ରି ପାର୍‌ବା ଯେ ? ବୀର୍ ବାହାନ୍ ଚ଼ଢ଼୍‌ଲେଁ ଷାଠେ ଷଁଢ଼୍‌ର୍ ବଲ୍ ପାଏସନ୍ ପରେ ବୋ ଟେଁଢ଼େଇମାନେ ।’’

ଦୁହିକର୍ ଦିହ୍‌କେ ଦିହ୍ ଲାଗିଁଗଲାନ । ଦୁହିକର୍ ଦିହୁଁ ଗହଦର୍ ଝରନ୍ ଝରୁଛେ । ଠାଡ଼୍ ଦୁଇପହର୍ ଜେଠ୍‌ର୍ ରଠ୍ ଖରା । ଝାରେଁ ପତ୍‌ରେଁ କାହିଁ ପତର୍ କଅଁଲେ ନୁହେ । କେ ନେ କେନ୍ତା ଜାମ୍ ଭନାଟେ ଥିଲେଁ କଅଁଲି ପତର୍ ଦିଶୁଛେ । ପଲ୍‌ଶା ପତର୍ କଅଁଲିଛେ ଯେ ଗୁଲାପୀ ରଂଗ୍ ଧରିଁ ଟସ୍ କରୁଛେ । ଛଏରା ନୁର୍‌ଲେଁ ବି କାହିଁ ନାଏଁ ନ । ମାଉଲୀ ଗୁଡିର୍ ଆଯୋବାଯୋ କେନ୍ଦୁ, କର୍‌ଲା, କର୍‌ମା ଗଛ୍ ଗୁଟାଦୁ । ମାଉଲୀ ଥାପ୍‌ନା ହଇଛେ କେଭୁଁ ଯେ ଇନିର୍ ଗଛ୍‌ମାନେ କିହେ ନାଇଁ କାଟ୍‌ବାର୍, ନେ ହେଲେଁ ଏତେ ବଡ଼୍ ଡଂଗ୍‌ରି ନେ ରୁଠା ଗଛ୍‌ଟେ ନାଇଁ କାହିଁ । ଯାହିଁ ଯେନ୍ତା ଶାଲିହା ଗଛ୍‌ମାନେ ଠାଢ଼୍ ଅଛନ୍ ଯେ ପର୍‌ଛା ପତର୍‌ଝରା, ଛଏରାର୍ ନାଁ ନାଇଁ । ଇଆଡୁଁ ମହୁଲ୍ ବେଟା କେ ସଜ୍ ହେବା ବଲିଁ ଦାଁ ଧରେଇ ନେଇଛନ୍ ଯେ ତଲ୍ ବି ଚ଼ଟ୍ କରୁଛେ । ଇ ବଦ୍‌ରେଁ ଖର୍‌ହା ନାଇଁ ଲୁକି ପାରନ୍ ତ, ଖେଦ୍‌ବାର୍ ପିଟ୍‌ବାର୍ ବତର୍ ହେସି ବଲିଁ

ଖରା ତରାକେ ମୂଢ଼େଇଁ ଆଇଥିଲେ ଜାଗେ ଆର୍ ଭାଗା । ହାତେଁ ଟଂଗେର୍ ଛୁଆଟେ ଲେଖା । ପିଁଧିଛନ ସାନ ଖଁଡ଼େ ଲେଖା କରିଆ ଚ଼ାଏର୍ ହାତି ଅଂଗଛି ଖଁଡ଼େ ଧରିଥିଲେ ଯେ ଖରା ନାଇଁ ଟିଆବା ବଲିଁ ମୁଡ଼େଁ ପାଗ୍ ମାରିଛନ୍ । ରାଁଧନୀ ଗଧୁଆ ନୁ କୁଦେଇ କୁଦେଇ ପାଇଛନ୍ ଖର୍‌ହା ପଟେ ଯେ ତାହାକେ ବନେଇଁ ଶିକାର୍ ଫୁଟ୍ ଦୁ ଲେଖା ପଲ୍‌ଶା ପତରର୍ ଠୁଲା ମାନ୍‌କେଁ ଧରିଛନ୍, ହାତ୍ ମାନ୍ ରକତ୍ ସର୍‌ସର୍ । ଉତ୍‌ରିଥିତେ ନଲିଆକେ ହାତ୍ ଧୁଇବାର୍ କାଯେଁ, ମାଉଲୀ ଗୁଡ଼ିର୍ ତଲେଁ ତଲେଁ ଅଛେ ନଲିଆ ଭିତ୍‌ରେଁ ଡୁଡ଼୍‌ବାଟେ । ତାହିଁ ଆଁଠେ ମେତାଲ୍ ପାଏନ୍ ଯେ ପାଦେ ପାଦେ ହଦ୍ ହଁଦ୍‌ଲେଇ ହଉଛେ । ଭରନ୍ ଭରନ୍ ମାଛି ଭନ୍ ଭନ୍‌ଉଛନ୍ । ସାନ୍ ବଡ଼୍ କେତେ ବେଙ୍ଗ୍ । ମାଛ୍ ତ ନାଇଁ, ମାଛି ଖାଏବାରେଁ ଲାଗିଛନ୍ । ବେଙ୍ଗ୍‌ମାନଙ୍କୁଁ ଅଁଟରେଇ ପଟ୍‌ଦୁ ଡେଁଙ୍ଗୁ କେତେବେଲେଁ ପାଏନ୍ ଭିତ୍‌ରେଁ ତ କେତେବେଲେଁ ପାଏନ୍ ତରେଁ ଇଆଡ଼୍ ସେଆଡ଼୍ ହଉଛନ୍ । ଖାଲି ଡେଁଙ୍ଗୁ ନୁହନ୍, ବିନୁଆଁ ଭିତ୍‌ରେଁ କି ପଥର୍ ଖୁଲେଁ ନାଗ୍ ସାଁପ୍ କି ରନା ବାଗିର୍ ବିଷାନ୍ ସାଁପ୍ ମାନେ ନାଇଁ ରହିପାରବର୍ ବଲିଁ ପାଏନ୍‌କେ ଲାଗିଁ ଝଲପ୍ ମାନ୍‌କେଁ ଜିଭ ଲହ୍ ଲହ୍ କରି ଲୁକିଛନ୍ । ପାଶ୍‌କେ ଗଲେଁ ବେଙ୍ଗ୍ ପଟେ ଧରିଁ ଭୋକ୍ ଦେବ୍‌ତାର୍ ପୂଜା କରୁଛନ୍ ।

କଥାବାର୍ତ୍ତାର୍ ସୋର୍ ଶବଦ୍ ପାଏଲେଁ ଟଁଢ଼େଇ ତାକର୍ ଆଡ଼୍‌କେ ସୁଦ୍‌ରେଇ ଧାଇଁ ଆଏବା କାଏଁ ବଲିଁ ଦୁହିଁଙ୍କର୍ ଡର୍ । ଦୁହେ ଚୁପ୍ ଚ଼ାପ୍, ଦୁହିକର୍ ଦିହ୍ ଏକ ହଇଗଲା ନ । ଡ଼ର୍ ଛାଡ଼ିଁ ଫୁସୁର୍ ଫୁସୁର୍ କରି ଫେର୍ କହେଲା ଜାଗେ-''କଏରୁର୍ କନିଆଁ ଭି କହୁଥିଲା ପରେ ବୋ ! ଏସୁର୍ ଇ ଗଲା ପୁଷର୍ ଉଆଁସ୍ ରାତିଁ ତାର୍ ଶାଶ୍ କେନ୍‌କେ ବାହାରିଥିଲା ପରେ ଯେ ତାର୍ ପିଁଧିନା କପ୍‌ଟା ଖଣ୍‌କ ଦଶ୍‌ନାର୍ ଗୋଡ଼ ଆଡ଼େଁ ଥୁଆ ହେଇଥାଏ । ଧାନ୍ ମଡ଼ାନୁ ଘର୍‌କେ ଆଉଥିଲା ବରିହା ବୁଢ଼ା ଯେ ସଏଦ୍ ଦେଖିଛେ ଯେ ଜନ୍‌ଏ ମୁଡ଼୍ ତଲ୍ ଗୋଡ଼ ଉପରେଁ କରି ଠୁଁଡ଼ିନେ ବଏଠା ଜଲୁଆଏ ଆ'ର୍ ଶୁଖଟି ଗୁହ୍ ପରେ ଚ଼ରୁଥାଏ, ଡ଼ର୍‌ହେଁ ବରିହା ବୁଢ଼ା ଭାଗ୍, ପାଶ୍‌କେ ଆର୍ କାଏଁ ଯାଏତା ?

ଭାଗା କହେଲା ''ହେଁ ଟା ମୁଇଁ ଭି ଶୁନିଛେଁ ଯେ, ଲୋକ୍ କହେଲେ ଖୁଡ଼୍‌ବହ ଆଏଦ୍ ଶାଶ୍‌କେ ଅସହନି କରିଛେ । କଏରୁର୍ କନିଆଁଟା ବନ୍‌ଏ ନୁକୋ ଚ଼େହେରାର୍ ଗୁଦ୍ଲୁଲ୍ ଗାଦୁଲ୍ ଭୂଆଷେନ୍‌ଟେ ନାଇଁ ଆଏ କାଏଁ ? ଖଟ୍‌ବାର୍ ବରଷ୍ ପାଁଚ଼େ ନାଇଁ ହେବା ନ ? ପିଲା ପିଚ଼୍‌କା କିଛି ନାଇଁ, ଫୁଲ୍ କଷିର୍ ନାଁ ଗଁଧି ନାଇଁ । ତାର୍ ଶାଶ୍ ଇ ସମାରୀ ଟଁଢ଼େଇ ପରେ କେଭୁଁ କେଭୁଁ ନଶେନ୍ କରି ନେଇଛେ । ହୁର୍‌ଦୁଂଗିଆ ପିଲାମାନେ ତାର୍ ବାଟ୍ ମୁହେଁ କଏରୁର୍ କନିଆଁ ସାଂଗେଁ ହେଁ ହେଁ ଫେଁ ଫେଁ ହେସନ୍; କିଏ ବିଡ଼ି ପହଁଟେଇ ଯାଏସି ତ, କିଏ କିଏ

ପାଏନ୍ ଭୁକେ ଦେ'ତ ହେଲେଁ ନାଇଁ ପିଇତିଁ ବହୁ, ବଲିଁ କହେସନ୍ । ସେ ସବୁ ସହି ନାଇଁ ପାରି ପରେ ଯାବତ କହେସି ସମାରୀ । ଇ ଘରେଁ ନ ଜୁଏ କି ପାଏନ୍ ଥିସି ଆଉର୍ କାହିଁ ନାଇଁ ଥାଏ ଗାଏଁ । କାଏଁ ଯୁଗ୍ ହେଲା ରେ ମା ! ଆଏଜ୍ କାଲିର୍ ବହ ଭୁଆଷେନ୍ କୁଁ କହିନାଇଁ ହୁଏ । ଆଗର୍ କାଳେଁ ଯୁଗେଁ ଆମେ କେନ୍ତା ଥିଲୁଁ ? ଶାଶ୍ ନନ୍ଦକେ କେତେ ଡ଼ର୍ କେବେ ଭଏ । ଆଏଜ୍ କାଏଲ୍ କିଏ କାହାକେ ପଚ଼ରଉଛେ ?

ଜାଗେ ସଥେଁ ଦେଖିଥିଲା ବାଗିର୍ କହେଲା ଆହୁରି ନାଇଁ ଶୁଭବାର୍ ମେତାଲ୍ । "ତାକର୍ ପାଶର୍ ସେ ଦାମର୍ ପୁଓ ବୋ ! ନଁରିଦି ଡ଼େଗି ଧାଇଁ ଧୁପି ଆଇଥିଲା ନ । କା'ଣା ଟେ ହୋ, ଉହାଟ୍ଲା ବାଗିର୍ କହେଲା, କା'ଣାଟେ ହୋ ! ହଁ ହଁ ବନ୍ଏ ଲେତିଟେ ଦେଇନେଲା ଯେ, ଛୁଆଟା ଖାଏଲା କି ଟଁଟି ନେ ତାର୍ ଘା' ହଇଁଗଲାଯେ ଖାଇ ନାଇଁ ପାରଲା କି ପିଇ ନାଇଁ ପାର୍ଲା, ସାତଦିନେ ଖତମ୍ ହେନ୍ତା ଦିନ୍‌ଟା କେ ।" ଭାଗା କହେଲା, "ହେନ୍ତା ଦିନ୍‌ଟାକେଁ କାଣାଁ ବୋ ! ଗଲା ବଛର୍ ଭରାଲି ଉଆଁସ୍ ଦିନେ ତ । ସଭେ କହେସନ୍ ଶରାବନର୍ ଉଆଁସ୍‌କେ ଟଁଢେ଼ଇ ଉଆଁସ୍‌ବଲିଁ । ନ, ପିଲା, ମାଷ୍ଟର୍ ବୁଢ଼ା କହେଲା, ହେଟା ପରେ କାଏଁ ବେମାର୍ ଆଏ, ଟଁଟିର୍ ବେମାର୍‌ଟେ । ଡ଼ାକ୍ତର୍ ଆନିଥିଲେ ତ, ସେ କହେଲା ଆଗୁଁ ଜାନି ପାରିଥିଲେଁ ବଅଁଚ଼ି ଥିତା ପରେ ।"

ଜାଗେ କହେଲା "ତାର୍ ବହର୍ କହତି କଥାକେ ବି ମାଷ୍ଟର୍‌ବୁଢ଼ା ନାଇଁ ସୁଧିରାଲା ଭାଏଲ୍ । ସମାରୀର୍ ଖଁଡେ଼ ନ କପ୍‌ଟା; କନ୍‌କନି ଶୀତ୍ ପୁଷ୍‌ମାସର୍ । ରାତିଁ ବାଟର୍ ଘରେଁ ପୁଆଲ୍ ପାରି ଶୁଇବା । ଉଦ୍‌ବାକେ କିଛି ନାଇଁ । ଜୁନ୍‌ହାଁ ଅଦର୍ବା କପ୍‌ଟାକେ ଦିହେଁ ଗୁରେଇଁ ହଇ ଚ଼ଲ୍‌ତୁ କପ୍‌ଟାକେ ଉଡ଼ିଁ ହଏ । ଦୁଆର୍‌କେ ବାହାର୍‌ବା ତ ଉଡ୍‌ଲା କପ୍‌ଟା ଖଣ୍‌କେ ଦଶ୍‌ନାର୍ ଗୋଡ଼ ଆଡେ଼ଁ ନାଇଁ ଥିତା କାଏଁ ? ଆର୍ ବଏଠା ଜାଲିଁ ଚ଼ର୍‌ବାର୍‌ଟା ତ ନିଜେଁ ମାଷ୍ଟର୍ ବୁଢ଼ା କହୁଥିଲା ସେ ନିଜେଁ ବାହାର୍‌କେ ବସିଥିଲା । ତାକର୍ ଘରର୍ ଲାଲ୍‌ଟିନ୍ ଟା ଖଲାକେ ନେଇଥିଲେ, ବାହାର୍‌କେ ଲାଗ୍‌ଲା ତ ମଏନ୍‌ବତୀ ଆର୍ ଖାଡ଼ି ଧରିଁ ଝାଡ଼ା ଯାଇଥିଲା; ଅଁଧାର୍ ବିଟ୍‌ବିଟ୍ ବାହାକେ ବାହା ନାଇଁ ଦିଶୁଥାଇଁ । ମଏନ୍‌ବତୀ ଟା ଜାଲିଁ ବାହାର୍ ବସିଥିଲା । ବରିହା ବୁଢ଼ା ଦେଖିଲା କି ଜୀବନ ଆଶ୍ ଛାଡ଼ିଁ ଦଉଡ଼ିଲା ଯେ ମାଷ୍ଟର ବୁଢ଼ା ମନେ ମନେ ହଁସି ହଁସି ଅଥା । "ମାଷ୍ଟର୍ ବୁଢ଼ାକେ କିଛି ଦଉଥିବା କାଏଁ ସମାରୀ ।" ଅନ୍‌ମାନ୍ ମିଶା ଭଂଗୀନେ କହେଲା ଜାଗେ ।

ଭାଗା କହେଲା "କା'ଣା ପାଏବା ଯେ ଦେବା ବୋ ? ପୁଓ ବହ ତ ପଚ଼ରାବାର୍ ନାଇଁ । ଥିର୍ ଭୁକାକର୍ ବି ଆଶ୍‌ରା ନାଇଁ; ଭୁତି ଦୁଖ୍ ମିଲ୍‌ଲେଁ କର୍‌ସି । ଖରାମାସ୍ ଆଏଲେଁ

ପତରତୁଲା କି ମହୁଲବେଟା ଭରସା । ଟଁଢ଼େଇ ବଲିଁ ଘରର୍ କବାର୍ କମ୍‌କେ କିହେ ନାଇଁ ବର୍‌ଗନ୍ । ମାଷ୍ଟର୍ ବୁଢ଼ା ହେଲେଁ କେନ ହେନ୍ତା ଖରାପ୍ ଲୋକ୍‌ଟେ ଆଏ ? ଗୁହାଲ୍ ପଢ଼ା ଲୋକ୍, ଗାଁ ଥିଁ ଗୁହାଲ୍ ପଢ଼ଉଥିଲା ଲୁକ୍ କୁଁ । ଆଗର୍ ପୂର୍ବର୍ ଲୋକ୍, ତାହାକେ ଯେନ୍ତା ଦିଶ୍‌ସି ସେନ୍ତା କହେସି । କଥା ହଉନ୍ ହଉନ୍ ଦେଖଲେ ଯେ ସମାରୀ ନଲିଆ ଖଏଣ୍ ଉପରୁଁ ଖସ୍‌ରିଁ ରହିଁରାଝ ହଇଁ ପର୍‌ଲା । ଇ ଦୁହେ ଘଡ଼େ ମେଟାଲ୍ ଟାକ୍‌ଲେ । ସୋର୍ ଶବଦ୍ ନାଇଁ ମିଲ୍‌ଲା କି ପାଶ୍‌କେ ଯାଇ ଦେଖ୍‌ଲେ ସରବ୍ ନଙ୍ଗଲା ହଇଁ ପରିଛେ ସମାରୀ । ଗଁନ୍ଦି ଖଣ୍ଡେ ଅଁଟା ଥିଁ ଗୁରେଇ ହଇଥିଲା ଯେ ଦିହୁଁ ଖସରିଁ ଯାଇଛେ । ତାର୍ ପିଁଧିଲା କପ୍‌ଟା ଖଣ୍‌କ ଉଦା ସର୍ ସର୍ ହଇ ଅଲ୍‌ଗେଁ ପରିଛେ, ତହୁଁ ପାଏନ୍ ଧାରେ ବୁହୁଛେ । ନାକର୍ ଭାରେଁ ପରିଛେ ଯେ ନାକୁଁ ରକତ୍ ଦୁଇ ଧାର୍ ଲମି ଆଇଛେ, ନୁହେ ଶୁଖେ । ଜୀବନ୍ ନାଇଁ ନ । ଆଏଁଖ୍ ଦୁହିଟା ଜୀଇଁଲା ଲେଖେଁ ଡ଼ଗୋ ଡ଼ଗୋ ଦିଶୁଛେ ।

ଜାଗେ ଆର୍ ଭାଗା ଦୁହେ କେ ଦୁହେ ଆଶ୍‌ରିଯ୍ । ହେଲା କା'ଣା ? ଡାକ୍ ହାକ୍ ପକାଲେ । ନଲିଆ ଖଏଣ୍ଡୁ ଗାଁଟା ଜହ ଧୁରିଆ ନୁହେ । ଡ଼ଂଗ୍‌ରିଟା ନଲିଆନେ ସରି ଯାଇଥିଲେଁ ବି ନଲିଆର୍ ଆର୍ ଖଣି ପଥର୍ ଚଟାନ୍ ଉସାର୍ ପିସାର୍ ହଇଁ ଆକାଶ୍ ମୁହାଁ ଶୁଇଛେ । ସେ ନେ' ସେ ଛୁଟିଆ ଗାଁର୍ ପର୍‌ଜାମାନଙ୍କର୍ ଖଲାମାନେ, ଗୁରୁଡା ମାନେ । ତାହାକେ ଟିକେ ଛାଡ଼ି ଗାଁର୍ ଘର୍‌ମାନେ ଉତାର୍ କେ ଉତାର୍ ଖଂଦ୍ ଧରାଧରି ହଇଁ ଠିଆଡ଼ ଅଛନ୍ । ଦୁଇ ପହର୍ ଗରିଁ ଯାଉଛେ । ଲୋକ୍ ଡ଼କାହକା ହଇଁ ରୁଣ୍ ପୁଣ୍ ହଇଁଗଲେ ନ । କଥା କା'ଣା ଆଏ । ତୁର୍‌ତି ବୁଝିନାଇ ହେବାର । ମାଷ୍ଟର୍ ବୁଢ଼ା ଦେଖ୍‌ଲା ଶୁଖାପତର୍ ଘାଁସ୍ ଲଟା ଦାଆଁ ଧରିଛେ । ଗୁର୍‌ଡା ମାନ୍‌କର ପାଶ୍ ତକ୍ ପୁହୁଁଚି ଯାଇଛେ । ଗୁର୍‌ଡା ପାଶୁଁ ବନି ହାଁ ଧୂର୍‌ତକ୍ ଦାଆଁ ଲିଭିତେ ଯାଇଛେ, ସେ ପାଶେଁ ନ ସମାରୀ ନଲିଆ ଭିତ୍‌ରେଁ ପରିଛେ ।

ମାଉଲୀ ଗୁଡ଼ିର୍ ସାମ୍‌ନେ ବନ୍‌ଏ ଝାପ୍‌ରୁ ମହୁଲ୍ ଗଛଟେ ଠାଦ୍ ଅଛେ । ଗଛ ପୂରନ୍ତୁ ମହୁଲ କୁଚି ଧରି । ତଳେଁ ଇଛିନି ବି ମହୁଲ ଥିପିଁ ଗରେଇ ହଇଛେ । ଗଛଟା ସର୍‌ବାର୍ ପଛେଁ ଅଦିନିଆଁ ପର୍‌ସି ଫେର୍ ଦିନର୍ ବେଲେଁ ପର୍‌ସି ବଲିଁ, ଝାଁକର୍ ବସ୍ତେ ମହୁଲର୍ ଠିକା ଥିଁ ଦେଇନେଇଛେ ତାକର୍ ପରାର୍ ଭଏଁରୀ ବୁଢ଼ୀକେ । ମହୁଲ୍ ବେଟ୍‌ବାର୍ ସଜ୍ ହେବା ବଲିଁ ବୁଢ଼ୀ ମହୁଲ୍‌ତଲେଁ ଦାଁଆଁ ଧରେଇଥିଲା । ତାର୍ ନାତେନ୍‌ଟେ ନ ଖାଲି, ପୁଓ ବହ ଅଗାପଛା କରି ଏସୁର୍ ଇ ଗଲା ଭୁଦୋ ମାସେଁ ମରିଗଲେ, ଝି ଟାକ ଛାଡ଼ି ଯାଇଛନ୍ ବୁଢ଼ୀର୍ ଆଶ୍‌ରାନେ । ବୁଢ଼ୀ ବେଲାତକ୍ ମହୁଲ୍ ବେଟି ଘର୍‌କେ ଯାଇଛେ । ନାତେନ୍ ଟୁକେଲ୍ ତପକେ ଜୁଗେଇ ନେଇଛେ ଗାଏ ଦାମୁର୍ ଛେଲ୍ ମେଢ଼ି ଆଏଲେଁ ଘୁଚ଼ାବା ବଲିଁ । ତପ ଜୁଗିଥିଲା ଯେ ଠାଡ଼୍

ବେଲାକେ ସମାରୀ ସେନ୍‌କେ ନଲିଆର୍ ଢୁଡ଼ାର୍ ଉଧେଁ ଆଏବାର୍ ଦେଖିଛେ । ଗାଁ ଯାକ କହେସନ୍ ସମାରୀ ଟ୍ଢେଇ ଆଏ; ଆଉର୍ ଗାଁର୍ ଯେତେ ଲୋକ୍ ମର୍‌ସନ୍ ଟ୍ଢେଇ କେ ଯୁରିଁ କଥାବାର୍ତ୍ତା ହେସନ୍ । ସମାରୀକେ ଡରିଁ ତପ ଡର୍‌ହେଁ ପାଶର୍ ଲରି ଗଛଟାକେ ଚ଼ଢିଁ ଯାଇଛେ । ଗାଁର୍ ଲୋକ୍‌କୁଁ ଦେଖିଲା ପରେ ଗଛୁଁ ଉଦ୍‌ରି ଆଇଛେ । ମାଷ୍ଟର୍ ବୁଢ଼ା ତାର୍ ଉଦ୍‌ରିବାର୍ ଦେଖି ତାହାକେ ପଚ୍‌ରାଲା, ସେ ଅଧାଡର୍ ଅଧା ସାହସ୍ ନେଇ ସବୁ କହେଲା ।

''ସମାରୀ ଢୁଡାନିକେ ଆଉଥିଲା । ଦେଖିଲା ଯେ ଗୁରୁଡା ପାଶ୍‌କେ ଦାଆଁ ପଲେଇଁ ଗଲାନ । ପହେଲା ଗୁଡେଁ ମାଡି ହାତେଁ ପିଟିଁ ଲିଭେଇ ଦେଖିଲା, ନାଇଁ ଲିଭ୍‌ଲା କି କହେଲା ତାର୍ ତାର୍ ''ବୁଢୀ ରାଆଁଡୀ ଦାଆଁ ଧରେଇ ଗାଁ ଟାକ ଖାଏବା । ''କାଁ କର୍‌ସି ଏଛନି ? ଦେଖିଲା ଯେ ଗୁର୍ଡା ବାହାରେଁ ଥିଲା ଖଲା ସୁରା ଖଦ୍ ସର୍‌ସର୍ ଅଲ୍‌ଗାଲା ହାଁଡିଟେ । ତାହାକେ ଉଠେଇଁ ଧେଁ ସଁ ହଇ ଢୁଡାନିକେ ଯାଉଥିଲା ଦେଖିଲା ଯେ ହାଏଣ୍‌ଟା ଅଗବା ଅଚଲ୍ ଫଟା ଆଏ, ରିଶେଁ କଚରେଇ ନେଲା ଫେର୍ ଟିକେ ଠିଆ ହଇଁ କା'ଣା ଭାବ୍‌ଲା କା'ଣା ନାଇଁ, ଗଦି ଖଣ୍‌କ ଅଁଟେଁ ଗୁରେଇଁ ହଇଁ ପାଲ୍‌ଟିଲା କପ୍‌ଟାକେ ଢୁଡାର୍ ପାନିଁ ବୁଥିଁ ଆନି ଢୁଏ ଉପ୍‌ରେଁ ଚିପିଁ ଦାଆଁ ଲିଭାଲା । ସେ ସେଥୁଁ ଯାଇ ଆସିଁ ବନିହାଁ ଅଥା ହଇଥିଲା ନ । ଶେଷେଁ ଝୁଁଟେଇଁ, ଗୁର୍‌ମୁସେଇଁ ହଇଁ ପର୍‌ଲାଯେ ଆର୍ ନାଇଁ ଉଠିଁ ନ । ତପ ପରିଥିବା ସମାରୀ ଆଦ୍‌କେ ଦେଖି କାନ୍ଦ୍‌ନେ କାନ୍ଦ୍‌ନେ ହଇଁଗଲା ।

ଜାଗେ ଆର୍ ଭାଗା ଏଛନି ଜାନ୍‌ଲେ, ଦୁହେ ଦୁହିକୁଁ ଦେଖି ମୁରୁଜମାନ୍ ହଇଁ ଯାଉଥାଆନ୍ । ନିଜକେ ଦୁଷୀ ମେତାଲ୍ ଭାବିଁ କହେଲେ ଆମେ ଟ୍ଢେଇ ବୀର୍‌ବାହାନ୍ ଚଢିଁ ଚରୁଛେ ବଲିଁ ଡରେଁ ନାଇଁ ଧାଏଲୁଁ ନ, ନେ ହେଲେଁ ଆମେ ଇ ମାଉଲୀ ଗୁଡିର୍ ଉଡାଲେଁ ନ ଥିଲୁଁ ।

ମାଷ୍ଟର୍ ବୁଢା କହେଲା ବିଚ୍‌ରୀ ଗାଁ ଟାକ ବଅଁଚେଇ ଦେଲା । ଦାଆଁ ଗୁର୍‌ଡା ନିକେ ଆଇଥିଲା ନ । ଗୁର୍ଡା ଧରିଁ ଗାଁ କେ ଧରିଥିତା, ଏତ୍‌କି ବେଲ୍ ତକ୍ ଆର୍ କେନ ଥିତା ଗାଁ ? ସବୁ ଖତମ୍ ହଇ ସାରିଥିତା ନ ଢୁଏର୍ ପେଟେଁ । ଗାଁଟା ଯାକ ବିଚରୀକେ ଟ୍ଢେଇ ଟାଁଗେନ୍ ବଲି ନାଇଁ ବଅଁଚଉଥିଲ, ସେ ଟ୍ଢେଇ ଆଏଜ୍ ଗାଁଟାକ ବଅଁଚେଇ ନେଲା । ସଭେ ସମାରୀ କେ ଦେଖି ପସ୍ତେଇ ହଉଥାନ୍ । ଯେ ଯେଭେଁ ଯେନ୍ ନିନ୍ଦା ବଦ୍‌ନାମ୍ କରିଥିଲା ସୁର୍‌ତା କରି ଗାଲେଁ ପିଟି ହେଲା ଲେଖେଁ ହଉଥାଆନ । ସମ୍‌କର୍ ମୁହେଁ ଆହା ଚ, ଚ । ସମ୍‌କର୍ ଆଖିଁ ଲହ ବାହାରେଁ ନୈ ବାହାରେଁ ହଉଛେ । ମାଷ୍ଟର୍ ବୁଢା କହେଲା ''ମା ମାଉଲୀ ଗାଁର୍ ଇଷ୍ଟ ଦେବ୍‌ତା ଆଏ ତ ଗାଁ ଟାକ ବଅଁଚେଇ ନେଲା । ସମାରୀ ଟ୍ଢେଇ ନୁହେ, ମାଉଲୀ ଆଏ ।''

❑❑

# ନୂଆଁଖାଇର୍ କୁନୁଆଁ

କୁକ୍‌ରାର୍ କକ୍‌ରେ କଁ ଆର୍ ଢ଼େଁକିର୍ ଭକ୍‌ଡ଼ୋ ଚାଏଁ ଡ଼ାକେଁ, ଡ଼ାକି ଅନୁଛେ ନୂଆଁଖାଇ ଦିନ୍‌କେ ଆମର୍ ଗାଁ ଟା । ମଝିଁ ତିହାଡ଼େନ୍ ବୁଢ଼ୀର ହୁରୁଦ୍-ବିଦ୍‌ରା କାନ୍ଦିଟିକ, ତା'ର୍ ଆ'ତି ଗୁଡ଼େଁ ଛନ୍ଦ୍‌ଲେଇ ହଇଛେ । ତ' ବି ନୂଆଁଖାଇ ଆଏଲା । ଯେ ଯାହାର୍ ମାର୍‌ଗେଁ ତାର୍ ମନାଗୁନାଥିଁ ତନ୍‌ମନ୍ ଦେଇଁ ଲାଗିଛନ୍ । ହେଲେଁ ତିହାଡ଼େନ୍ ବୁଢ଼ୀର୍ କାନ୍ଦିଥିଁ ସମ୍‌କର୍ କାନ୍ ବନ୍ଧା ପଡ଼ିଛେ ।

ଗଲା ବଛରର୍ ଇ ନୂଆଁଖାଇ ଦିନେ ବୁଢ଼ୀର୍ ପୁଓ ତାର୍ ମାଁର୍ କୋଡ଼୍ ଛାଡ଼୍‌ଲା, ବେଲ୍‌ଟା ମାଁର୍ କୋଡ୍‌କେ ଯାଉଥିବାର୍ ବେଲେଁ । ବୁଢ଼ୀ କାନ୍ଦୁଛେ ପୁଓର୍ ଗୁନ୍ ସୁମ୍‌ରି ସୁମ୍‌ରି । ଗାଇ ଚାଲିଛେ ପୁରାନ୍ ମେତାଲ୍ ତାର୍ ପୁଓର୍ ରୋଗ୍ ବଏରାଗର୍ ବଛର୍‌କର୍ ଇତିହାସ ସେ କାନ୍ଦିର୍ ସୁରେଁ । ଗାଁର୍ ଲୁକେ ଉନା ଅଧିକେଁ ସଭେ ଜାନିଛନ୍ ସବୁ କଥା । ତାହାକୁଁ ଲାଗୁଛେ ଗୁଟେ ମରମ୍ ଫଟା କଥେନ୍‌ଟେ କାନ୍ଦିର୍ ସୁରେଁ ଲୁହର୍ ଧାରେଁ ରୁକି ହଉଛେ, କିଏ ଛିନ୍‌ଉ ନାଇଁ ଛିନ୍‌ଉ । ବୁଢ଼ୀର୍ କାନ୍ଦିକେ ସାଉଁଟି ଆନି ଆଉଟି ପାର୍‌ଲେଁ ଯେନ୍ ଟିକ ବାହାର୍‌ବା ସେଟା ସେଥିଁ ନ କଥେନ୍ ମେତାଲ୍ ଲାଗ୍‌ସି ।

ମାଁ ଓ ପୁଓ ଦୁଇଜନ୍ । ବରଜ୍ ତିହାଡ଼ି ଆର୍ ତାର୍ ମାଁ । ସୁରୁଟେ ସଂସାର୍ । ଧାନ୍ ଖଣ୍ ଚାରେକର୍ ପଡ଼ନ୍ ଜମି ଖଣ୍‌ଏ ଆର୍ ପୁଆଲ୍ ଛାଆନିର୍ ଘର୍ ଖଣ୍‌ଏ, ଖଟ୍ ଚାଏର୍ ଖଣ୍ ପର୍‌ବା କି ନି ଯେ କିଏ ଜାନ୍‌ଏ ? ଦୁଖେଁ କଷ୍ଟେଁ ଦିନ୍‌ମାନେ ହୀନ୍‌ମାନ୍ ହଟ୍‌ହଟା ଭିତ୍‌ରେଁ ଗରିଁ ଯାଏସନ୍ । ଯୁଆନ୍ ବଏସେଁ ବି ବର୍‌ଜର୍ ଦିହ୍‌ଟାକ ଚ଼ିରାତା କାଠି ମେତାଲ୍ ହଇଁଗଲାନ । ଖାଏଲେଁ ସୁଖ୍ ନାଇଁ ଆର୍ ନାଇଁ ଖାଏଲେଁ ଭୋକ୍ କୁର୍‌କୁଡ଼ି ଆନୁଛେ । ଚେର୍ ମୂଲ୍‌କିଆ ଇଟା ସେଟା ଠୁନ୍‌ଠୁନ୍ ମୁନ୍‌ଠୁନ୍ ଯେ ଯାହା ବତାଲା ସରିଁଗଲାନ । ଲୋକ୍ କହେଲେ ସର୍‌କାରୀ ଡ଼ାକ୍ତର୍‌ଖାନା କେ ଯା', ଗଲା । ଉଷୋର୍ ବଦ୍‌ଲା କାଗଜ୍‌ଟିକେଁ ଉଷୋର୍ ନାଁ ଗୁଟା ଦୁ ପାଏଲା । ହେତେଟେ ପଏସା ପାଏଲେଁ ତ ଘିନ୍ ତା ? ବର୍‌ଜ ସିନେ ନିଲଜ୍ ପାଲଜ୍ ହଇଁ ଇ ପିଁଢ଼ା ସେ ପିଁଢ଼ା ହଉଛେ; ହେଲେଁ ମା ବୁଢ଼ୀର୍ ଜୀବ୍‌ନେ ଜୀବନ୍ ନାଇଁ । ସଭେ କହେଲେ ବୁର୍ଲା କଲେଜ୍ ଡ଼ାକ୍ତରଖାନା କେ ଯା', ଗଲା । ଲୋକ୍ କହୁଥିଲେ ସେନେ ବନିହାଁ ପଏସା ଲାଗ୍‌ସି । ଥୁରେ ବନିହାଁ ନାଇଁ ମାନି ନ, ଜମି ଟିକ୍‌କ ଲଗେଇ ଭଗେଇ ଯେତ୍‌କି ପଏସା ହେଲା ଧରିକରି ଗଲା ।

ଲୋକ୍ କହୁଥିଲେ, ଡ଼ାକ୍ତର୍‌ଖାନା ତ ନୁହେ, ଡ଼କେ'ତ ଖାନା ଆଏ । ହେଲେଁ ତାକର୍ କପାଲ୍‌କେ ଯେନ୍ ମିଶ୍ର ଡ଼ାକ୍ତର୍ ଜୁଟ୍‌ଲେ ତାହାକୁଁ ଡ଼ାକ୍ତର୍ ନାଇଁ କହି ଡ଼ାକ୍‌ଶୁନା ଦେବ୍‌ତାଟାଏ କହେଲେଁ ବି ଚ଼ଲ୍‌ତା । ଯାଁଚ୍ ସର୍‌ଲା କି ବୁଢ଼ୀକେ କହେଲେ-'ମା, ଇ ବାବୁର୍ ପେଟେଁ ଘା' ହଇଁଗଲାନ, ଅପରେସନ୍ କରା ଲାଗ୍‌ବା ।' ବୁଢ଼ୀ ପଚାରିଥିଲା କେତେ ପଏସା ଲାଗ୍‌ବା ଆଜ୍ଞା ?' ଡ଼ାକ୍ତର୍ କହିଥିଲେ 'ଅପରସେନ୍ ନେ ପଏସା ନାଇଁ ଲାଗେ, ରକତ୍ ତିନ୍ ବୁତଲ୍ ଲାଗ୍‌ବା । ଘିନ୍‌ଅ କାଏଲ୍ ଅପରେସନ୍ କରିନେମା ।'' ସେତ୍‌କି ବେଲ୍‌କେ ଦୁହି ମାଁ ପୁଓକର୍ ଆଏବାର ଯିବାର୍, ରୁହା ବସା ପରୀକ୍ଷା, ଫଟୁ କରି ବନିହାଁ ପଏସା ସରିଁଗଲା ନ ; ଆର୍ ଯେତ୍‌କି ବଅଁଚ଼ିଛେ କେନ୍‌ସିଥିକେ ନାଇଁ ହଏ । ବୁଢ଼ୀ କହେଲା-''ମୋର୍ ଦିହେଁ ଯେତ୍‌କି ରକତ୍ ବାହାରବା ନେଇଁ ଯ ପୁତା ! ଆର୍ ମୋର୍ ପୁଓକେ ବଅଁଚ଼ା ।''ଡ଼ାକ୍ତର୍ କହେଲେ ''ତମର୍ ଇ ଅଶୀବର୍ଷର୍ ଦିହେଁ ଆର୍ ରକତ୍ ଥିବା କାଏଁ ?'' ତାକର୍ ସାଂଗେଁ ଥିବାର୍ ଡ଼ାକ୍ତରି ପଢୁଥିବାର୍ ପିଲାକୁଁ କହେଲେ ''ମୋର୍ ଦିହୁଁ ବି ପଛେ ନିଅ, ରକତ୍ ବୁତ୍‌ଲ୍ ତିନିଏ ଠିକ୍ କର । ହେନ୍ତେଇ ଇମାନ୍‌କୁଁ ଫିରେଇ ନେଲେଁ ପିଲାଟା ଘର୍‌କେ ପୁହୁଚ଼ିବାର୍ ବେଲ୍ ଲାଗ୍‌ବା ହେଲେଁ ଯମ୍‌ଘର୍‌କେ ପୁହୁଁଚ଼ିବାକେ ବେଲ୍ ନାଇଁ ଲାଗେ । ଆମର୍ ଇ ଗରିବ୍ ଦେଶର୍ ବେମାରୀ ମାନେ ଅମୀର ହଇକରି ଆମର୍ ନିକେ ଆଏବେ କାଏଁ ? ଇତାକୁଁ ଆମେ ଆମର୍ ନାଇଁ କର୍‌ମା ତ, ବିଲାତ୍ ଆମ୍ରିକାର୍ ଲୋକ୍ ତାକର୍ କରିନେବେ ।'' ମିଶ୍ର ଡ଼ାକ୍ତର ପଚାଶ୍ ଟଁକିଟେ ଦେଇ କହେଲେ ''ମଟର୍ ଖର୍‌ଚା ନାଇଁ ଥିବା ନିଅ; ଆର୍ ଦେଖ୍‌ବେ ବାବୁର୍ ଦିହେଁ ଏଛନି ମେହେନତ୍ ନାଇଁ ଯାଏ; ଟିକେ ବନ୍‌ଏ ସାର୍ ଜିନିଷ୍ ଭିଟାମିନ୍ ଥିବାର୍ ଖାଏଦ୍ ଦର୍‌କାର୍ । ଟିକେ ନଜର୍ ରଖ୍‌ବ, ଆର୍ କିଛି ନାଇଁ ହଏ ।''

ମାଁ ପୁଓ ଗାଁକେ ଆଏଲେ । ମେହେନତ୍ ନାଇଁ ଯାଏ, ବର୍‌ଜର୍ ଦିହେଁ; କଡ଼ା ବୁତା ନାଇଁ କରିପାରେ । ନୁନ୍ ଭାତ୍ ତ ଯୁଟାବାର୍‌ଟା ଲାଗିଛେ, ବନ୍‌ଏ ସାର୍ ଖାଏଦ୍ କାହୁଁ ପାଏବା? କା'ଣା କମାନି ? ମାଗି ଯାଚ଼ି ଯାଇ ପାର୍‌ତା ଯେ ହେଲେଁ ତାର୍ ଭିତରର୍ ମୁନୁଷ୍ ତାହାକେ ମନା କର୍‌ସି । ଲୋକ୍ ନାଇଁ କହେବେ କାଏଁ ହାତ୍ ଗୋଡ଼୍ ଆଏଁଖ୍ କାନ୍ ସବୁ ସାବୁତ୍ ଥାଇ ଯୁଆନ୍ ବଏସେଁ ପିଲାଟା ମାଗି ଖାଉଛେ । ଗାଁ ନେ କାଏଁ କାମ୍ ମିଲ୍‌ବା ? ଖେତ୍ ଖଲାର୍ କାମ୍ ଶିଖ୍ ନାଇଁ ତ ରଏଫତ୍ ବି ନାଇଁ । ସର୍‌ପଁଚ୍ ଚ଼େରେଷ୍ଟା କଲେ ସରକାରୀ ଭଥା ପେନ୍‌ସନ୍ କିଛି କା'ଣା ଲାଗିର୍ । ରେଭ୍‌ନି ଇନିସ୍‌ପେଟ୍‌ର କହେଲା, ''ଦୁହି ମାଁ ପୁଓକର ହାତ୍ ଗୋଡ଼୍ ଆଏଁଖ୍ କାନ୍ ସବୁ ସାବୁତ୍ ଅଛେ, ବିକ୍‌ଲାଂଗ୍ କଥା ତ ନାଇଁ ହଇପାରେ । ବୁଢ଼ୀର୍ ନାଏଁ ବୁଢ଼ା ବଏସର୍ ଭଥା ହେତା ଯେ ତାକ୍‌ର ନାଁ ଥୁଁ ତ ଜମିନ୍ ଟିକେ ଅଛେ କମ୍ ହଉ କି ଜହ ହଉ । ଇଥିର୍ ପଛେଁ ନାଇଁ ଲାଗ ନାଇଟା ନାଇଁ ହଇପାରେ ।''

ପିଅନ୍ କାମ୍‌ମାନେ ବାହାରୁଛେ, ସେଥିକେ ଅର୍‌ଜି ପାତି କଲା । ଡ଼କ୍‌ରା ଆଏଲେଁ, ଦୁଇ ଚାଏର୍‌ପଏସା ଖର୍‌ଚା କରିଁ ଗଲା ବି । ହେଲେଁ ପହେଲା ହରିଜନ୍ ଆଦିବାସୀ ପିଲାକର୍ ପାଲି, ସେ ଥିଁ ଅଗ୍‌ଲିଲେଁ ଯାଇ ବର୍‌ଜ ତ୍ରିପାଠୀ । ଇ ତ୍ରିପାଠୀ ବରଗ୍ କେ ତ ଫାଶି ଦେଇ ନେତା ମେତାଲ୍ ତାହାକେ ଲାଗ୍‌ଲା ।

ବୁଲି କିନ୍ଦ୍‌ରି ଅଖିଆ ଅପିଆ ତନର୍ ତନ୍ ହଇଁଗଲା ନ ବର୍‌ଜ । ବନିହାଁ କଷ୍ଟେଁ ସର୍‌ପଁଚ୍ ଠିକ୍ କରିନେଲେ ଯେ ପାଶର୍ ଗାଁର୍ କଲେଜ୍‌ନେ ମାଷ୍ଟର୍ ମାନେ ମେସ୍ କରି ରହୁଛନ୍ । ସେ ନେ ଖାଇପିଇ ରନ୍ଧା ବଢ଼ା କର୍‌ବା । ମାସ୍ ଶେଷେଁ ଦୁଇ ଚ଼ାଏର୍ ଯେନ୍‌ତା ହେବା ଦେବେ । ଦର୍‌ମହାଁ ଯାହା ହଉ ଖାଏବାର୍ ଚିନ୍ତା ଟିକ ତ ଗଲା । ଦିନାପନ୍ଦର ନାଇଁ ଯାଇ ନ, ସେମାନେ କହେଲେ "ବର୍‌ଜ ! ତୁମେ ତ ପାଏନ୍ କାଏଁଜ୍ ନାଇଁ ଆନି ପାର୍, ଥାଲୀ ଗିନା ମାଜି ନାଇଁ ପାର, ଆମ୍‌କୁଁ ଦୁଇଟା ଲୋକ୍ ରଖିବାକେ ପରୁଛେ । ଜନ୍‌ଏଥିଁ ତ ଚ଼ଲ୍‌ବା ! ଜାଏଦ୍ ପାଏଦ୍ ଆର୍ କିଏ ମାନୁଛେ ଯେ ବାହ୍ମନ୍ ପିଲା ହେଲେଁ ଯାଇ ଚ଼ଲ୍‌ବା ! ତୁମେ ତୁମର୍ ବାଟ୍ ଦେଖ ।' ନୂଆଁଖାଇ ହପ୍‌ତେ ମେତାଲ୍ ଥିଲା, ଏଭ୍‌ରି ପାହେ ତେଭ୍‌ରି ପାହେ ପକେଇ ବର୍‌ଜ ଘର୍‌କେ ପଲେଇ ଆଏଲା । ଦିହେଁ ଖଇଫୁଟା ଜର୍, ମୁଡ଼େଁ ହତାଶାର୍ ନିରାଶ୍ରୀ ଭାବନାର୍ ପାହାଡ଼ ମୁଡ଼୍‌ଟାକେ ଖାଲି ନୁହେ, ମନ୍‌ଟାକେ ବି ଗାଁଜି ନଉଥାଏ ।

ଇ ନୂଆଁଖାଇ ଦିନ୍, ଗାଁର୍ ଗହଲ୍ ଚହଲ୍ ସାଂଗ୍ ସର୍‌ସିଆ ପିଲାମାନ୍‌କର୍ ନଗର୍ କୀର୍ତ୍ତନ୍, ଗୁଡୁ ଖେଲର୍ ହୋ ହର୍‌ଲା । ଗାଁର୍ ଲୁକ୍‌କର୍ ଭାବ୍ ବିଶ୍ୱାସ୍ ମିଦ୍ ମଏତର୍ ଘର୍‌କେ ପିଠା ବଅଁଟା ଭିତ୍‌ରେଁ ବର୍‌ଜ ପଲାଲା ସେ ନିକେ, ଯେନ୍ ନୁ ଆର୍ କେଭେଁ ନାଇଁ ଫିରି ହଏ ।

କୀର୍ତ୍ତନର୍ ପେଟ୍‌ରୋମେକ୍ସ ଲାଇଟ୍ । ନାଇଁ ଲିଭେଇଁ ନ କୀର୍ତ୍ତନ୍ ପିଲେ । କାଠ୍ ଖୁଁଟ୍ ଉଖ୍‌ରେଇ ରାତା ରାଏଦ୍ ଶ' ଜଲାଲେ ବର୍‌ଜର୍ । କିଏ କହେଲା 'ରକ୍ଷା ହେଲା ବେଲ୍‌ହଉ ହେଲା ଯେ, ସକାଲେଁ ହଇଥିଲେଁ କେନେ ଆର୍ ନୂଆଖାଇ ହଇଥିତା ।' ଆର୍ ଜନ୍‌ଏ କହେଲା "ଆମର୍ ଗାଁ କେ ନୂଆଖାଇ ର୍ କୁନୁଆଁ ହଇ ଆଇଥିଲା କାଲ୍ । ବର୍‌ଜକେ କବ୍‌ଲେଇ ନେଲା; ଆମଟ୍ ଲାଗ୍‌ଲା କି ଅମ୍‌ରତ୍ ଲେଖେଁ ଲାଗ୍‌ଲା ସେ ଜାନିଥିବା; ହେଲେଁ ଗାଁଟା କାଲ୍ ପରିଗଲା ।"

ତିହାଡ଼େନ୍ ବୁଢ଼ୀର୍ କାନ୍ଦି କେଁତେବେଲେଁ ଆର୍ କିଏ ଥେବାଲା ଯେ କିଏ ହେଜା ରଖିଛେ ?

□□

# ମହାଲକ୍ଷ୍ମୀ ବସିଛନ୍

ଦିନା ଦୁଏ ତିନ୍‌ଏ ଝୁପୁର୍ ଝୁପୁର୍ ବର୍‌ଷିଲା ପରେଁ ବି ମେଘ୍ ଧରିଛେ । ଖରାର୍ ନାଁ ନାଇଁ । ବାଦ୍‌ଲିଆ ଅଁଧାର୍ ଚଉଦିଗ୍ ଘେରିଁ ଆଉଛେ । ଏଛନିକା ପାଏନ୍ ଟିକେ ସିସ୍‌କେଇଛେ ନେ ହେଲେଁ ବି ବରଷ୍‌ନେ ବରଷ୍‌ନେ ହଉଛେ ମେଘ୍ । ମଗଶିରର୍ ମଝ୍‌ପାଲି ଗୁର୍‌ବାର୍ । କମ୍‌ଲୀ ତାର୍ ମହାଲକ୍ଷ୍ମୀ ବସାନେ ବାୟ୍ । ତ ବି କହୁଛେ, ''ରାଆଁଡ଼ର୍ ମେଘ୍ ଯେତେ ବର୍‌ଷିଲେଁ ବି ବୋଧ୍ ନୁହେ ହଏ । ଡୁଲିର୍ ପେଟା, ଖରିର୍ ଧାନ୍, ଖଳାର ପଡ଼ଲା ମାଡ଼େନ୍ ନୁ ବି ଖାଇ ସାଏଲାନ । କାଁ କରି ହେସି ଏସୁର୍ କେ ଜାନ୍‌ଏ ? ମହାପ୍ରଭୁ । ଗଲା ବଛରର୍ ମର୍‌ଡ଼ି ଥୁଁ ଧାନ୍ ପୁଡ଼େଇ ନେଇଥିଲା । ଏସୁର୍ ବୁଡ଼େଇ ନଉଛେ ଇ ଅଦିନିଆଁ ଅରତୁର୍ ବର୍‌ଷାଥି ଲାଗ୍‌ବାଡ଼ି କରି ଲୋକ୍ ଚାଷ୍ ଟିକେ ଟିକେ କରିଥିଲେ ଯେ ଶତ୍ରୁ ସାଧୁଛେ ମେଘ୍ । ଅଁଟକୁରା ସର୍‌କାର୍ ତାହାରୁଁ ଜିତିଁ । ଧାନ୍ ଦର୍ ଯାରି କରିଛେ ଗୁଟେ ଆର୍ ଲୋକ୍ ବିକୁଛନ୍ ଗୁଟେ । ବସ୍ତାକ ଦୁଇ ତିନ୍ କୋରର୍ ନୁକ୍‌ସାନି । ଇଟା ପରେ ଚୁରି ଡ଼କେତି ଲେଖେଁ ଗୁଟେ ଦୋଷ୍ ଆଏ, ଆର୍ ଇ ଦୋଷ୍ ଦିନର୍ ଦୁଇ ପହରେଁ ଡ଼ାକି ହାକି କରି ଜକ୍ ଜାହିର୍ ଚ଼ାଲିଛେ; କିଏ ଧରୁଛେ ? ସର୍‌କାର୍ ଆର୍ ବେପାରୀ ମହାର୍ସାଦ୍ ବସିଛନ୍ ଲେଖେଁଟା । ଆର୍ କାଁ କାଣା କହିଥିତା ଯେ, ବନ୍ଦ ପର୍‌ଲା, ବାଟ୍ ମୁହେଁ କେ ଡ଼ାକୁଛେ; ଶୁନଲା ''ଘରେଁ ଅଛୁ କି ନି ରେ ନନୀ ?''

ବାଟ୍‌ମୁହେଁକେ ବାହାରି ଆସି ଦେଖିଲା ଯେ ତାର୍ ମକ୍‌ର ଘର୍ ଗାଁର୍ ନରିହେନ୍ ବୁଢ଼ୀ, ଅନ୍‌ଛାୟାର୍ ମାଁ, ଆଏ ।

'ଉଲ୍‌ଗି ହଉଛେଁ ନାନି ! କେନ୍ତା ଇ ପାଗେଁ ବି ବାହାରି ଆଏଲ ? ଏକେଁ ବୁଢ଼ା ବୁଢ଼ୀ ଲୋକ୍, ଫୈର୍ ବାତୁଏନ୍ ବଥୁଏନ୍‌ଟା । କୁଶେ ମେତାଲ୍ ବାଟ୍ ନାଇଁ ହେବା ? ଚ଼ାଲି ପାର୍‌ଲ ନାନି ! ପାଏନ୍ କାଏଁଜ୍ ନାଇଁ ପାଇଁ ତ ? ମୋର୍ ମକ୍‌ର ଘରେଁ ବନ୍‌ଏ ବନ୍‌ଏ ?'' ଏକା ସାଂଗେଁ ଗୁଦ୍‌ଦୁ କଥା ପଚ଼ରେଇଁ ଟିକେ ଥାକ୍‌ଲା ।

ନରିହେନ୍ ବୁଢ଼ୀ କହେଲା ''ସତ୍ କହୁଛୁରେ ନନୀ । ଇ ବାଦଲ୍ ପାଗେଁ ବାତୁଆ ଗୋଡ଼୍‌ମାନେ ଆଏତେଁ ନାଇଁ ରହନ୍, ଆଡ଼େଁ ଠାଡେ ପର୍‌ସନ୍ ଯେ । ଘରେଁ କାଁ କର୍‌ମି ବଏଲିଁ । ରେଡ଼ି ନାଇଁ ଚ଼ଲାଲେଁ ଠୁଁଡ଼ି ନାଇଁ ଚ଼ଲେ । ବହ ଟୁକେଲ୍‌ଟା ମନା କରୁଥିଲା ଯେ, ଉପର୍ ମନ୍‌କେ । କା'ଣା ରହେତି ? ତାର୍ ବି ପିଲାଛୁଆ ଗୁହୁଡ଼େ । ତାକର୍ ପେଟ୍‌କେ

ନାଇଁ ଦେଖିବା କାଏଁ ? ମୋର୍ ଆଡ଼୍‌କେ କେନେ ନିଘା କରୁଛେ ? ମତେ ଲାଗ୍‌ସି କପଟ୍ କରୁଛେ ବାଗିର୍ । ମୋର୍ ପେଟ୍ ଚାଏର୍ ଆଙ୍ଗୁଲ୍‌କର୍ ଲାଗିଁ କାଏଁ କଥା ପର୍‌ବା ବଲିଁ ପଲେଇ ଆଏସିଁ ପୁତା ।''

କମ୍‌ଲୀ କହେଲା ''ଚାଲି ପାର୍‌ଲ ନାନି ? ହେଁ ଗାଁ ନୁ ଇ ଗାଁକେ ବନ୍‌ଏ ଟିକେ ନାଇଁ ଚ଼ଲାସି କାଏଁ ?''

ନରିହେନ୍ ଥର୍ ଥରାଲା କଁଠେଁ କହେଲା ''ବନ୍‌ଏ ଚ଼ଲିଉଛେ ନନୀ ! ଏଛନି, ବଏସ୍ ଗଲେଁ ବାଟ୍ ଘାଟ୍ ବି ଡରାସନ୍ । ମୋର୍ ଦିନ୍‌କେ ମୁଇଁ ଥର୍‌କେଁ ଖାକେ ମୁଡ଼େଁ ହାତେଁ କରି ଖରାମାସେଁ ଗାଁ କଟା ନେ ପାଏନ୍ ନାଇଁ ଥାଏ ବଲିଁ, ଯୁରୁଁ ବି ବେଲ୍‌କେଁ ଦଶ୍‌ଥର୍ ପାଏନ୍ ଆନୁଥିଲିଁ । ଗାଁ ଥିଁ ବିହା ବର୍‌ପନ୍ କି କାମ୍ କାରଯ୍ ହେଲେଁ ଆମେ ଦୁହି ପରାନୀ ଟିନ୍ ଗରିଆ ଧଏଲୁଁ ବଏଲେଁ ନିମିଷ ଟାକେ କରାମାନେ ଉଁକ୍‌ଲେଇ ପକାନ୍ । ଆଏଜ୍ ମେଲା ହାତେଁ ବି ବାଟ୍ ଧାପେ ଚାଲି ନାଇଁ ହେବାର୍ । ମେଘ୍ ବାଦଲ୍‌କେ ଗୋଡ଼୍‌ମାନେ ଅଟ୍‌କୁଛନ୍ ଆର୍ ଇ ପାଗେଁ ବାଟ୍ ଘାଟ୍ ବି ଛରଲ୍ ପିଛଲ୍ ।''

''ତମ୍‌କୁଁ ସେ ଅପାରୁ ଭଥା ନାଇଁ ମିଲେ ଭାଏଲ୍ ନାନି । ହେଁ ଥିଁ ତ ଚଲିଁଯାଏ ତ'' । ପଚ଼ାର୍‌ଲା କମ୍‌ଲୀ ଅତି ନିଜର୍ ଲୋକର୍ ଭଂଗୀ ଥିଁ ।

ବୁଢ଼ୀ ସଥେଁ ଟାକି ବସିଥିଲା କହେବାର୍ ଲାଗି ବାଗିର୍ କହେଲା ''କାହିଁର୍ ମିଲ୍‌ତାରେ ମା ? କହେଲିଁ ବି ସର୍‌ପଁଚ୍‌କେ ଉଞ୍ଜାଲୁକେ ଯାହା ଦେସନ୍, ମୁଇଁ ଭି ଦେମିରେ ପୁତା ! ତୋର୍ ହାତୁଁ ତ ପାଏସନ୍, ମୋର ପାଏଲା ବେଲକେ ହେଁ ନୁ ନ ଦେଇ ନେର୍ତି । କାହିଁର୍ ଶୁନ୍‌ତା ? ନଗଦ୍ ଦେଲା ଲୋକ୍ ତ ନୁହେ ପାଆନ୍, ମୋର୍ ଟା ତ ଉଧାରି ବକା କାଁ କରି ଦେତା ? ମୋର୍ ନୁ ବର୍‌କସ୍ ବର୍‌କସ୍ ଲୋକ୍ ବି ପାଉଛନ୍, ମୋର୍ କପାଲ୍‌କେ ନାଇଁ । ସେ ଦିନ ଏମେଲେ ଆଇଥିଲା ଯେ, ଲୋକ୍ କହେଲେ ବଲି ମୁଇଁ ବି ମୋର୍ କଥା କହେଲିଁ, ବିଡୁ କେ ପଚାର୍‌ଲା ଯେ ମୋର୍ ପରେ ଜମିନ୍ ବାଡ଼ି ଅଛେ ମତେ ନାଇଁ ମିଲେ । ବଢ଼େ, ଦୁଖ୍ ମନା ହଇଁ କହେଲା ''ଖରାପ୍ ସମିୟା ପର୍‌ଲେଁ ବନ୍‌ଏ କଥା ବି ଅସାର୍ ହେସି ଲୋ ନୁନି ! ଜମିନ୍‌ଥିବାର୍ ଟା ଅସାର୍ ହେଲା ଦେଖ୍ ।'' କମ୍‌ଲୀ କହେଲା ''ଅଛେ ଭାଏଲ୍ ନାନି !''

ବୁଢ଼ୀ ଟିଖେ ନାଇଁ ଅଟ୍‌କି କହେଲ୍ଲା ''ହଁ ଅଛେ ପୁତା ! ନାଇଁଥିଲା ଲେଖେଁ । ମୋର୍ ଯୁଆନ୍ ଦିନେ ଗାଁର୍ ସେବା କରି ଗଁତିଆର୍ ବି ବନ୍‌ଏ ସେବା କରିଥିଲିଁ ତ । ତା'ର୍‌ବା ରାତିଁ ରାତିଁ ଗଁତିଆ ବୁଢ଼ାକେ ତେଲ୍ ହାତେ ଦେଉଥିଲେ ବଲିଁ, ଗଁତିଆ ଜମି ଦୁଇ ଟେପ୍‌ରି ଦେଇଥିଲା, ଏକ୍‌ରେ କି କେତେ ବଲ୍‌ସନ୍; ଧାନ୍ ଖଣ୍ ଚାରେ ପରସି, ବନ୍‌ବସ୍ ବେଲ୍‌କେ ସେ ଟିକ ତାର୍

ବା'ର୍ ନାଁଥି ବସେଇ ନେଇଥିଲା ଗଁଡିଆ, ନେହେଲେଁ ପରେ ସିଲିଙ୍ଗ୍ ଥି ଯାଇଥିତା । ସେ ଟିକ ଅଛେ ମା ! ମୋର୍ ଅପାରୁ ଭଥାକେ ଛେଁକ୍‌ବାର୍ କାଯେଁ, ଦୁଇ ଟଁକିଆ ଚାଉଲ୍ ମିଲୁଥିଲା ଯେ ଦୁଇ ପାଳି ହେଲା ନ ନାଇଁ ମିଲ୍‌ବାର୍ । ହେଁ ଥି ମୋର୍ ପୁଅ ତାର୍ ଛୁଆ ଯୁତାକୁଁ ଦେଖ୍‌ବା କି ମତେ ଦେଖ୍‌ବା ? ଇ ସର୍‌ପଂଚ୍ ପରେ ତାକର୍ ଦଲର୍ ଭୋଟ୍ କାଯେଁ ଖର୍ଚ୍ଚା ହେବା ଯେ ଚାନ୍ଦା ଦେଇଛେ ପଂଚେ଼ତ୍‌ର ଚାଉଲ୍ କୁଟା ବିକି । ତାକର୍ ଦଲ୍ ପରେ ଆମକ୍ରୁଁମାନ୍‌କୁଁ ହେଁ ଚାଉଲ୍ ଦେସି । କାଁ କର୍‌ମା ? ଏତେ ଅଭାବ୍ ଅସ୍‌ବିଧା ଭିତ୍‌ରେଁ ମୋର୍ ପୁଓ ଉପ୍‌ରେଁ କେତେ ବୋଝ୍ ହେମି ବଲ୍‌ସିଁ ଗା ନନୀ ! ପାରୁଥିବାର୍ ତକ୍ ଏନ୍ତା ମାଗି ଯାଚି ଚଲିଁଯିମି ନ ।''

କମ୍‌ଲୀ ଜାନୁଛେ ''ବୁଢ଼ୀ ତାର୍ ମକ୍‌ରର୍ ଖବର୍ ବାତ୍‌ନି ଦେବାର୍ ନାଁଆଁ ଥି ଆଏସି, କିଛି ମୁଠେ ଗର୍‌ସେ ଖାଏବାକେ ପାଏସି ଇନେ । ଯାହିଁ ପାରି ତାହିଁ ନାଇଁ ଖାଏତ, ମହାଘୋର୍ ଜାଏତ୍ ବାଆର୍‌ସି । କମ୍‌ଲୀ ତାର୍ ମକ୍‌ରକେ ନାଇଁ ପାଶ୍‌ରି ପାରେ । ଦୁହି ମକ୍‌ର କେଡ଼େ ମିଲନ୍ ମେଶନ୍ । ଗୁଟେ ଗାଁ କା'ଣା ଗୁଟେ ପରେଁ ଘର୍ । ସମାନ୍ ବଏସ୍ । ପିଲାଦିନୁ ସାଂଗ୍ ସର୍‌ସା । ଛିଲୋଲାଇ, ହୁମୋ, ଚୁଟ୍‌କୁଚୁଟା ଛୁଆଦିନୁ ଖଟି ଆଏବାର୍ ତକ୍ କେତେ ଖେଲ୍ । କେତେ ଯାତ୍‌ରା ଦେଖା, ଡାଲ୍‌ଖାଇ ନଚା, କର୍‌ମା ଦେଖା,କୀର୍ତ୍ତନ୍ ଦେଖା ସାଂଗ୍ ସାଂଗ୍ ହଇଁ । ଦୁହିକର୍ ଗୁଟେ ବଛ୍‌ରେଁ ଜନମ୍ ଗୁଟେ ବଛ୍‌ରେଁ ବିହା । ସେ ପର୍‌ଲେ ଇଚ୍ଛାପୁରେଁ ଆପ୍‌ନେ ଇ ଡୁମେର୍‌ବାହାଲେଁ । ପଛେଁ ପଛେଁ କେନାଲ୍ ହେଲା ଯେ ତାଂକର୍ ଗାଁ ନେ ପାଏନ୍ ମାଡ଼୍‌ଲା ଇ ଗାଁକେ ନାଇଁ । ତାକର୍ ଗାଁଏଁ ପାଏନ୍ ଯାହାକେ ଯେତେ ଇଗାଁନେ ମର୍‌ଡି ବସା ବାଁଧିଛେ । ଇ ବୁଢ଼ୀ ଯା' ଆସ୍ କରି ଦୁହିକର୍ ଭଲ୍ ମନ୍ଦ୍ ଦୁହିକୁଁ ଜନାସି । ପର୍‌ବତ୍ ଆର୍ ସମୁଦ୍‌ର୍ ମଝିଁ ନଏଦ୍ ମେତାଲ୍ । ଗଲା ବଛରର୍ ଧାନ୍ ମର୍‌ଡ଼ି ଥି ଆମର୍ ବିହନ୍ ପାଚ୍‌ନ୍ ଅଭାବ୍ କଥା ଇ ବୁଢ଼ୀ ନୁ ଶୁନି ମୋର୍ ମକ୍‌ର ଜାନ୍‌ଲେ ଯେ ଧାନ୍ ଦୁଇବସ୍ତା ପଠେଇ ନେଇଥିଲେ, ନେହେଲେଁ ଆମର୍ ଅବସ୍ଥା କାହୁଁ କା'ଣା ହଇଁଯାଇଥିତା ।'' ହେଁଥିର୍ କାଯେଁ ବୁଢ଼ୀକେ କମ୍‌ଲୀ ନାଇଁ ଅସ୍‌କଟାଏ । ବୁଢ଼ୀର୍ କଥେଁ ମକ୍‌ରର୍ କଥା ଶୁଭ୍‌ସି, ତାହାକେ ବୁଢ଼ୀର୍ ଚେହେରାନେ ମକ୍‌ର କେ ଦେଖ୍‌ସି ।

ଗଲା ବଛରର୍ ମର୍‌ଡ଼ି କେ ଏସୁରର୍ ଇ ଅରତିଆ ବର୍ଷା । ହାତ୍ ଗୋଡ଼୍ ଭାଂଗି ନେଲାନ୍, ଗିଆଁନ ଗୁଚର୍ ହଜେଇ ନେଲାନ । କେନ୍ତା ହିଁ ଫେର୍ ବଛର୍‌ଟେ ଗୁଁଜିର୍‌ସି ବଲିଁ ଚିନ୍ତା । କାହାକେ କିଛିଦେବାକେ ପର୍‌ଲେଁ ଭାକୁର୍ କୁଟୁର୍ ଲାଗୁଛେ । ତ'ବି ବୁଢ଼ୀ ମୁନୁଷ୍‌ଟେ ଆଇଛେ ମୁଠେ ଖାଏମି ବଲିଁ ଆଶା । କାଁ ବଲି ନିରାଶ୍ କର୍‌ବା । ପୁରାନ୍ ଶାସ୍ତର୍ କହେସି ମଗତିରିକେ ନିରାଶ୍ କର୍‌ବାର୍ ନୁହେ ସେ । ଫେର୍ ମକ୍‌ର ଜାନ୍‌ଲେଁ କାଁ ବଲ୍‌ବେ ? ମୁହଁ

ଫିଟେଇ କହେଲା 'ନାନି ! ଆଇଛ ଯେତେବେଳେଁ ମୁଠେ ଗର୍ସେ ଯାହା ଥିବା ଖାଇକରି ଯିବ ଯେ, କାଁ କର୍‌ବ ଏଛନି ମହାଲକ୍ଷୀ ବସିଛନ୍ ମଗଶିରର୍ ଗୁରବାର୍ । ମହାଲକ୍ଷୀ ସୁଖ୍ ନାଇଁ ପାଆନ୍ । ଦାନା ଛାଡ଼ି ନେସି । ଏଛନି ଦେଇ ଥିଁ ଯେ ମହାଲକ୍ଷୀ ବସିଛନ୍ । ହଁ ବନ୍‌ଏ ଘଡ଼େ ଟାକ୍‌ବ ହେଲେଁ ମହାଲକ୍ଷୀ ଉଠାମି; ତେଡ୍‌କେଁ ବନ୍‌ବା ।'' କହି ଚାଲିଥାଏ କମ୍‌ଲୀ ।

''ହଁ ଯେ ନନୀ ! ସତ୍ ଆଏ; ଆମର୍ ଗାଁ ଗହଲେଁ ଆଗୁଁ ପୂର୍ବୁଁ ହେନ୍ତା ଚଲି ଆଇଛେ ତ ।'' ବୁଢ଼ୀ ଟିକେ ଖୁସାମଦ୍ କଲା ଲେଖେଁ କହେଲା ''ତୋର୍ ହାତର୍ ତୁନ୍ ଶାଗ୍ କେତେ ରୁଚି କେଡ଼େ ଅଏନ୍ ଲାଗ୍‌ସି ଲୋ । ତୋର୍ ମକ୍‌ରକେ କହେସିଁ ଯେ କେତେ ଉଷତ୍ ହେସି ଲୋ । ତୁଇଁ କାଏଁ ଦେଖି ଯାଏସୁ କି ଶୁନି ଯାଏସୁ । ଯେନ୍ତା ହେଲେଁ ବି ପୂଜାଧଜା ସାଏଲେଁ ତ ମହାଲକ୍ଷୀ ଉଠାବୁ, ବନ୍‌ଏ ଘଡ଼େ ନାଇଁ ଲାଗ୍‌ବା । ମୁଇଁ କେତେ ସୋଜ୍ ବସ୍‌ମିଲୋ । ଯାଉଛେଁ ହେଁ ପଧାନ୍ ଘର୍ ବଢ଼େନ୍ ଆଡୁଁ ଶୁଖା ଟୁଟା ଝାଟି ଅମ୍‌ରି କରି ଦୁଇଖଣ୍ କୁଲ୍‌କି ଆନୁଥିସିଁ । ଆମର୍ ଗାଁ ଥିଁ ତ । ଆଗୁଁ କାଠ୍ ଖୁଟର୍ ଦୁକାଲ୍, ଫେର୍ କେନାଲ ଆଏଲା ଦିନୁ ତ ଅବସ୍ଥା କାହିଁରେ କା'ଣା । ଇ ଶୀତ୍ କାକରର୍ ଦିନେ ଜୁଏ ଛାଏ ଟିକେ ତାପ୍‌ଲେଁ ରହି ବସି ହେସି । ଫେର୍ ଇ ଶୀତ ଦିନିଆଁ ଝଁକେର୍ କେ ତ ଯୁଆନ୍‌ବଏସର୍ ଲୋକ୍ ଶୀତେଁ ଠୁର୍‌ଠୁରେଇ ଯାଉଛନ୍ । ଆମର୍ ମେତାଲ୍ ବୁଢ଼ାବୁଢ଼ୀ ବାତୁଏନ୍ ବଥୁଏନ୍‌କର୍ କଥା କା'ଣା କହେମି ?''

କମ୍‌ଲୀ କହେଲା ''ଯିବ ଯେ....ବାଦଲ୍ ଦେଖ ବରଷ୍‌ନେ ବର୍‌ଷନେ ହଉଛେ । ଯ' ତୁର୍‌ତି ଫିରିଁ ଆଏବ ଯ ମୁଠେ ଖାଇନେବ । ଭାତ୍ ତୁନ୍ ସାଂଗେ ମହାଲକ୍ଷୀର୍ ପର୍‌ସାଦ୍ ଜଉପିଠା ବି ଦେମି । ଦେଖ ଆଏବ ନିଶ୍ଚେ ତୁମର୍ ବାଟ୍ ଦେଖୁଥିମି ।''

''ହଁରେ ନନୀ ! ଯାଉଛେଁ'' । କହି ପଲାଲା ନରିହେନ୍ ବୁଢ଼ୀ । ବୁଢ଼ୀ ଯିବାର୍ ଘଣ୍ଟେ ନାଇଁ ହଉନୁ ପାଏନ୍ ବର୍ଷିବାର୍ ମୂଲ୍ କଲା । ଅଉର୍ ଘାଏ ନାଇଁ ଯାଉନୁ କରା ତାର୍‌ତାର୍ ଉପ୍‌ରେଁ ରୁକି ନେଲା । କମ୍‌ଲୀ କହେଲା ''ଯେ ମା ବୁଢ଼ୀ କେନ ଥିବା ଗା । ବାହାରେଁ ଥିବା ହେଲେଁ କେ ଜାନ୍‌ଏ କେନ୍ତା ହେବା ଯେ ?'' ମହାପ୍ରୁକେ ହାତ୍ ଯୁଡ଼ିଁ କହୁଥାଏ, ''ମହାପ୍ରୁ ! ବୁଢ଼ୀକେ ସାହା ହଇଥିବୁ ।'

କରା ପାଏନ୍ ଛାଡ଼୍‌ଲା । ବେଲ୍ ବୁଡ୍‌ଲା । ବେଲର୍ ବେଲୁଁ ମହାଲକ୍ଷୀଁ ଉଠେଇ କମ୍‌ଲୀ ତାର୍ କୁଟୁମ୍ କେ ଖୁଏଇ ନିଜେଁ ବି ଖାଇସାରି ବୁଢ଼ୀର୍ ବାଟ୍ ଦେଖୁଛେଁ । ଅଁଧାର୍ ହେଲା ନ ବୁଢ଼ୀର ସୋର୍ ଶବଦ୍ ନାଇଁ । ଏ' ଦେ ଆଏବା ସେ' ଦେ ଆଏବା ବଲିଁ ଭାତ୍ ତୁନ୍ ଜଉ ପିଠା ଢ଼ାବି ଢ଼ାପି କରି ଚୁଏଲ୍ ମୁଡ଼େଁ ରଖିନେଇଛେ । ରାତିଁ ଆଏଲେଁ ଆର୍ କେ'ନେ ତାର୍ ଗାଁକେ ଯାଇପର୍‌ବା ବଲିଁ ବାଟର୍ ଘରେଁ ଜୁନ୍‌ହାଁ ବିହନ୍‌ପୁରାର୍ ପୁଆଲ୍ ଗୁଡ଼ାହୁ ଆନି

ଦଶେଇ ନେଇଛେ । ସଭେ ଶୁଇଲେ, ସେ ଭି ଶୁଇଲା । ଖଟେ ପରିଛେ, ଝୁମ୍‌ରା ନାଇଁ ; ଇ କର୍ ସେକର୍ ହଉଛେ । ବୁଢ଼ୀ ଡ଼ାକୁଛେ ଲେଖେଁ ଘାଏକେ ଘାଏ । ଉଠି ବାଟ୍‌ମୁହଁର୍ କବାଟ୍ । ହିଟେଇ ଦେଖୁଛେ; ବୁଢ଼ୀର୍ ନାଁ ପତା ନାଇଁ ।

ସକାଲ୍ ପାହିଁ ଉଜଲ୍ ହେଲାନ । କମ୍‌ଲୀର୍ ବର୍ ଭଠାକେ ଯାଇ ବାହାରୁଁ ଦୁହୁରୁଁ କାଠି ପତର୍ କରି ଆଏଲା । କହେଲା "ହଏ ଗା!ଏ ! ତୋର୍ ମକ୍‌ର ଘର୍ ଗାଁର୍ ନରିହେନ୍ ବୁଢ଼ୀ ବୋ ଆମର୍ ଘର୍‌କେ ଯେନ୍ ଆ' ଯା' କର୍‌ସି ଗା !"

"ହଁ ହଁ, ଆଉଛେ ଗୋ' ବନ୍‌ଏ ହଇଛେ ତ; ଚାଲି ପାରୁଛେ ? କେନେ ଥିଲା ବଲୁଛେ; କହିଁ କମ୍‌ଲୀ ତାର୍ ମୁନ୍‌ଷର୍ ମୁହଁକେ ଭକ୍‌ଭକ୍ ଦେଖୁଛେ ।"

"ନାଇଁ ଗାଁ ! ଇସ୍‌କୁଲର୍ ସେ ଆଡର୍ ଧର୍‌ସା ତରାର୍ ଶେଶୁଆଁ ଗଛ୍ ତଲେଁ ପରିଛେ । ଜୀବନ୍ ନାଇଁନ । କରାପାଏନ୍ ଥିଁ ଚେରେଷ୍ଟା କରିଛେ ଲେଖେଁ ଲାଗୁଛେ ଇସ୍କୁଲ୍ ତକ୍ ଆଏବାକେ । ନାଇଁ ଆସି ପାରି ଶେଶୁଆଁ ତଲେଁ ପରିଁ ଯାଇଛେ, ସେନେ ନ ମରି ଯାଇଛେ । ତାକର୍ ଗାଁକେ ଖବର୍ ଟେ ଦେଲେଁ ଯାଇ ଗା ! କୁଆ କୁକୁର୍ ଏ' ଦେ ମାଡ଼ି ବସ୍‌ବେ ।" କହିଁ ସେ ବାହାରିଗଲା ।

କମଲୀ କାଥେଁ ମାଏଲା ବାଗିର୍ ଠାଡେ ଠାଡ୍ ରହିଁଗଲା । ବୁଢୀର୍ "ଘରେଁ ଅଛୁ କାଏଁ ରେ ନନୀ ।" ତାକ୍ କାନେ ପିଟିଁ ହେଲା । ପସ୍ତେଇ ହେଲା ସୁରେଁ ତାର୍ ନିଜର୍ କହେଲା କଥା "ମହଲକ୍ଷୀ ବସିଛନ୍" ପଦ୍‌କ ମନ୍ ଭିତ୍‌ରେଁ ଗୁଁଦ୍‌ଲେଇ ହେଲା । ଖଟ୍‌ଲିର୍ ମହାଲକ୍ଷୀ ମୂର୍ତ୍ତି ସିନେ ଉଠେଇଛେ । ନରିହେନ୍ ବୁଢ଼ୀର୍ ମୂର୍ତ୍ତିକେ ଆଁଖିର୍ ଖଟ୍‌ଲିନୁ ନାଇଁ ଉଠେଇ ପାରିଁନ ।

ତାର୍ ଆଁଖିର୍ ପର୍‌ଦାନେ ବସା ବାଁଧି ସାରିଥିଲା ନରିହେନ୍ ବୁଢ଼ୀର୍ ଗୁଲ୍‌ଗୁଲା ମୁହଁ,ଫୁଫ୍‌ଲିଟୁଁଡ଼୍ ଆର୍ ତାର୍ ଶେଥୁଆ ସେ ଆଏଁଖ୍ ଦୁହିଟା । ସେ ନୁ ନର୍‌ଦିଁ ଆଉଥିଲା ତଡ୍‌ଲାଲୁହର୍ ଦୁଇଟା ଧାର୍, ଦରୋ ଦରୋ । ବାଆରି ନାଇଁ ହଉଥାଇଁ ତାର୍ ନିଜର୍ ଆଏ କି ବୁଢ଼ୀର୍ ଆଏ ଯେ ।

□□

# ଭାଏ ଜାଁତିଆ

ବଁଧ୍ ପୂର୍‌ନୁ କର୍ଏଫୁଲ୍ ଧରି ଦଶ୍‌ରା ଆଏଲା । ଫଟ୍‌କେଇ ଆଏଲାନ ବଁଧ୍ କଟା ନଏଦ୍ ନଲିଆର ପାଏନ୍ । ଖଟ୍‌ଲା ଝି'ମାନେ ବି ଆଏଲେ ନ ମାଁ ଘର୍‌ମାନ୍‌କୁଁ । ଆଏଜ୍ କାଏଲ୍ ଆଏବା, ଭାଏ ଜାଁ'ତିଆ ଦିନ୍ । ରଂଗ୍ ବେରଂଗର୍ ଜାଁତିଆମାନେ ଘିନି ରଖିଲେ ନ ଟୁକେଲ୍‌ମାନେ ଭାଏମାନଙ୍କୁଁ ଚଢ଼ାବେ ବଲିଁ ।

ମୀନା ବି ଆଏଲା ନ ମାଁ ଘର୍‌କେ । ମାଁ ନାଏଁନ ; ଗୁପାଲ୍, ତାର୍ ଭାଏ, କରିଆ - ପିନ୍ଧା-ବଏସର୍ ନାଇଁ ହଇଥାଇ ନ, ମରିଗଲେ । ତାର୍ 'ବାବୁ' (କୁଲ୍‌ତା ଜାତିର୍ ଲୁକେ ଇଆଡ଼େଁ, ବାପାମାନ୍‌କୁଁ ବାବୁ ଡ଼ାକ୍‌ସନ୍) ସେନ୍ତା ରହିଗଲେ; ଫେର୍ ଗୁଟେ ବିହାହେଲେଁ କି ବନେଇ ଆନ୍‌ଲେଁ ଛ'ଣ ଛୁଆ ଦୁହିଟା ଦୁଧେ ନାଇଁ କି ଦିନେ ନାଇଁ ହେବେ ବଲିଁ । ମୀନା ପାରି ଆଇ ଥିଲା ନ । ଗାଁଥି ଇସ୍‌କୁଲ୍ ତ ; ପଢ଼ିକରି ବି ଥିର୍ ଜୁକେ ଉହ୍ଲଉଥିଲା । ଗୁହାଲ୍ ଦୁଆର୍ ପାଏନ୍ କାଏଁଇ୍ କେ ଗାଁଥି ପଢ଼ିଥିବା ନନାର ଝି' ଗୁଲାପୀ ହାତେ ଗୁଡ଼େ କରି ଲାଗୁଥିଲା । ମୀନାର୍ ଯତନ୍ ସଁଖଲ୍ ଥିଁ ଗୁପାଲ୍ ମୁନୁଷ୍ ମାକର୍ ହଇଛେ । ନାନୀକେ ଦେଖିଲେଁ ମାଁ ନାଇଁ ଥିବାର୍ ଟା ପାଶ୍‌ରି ନେସି । ପାଶର୍ ଗାଁ ଥି ପରିଛେ ମୀନା, ବନ୍ଏ ପୁଁଜି ପସ୍‌ରା ଥିବାର୍ ଘରେଁ । ମେଟ୍ରିକ୍ ପାସ୍ କଲା କି ବିହା କରିନେଲେ ତାର୍ ବାବୁ ରତନା । ଝି' ଘି' ରଖି ନାଇଁ ହଏ, ଥାଏ ତ ବଲିଁ । ମୀନାର୍ ଶଶୁର୍ ଛୁଆ ଦିନୁ ମୀନା କେ ଦେଖି ଆସୁଥିଲେ, ତାର୍ ସାଫ୍ ସୁତର୍ ଚେ଼ହେରା ଖାଲି ନୁହେ, ନିଖୁନ୍ ଚାଲ୍ ଚ଼ଲନ୍ ଭି । ଦୁଇ ଅଖର୍ ପଢ଼ିଛେ, ମା'ଛଣ୍ ଟୁକେଲ୍, ମାନି ଗୁନି ଚ଼ଲ୍‌ବା ଦିଆ ନିଆ କମ୍ ହେଲେଁ ବି ଥିର୍ ଜୁକେ ପାଏବେ, ମାଏନ୍ ଆଦର୍ ମିଲ୍‌ବା ବଲିଁ ହର୍‌ବରାଲେ । ମୀନା କେ ବହ କରିନେଲେ । ମା' ଛଣ୍ ଗୁପାଲ୍‌ଟା ନୁରାଖୁଜା ଲାଗ୍‌ଲେଁ, ପାଶର୍ ଗାଏଁ ପର୍‌ଲେଁ ନାନୀ କେ ଦେଖିଚାହିଁ ଆଏବା ବଲିଁ ରତନା ଭାବିଥିଲେ, ଆର୍ ସେନ୍ତା ହେଉଛେ ଭି । ମୀନା ଗଲା ଦିନୁ ତାର୍ ବାବୁ ରତ୍‌ନା କେ ଟିକେ ଜହ ହରୋବଟୋ ହେବାକେ ପରୁଛେ । ଭାଞ୍ଜୀ ଗୁଲାପୀ ଚାଉଲ୍ ଦି'ଟା ଫୁଟେଇ ନଉଛେ ଯେ ବଡ଼୍ ଆଏ । ଆର୍ ଦୁସ୍‌ରା ବୁତା ବର୍‌ଗିବାକେ ଅପ୍‌ସର୍ ଲାଗ୍‌ସି । ଭାଞ୍ଜୀ ବାହ୍‌ରୀ ତ, କିଛି ଭୂତି ଭରା ହିସାବେଁ ଦେବାକେ ବି ଅସୁନ୍ଦର୍ ।' ତଥାପି ଖଣ୍ଏ କପ୍‌ଟେ ଦେବାକେ ନାଇଁ ପାଶରନ୍ ରତ୍‌ନା ।

ଭାଏ ଜାଁତିଆ ଦିନ୍ । ଗାଁର ଟୁକେଲ୍‌କର୍ କେତେ ଗହ୍ ଗହ୍ । ପାଖେଁ ଧୂରେଁ ଯେ ଯାହିଁ ପାରିଛନ୍ ଇ' ଗୁଟେ ଦିନେ ଭେଟ୍ ଘାଟ୍ ପରି କେତେ ପଚ୍‌ରା ଉଚ୍‌ରା । ଛୁଆ ଦିନର୍

କେତେ କଥା ଇଁଟରେଇ କେତେ ହଁସି କେତେ ଗପ୍ ସପ୍ । ମାଁ ଘର୍; ତାକର୍ ଲାଗି ଦୁଇ ଦିନର୍ ଲାଗିଁ ବି ସରଗ୍ ଆଏ । ଶାଶୁର୍ ଆକଟ୍ କି ନନ୍ଦର୍ ଧୀରା ପଡ଼ା ନାଇଁ କି ଶଶୁର୍, ଗେରସ୍ତର୍ କଟ୍‌କନା ନାଇଁ । ଜନମ୍ ମାଏଟ୍, ଇନିର୍ ବାହାର୍ ଭଠା ଯିବାର୍ ଠାନ୍ ଠାନୁ ବି ସୁନ୍ଦର୍, ଆଉର୍ ଆଉର୍ କଥା ଛାଡ ।

ଉପାସ୍ କରିଛନ୍ ସଭେ; ଏକା ସାଗେଁ ଗଧା ପଧା । ମୀନା ସୋର୍ କରୁଛେ ତା'ର୍ ମା'କେ । ଉନିଆଁ ଟୁକେଲ୍‌ମାନ୍‌କର୍ ମାଁ ମାନ୍‌କେର୍ ଝି'ର୍ ଉପାସ୍ ବଲା ଲାଗି ଖଁଜା ବୁଡା, ମୁଗ୍ ବଦ୍‌ରା, ପିଠଉବଟା; ନିର୍‌ଜଲା ଉପାସ୍‌କେ ପାର୍‌ବା ନାଇଁ ପାର୍‌ବା ବଲିଁ ଆଗର୍ ଦିନୁ ପିଠା ପୁଡା ଆର୍ କୁକ୍‌ରା ତର୍କୁ ମନେଇ ବୁଝେଇ ଖୁଆବାର୍‌ଟାକେ ଦେଖି ମୀନାର୍ ଆଖିଁ ତାର୍ ମା'ର୍ ଚେହେରା ଝପ୍ କରୁଛେ । ମାଁ ମଲା ବେଲ୍‌କେ ମୀନା ବି କପ୍‌ଟାପିନ୍ଧୁ ହଇଥିଲା ନ । ପାଲେ ଦୁଇପାଲି ଭାଏ ଜାଁତିଆ ଉପାସ୍ କରିଥିଲା ନ । ଦିନ୍‌ଟା ଉପାସର୍ ହେଜା ଲେଖା, ଦୁବ୍, ଚାଉଲ୍‌ଗନା ଫୁଲ୍ ତୁଲା ଥିଁ ଗଲା । ରାଏତ୍ ନାଇଁ ପାହୁ ନୁ, ହୋ ହଇଁ ଟୁକେଲ୍ ମାନେ ଗାଧି ଗଲେ, କାଠି ଗାଡ୍‌ଲେ । ଭାଏମାନ୍‌କୁଁ ଦୁବ୍ ଚଢାଲେଁ ଯାଇ ପାଏନ୍ ପିଇବେ, ଉପାସ୍ ଭାଙ୍ଗିବେ । କା'ର୍ କାଯେଁ କେନ୍ କପ୍‌ଟା ଆନିଛନ୍ ତାକର୍ ତାକର୍ କେତେ ଗୁତା ଉଚାର୍ ।

ମୀନାର୍ ବାବୁ ଚାଷୀ ଲୋକ୍ । ଆଗ୍ ତିରିଆ କପ୍‌ଟା ନାଇଁ ଘିନି ପାରିଁ ନ । କାଁ କର୍‌ବେ ? ସହଙ୍କେଁ ଭୁଦୋ ଦଶ୍‌ରା, ଘରେଁ ଯାହାଥିଲା ସରିଁ ଯାଇଛେ । ଚାଷ୍‌ବାସ୍‌ର ଖର୍ଚ୍ଚ ବି ତ କମ୍ ନୁହେ । ତାହିଁ ଗୁପାଲ୍ ବି ବଡ ହେଲା ନ, ଗାଁର୍ ହାଇସ୍କୁଲ୍ ପଢ୍‌ଲା ନ । ତାର୍ ପଢାଖର୍ଚ୍ଚା ପେଁଟ୍ କୁର୍‌ତା, ଯାତ୍‌ରା ପରବ୍ କେ ହାତ୍ ଖର୍ଚ୍ଚାକେ ଗୁପାଲ୍ ଘାଏ ଘାଏ ଅଡି ବସ୍‌ସି । ଇ ସବୁ ଯୁଟାବାକେ ଚାଷୀ ବାପର୍ ଅକଲ୍ ଇ ଆଡ୍ ସେ ଆଡ୍ । ଫେର୍ ସବୁ ବଛର୍ ସମିୟା ସୁକାଲ୍ କରେ ନାଇଁ । କେନ୍ ବଛର୍ ମର୍‌ଡି ତ କେନ୍ ବଛର୍ ପୋକ ବଂଗି । ଚାଷ୍ ବାହାରର୍ ସବୁ ଚିଜ୍ ଦିନ୍‌କେଁ ଗୁଟେ ଦର୍ । ଗାଁର୍ ବେପାରୀ ମୁନ୍ନୁ ବନିଆଁ ବଛର୍‌କ ତାର୍ ପକା ଘରର୍ ପରସ୍ତେ ଉପର୍‌କେ ଉଠାସି ତ ଚାଷୀର୍ ଘର୍ ଅଛୁଆ ରହେସି, ଖପର୍ ଗୁଟାଦୁ କି ନଡା ଝୁରାଦୁ ବାଉଁଶ୍ ଫାଲ୍ ଦୁ ଖଁଜି ନାଇଁ ପାରେ ବଲିଁ । ଭାଏ ଜାଁ'ତିଆ ଆଏଲା, ମାନା ବି ଆଏଲା ହେଲେଁ ରତ୍‌ନାର୍ ହାତ୍‌କେ ପଏସା ଗୁତାଦୁ ନାଇଁ ଆସି ପାର୍‌ବାର୍ । ଉଧାର୍ ବାଏର୍ ଲାଗିଁ ସାଙ୍ଗ ସର୍‌ସିଆ ମିତ୍ ମଏତର୍ ସଭେ ସରିଗଲେ ନ । କା'ର୍ ନ ଅଛେ ଯେ ହେଲେଁ ଦେବା; ନିଜର୍ କଥା ନିଜ୍‌କେ ଅଗୋଚର୍ । ବନିହାଁ ଗୁଲ୍‌ଗୁଲା ସୁଲ୍‌ସୁଲା ହେଲାବେଲ୍‌କେ ମୁନ୍ନୁ ବନିଆଁ କିଛି ଦେଲା । ୟୁରିଆ ସାର୍ ବସ୍ତାକେ ଧାନ ବସ୍ତେ ଫିରାବାର୍ ସରତ୍ ଥିଁ ଟାଏର୍ ବସ୍ତା ଆନିଥିଲା । ଇ'ଟା ବସ୍ତାକ ଦୁଇଶଟଂକା ଦରେଁ ଟାଏର୍ ବସ୍ତାର୍ ଆନିଛେ । ମୀନାକେ ବନ୍‌ଏ କପ୍‌ଟା

ଖଣ୍‌ଏ ହେଲେଁ ନାଇଁ ଦେବା କାଏଁ ? ବଡ୍‌ ଘରେଁ ପରିଛେ । କାଁ ବଲ୍‌ବେ ଶାଶ୍‌ ଘରର୍‌ ଲୋକ୍‌ ? ରତ୍‌ନା ଚାଷୀର୍‌ ମୁଲାଯା ସର୍କାରେଁ ନାଇଁ ଥିଲେଁ ବି ବଂଧୁ ବାଂଧବ୍‌ ଘରେଁ ଇଆଡ୍‌ ସେ ଆଡ୍‌ ହଇଦେବା କାଏଁ ? ପାଶ୍‌ ଘରିଆ ଧନୁ ସାହୁର୍‌ ସାଇକଲ୍‌ ମାଗିଁ ଝୁଲ୍‌ପୁଲୁଁ ଗଲା ନ ହାଟ୍‌ ଗାଁକେ କପ୍‌ଟା ଆନ୍‌ବା ।

ସକାଲ୍‌ ପାଏଲା । ମୀନା, ସାଂଗର୍‌ ଟୁକେଲ୍‌ମାନ୍‌କର୍‌ ସାଂଗେଁ ଗାଧି ପାଧି କରି ଆଏଲା ନ । ମୁଦ୍‌ ବୁଡି କରି ଆଇଛେ ତ ବାଲ୍‌ ମୁକ୍‌ଲା କରି ଦୁଆରେଁ ବସିଛେ । ଗୁପାଲ୍‌ ଗାଧିବୁଡ଼ି ଆଏଲେଁ ଦୁବ୍‌ ଚଢ଼ାବା, ତେଡ୍‌କେଁ ଯାଇ ତାର୍‌ ପାଏନ୍‌ ପିଆ । ଶାଶ୍‌ଘରୁଁ ଆନିଛେ ବନ୍‌ଏ ବଢ଼ିଆ କପ୍‌ଡ଼ାର୍‌ ପେଁଟ୍‌ ସାର୍ଟ । ଗଲା ବଛର୍‌ ଅଘଟନ୍‌ଟେ ଘଟିଁ ଗଲା ତ ଗୁପାଲର୍‌ ମନ୍‌ ଅଏନ୍‌ ନାଇଁ ଥାଇ ଏ'ବେ ବଛର୍‌ ଟେ ଗୁଁଜ୍‌ରିଁ ଗଲା ପଛେ ଗୁପାଲ୍‌ ମୀନା ଘର୍‌କେ ହିର୍‌କି ନାଇଁ ଦେଖି । ସେ' ସେ' ଟା ଲାଗୁଛେ ମୀନା କେ ଗୁପାଲର୍‌ ମନ୍‌ଟା କେ କେନ୍ତା ଉଷଡ୍‌ କରବା ସେ ଚେ଼ରେଷ୍ଟା ଥିଁ ଅଛେ । କଥା କା'ଣା କି ? ଗୁପାଲ୍‌ ମୁଦକ୍‌, ଖାଏବାର୍‌ ଜାନି ପାର୍‌ଲା ମୀନା । ସମ୍‌କର୍‌ ସାମ୍‌ନାନେ ପିଟି ମୂଢ଼ାଲା ସେ'ସେଥିଁ । ଲୋକ୍‌ ଆଶ୍‌ରିଯ, ମୀନା ଗୁପାଲ୍‌କେ ପିଟ୍‌ବା ଇଟା କିଏ ସତ୍‌ କର୍‌ବା ? ଗୁପାଲ୍‌ ତ ମୀନାର୍‌ ଜୀବନ୍‌ ଆଏ । ହେତ୍‌କରି ଭାଏ ବୁହେନ୍‌ ଦୁଇଟା ନୁର୍‌ଲେଁ ନାଇଁ ମିଲନ୍‌ ନ । ଗୁପାଲ୍‌ ଫେର୍‌ ଘର୍‌ବସା ଲାଏକ୍‌ ହେଲା ନ । ମେଟ୍ରିକ କେ ଗଲା ନ ତ'ବି ମାର୍‌ ଖାଉଛେ । ଗୁପାଲ୍‌ କିଛି ନାଇଁ କହିଁ ନ । ଖାଲି ହେଁକେଇ ହେକେଇ କହେଲା "ନାନି ! ଆର୍‌ ନାଇଁ କରେଁ ଇ କବାର୍‌; ତୋର୍‌ କିରିୟା, ତୋର୍‌ ମୁଦ୍‌ ଖାଏମି ।" ତାର୍‌ ପରେଁ ଆର୍‌ କିଛି ନାଇଁ ଖାଲି, ଦୁହି ଭାଏ ବହେନ୍‌ କାନ୍ଦି କାନ୍ଦି ଦିନ୍‌ଟା କଟେଇ ନେଲେ । 'ବାବୁ' କେ ଭାଏ ବହେନ୍‌ ଦୁହେ କିଛି ନାଇଁ କହଲେଁ ଭି ରତ୍‌ନା ସବୁ ଜାନ୍‌ଲେ । ଭାବ୍‌ଲେ "ଗାଁ'ଟା ତ ଉବାଟେଁ ଚାଲୁଛେ । ମଦ୍‌, ମୁଦକ୍‌, ଗଁଜେଇ, ଭଂଗ୍‌ । ଯାହାକେ ଯେତୋ ଘୁର୍‌ଘୁଡ଼ି ବି ପଡ୍‌ସି ଇଥିଁ ଚାଲ୍‌ସି ଗାଁର୍‌ ହାଇସ୍କୁଲ୍‌ ।" ରତ୍‌ନାକେ ଆର୍‌ ଭାବ୍‌ବାକେ ବି ବିଛୋ ଲାଗ୍‌ଲା ।

ପର୍‌ଛି ଥିଁ ପରାତ୍‌ ଥାଲିନେ ତିଖ୍‌ରି ଲିଆ ନଡ଼ିଆ ଜୀଇଁତିଆ ଦୁବ୍‌ ଚାଉଲ୍‌ ତିଆର୍‌ କରି ଖଟ୍‌ଲି ଉପରେଁ ସଜେଇ ରଖି ମୀନା ଡ଼ାକୁଛେ ଗୁପାଲ୍‌କେ "ଉଠ୍‌ ଯା" ଗାଧି ଆଏବୁ ଯା; ଦୁବ୍‌ ମାଖିବୁ ?" ଗୁଲାପୀ ପରଛିର୍‌ କାଁଥି କେ ଅଦ୍‌ଲେଇଁ ଠିଆ ଠିଆ କହୁଛେ 'ଯା'ରେ ବାବୁ ! ଗାଧି ଆଏବୁ ଯା, ଅଗଧିଆ ଦୁବ୍‌ି ନାଇଁ ମାଖନ୍‌ । କେତେ କଷ୍ଟେଁ ନାନୀ ଉପାସ୍‌ଟେ କରିଛେ ; ଦେଖି ତ ସାରା ଦିନ୍‌ ଯାଇଁ ରାଏତ୍‌ ଟା ବି ଗଲା, ପାଏନ୍‌ ଢୁକେ ବି ନୁହେ ପିଏ । ଉଠ୍‌ ଯା ଗାଧି ଆଏବୁ ଯା । ଦୁବ୍‌ ଚଢ଼ାଲେଁ ଯାଇ ପରେ ପାଏନ୍‌ ପିଇବା ।"

ଗୁପାଲ୍  ଏତ୍‌କି ଥିଁ ଉଠିଥିତା କି ନି ଯେ କେ ଜାନ୍‌ଏ, ମାତର୍‌କ  ତାର୍ ସାଂଗ୍ ଗଉର୍ ଆସି ଡାକ୍‌ଲା 'ଗୁପାଲ୍ ଯାଉଁ ବୋ ! ଗାଧି ଆଏମା । ମୁଇଁ କାଏଲ୍ ମୋର୍ ନାନୀ କେ ସହର୍ କେ ନେଇ ଯାଇଥିଲି ଯେ....ଉଠ୍ ନ କହେମି ।'' ଗୁପାଲ୍ ତତାପନା ହଇଁ ଉଠ୍‌ଲା । ଦୁହେ ଗାଧି ଗଲେ । ଗୁପାଲ୍ ହର୍‌ବର୍ ହଇଁ ପଚ୍‌ରାଲା 'କା'ଣା କହେମି ବଲୁଥିଲୁ ଯେ କହ' ଗଉର୍ କହେଲା ''ମୋର୍ ନାନୀର୍ ଦିଅର୍ ବୋ ! ଦେଲା ପେଡ଼ା ଟେ ଯେ....କାଁ କହେବୁ ଖାଇନେଲିଁ କି ଯେନ୍ ମଜା ଯେ.....। ସେ କହେଲା ଇଟା କେନ ତମର୍ ଗଅଁଲି ଗାଆଁଥି ମିଲ୍‌ବା ଯେ । ସହି ନାଇଁ ହେଲା ବୋ । ଦୁଇଟା ଘିନି ଆନ୍‌ଲିଁ; ଏ' ଦେ ଗୁଟେ ନେ, ମୁଇଁ ଗୁଟେ ଖାଉଛେଁ ।'' ଦୁହେ ଖାଏଲେ । ବଂଧି ଘାଟ୍‌କେ ପୁହୁଁଚ୍‌ଲେ । ଉଞ୍ଚା ପିଲାମାନେ ଗାଧୁଛନ୍ । ବଂଧି ଭିତରର୍ ନୀଲିଆ କଇଁ ସାଂଗେଁ ଲାଲ୍ କଇଁମାନେ ଭୁଗ୍ ଭୁଗାନୁ ଫୁଟି ଡ଼ାକୁଛନ୍ ଆସ୍, ଲୁକ୍ ଲୁକାନି ଖେଲ୍‌ମା ଆସ । ଝାଁପେଇ ହେଲେ ଦୁହେ । ଥୁଡ଼େ ଧୁର୍ ପହଁର୍‌ଲା କି ଗଉର୍ ଫିରି ଆଏଲା, ମୁଡ୍ କେନ୍ତା ଲାଗୁଛେ ବଲିଁ । ଗୁପାଲ୍ ପହଁରି ପହଁରି ବୁଡ଼ା ଉପ୍‌କା ହଉଛେ । ବନିହାଁ ଘାଏ ଗଲା କି ଗୁପାଲ୍ ବୁଡ଼ିଛେ ଯେ ନାଇଁ ଉପ୍‌କିବାର୍ । ଗାଧୁଥିବାର୍ ପିଲେ ହୁଆହୁଟା ହେଲେ ନ । କେ କେହଲା ''ଦେଖରେ ଗୁପାଲ୍ ନାଇଁ ଦିଶ୍‌ବାର୍ । ବୁଡ୍‌ଲା ମାତର୍‌କ ନାଇ ଉପକିବାର୍ ଯେ ।'' ହୋ ହଲ୍ଲା ହେଲା, କେତେ ଜନ୍ ସିଆନ୍ ଲୋକ୍ ନୁରାଖୁଜା ତମ୍‌ଡ଼ା ହତ୍‌ଲା କଲେ । ବନିହାଁ ବେଲେଁ ଯାଇ ପାଏଲେ ଗୁପାଲ୍‌କେ । ବଂଧି ଆଏର୍‌କେ ଆନି ଦେଖ୍‌ଲେ ଯେ ଆର୍ ଜୀବନ୍ ନାଇଁ ନ । ଗୁପାଲ୍ ଘର୍‌କେ ବୁହି ଆନ୍‌ଲେ । ପର୍‌ଛିନେ ଶୁଏଇ ନେଲେ । ମୀନା ଏକସ୍‌କଁଟି ବାଟ୍ ଦେଖୁଥିଲା ଗୁପାଲର୍ । ଦେଖ୍‌ତେ ସାଏର୍ ଆବ୍‌ରିଁ ଧଏଲା ଗୁପାଲ୍ କେ । ଦେଖ୍‌ଲା ଗୁପାଲର୍ ସୋର୍ ଗୋର୍ ତ ନାଇଁ ଜୀବନ୍ ଭି ନାଇଁନ,ଦେଖ୍‌ଲା ଛଁଛେଁ ରଝ ରାଝ୍ ହଇଁ ହିଟି ପଡ୍‌ଲା ।  ଡ଼ାକ୍‌ଲେଁ ହାକ୍‌ଲେଁ ବି ଉଁ ସୁଁ ନାଇଁ । ଗୁଲାପୀ ସଡ଼କ୍ ଦମ୍ ହଇଁ ଠିଆ ହଇଛେ । ରତ୍‌ନା ଘିନ୍‌ଲା କପ୍‌ଟା ଧରିଁ ଆଏଲେ । ସବୁ ଦେଖି ସତ୍ କି ସପନ୍ ବାଆରି ନାଇଁ ପାର୍‌ବାର୍ । କାନ୍ଦି ବି ନାଇଁ ପାର୍‌ବାର୍ । ଦୁହି ଭାଏ ବହେନ୍ ପର୍‌ଲା ଠାନେ ପରିଛନ୍ ଲଗାଲଗି । ପାଶେ ପରାତ୍ ଥାଲି ଥିଁ ତିଖିରି ଲିଆ ଦୁବ୍ ଚାଉଲ୍ ଖଟ୍‌ଲି ଉପ୍‌ରେଁ ରଖା ହଇଛେ; ଗୁପାଲ୍ ଲାଗିଁ ଆନିଥିବା ପେଟ୍ ସାଟ୍ ରତ୍‌ନା ଘିନି ଆନି ଥିବାର୍ କପ୍‌ଟା ଖଣ୍‌କ ବି ସେନେ ଥୁଆ ହଇଛେ । ସଭେ ଦେଖୁଛନ୍ ସତେଁ ଇ ଦୁହି ଭାଏ ବହେନ୍ କୁଁ, ଗାଁର୍ ଛୁଆ ବୁଢ଼ା ମାଏଝି ମୁନୁଷ୍ ଜମା ହଇଛନ୍; ସମ୍‌କର୍ ଆଖିଁ ଲହ । କାହାରି  ମୁହେଁ ପାଏନ୍ ନାଇଁ । ଗାଁର୍ ଲୁକେ ଯେ ଯାହା ପାର୍‌ଲେ କହୁଛନ୍ । କିଏ କହୁଛେ ''ଲାଲ୍ କଇଁ ଫୁଟ୍‌ଲା ଦିନୁ ବଂଧେଁ ସାତ୍ ବହନି ରିତେଇଁ ଗଲେନ । ଦଶ୍‌ରା ମାସ୍ ତ ତାକର୍ ପରବ ଆଏ । ଅଷ୍ଟମୀ ଦିନ୍‌ଟା ତାକର୍ ପୂଜାର୍ ଦିନ୍ ।

ଗୁପାଲ୍ ମେଡାଲ୍ ନିଶ୍ଚୁନ୍ ଅବିହାରୀ ପିଲାଟେ ସଙ୍ଗେ ପାଏଲେ କି ଭଖି ନେଲେ ।'' ଆର୍ କେ କହୁଛେ ''ଆମର୍ ଗାଁର୍ ପିଲାମାନେ ଅଏସୋ ଅବାରଣ୍ ଆନ୍ । ପାଏନ୍ କେ ପଶ୍ଲେଁ ସହଙ୍ଗେ ବାହାରନ୍ ନାଇଁ ।'' କାହାରି କଥା ସେ ଭାଏ ବହେନ୍, କେନେ ଶୁନୁଛନ୍ । ରତ୍ନା ଆଏଲେ ସବୁ ଦେଖି କୁନ୍ଦା ବେଡ଼ା ଲେଖେଁ ଜଡ଼୍ ପାଲ୍ଟି ଯାଇଛନ୍ । ତାକର୍ ଆଏଁଖକେ ଦିଶୁଛେ, ମୀନାର ମା ତାକର୍ ଦୁହି ଛୁଆକର୍ ମୁଡ଼େଁ ହାତ୍ ଗୁଟେ ଗୁଟେ ଥୁଇ ମୁଡ୍ ଗାଡ଼ି ବସିଛନ୍ । ସମିୟାର୍ ସିଡ଼ି ଚଢ଼ିଁଚଢ଼ିଁ ହଜିଁ ଯାଉଛେ ଭାଏଜୀତିଆ ଦିନ୍ ଲେହେଁଟି ଲେହେଁଟି ଦେଖୁଛେ ଇ ଭାଏ ବହେନ୍‌କୁଁ । କିଏ ଶୁନୁଛେ କି ନି କେ ଜାନ୍ଏ, ସେ ସଥେଁ କହୁଛେ ''ଆସ, ତୁମେ ବି ଆସ ହଜିଁଯିମା ।''

□□

# ଅମ୍ରତ୍-ଏତେ ପାଶେଁ

''ପେଟ୍ ଟାକ ଯେନ୍ତା କେ ସେନ୍ତା ଥୁଇଁ, ଆଏଁଖ୍ ଦୁହିଟାକ ନେଇ ଗଲୁ ଯେ କେନ୍ତେଇ ଚ଼ଲମି ଭଗବାନ୍ ।ମାଁ ବାପ୍ ତ ନାଇଁ, ଆହା ପଦ୍‌କେ ସାହା କିହେ ଭି ନାଇଁ '' ଭାବୁନ୍ ଭାବୁନ୍ ସାନୁଜ ଅଟକିଁ ଗଲା । 'ନାଁ, ଇ ଭାବ୍‌ନାଟା ମିଛ୍ ଆଏ । ଭିଖାରୀ ଆହା ନେି କରୁଥିଲେଁ ତ ତାର୍ ନିଜର୍ ନାଁ ଗଧିଁ‌ବି ନାଇଁ ଥିତା । ଧଏନ୍ ସେ ଭିଖାରୀ ଉନିଆଁ ବାଗିର୍ ସାଂଗ୍‌ଟେ ଆଏ ତ । ହେଲେଁ  ମୋର୍ ଲାଗି ମହାପୁ ଆଏ । ମହାପୁକେ ସାଙ୍ଗ୍ ଭାବ୍‌ବାର୍ ଟା ଯଦର୍‌ପି ଗୁଟେ ରକମର୍ ଭକ୍ତି  ଆଏ, ସାଙ୍ଗ୍‌କେ ମହାପୁ ଭାବିନେଲେଁ ଏକାଟା ନୁହେଁ କାଏଁ ? ସାନୁଜ୍‌ର ମନ୍ ଭିତ୍‌ରେଁ ଗୁତା ଉଚ଼ାର୍ ଚ଼ାଲିଛେ ଆର୍ ସେ ସାଂଗେଁ ଚାଲିଛେ ଭାବ୍‌ନା । ଫିରିଗଲା ସେ ଭାବ୍‌ନା ଭିତ୍‌ରେଁ ତାର୍ ସେ ସହର୍ ପାଖିଆ ଛୁଟିଆ ଗାଁ  ଆର୍ ତାର୍ ଦୁଇବଖରିଆ ପୁଆଲ୍ ଘର୍‌କେ । ତାର୍ ବା'କେ ସୋର୍ ପଡ଼୍‌ଲା, କେଡ଼େ ସିଧା ସାଦା କେତେ  ସତିଆଲୋକ୍,କେଡ଼େ ମଜଭୁତ୍ ଦେହେ । ଇ ସହର୍‌କେ କମେଇ ଆସେ; ଦିନ୍‌ଏ କା'ର୍ କବାର୍ ବୁତା କଲେଁ ସେ ଛାଡ଼େ ନାଇଁ ବଛର୍ କୁତା । ମାଁ ବି ଥିଲା ତାର୍ କେଡ଼େ ଅଏନ୍ । ତାର୍ ଲାଗି ଥିଲା କେତେ ଚ଼ିନ୍ତା କେତେ ଧକ୍ । ପୁଓ ତାର୍ କା'ଣା ଖାଏବା; କେନ୍ତା ପଢ଼ବା । ପୁଓ ତାର୍ କିଲାସେଁ ଏକ୍ ନମ୍ବର୍ ହେସି ପାଠ୍ ପଢ଼ାନେ । ଖେଲ୍‌କୁଦ୍‌ନେ ଗୁଡ଼୍‌ଦୁ ପୁରସ୍କାର ପାଏଲା ବେଲ୍‌କେ ଘର୍ ଘର୍ ବୁଲିଁ କହେ । ତାର୍ ନିଜର୍ ଖିଆ ପିଆ ବି ପାଶ୍‌ରି ନିଏ । ତାର୍ ବା' ସହରର୍ ଗୁଟେ ମହଲ୍ ବନା କାମେ ଲାଗିଥାଏ; ଲୁହାର୍ ଉରାଟେ ପଡ଼୍‌ଲା ଯେ ତାର୍ ବା'କେ ଚାପି କୁଟୁମ୍ ଟାକର୍ ଆଗତ୍ ନିଗତ୍ କେ ବି ଚାପି ନେଲା ।

ମାଁ ଆର୍ କାଁ କର୍‌ତା ? ଭୁଖେଁ ଦୁଖେଁ ପୁଓକେ ଆଦ୍‌ରି ଜୀଇଁ ରହେଲା । ତାର ପଢ଼ା ବନ୍ଦ ନି କରି । ଗାଁର୍ ଥିଲା ଘର୍‌ମାନ୍‌କେଁ କବାର୍ ବୁତା କରି ତାର୍ ନୈ ଥିଲା ଘର୍‌କେ ଚ଼ଲାବାର୍ ଚ଼େରେଷ୍ଟା କଲା ସିନା, ହେଲେଁ କେନ ଚ଼ଲ୍‌ଲା  ତାର୍ ସଂସାର୍ । କେଭେଁ ବାସି ମୁଠେ ଖାଇ, କେଭେଁ କିଛି ବି ନାଇଁ ଖାଇ ଇସ୍କୁଲ୍‌କେ ଆସେ । ବାଟେଁ ବାଟେଁ  ଭିଖାରୀର୍ ଘର୍ । ତାର୍ ବାପା କିରାନୀ କାମ୍ କର୍‌ସନ୍ କେନ୍ ସର୍‌କାରୀ  ଅଫିସ୍‌ନେ । ଜହ ଦରମ୍‌ହାଁ ନୁହେ,ହେଲେଁ ବି କଷ୍ଟେ ମଷ୍ଟେ ଚ଼ଲି ଯାଏସନ୍ । ଭିଖାରୀର୍ ମାଁ ଲଖ୍‌ମୀ ଆ'ନ୍ । ଭିଖାରୀ ତାହାକେ ଜବ୍‌ରାନ୍ ଘର୍‌କେ ଡ଼ାକିନେଇ କିଛି ବି ହଉ ଖୁଆଏ । ଭିଖାରୀର୍ ମାଁ ବାପା

ସାନୁଜ୍ କେ କେତେ ଭଲ ପାଏସନ୍ ସତେଁ । କମ୍ ଦରମ୍ହାଁର୍ ଲୋକ ଇ ଆଡୁ ସେ ଆଡୁ ଲାଁବ୍ ଖୁଁବ୍ କରି କମାସନ୍, ହେଲେଁ ଭିଖାରୀର୍ ବାପା ହେନ୍ତା କାମ୍‌କେ ବନିହାଁ ଅସ୍‌କଟାସନ । ଚ଼ିପି ଚ଼ାପିଁ କରି ପଛେ ଚ଼ଲ୍‌ସନ୍ ।ଛୁଆ ଫେର୍ ଚାଏର୍‌ଟା; ପହେଲା ତିନ୍‌ହିଟା ଟୁକେଲ୍ । ପୁଓଟାକର ଆଶ୍‌ଥିଁ କୁଟୁମ୍ ବଡ଼ଲେଁ ବି ଭିଖାରୀକେ ପାଇଁ ମାଁ ବାପ୍ ସବୁ ପାଶ୍‌ରି ନେଲେ । ଦୁଖର୍ ଚଲ୍‌ନି କେ ବି ଇସ୍ ନାଇଁ ଜଗି ।

ଭିଖାରୀର୍ ମାଁର୍ ଆଏ ଅଲଙ୍କାର୍ ଗୁଡ଼ାଦୁକ ଯେନ୍‌ଟା ବିହାବେଳେଁ ଥିଲା, ସେଥିଁ ବି ହାତ୍ ନାଇଁ ଦିଅନ୍ । ତାର ବା' କହେସନ୍ ସେଟା ତାକର୍ ନୁହେ, ଭିଖାରୀର୍ ମା'ର୍ ଆଏ । ଯେଭେଁ ଯାହା କର୍‌ବା, ତାର୍ ମାଁ କର୍‌ବା । ଭଂଜ୍ ଭାଂଜ୍ କର୍‌ବାର୍ ତାକର୍ କାଁ ଅଧିକାର୍ ଅଛେ ? ତିନ୍ ତିନ୍‌ଟା ଟୁକେଲ୍ ବି ତ ଅଛନ୍ । ତାକର୍ ବିହାବୁରା ଅଛେ, ଆଗତ୍ କେ ଜଗି ରଖି ଚ଼ଲ୍‌ବାକେ ପର୍‌ବା ।

ସାନୁଜ୍ ସେ ଭାବ୍‌ନା ଭିତ୍‌ରେଁ ହୁଡ଼୍‌ମେଇ ହେସି ସେ ଦିନ୍ ନେ ; ଯେନ୍ ଦିନ୍ ତାର୍ ଜୀବନ୍, ଆଗତ୍ ନିଗତ୍, ସବୁ ଖାର୍ ପାଲଟିଁ ଗଲା ଘାଏକେଁ । ଫୁଟ୍‌ବଲ୍ ମେଚ଼ ଥାଏ ତାକର ଇ ସହର୍ ଆର୍ ପାଶର୍ ବଡ଼୍ ସହର୍ ଭିତରେଁ । ହାଇସ୍କୁଲର୍ ପିଲା ହେଲେଁ ବି ସହର୍ ଟିମ୍‌ଥିଁ ଯାଇଥାଏ ସାନୁଜ୍ । ସହର୍ ସାରା ଯାଜି ହଇଥାଏ ଯେ ସାନୁଜ୍ ଲେଖେଁ ଗୋଲ୍‌କିପର୍ ପାଏବାର୍‌ଟା ମସ୍‌କୁଲ ଆଏ । ଭିଖାରୀ ସାନୁଜର୍ ସାଙ୍ଗ୍ ଛାଡ଼େ ନାଇଁ । ମେଚ଼୍‌ଟା ବଡ଼ା ଘିଚାଟନାଥିଁ ସର୍‌ଲା । ହେଲେଁ କିହେ କାହାକେ ଗୋଲ୍ ନାଇଁ ଦେଇପାରି । ଟାୟ୍ ବ୍ରେକର୍ ଥିଁ ଫଲ୍ ଜନା ପର୍‌ବା । ସାନୁଜ୍ ଗୋଲି ଉପ୍‌ରେଁ ଇ ସହରର୍ ହାର୍‌ଜିତ୍ ବାଁଧା ହଇଛେ । ସର୍ବାର୍ ଶେଷ୍ ବଲ୍ ଆଏ । ଗୋଲି ଯଦର୍‌ପି ବଁଚେ଼ଇନେଲା ତ ଇ ସହରର୍ ଜିତ୍ ହେବା । ବଡ଼୍ ସହରର୍ ନାମୀ ସ୍କୋରର୍ କଏଲାସ୍ ମାର୍‌ବା । କଏଲାସର୍ ବଲ୍ ଥିଁ ଗୁଟେ ଦୁଇଟା ଗୋଲିର୍ ହାତ୍ ଭାଙ୍ଗିଥିବାର୍ ଦୁହି ସହରେଁ ଯାଜି ହଇଛେ । ଭିଖାରୀ କହେଲା "ଦେଖି ସାନୁଜ୍ ! ଇ ଗୁଟେ ବଲେଁ ସବୁ ଅଛେ । ଏତ୍‌କି ବେଲ୍ ତକ୍ ଯାହା କରିଛୁ ଦେଖନ୍ ହାରୀ ସବ୍ ସହରଉଛନ୍ । ଇ ଶେଷବଲ୍‌କେ ପାରୁ ପରଯଁତ୍ ବଅଁଚାବୁ । ସାନୁଜର୍ ମନ୍ କି ଆଏଁଖି ଆର୍ କେନ୍‌ସି ଆଡ଼େଁ ନାଏଁନ । କଏଲାସର୍ ପାହା ଆର୍ ବଲ୍ ଉପରେଁ ଟିକି ରହିଛେ । ବଲ୍ ଆଏଲା ; ସାନୁଜ୍ ଆଏଁଖି କାନ୍ ମୁଜିଁ କପାଲ୍‌କେ ଦେଖେଇଁ ହେଡ଼୍ କଲା ବଲ୍ ଘୁଚିଗଲା । ସବୁଆଡ଼େଁ ତାଲିପଡ଼୍‌ଲା । ଆର୍ ସେ ସାଙ୍ଗେଁ ସାନୁଜ୍ ବି ତଲେଁ ପଡ଼ିଗଲା ।

ତଲୁଁ ଉଠ୍‌ବାକେ ଚେ଼ରେଷ୍ଟା କଲେଁ ବି ସାନୁଜ୍ ଉଠି ନାଇଁ ପାର୍‌ଲା । ସାଙ୍ଗେଁ ସାଙ୍ଗେଁ ଭିଖାରୀ ପୁହୁଁଚିଲା, ହାତ୍ ଧରି ଉଠାଲା ସାନୁଜ୍ କେ । ସାନୁଜ୍ କହେଲା ତାର୍

ଆଏଁଖ୍‌କେ ଆରୁ ନାଇଁ ଦିଶ୍‌ବାର୍ । ସବୁ ଆଡେଁ ହୁରି ପଡିଁଗଲା । ସାନୁଜ୍‌କେ ଡ଼ାକ୍ତରଖାନା ନେଲେ । ଡ଼ାକ୍ତର କହେଲେ କେ ଜାନଏ ଆଏଁଖ୍ ଆର୍ ଦିଶ୍‌ବା କି ନି ଯେ ।

ବିନ୍‌ଆଖିଁ ସାନୁଜ୍ ଘର୍‌କେ ଫିର୍‌ଲା । ତାର୍ ମା ଇ ସବ୍ ଦେଖି ଶୁନି ଆର୍ କେତେଦିନ୍ ଭାଏଲ୍ ଠହରିତେ ? କାନ୍ଦିଁ କାନ୍ଦିଁ ମାସ୍ ନାଇଁ ପୂର୍‌ନୁ ଭାଗ୍‌ଲେ ଆର୍ ପାର୍ । ସାନୁଜର୍ ବା' କେ ଏତେ ବଡ଼ କଥାକେ ନିଜେଁ କହେଲେଁ ଯାଇ ସଦ୍ କର୍‌ବେ, ନିଜେ କହିଗଲେ ଭାଏଲ୍ । ସାନୁଜ୍ ନିଜେଁ ଆର୍ କା'ଣା କର୍‌ତା ?

ଅଁଧା ହଇଗଲା ସାନୁଜ୍ । ଏନ୍ତା ରାଏତ୍‌ଟାକର୍ ସାମ୍‌ନା କର୍‌ବାକେ ପଡ଼୍‌ବା କେନ ଜାନିଥିଲା, ଯାର୍ ସକାଲ୍ ନାଏଁନ । ଆଏଁଖ୍ ଥାଇ ବି ତ ଲୋକ୍ ବାଟ୍ ନାଇଁ ପାଏବାର୍, ତାର୍ ତ ଆଏଁଖ୍ ନାଇଁ, କେନ୍ ବାଟ୍ ପାଏବା ? ଭିଖାରୀ ଏକା ସବୁ ଜାନି ତାର୍ ସାଙ୍ଗ ଛାଡ଼େ ନାହିଁ । କିଛି ଦିନ୍ ତ ତାର୍ ଘରର ହେଲେ ଦୁହେ । ପଛେଁ ମନେଇ ବୁଝେଇ ଭିଖାରୀ ଆନି ଆଏଲା ତାକର୍ ନିଜର୍ ଘର୍‌କେ । ସାନୁଜ୍ ବନ୍‌ଏ ଜାନିଛେ ଭିଖାରୀ ଘରର୍ ଥିତି ବି ଭଲ୍ ନୁହେ । ସାନୁଜ୍ କେ ସିନା ଅପ୍‌ସର୍ ଲାଗୁଛେ; ହେଲେଁ ଭିଖାରୀର୍ ତିନ୍ ହି ନାନୀ, ତାର୍ ମାଁ ବାପା ସାନୁଜ୍‌କେ ଈସ୍ ନାଇଁ କରନ୍ । ଗାଁ ନେ ତାର୍ ଯେନ୍ ଡ଼ିହ୍‌ଟିକ ବଅଁଚି ଥିଲା, ସେଥିକେ ପାଶ୍ ପାଂଜର୍ ଲୋକ୍ ମାନ୍‌ଙ୍କର୍ ଲୋଭ୍ ଯେତ୍‌କି ଥିଲା ସେତକି ସାନୁଜ୍ ଲାଗିଁ ଦରଦ୍ ଥିଲେଁ, ସାନୁଜ୍ କାଁ କରି ବସ୍ତା ଛାଡ଼୍‌ତା ? ତାକର୍ ସେ ଲୋଭକେ ସନ୍ତୋଷ୍ କଲା, ସେ ବିକା ଭଁଜାକରି । ପଏସା ଯାହା ହେଲା ଭିଖାରୀର୍ ବାପା ହାତେଁ ଧରେଇନେଲା । ଯଦ୍‌ଋି ବି ଭିଖାରୀର୍ ବାପା ନାଇଁ ନାଇଁ କରୁଥିଲେ ।

ଏ'ଦେ ଆଗେଁ ମେଟ୍ରିକ୍ ପରୀକ୍ଷା; ଭିଖାରୀ ଲାଗିଛେ ଯେନ୍ତା ବି ହଉ ସାନୁଜ୍ ପରୀକ୍ଷା ଦେବା ।ସାନୁଜ୍ ଅବେଶ୍ କହୁଥିଲା, ସେ ମେଟ୍ରିକ୍ ପାସ୍ କଲେଁ ହେଲେଁ କାଁ କର୍‌ବା ? ନା ଉପର୍‌କେ ପଢ଼ି ପାର୍‌ବା ନା କେନ୍‌ନେ ନଉକିରି କରି ପାର୍‌ବା । ତାର ଲାଗିଁ ତାହାକେ ଦିଶି ଯାଉଛେ, ବିନ୍‌ଆଖିଁ ବି ଗୁଟେ ନ ବାଟ୍ ମରନର୍ ବାଟ୍ । ଯାର୍ ଆଏଁଖ୍ ନାଇଁ ତାର୍ ବାଟ୍ ନାଇଁ ।

ଭିଖାରୀର୍ ଯୋର ଜବ୍‌ରାନ୍ ନ ସାନୁଜ୍ ପରୀକ୍ଷା ଦେବାକେ 'ହଁ' କଲା । ଗୁଟେ କ୍ଲାସର୍ ପିଲା ଗୁଟେ ପାଠ୍ ତ । ଭିଖାରୀ ପଢ଼େ, ସାନୁଜ୍ ଶୁନ୍‌ଏ । ପରୀକ୍ଷା ସର୍‌ଲା । ପରୀକ୍ଷା ଥିଁ ଗାର୍ଡ଼ ଥିବାର୍ ମାଷ୍ଟର୍ ତାର୍ ଲାଗି ପ୍ରଶ୍ନ ପଢ଼ିନିଅନ୍, ସେ ଲିଖେ । ଫଲ୍ ବାହାର୍‌ଲା । ସାନୁଜ୍ ପହେଲା ଡିଭିଜନ୍ ଥିଁ ପାସ୍ କଲା । ଭିଖାରୀ ଘରର୍ ସଭେ ଉଷଦ୍‌ର୍

ମାରେଁ ଅଥଏ । ହେଲେଁ ଭି ସାନୁଜ୍ କେ ଇ ସବ୍ କେନ୍ତା କେନ୍ତା ଲାଗୁଥାଏ । ସେ ଭାବେ ଯା'ର୍ ଆଏଁଖ୍‌ନାଇଁ ତାର୍ କିଛି ନାଇଁ ।

ଭିଖାରୀର୍ ବାପା ଚେ଼ରେଷ୍ଟା ଥିଁ ଅଛନ୍,କେହେନି ବଡ଼୍ ଆଏଁଖ୍ ଡ଼ାକ୍ତର୍‌କେ ଦେଖାଲେଁ ହେତା । ଭାଏଲ୍ କିଏ କହେତା କାଏଁ ? ଇଟା କି ସେଟା କଲେଁ ଆଏଁଖ୍ ଦିଶ୍‌ତା । ସଂଯୋଗ୍ କେ ସେ ସହରେଁ ଜଲା କାଡ଼୍‌ବାର୍ କାଯେଁ ଆଏଁଖ୍ ଶିବିର୍‌ଟେ ହଉଥିଲା । ତାର୍ ଉଯୋଗ୍ ଥିଁ ଥିବାର୍ ଲୁକେ ବଡ଼େ ବଡ଼େ ଆଏଁଖ୍ ଡ଼ାକ୍ତର୍‌ମାନ୍‌କୁଁ ଠୁଲେଇ ଥାଆନ୍ । ଭିଖାରୀର୍ ବାପା ଜାନ୍‌ଲେ ଯେ ବୁର୍ଲା ବଡ଼୍ ଡାକ୍ତରଖାନାର୍ ସବୁନୁ ବଡ଼୍ ଆଏଁଖ୍ ଡ଼ାକ୍ତର୍ ଆସିଛନ୍ । ତାହାକୁଁ ଦେଖାଲେ । ସାନୁଜର୍ ସୁତର୍ ପାତର୍ ଚେ଼ହେରା, ସୁଧାର୍ କଥାବାର୍ତ୍ତା, ପାଠ୍‌ପଢ଼ା, ଖେଲ୍‌ଖେଲାର୍ ପର୍‌ଶଁସା ସବ୍ ଶୁନି ବଡ଼୍ ଆଏଁଖ୍ ଡ଼ାକ୍ତର ବି ସାନୁଜ୍ କେ ସୁଖ୍ ପାଇ ବସ୍‌ଲେ । କହେଲେ ''ଚେ଼ରେଷ୍ଟା କଲେଁ ହେତା; ଆଶା ଆଏଁଖ୍ ଦିଶିଁ ଯାଏତା । ହେଲେଁ ବଡ଼୍ ଅପରେସନ୍ ଲାଗ୍‌ବା, ଆର୍ ବନିହାଁ ପଏସା ବି ଲାଗିପାରେ । କମ୍ ସେ କମ୍ ଆଠ-ଦଶ ହଜାର୍ ନୁ କମ୍ ନୁହେ ।'' ଭିଖାରୀର୍ ବାପାର୍ କିରାନୀ ମୁଡ଼୍ କାମ୍ ନାଇଁ କଲା । ଭିଖାରୀ କହେଲା ''ଅର୍‌ଜି ଟେ ଲେଖି ବନ୍‌ଏ ଲୋକକୁଁ ଯାଇଁ ସାନୁଜ୍ ଭେଟ୍ ହେଲେଁ ହେତା କାଏଁ ?'' ସାନୁଜ୍ କେ ଇଟା ଶୁନି କାଲ୍ ମାଡ଼ି ବସ୍‌ଲା । ରେଲେଁ ମଟରେଁ ସହରର୍ ଗଲି ମାନ୍‌କେଁ କଣା ଅଁଧା ଯେନ୍ ଭିଖ୍ ମାଗ୍‌ସନ୍ ସେଥିରୁଁ ତ ଇଟା ତଫାତ୍ ନୁହେ । ଭିଖାରୀ ବି ନାପସନ୍ଦ୍ କଲା । ସାରା କୁଟୁମର୍ ଚି଼ନ୍ତା ସେ କଥାକେ ମେରିଖମ୍ କରି କିନ୍ତ୍ରେଇ ହଉଛେ । ମାତର୍‌କ ଭିଖାରୀର୍ ମାଁର୍ କାନ୍‌କେ ଇ କଥା ଗଲା କି ସେ କହେଲେ ''ଯେନ୍ତା ହଉ କର୍‌ମା; ଆମର୍ କୁଟୁମର୍ ଜନ୍‌ଏ ପର୍‌ଲେଁ ଆମେ ନାଇଁ କର୍‌ତା କାଏଁ ? ସାନୁଜ୍ କାଏଁ ପରର୍ ଆଏ ? ମୋର୍ ଟାଏର୍ ଛୁଆ ଥିଲେ ପାଁଚ୍ ହେଲେ ; ମୁଇଁ ଭାବି ନେଇଛେଁ ଭିଖାରୀ ଆର୍ ସାନୁଜ୍ ମୋର୍ ଯଅଁଲା ଜିଆ ଆ'ନ୍ ।'' ତାକର୍ ବନିହାଁ ଦିନୁ ସାଏତୀ ରଖିବାର୍ ଆଏ ଅଲଙ୍କାର୍, ସାଙ୍ଗୋ ଶସ୍ତର୍ ପୁଟ୍‌ଲିଟେ କରି ଭିଖାରୀର ବାପାର୍ ହାତ୍‌କେ ବଢ଼େଇ ନେଲେ ।

ଅପରେସନ୍ ସର୍‌ଲା, ଡ଼ାକ୍ତର୍ କହେଲେ ଉପ୍‌ଚାର୍‌ଟା ସାଫୁଲ୍ ହଇଛେ ଲେଖେଁ ଲାଗୁଛେ ।

ସାତ୍‌ଦିନ ପରେଁ ପଟି ଖୁଲା ହେଲା । ଭିଖାରୀର୍ କୁଟୁମ୍ ସାଙ୍ଗେଁ ସହରର୍ ତାକର ଭାବ୍ ବିଶ୍ୱାସ୍ ବି ବନିହାଁ ଲୋକ୍ ଜମିଛନ୍ । ଡ଼ାକ୍ତର୍ ପଚ୍‌ରାଲେ ''କେନ୍ତା ବାବୁ ! ବନ୍‌ଏ ଦିଶୁଛେ ?'' ହଁ କରି ମୁଡ଼୍ ହଲାଲା ସାନୁଜ୍ ଆର୍ ଭିଖାରୀର୍ ମାଁର୍ ଆଗେଁ ଖାଲି କାନ୍ଦି

ବସ୍‌ଲା । ଆଖିଁ ଲହ୍ ଗଦେଇଁ ହେଲା । ସାନୁଜର୍ ଭିତର୍ ବାହାର୍ ସବୁ ତର୍‌ଲି ଲହ ପାଲଟିଁ ଯାଇଛେ । ସାନୁଜ୍‌କେ ଲାଗୁଛେ ଇ ସଂସାର୍‌ଟା ଆନନ୍ଦର୍ ଘର୍ ଆଏ । ଆନନ୍ଦ୍‌ଟା ସରଗ୍ ଆଏ । ମୁନୁଷ୍ ମୁନୁଷ୍ ଭିତରର୍ ଭାବ୍ ନାବ୍ ଦିଆ ନିଆଟା ଅମ୍‌ରଦ୍ ଆଏ । ଅମ୍‌ରଦ୍ ଗଛେଁ ଖୁଟେଁ ନାଇଁ ଫଲେ କି ଦୁକାନେ ବଜାରେଁ ନାଇଁ ମିଲେ । ଯେ ନିଜର୍ ନୁହେ ତାହାକେ ନିଜର୍ କରିପାର୍‌ଲେଁ ଅମ୍‌ରଦ୍ ରୁକେଇ ହେସି; ଯାହାକେ ଯେତେ । ଆଏଁଖ୍ ନାଇଁ ଥାଇ, ନାଇଁ ଦେଖୁଥାଇଁ । ସଂସାର୍ ସାରା ସଭେ କାଏଁ ଅଂଧା ଆ'ନ୍ । ଅମରଦ୍ ଦେଖି ନାଇଁ ପାରନ୍, ଚାଖି ନାଇଁ ପାରନ୍, ମାଖି ନାଇଁ ପାରନ୍ । ପର୍‌କେ ନିଜର୍ ନାଇଁ କରି ପାରନ୍ । ପାର୍‌ଲେଁ ଜାନ୍‌ତେ ଅମରଦ୍ ଏତେ ପାଖେଁ ।

❑❑

# ମାଁ କେ ଦେଖ୍‌-ଗାଁ କେ ଦେଖ୍‌

ଦେବରାଜ୍‌ ବାବୁ । ରାଏଜର୍‌ ଅର୍ଥ ବିଭାଗର୍‌ ବଡ୍‌ ଅଧିକାରୀ ଭିତ୍‌ରୁଁ ଜନ୍‌ଏ । ପିନ୍‌ସିନି ପାଏଲେ କି ଗାଁ କେ ଆସିଛନ୍‌ । ଗାଁ ନ ଦୁଇ ବଖ୍‌ରା ଖପ୍‌ରେଲ୍‌ ଘର୍‌ ବାଏର୍‌ ଖଣ୍ଡେ ଜମି ଏକର୍‌ ଦୁ, ସାଙ୍ଗେ ବୁଢ଼ୀ ମାଁ । କୋଡ଼ି ଚାରେ ବଛର୍‌ ବଏସ୍‌ ହେଲେଁ ବି, ମାଁ ନିଜେ ନିଜେ ଚାଲିପାରୁଛନ୍‌; କାହାକେ ଆଶ୍‌ରା କରା ନିହା ଲାଗେ । ଦେବ୍‌ରାଜ୍‌ ବାବୁ ଘର୍‌ ଜମିବାଡ଼ି ସବୁକେ ତାକର୍‌ ରହେଲାଠାନ୍‌କେ ନେଇଁ ଯାଏତେନ ଯେ, ବୁଢ଼ୀ ମାଁକେ ନାଇଁ ନେଇ ପାର୍‌ବାର୍‌ ବଲିଁ ସବୁ ଅଛନ୍‌ । ଶେଷ୍‌ଥର ଲାଗିଁ ଆଇଛନ୍‌; ମାଁକେ ଦେଖ୍‌ବେ ବୁଝେଇ ଶୁଝେଇ, ଆର୍‌ ଗାଁ କେ ବି ବନ୍‌ଏ କରି ଦେଖ୍‌କରି ଯିବେ, ନିର୍‌ଖି କରିଯିବେ । ଆର୍‌ କେନ ଆଉଛନ୍‌ ଯେ ଗାଁ ଭୁଇଁକେ, ଘରେଁ ମାଁକେ କହେଲେ 'ଇ ଥର ଚାଲ୍‌ ମା ! ଭୁବ୍‌ନେଶରେଁ ରହେମା, ଘର ବନା ସର୍‌ଲା ନ ; ତୋର୍‌ ନାତି ତ ଦିଲ୍ଲୀନେ ଘର୍‌ କର୍‌ବାର୍‌ ଚେରେଷ୍ଟା କରୁଛେ । ସେ ଭୁବ୍‌ନେଶର୍‌କେ ବି ମନ୍‌ ନାଇଁ କର୍‌ବାର୍‌ ନ ।'' ମାଁ କହେଲା, ନାଇଁରେ ବାବୁ ! ମତେ ଇନେ ଭଲ୍‌ ଲାଗ୍‌ସି । ସହରର୍‌ ପେଁ ପାଁ ଭେଁ ଭାଁ କେଁ କାଁ ଅଏନ୍‌ ନାଇଁ ଲାଗେ । ସେ ଥର ଯାଇଥିଲିଁ ଯେ ସହରର୍‌ ଘର୍‌ମାନେ ଖରାଦିନେ ଚଟ୍‌ କର୍‌ସି ଆର୍‌ ଶୀତେଁ ପଟ୍‌ ଚେଁ । ଇ ନେ ବଲୁଛୁ, ଇ ମାଟିର୍‌ ଘରେଁ ଖରାଥିଁ ଧୁକ୍‌ନା ଲାଗେ ନାଇଁ କି ଶୀତେଁ ଉର୍‌ହନା ଲାଗେ ନାଇଁ । ମୋର୍‌ ହାଡ୍‌ ଗୋଡ୍‌ ଚଲୁଥିବାର୍‌ ତକ ମତେ ନାଇଁ ନେ ବୁଆ ! ନାଇଁ ପାର୍‌ଲେଁ ଆର୍‌ କାଁ କର୍‌ମି ? ନେବୁ ନ ।

ଗାଁ ଖୁଏଲ୍‌କେ ବାହାର୍‌ଲେ ଦେବରାଜ୍‌ ବାବୁ । ଗାଁ କେ ଟିକେ ଦେଖ୍‌ବେ; ନାଇଁ ଆର୍‌ ଦେଖ୍‌ଛନ୍‌ କାଏଁ ଗାଁକେ ; ଇନେ ଜନ୍‌ମି, ଖେଲି ବୁଲି ପଢ଼ି ଉଢ଼ି ମୁନ୍‌ଷ୍‌ ମାକର୍‌ ହଇଛନ୍‌ । ହେଲେଁ ଏଛନି ଦେଖ୍‌ବେ ଠିକ୍‌ ଦେଖ୍‌ଲା ଲେଖେଁ ।

ଗାଁର୍‌ ଡଁଡ଼ା ଖୁଏଲ୍‌ । ବାଏଲ୍‌ ସର୍‌ସର୍‌, ଛୁଆ ଗୁଡ଼ାଦୁ ଖେଲୁଛନ୍‌ ନାକ୍‌ମାନକେଁ ଲୁଥା ଲୁଥା ଭଟକି; ମୁଡ୍‌ ମାନେ ଲୁଖ୍‌ରା । କା'ର୍‌ କାର୍‌ ହାତେଁ ମୁରିହି ଟୁପ୍‌ଲି ତ କା'ର୍‌ ହାଡ୍‌ ଛୁଛା । ଛୁଛା ହତିଆ ଛୁଆର୍‌ ନଜର୍‌ ଟୁପ୍‌ଲିଧରା ଛୁଆର୍‌ ମୁର୍‌ହି ଗର୍‌ସାକେ ସିଧା ଧର୍‌ସେଇଛେ । ପର୍‌ଲା ମୁର୍‌ହିର୍‌ ଉଧେଁ କୁକ୍‌ରାଚିଆଁ । ଗୁଡ଼ାଦୁ ପାଶେଁ ପାଶେଁ ଚିଁ ଚିଁ କରୁଛନ୍‌ । ପାଶେ ଗାଁର୍‌ ଦୁକାନ୍‌ ଟେ । ଲୋକ୍‌ ମାଏଝି ଛୁଆ ବୁଢ଼ାର୍‌ ଆନା ଯା'ନାର୍‌ ଥାକ୍‌ ନାଇଁ । ତପନ ନାଏକ ଶିଘୁଁ ଖସିର୍‌ଲା ଲେଖେଁ ଚେହେରା ଯଦ୍‌ରି ଓ ବୟସ୍‌ଟା ଶିଘ୍‌ ଭରୁଛେ; ଦେବ୍‌ରାଜ୍‌

ବାବୁକେ ଦେଖିଁ କହେଲା, ''କେଭେଁ ଆଏଲୁ ଦଦା ! ବନ୍‌ଏ ବନ୍‌ଏ ତ ?'' ଦେବ୍‌ରାଜ୍ କହେଲା ''କାଏଲ୍ ଆଏର୍ଲି ଗା, ତୁଇଁ କେନ୍ତା ଅଛୁ ?'' ତପନ୍ ମୁହଁକେ ଟିକେ ଖିସାଲ୍ଲା ବାଗିର୍ କରି କହେଲା ''ଆମର୍ କଥା ଛାଡ଼୍ ଦଦା ! ଆମର୍ କପାଲେଁ କେଭେଁ ଭଲ ଥିସି ?'' ପିଲାଟା ତୋର କେନ୍ତା କରୁଛେ ଦେବ୍‌ରାଜର୍ ପଚ଼ରାବାରେଁ ତପନ୍ କହେଲା 'ହେଁ ଥିଁ ପରେ ଘାଁଟି ସାଁ'ନି ହଇଁ ମରି ଯାଉଛେଁ । ପିଲାଟା ଲାଏକ୍ ନାଇଁ ବାହାର୍‌ଲା ବୋ ! ଗାଁର୍ ଇସ୍କୁଲ୍ ବି ପାସ୍ ନାଇଁ କରି ପାର୍‌ଲା । ଆମର୍ ହେଁ ଏମି ସ୍କୁଲ୍ ବନାଲା ବେଲ୍‌କେ ଯେତ୍‌କି ବାଏଲ୍ ପଥର୍ କରି ଦୁହାରିଛେଁ ଯେତ୍‌କି ବିଗାଡ଼ି ବୁତା କରିଛେଁ, ପାସ୍‌ଟେ କରିଥିଲେଁ ସବୁ ସୋଜ୍ ଯାଇଥିତା ଯେ ସମ୍‌କର୍ ମୁଡ଼େଁ ବିଦୁଆ ନାଇଁ ଥାଏ ଦଦା ! କାଁ କର୍‌ମା ? ପାଠ ନାଇଁ ପଢ଼୍‌ଲା ତ ନାଇଁ । ଆଯୋ ବାଜୋ ବାଏବି ପିଲାକର୍ ସାଙ୍ଗେ ଧରି ପିଁଢ଼ାପିଁଢ଼ା ବସି ଗଁଜେଇ, ମୁଦକ୍, ତାସ, ଜୁଆ କରି ବସ୍‌ଲା । ଘର୍ ବସ୍‌ଲେଁ ଭାଏଲ୍ ମନେ ପଡ଼୍‌ବା ସାଏରେଁ ଆଏବା ବଲିଁ ବିହାଟେ କରି ନେଲିଁ ଯେ ତାହିଁ ବି ନିସ୍‌ତାର୍ ନାଇଁ । ବିଡି, ପାନ୍, ଗଁଜେଇ, ମୁଦକ୍, ଭୂଷନ୍ କଲା କମାନି କୁଠାନିର୍ ନାଁ ନାଇଁ । ତାର୍ ବିହାବେଲେଁ ସାଏକଲ୍‌ଟେ ଦେଇଥିଲେ ଯେ କେଭୁଁ କେଭୁଁ ଗହନା ପକେଇ ନେଇଛେ । ତାର୍ ଆଏ ଶାଶ୍ ବୁଢ଼ୀ କୁଚ଼ନି ପସ୍‌ରାଟେ କରି ଯେନ୍ ଦୁଇ ପଏସା ଛିଁଚ଼ିଥିଲା ସେଥିଁ ବୁଢ଼ୀ ସାଏକଲ୍‌ଟେ ଦେଇଥିଲା ବିହା ବେଲ୍‌କେ । ଦେଖ୍ ସେ ବୁଢ଼ୀ ଆଏଇ୍ ଆସି କେନ୍‌ଆଡୁ ଉଚ଼ରିଛେ, ଇ ଆଶ୍ କରିଁ ଯେ, ନାଏଦ୍ ଜୁଏଁ ତାର୍ ଘର୍‌କେ ପୁହଁଚ଼େଇ ନେବା ସାଏକଲେଁ । ବୁଢ଼ୀ ଘରେ ଟାକିଛେ ଆର୍ ପିଲା ଆମର୍ ଇନୁ ସେ'ନୁ ହଉଛେ । ଯାହାକେ ଗହ୍‌ନା ଦେଇଛେ । ତାହାକେ ଘାଏ ମାଗ୍‌ଲା ଯେ ସେ କାହିଁ ଶୁନ୍‌ତା ? ମୁଇଁ ବି ଟାଙ୍ଗର୍ ହଗା ବିଲେଇ ବାଗିର୍ ଇଆଡ୍ ସେଆଡ୍ ହଉଛେଁ । ଯାଏସିଁ ଦଦା ! କିଛି ହଉ ବନ୍‌ବସ୍ କର୍‌ମି ।'

ଦେବ୍‌ରାଜ୍ ଦେଖି ଆସିଛେ ଜନ୍‌ମୁଁ ଯେ ଗାଁର୍ ଉପ୍‌ରିଆ ରୂପଟା ଦିଶିଛେ ଏବ୍‌ତକ୍; ଗାଁ କାଁଣା ଏତେ ତଲ୍‌କେ ଗଲା ନ ତା'ର୍ ମାହିର୍ ନାଇଁ । ଭାବୁଛେ ଗାଁର୍ କଥା । ଦୁକାନ୍ ଠାନେ ଟିକେ ଘିଚାଟନା କଥା ଥିଁ ଉଡ଼ାକିର୍ଲା ବାଗିର ହେଲା କି ତାର୍ ଭାବ୍‌ନା ଭାଙ୍ଗ୍‌ଲା । 'ମୁଖୀ' ମଝ ବଏସିଏନ୍ ମାଏଝୀ ଟେ ଧାନ୍ ଧରି ଘିନି ଆସିଥିଲା ଚ଼ିନି । ଧାନ୍‌କେ ଦୁକାନ୍-ଦାର୍ ରୁକି ନଉଥିଲା ଯେ କହେଲା ଯୁଖ୍‌ବାକେ, ଯେ ଯୁଖ୍‌ଲା । ହେଲା ଦୁଇକେଜି ଧାନ୍ । ଚ଼ିନି ଦେଲା ଡ଼େଢ଼୍‌ପା । ମୁଖୀ ପଚ଼ରାଲା, ''ମୋର୍ ଧାନ୍ କେତେହେଲା ? ଦୁଇ କେଜି ତ, କେତେ ପଏସା କଲୁ ?'' ଦୁକାନ୍ ଦାର୍ କହେଲା, ''କେଜି ଚାଏର୍, ସଭେ ଦଉଛନ୍ ।'' ମୁଖୀ କହେଲା ଧାନ୍ ବସ୍ତା ତ ସାଢ଼େ ତିନ୍ ଶ ଉପ୍‌ରେଁ ହଇଛେ । କେଜି ଚାଏର୍ ଲେଖା ହେଲେଁ ଧାନ୍ ବସ୍ତା ତିନ୍‌ଶ ହେବା କାଏଁ ନ । ଗରିବ୍ ଲୁକର୍ ମୁଡ୍ ମାଏଲେଁ କେତେ ପାଏବ ରେ ବୁଆ । ହାତୀ

ଲୁଟ ଯେ ପେଟ୍ ପୂର୍‌ବା ଅଁଟା ଭର୍‌ବା ।'' ''ତୋର୍ ଧାନ ନେବୁ ତ ନେଇଁ ଯା, ତୋର୍ ଲାଗିଁ ଗୁଟେ ଅଲଗ୍ ଦର ଭାଉ ହେବା ? ସମ୍‌କୁଁ ଯାହା ଦଉଛେଁ ତତେ ଦେମି ନା ।'' ଦୁକାନୀର୍ ଇ କଥା ପଦ୍‌ହୁ ଶୁନି ମୁଖୀ ଚିନି ଧରି ଛିନ୍ ଛାନ୍ ପଲାଲା କହି କହି 'ଦେ' ବୁଆ, ଯାହା କରୁଛୁ କର୍ ନ ସହି ସଂଭାଲି କର୍‌ଯେ ଦଏବୀ ଯେନ୍ତା ସହେବା ।

ଦେବ୍‌ରାଜ୍ ଶୁନୁଥିଲା ସବୁ; ଅନ୍ନିଯେ ତ ହଉଛେ ତାର୍ ବିରୋଧ୍ ବି ହଉଛେ ଜହ ଧୂର୍‌କେ ଶୁଭିଲା ଟୁଣେ ହଉଛେ ।

ଘାଏ ନୁହେ ଯାଏ, କହି କହି ଆଏଲା ପାଏନ୍‌ବୁଡୁ, ଉପର୍ ପରାର୍ ସିଆନ୍ ବଲିଁ ମାନ୍‌ସନ୍ ତାହାକେ ତ ନିଯେ ଅନ୍ନିଯେ କହି ପକାସି ବେଧଡ଼କ୍ ''ଏ ବୁଆ, କା'ଣା ହେଲା ଇଟା? ତିନ୍ ତିନ୍‌ଟା କୁଟାର୍ ଚାଉଲ୍ ଦେଖାନାଇଁ, କେନ୍ତା ହିଁ ଚ଼ଲି ହେସି ? ସର୍କାର୍ ତ ଦଉଛେ, ଇ ସରପଞ୍ଚ୍‌କେ ହାତୁଁ ଦେଲା ଲେଖେଁ ଲାଗୁଥିବା କାଏଁ ? ନାଇଁ ଦିଏନ ମେତାଲ୍ ଲାଗୁଛେ ।''

'କେନ୍‌ନୁ ଆନି ଦେବା ବୋ ?''ପୁଝାରୀ ପିଲା ଗୁଡ଼ିନ ଫିରୁଥିଲା, ଶୁନ୍‌ଲା କି କହିପକାଲା । ''ଆନ୍‌ସନ୍ ଠାନେ ନ ବିକି ନେଇଛେ, ବିକି ନେଇଛେ ଜହ ଦାମେ ପରେ ; କଲବ୍ ପିଲାମାନେ ଏମେଲେ ନିକେ ଯାଇଥିଲେ ଯେ ସେ କହେଲା ''ଛାଡ଼ ସେ କଥା; ଦୁସ୍‌ରା ଜରୁରି କଥା ମାନେ ଅଛେ ଧର ।'' ତେଦ୍‌କେଁ ହେଁ କଲାବ୍ ପିଲାମାନେ କୁହାକୁହି ହଉଛନ୍ ''ଦୁଇଟା କୁଟାପରେ ହେ ସର୍କାରୀ ଦଲ୍‌କେ ଚାନ୍ଦାଦେଇଛେ ଆର୍ ଗୁଟେ କୁଟା ବିକିଁ ସରପଂଚ୍ ତାର୍ ବହନିର୍ ବିହାନେ ଲଗେଇଛେ ହେଁଟା କିଏ ନାଇଁ ଜାନି ? ଏମେଲେ, ସର୍‌ପଂଚ୍, ସପ୍‌ଲେ, ବିଡ଼ିଓ ସମ୍‌କର୍ ଭାଗ ଅଛେ କାହାକେ କହେବ ?'' ଜଟା ଉପର୍ ପରାର୍ ଉଆର୍ଡ ମେମ୍ବର୍ ଇ ସବ୍ ଶୁନି କହେଲା ''କେନ୍ କଥାଟା ସତ୍ ଧରମ୍ ଥିଁ ଚ଼ଲୁଛେ ଯେ ? ଦେଖ ତ ଇ ଆଂଗନ୍ ବାଡ଼ି କଥା, ପାକେଟ୍ ପାକେଟ୍ ମକା ଗୁଣ୍ ବିକାହଉଛେ । ଇ ଆଡ଼େଁ ଦରମ୍‌ହାଁକେ ଦରମ୍‌ହାଁ ସେ ଆଡ଼େଁ ମକାଗୁଣ୍ । ସେକେଷ୍ଟେରି ତେଲ୍ ଟିକେ ନାଇଁ ପାଉଥାଇଁ ମୁଡ୍‌କେ । ଯ'ତ ଦେଖିବ ସିନୋ ପାଉଡ଼ର୍ ରକମ୍ ରକମ୍ ଶାଢ଼ୀ ଖେଦ୍ ପଡ଼ିଛେ ଘରେଁ । ପାଶେଁ ଥିଲା ପରଖିତ । ସେ କହି ପକାଲା ''ତତେ ଭାଗ୍ ନାଇଁ ମିଲ୍‌ବାର୍ ଯେ କହୁଛୁ । ଇସ୍କୁଲ୍ କମିଟିର୍ ମେମ୍ବର ହଇଛୁ ପରେ । ହେଁନିର୍ ମଏଧାନ୍ ଭୁଜନର୍ ଚାଉଲ୍ ଦାଏଲ୍ କେନ୍ତା ହଉଛେ ? ମାଷ୍ଟର୍ ମାନ୍‌କର୍ ରୋଜ୍ ରୋଜ୍ ଚାହା ଜଲଖିଆ, ଇସ୍‌କୁଲ ଇନିସପେଟର୍ ଆଏଲେଁ ଶିକାର୍ ଭାତ, ଇସ୍‌କୁଲ୍ କମିଟିର ମାସ୍‌କିଆ ଭୁଜିଭାତ କେନୁ ହେସି ? କିହେ ନାଇଁ କହ ।'' ''ହେଥିର୍ ସାଙ୍ଗେ ଗାଁର୍ ଇଟା କରମା ସେଟା କର୍‌ମା କହି ଗାଁ ପାଣ୍ଠିର୍ ନାଏଁ କୁଚିଆ ଭାଟି ଆର ଘୁର୍‌ଘୁଡ଼ି ପଟିର୍ ପଏସା କେନ୍‌କେ ଯାଏସି କିହେ ନାଇଁ ଜାନନ୍ ।'' କହେଲା ପରଖିତର୍ ସାଂଗ୍ ଧନ୍‌ଏ ।

ଦେବ୍‌ରାଜ୍‌ର କାନେ ଇ ସବୁ ଗର୍ବି ଯାଉଥାଏ ,ସୋର୍ କର୍‌ଲା, ଦୁହି ପରା ନ ହୁଇଚା କଲବ ଘର୍ ହଇଛେ । ସେତେବେଲେଁ ସେ ସର୍କାରୁଁ ଭିଁ ପଏସା କରେଇ ନେଇଛେ; ଅଫିସର୍ ମାନ୍‌କୁଁ କହି ବୁଲିଁ ଦରି, ଲାଇଟ୍, ଟେଲିଭିଜନ୍ ମଗେଇ ନେଇଛେ । ସେତେବେଲେଁ ସେ ଭାବୁଥିଲା, ସଭେ କହୁଥିଲେ ଭି "କଲବ୍ ଘର୍‌କେ ରୋଜ୍ ରୋଜ୍ ଖବର୍‌କାଗଜ ଆଏବା, ସଭେ ପଢ଼୍‌ବେ । କଲବ୍ କେ ଆବ୍‌ରି ଥିବା ଆର୍ ଆଦ୍‌ରି ଥିବାର୍ ଯୁବକ୍-ସଙ୍ଘ ଗାଁର ଭଲ କଥା, ଉନ୍ନତିର୍ କଥା ମାନ୍‌କୁଁ ମନ୍‌ଦେବେ । ଗାଁର୍ ଲୋକ ସଂଖ୍ୟା, ପଶୁ ପକ୍ଷୀ ସଂଖ୍ୟା, ଗାଁର୍ ମୋଟ୍ ଜମିକେତେ, ଜଲଚର୍ ଜମି କେତେ ଗୋଚର୍ ଧର୍‌ସା ସବୁଥିର୍ ହିସାବ । ଯେଦ୍‌କି ବଂଧ୍ କଟା ରଖିବେ ମୁଡ଼ା ବଂଧ୍‌ଲିର ଆଏର୍ ପାଏର୍ ନୁ ଗଛ୍ ଜଗାବେ । ଗାଁ ଥିଁ କେନ୍‌ସି ଅନିଯେ ହଇ ନାଇଁ ଦିଅନ୍, ଗାଁର୍ ଜଗୁଆ ଲେଖେଁ କାମ୍ କର୍‌ବେ । ଏଭେଁ ଜାନୁଛେ ନ ଯେ କଲବ୍ ଘର୍ ଦୁହିଟା ଗଁଜେଇ ଆଖଡ଼ା ଆର୍ ତାସ୍‌ଖେଲା ଘର୍ ହଇଛେ । ଟେଲିଭିଜନ୍‌ଥି ଖାଲି ଚିତ୍ରଗୀତି ଚିତ୍ରହାର୍ ଆର୍ କ୍ରିକେଟ୍ ଖେଲ୍‌ମାନ୍ ଦେଖା ହେସି । ସମାଚାର୍ କି ସଂସଦ୍ ସମାଚାର, ପିଲାକର୍ ପଢ଼୍‌ବାର୍ ଶିଖିବାର୍ ଲାଏକ ଯାଁ ଯାଣା ଦେଖା ହେଲା ବେଲ୍‌କେ ଟେଲିଭିଜନ୍ ଖୁଲା ବି ନି ହଏ । ଦେବ୍‌ରାଜର୍ ଭାବ୍‌ନା-ବାଟେଁ କଁଟା ରୁଁଦି ହେଲା । ମାଁର୍ ଆଡ଼୍‌କେ ମନ୍ ଗଲା । ମାଁଟା ଇହାଦେ ସିନା ନୁକୋ ଦିଶୁଛେ । ବେମାର୍ ସେମାର୍ ତ ହେବା । ବଏସ୍ ତ ତାର୍ କଥା କହୁଛେ । ତାର୍ କଥାକେ ଅନ୍‌ଶୁନା କରି କେତେଦିନ୍ ରହେବା ? ଇ ବଏସେଁ ମୁଠେ ରାଁଧିକରି ଖାଏବାର୍‌ଟା କେଡ଼େ କାଏତ୍ ଆଏ ଅର୍ନ୍‌ମାନ୍ କଲା । ଦିହ୍‌ଟେ ପାହାଟେ ଅଛେ । ଆଏଜ୍ ନଶ୍‌ଲେଁ କାଏଲ୍ ଅଚ୍‌ଲ୍ । ପଡ଼ି ଉଠି ଗଲେ ଘାଆ ଦାଆ । ଯତନ୍ ସଁଖଲ୍ ଠିକ୍ ନାଇଁ ହେଲେଁ ପୋଜ୍ ରକତ୍ ପୋକ୍ ମାଛି । ତାର୍ ଆଖିଁ ଦିଶିଗଲା, ଗୁଟେ ବୁଢ଼ୀଟେ ଛିଡା ଖଟ୍‌ଟାକେଁ ପଡ଼ିଛେ; ଦିହ୍‌ଯାକ ଘା'ବଦ୍‌ବଦେଇ ଯାଉଛେ; ମାଛି ଭନ୍‌ଭନେଇ ଯାଉଛନ୍, ପୋକ୍ ସଲ୍‌ସଲେଇ ଯାଉଛନ୍; ଦେଖିଥିଲା କେନ୍ ସିନେମା କି ସିରିଏଲ୍ ଟାକେଁ ଭୁବ୍‌ନେଶରେଁ, ତାର୍ ଭାବ୍‌ନା ଅଟ୍‌କିଁ ଗଲା । ଭାବ୍‌ଲା ତାର୍ ମାଁ କେ ଇ ଅବସ୍ଥା କେ ଯିବାର୍‌କେ ଆର୍ କେତେ ସମିଆ ଲାଗ୍‌ବା ? ଭାବନାକେ ସେ'ନେ ଛାଡ଼ି ଆଏଁଖି ମାନ୍‌କୁଁ ନେଲା ଫେର୍ ସେ ଗାଁ ଖୁଏଲ୍‌କେ । ତାର୍ ଜନା ଶୁନା ସନାତନ୍ କକା ବଲଦ୍ ଫନ୍ଦା ଯୁତା ପଟ୍‌କେଁ ଢ଼େକ୍‌ଚିଟେ ଫାନ୍ଦି ପାଏନ୍ ନଉଛେ । ଗୋଡ ମାନ୍ ଥାବେଁ ନାଇଁ ପର୍‌ବାର୍, ପାଏନ୍‌ଟିକ ଛଲ୍‌କିଁ ଛଲ୍‌କିଁ ଅଧା ହଇଁଗଲାନ । ଦୁହିଁ ପାହା ଫୁଲି ଢୁମ୍ ଦିଶୁଛେ । ଦିହେଁ ଥିବାର୍ କରିଆ ଦୁହି ଖଣ୍‌କ ମଏଲା କଟ୍‌କଟ୍ ହଇଁ କଲା ସର୍‌କା ଲେଖେଁ ଦିଶୁଛେ । ଦେବ୍‌ରାଜ୍‌କେ ଦେଖିଁ ସନାତନ୍ କହେଲା ରାନ୍ଧିଁ ଖାଉଛେଁ ପୁତ୍‌ରା, ପାଏନ୍‌ଟିକର୍ ବି ଆଶ୍ରା ନାଇଁ, କିହେ ଆନି ନାଇଁ ନିଅନ୍; ଖାଏବା

ପିଇବାକେ ଦେବାର୍ କଥା ଛାଡ୍ । ଦୁଇ ଦୁଇଟା ବହ; ବଜା ଦୁଲା କରି ଘର୍‌କେ ତୁକେଇ ଥିଲିଁ ପାଁଚ ପାଲି ତକ୍‌ରା ପରିଥିଲା । ପୁଓ ମାନ୍‌କର୍ ଲାଗିଁ ପାଁଚ୍ ପାଁଚ୍ ଏକର୍ ଅବଲ୍ ଜମି କରିନେଲିଁ ସାଙ୍ଗେ ଦୁ'ଦି ବଖ୍‌ରା ପକା ଘର୍ । କା'ଣା ନେଇ କରିଁ ପୁଓକର୍ ଲାଗିଁ । ତୋର୍ କାକୀ ଆଏଁଖ୍ ମୁଜ୍‌ଲା ଦିନୁ ଧରମ୍ ବି ମୋର୍ ଆଡ଼୍‌କେ ଆଏଁଖ୍ ମୁଜିନେଲା ବୁଆ ! ମୋର୍ ଅବସ୍ଥା ଇଟା ଆଏ ବେଟା ! ମ୍ରି ଗଲେଁ ପାବି ଯାଏତିଁ ଯେ ଶଲା ଯମର୍ ବି ବିଚାର୍ ବୁଧି ନାଇଁନ । ପୁଓକେ ଫେର୍ ପୁରାନ୍ ମାନେ ଧରମ୍‌ରାଜ୍ ଧରମ୍ ଦେବ୍ ନାଁ ଦେଇଛନ୍ । ପେଟ୍‌ଟାକ ଅଛେ, ଭୋକ୍ ଅଛେ, କେନ୍‌ସି ଭି ମିତ୍‌ରେଁ ତାହିଁ ଗୁଁଡ଼େ ଗର୍‌ସେ ପକାବାକେ ପର୍‌ବା ତ; କାଁ କର୍‌ମି ? ମଲା ପରେ ପୁଏ ବଡ଼ ବଡ଼ ମେଲ୍‌ଛା ଘିନି ଜାଏତ୍ ଖାଏଦ୍ ଦେବେ । ବଂଧୁ ବାଂଧବ ଗୋତ୍ କୁଟୁମ୍ ଗୁଚ୍‌ରିଁ କାମ୍ କାରଯ୍ କର୍‌ବେ ।' ଦେବରାଜ୍ କା'ଣା କହେଲା ଯେ ବୁଢ଼ା କେ ନ ଶୁନ୍‌ଛେ ? ତାର୍ କାନ୍ ଭି ତ ପୁଓକର୍ ଆଗୁଁ ତାହାକେ ସାହେଯ୍ କର୍‌ବାର୍ ଛାଡି ନେଇଛେ ।

ଦେବ୍‌ରାଜ୍ କେ ଶୁନେଇଁ ଗଲା କାଏଁ ସନାତନ୍ କକା ତା'ର୍ ମା'ର୍ ଭବିଷ୍ୟତ୍ କଥା । ସଥେଁତ୍ ମୋର୍ ମାଁକେ ଇ ମଲାକାଲ୍‌କେ ଯତନ୍ ସଁଖଲ୍ ନାଇଁ କରି, ପଛେଁ କାମ୍ କାରଯ୍ କେ ଗୁଡ଼୍‌ଦୁ ଲୋକ୍ ଦେଖା ଆଡ଼ମ୍ବର୍ କଲେଁ କାଁ ହେବା ? ନାଇଁ ନାଇଁ, ମୁଇଁ ହେଁ ସବ୍ ନାଇଁ ହଇ ଦିଏଁ ଭାବି ଭାବି ଦେବ୍‌ରାଜ୍ ତର୍‌ତରାନୁ ଘର୍‌କେ ଫିର୍‌ଲା ବାଟ୍ ମୁହଁନୁ ଡାକ୍ ଦେଲା ''ଶଶିର୍ ମା' ଶୁନୁଛ, ଭୁବ୍‌ନେଶ୍ୱର୍ ଯିବାର୍ ବନ୍ଦ ହେଲା । ନାଇଁ ଯାଉଁ ନ ।''

ଆଶ୍ରିଯ୍ ହେଲା ଲେଖେଁ କହେଲେ ଶଶିର ମା, ''ଏ ବୁଆ କାଣା ହେଲା ? ଏଛନି ହର୍‌ବରଉଥିଲ ସଜବଜ୍ ନୁହେ ହ ତାଏଲ୍ ବଲିଁ । ମୁଇଁ ଯେ କେତେ ହରୋ ବଟୋ ହଇଁ ମା ବହରେଇ ନେଇଥିବାର୍ ଅରୁଆ ଉଷ୍‌ନା ଚାଉଲ୍ ଯୁଗ୍‌ରେଇ ସାଏଲିଁ ନ । ଗୁର୍ ଉଖ୍‌ରା ଆମୁଲ୍ ତେଁତେଲ୍ ଦୁରାକ ସଜ୍ କରୁଛେଁ କାଁ କାଁ ଥିଁ ନିଏଁ ବଲିଁ । ତମେ ଫେର୍ କହେଲ ନ ଯେ ନାଇଁ ଯାଉଁ ନ ।''

ଦେବ୍‌ରାଜ ପଚ୍ଛିର୍ ଖଟେଁ ବସିଁ କହେଲା ''ମା, ଚାଉଲ୍ ଗୁର୍ ଉଖ୍‌ରା ଏବ୍‌ତକ୍ ଦେଇ ଆଉଛେ ଆମେ ନେଉଛୁଁ, କାଁ କାଁଣା ଆମ୍‌କ୍ରୁଁ ମାଗୁଛେ କେଭେଁ କିଛି କାଁଣା ଦଉଛୁଁ ? ତାର୍ ନ ଯାହା ଥିଲା ସବୁ ଦେଇଛେ । ପେଟ୍ ଚିରିଁ ଜନମ୍ ଦେଇଛେ, ଛାତି ଚିରିଁ ଗୁରସ୍ ପିଏଇଛେ, ହୁରୁଦ୍ ଫାରି ରୁକି ନେଇଛେ କେତେ ସେନ୍‌ହେ, କେତେ ମମ୍‌ତା । ଆମେ ଦେତାଁ କା'ଣା ? ଏଛନି ଯେତେବେଲେଁ ତାହାକେ ସବୁ ଦର୍‌କାର୍ ଆମେ ତାର୍ ଭାବେଁ ତାହାକେ ଛାଡ଼ି ଭାଗ୍‌ବାର୍ ଉଯୋଗ୍ ଥିଁ ଅଛୁଁ । ନାଇଁ, ମାଁ କେ ଆର୍ ଛାଡ଼ିଁ ଯିବାର୍ ନାଏଁନ; ସେ ଯାହିଁ ଆମେ ତାହିଁ ।

''ଆର୍ ଦେଖ ତ'' ଦେବ୍‌ରାଜ୍ କଲେଁ କଲେଁ ହେଲେଁ ବି ଟିକେ ବର୍କସ୍ କରି କହେଲା ''ଗାଁ ଭି ମାଁ ଆଏ । ସେ ଭି ଆଏଜ୍ ସରବ୍ ହରା ସର୍ବାର୍ ଭୁଖେଇ ସରବା ନଙ୍ଗଲା ହଇଁ ପରିଛେ ସରବ୍ ମଙ୍ଗଲା ଗାଁ ମାଁ । ଭୁବନେଶରେଁ ଆମର୍ କିଏ ଅଛେ ? କା'ଣା ଅଛେ ? ଇ ଗାଁନେ ଜନମ୍ ନେଇଛୁଁ ଇ ଗାଁ ନେ ମର୍‌ମା । ଗାଁର୍ ଆଏଜ୍ ଶିକ୍ଷା ଦୀକ୍ଷା ପାଠ୍‌ଶାଠ୍ ଧନ୍ ମନ୍ ସବୁ ଜରୁରତ୍ ଅଛେ । ସେ ସବୁ ଦେବାକେ ପଡ଼୍‌ବା । ଆମେ ଧନ୍ ଦରବ୍ ଯଶ୍ ପରଗଷ୍ ପାଠ୍ ଶାଠ୍ ବିଦ୍ୟା ବୁଦ୍ଧି ଯାହା ଅର୍‌ଜିଛୁଁ ସେ ସବୁ ଇ ଗାଁ ମାଁର୍ ଅଁଟେ ଉଲ୍‌ଦି ନେବାକେ ପଡ଼୍‌ବା । ମୋର୍ ଭିତରର୍ ମୁନୁଷ୍ କହୁଛେ, ମା' କେ ଦେଖ୍, ଗାଁ କେ ଦେଖ୍ । ଦେବ୍‌ରାଜ୍‌କେ ଆଏଜ୍ ତାର୍ ନିଜର୍ ସ୍ୱରୂପ ଦକ୍ ଦକ୍ ଦିଶୁଛେ । ସେ ଇ ରାଏଜର୍ ଅର୍ଥନୀତି ଜାନ୍‌ନେ ବାଲା ଆଏ । କିଏ କଲା ତାହାକେ ଏତେ ପଣ୍ଡିତ ଏତେ ଜ୍ଞାନୀ ? କିଏ ପଢ଼ାଲା ପାଠ ? ଆଜିରର୍ ଇ ଗରିବ୍ ଭୁଖା ଦେଶର୍ ଲୋକ୍ ତ । ଏତ୍‌କି ଦିନ ମୁଇଁ କହି ଆଏଲିଁ ଆମର୍ ଗରିବି ପାଏନ୍ ଛାଏଡ଼ ଫସଲ୍ ହାନି କାଏଁ ବଲି । ଫସଲ୍ ହେଲେଁ ଭି ଲୋକ୍ ଖାଇ ନାଇଁ ଜାନ୍‌ବାର୍ ମଦ୍ ଜୁଆ ବିହା ବର୍‌ପନର ଲୋକ୍-ଦେଖା ବଡଲୋକିର୍ ଧାରେ ଉହୁଲାଇ ନଉଛନ୍ । ଲାଁଚ୍ ଦୁର୍ନୀତିର୍ ଶସ୍ତର୍ ଧାର୍ ନିର୍ବିଚାର୍ ଆର୍ ନିର୍ବିକାର୍ ଭାବେଁ ହାନି ଚାଲିଛେ । ମୋର ଦେଶର୍ ଲୋକ୍ ଚାଲି ନାଇଁ ଜାନ୍‌ବାର୍ ବୁଲି ନାଇଁ ଜାନ୍‌ବାର୍ । ପାଠ ନାଇଁ କି ଶାସ୍ତର ନାଇଁ ସଭେ ମୂରୁଖ୍ । ଯେନ୍ ମାନେ ପାଠ୍ ପଢ଼ିଥିବାର୍ ଢ଼ମ୍ ଦେଖାସନ୍ ସେ ଟା କାଏଁ ପାଠ୍ ଆଏ ? ଯେନ୍ ପାଠେଁ ପରର୍ ଲାଗିଁ ଟିକେ ଦରଦ୍ ନାଇଁ ସେଟାକେ ପାଠ୍ କହେଲେଁ ଅପାଠ୍ କେନ୍‌ଟାକେ କୁହାଯିବା ? ଯଦରପି ସେ'ଟା ବି କିଏ ପଢିଛେ ତ ସେ କେନ୍‌ସି ନଉକିରି କି ବେପାର୍ ବାହାନା ନେଇ କେନ୍ ସହରେଁ ଦାଖଲ୍ । ଯେ ବି ରହିଯାଇଛେ ଗାଁଏଁ, ସେ ଗାଁ ପୁଡ଼ିଥିଁ ପାଏନ୍ ମଠିଏ ଧରି ନିଜର୍ ଘର ବଅଁଚାବାର୍ ଚେ଼ରେଷ୍ଟା କରୁଛେ, ଗାଁ ପୁଡୁଛେ ପୁଡୁଥିବା । ମୁଇଁ ଯେନ୍ ମାନ୍‌କର ଧରମୁଁ ପାଠ୍ ପଢ଼୍‌ଲିଁ, ପଣ୍ଡିତ୍ ହେଲି ସେମାନ୍‌କୁଁ କା'ଣା ଦେଇଛେଁ ବଦ୍‌ଲା ଥିଁ । ମୋର୍ କବାର୍ କମ୍ ଦରମହାଁ ଜହ୍ନ, ନିୟମ୍ ନେ ଯେତ୍‌କି ନେବାର୍ କଥା କଡ଼ା କ୍ରାନ୍ତି ହିସାବ୍ କରି ଦେଶର୍ ଗରିବ୍ ଖଜନାଖାନା କେ ନିଶେଷ୍ କରି ଶୁଷିଛେଁ । ଆଏଜ୍ ବି ମୋର୍ ପଏସାର୍ ଶୋଷ୍ ନୁହେ ମେଟେ । ଆର୍ କେନ୍ ରକ୍‌ମେ ପଏସା ଏଁଠ୍‌ମି ଚେରେଷ୍ଟା ନେ ଅଛେଁ ।

ନାଇଁ; ଆଏଜ୍ ମୋର ଅନ୍‌ମୁନ୍‌ଷିଆ ମନର୍ ଟଁଟି ଚି଼ପି ଶେଷ୍ କର୍‌ମି । ମତେ ମୋର୍ ଗାଁ କେ ଦେଶ୍‌କେ ତାର୍ ହଜ୍‌ଲା ଦରବ, ଫିରାବାକେ ପଡ଼୍‌ବା । ମୋର୍ ଭିତରର୍ ମୁନୁଷ୍ ଉଟୁସ୍ ପୁଟୁସ୍ ହଇଁଯାଉଛେ, ଚଡି ଛାଡୁଛେ କିର୍ଲଉଛେ 'ମାଁ କେ ଦେଖ୍ ଗାଁ କେ ଦେଖ୍ ।' ,

❑❑

# ଝାଉ

ତ୍‌ରାସ ନାଁ ଥିଁ ଟୁକେଲ୍ ଟେ । ବର୍‌ଜର୍ ପିଲାକାଲର୍ ବନିହାଁ ଦିନ୍ ତାର୍ କକାଘର୍ ଗାଁ ଥିଁ କଟିଥିଲା ତ, ସେ ଗାଁର୍ ଆଏ । ବଏସେଁ ତାର୍ ନୁ ବଛର୍ ଦୁଏ ବଡ୍ ଆଏ । ଗୁଦୁଲ୍ ଗାଦୁଲ୍ ଦିହ, ଗୁରୀ ବରନ୍ । କଥା ଭାଷା ପଛା, ନିଜର୍ କଲା ଲେଖେଁ । ଗାଁର୍ ମାଏନ୍ ଥିଁ ବର୍‌ଜ ଭାଗ୍ର କକା ହେବା । କଥା ଭାଷା ବି ନିଜର୍ ଘରର୍ କକା ଲେଖେଁ । ସେ ଯୁଆନ୍ ହେଲା; ବିହା ହଇଁ କେନ୍ ଝାର୍ ଭିତରର୍ ଗାଁଟାକେ ଖଟିଗଲା । ବର୍‌ଜର୍ ସୋର୍ ଭିତ୍‌ରୁଁ ସେ ଉଭିଁ ଯାଇଥିଲା ନ କେତେ ଦିନୁ । ତରାସର୍ ଜନମ୍ ଗାଁ କେ ଭି ତ ସେ ନାଇଁ ଯିବାର୍ ନ; ଶାଶ୍‌ଘର୍ ଗାଁକେ ଯିବା କାଁଣା ? କେନ୍ ଗାଁଥିଁ ପରିଛେ ତାହା ବି ସେ ଜାନି ନାଇଁ ।

ଆଏଜ୍ ଇ ଝାଉ ଖରାର୍ ଦିନେ; ବୁଢ଼ା ସମରର୍ ଝାର୍ ଝର୍‌ନା ଭିତରର୍ ଅଜନା ଅଦେଖା ଗାଁଟାକେଁ ତାର୍ ଦେଖା ପାଏବା, ତାର୍ ମନେ ଗିଆନେ ନାଇଁ ଥାଇ । ଅକ୍ଷି ତୁର୍ତୀଆ ଏ'ଦେ ଏ'ଦେ ଯାଇଛେ । ବଏଶାଖର୍ ତାଲୁ ଫଟା ବଝା ଖରା ମାଡ଼ି ଆଇଛେ ଝାଏଁ କରୁଥିବାର୍ ଇ ଝାର୍‌ମଝାର୍ ଗାଁ ମାନ୍‌କେଁ; ଯାହିଁ ପାଏନ୍ ଟା ଅମରତ୍‌ଠାନୁ ବି ମହଙ୍ଗା ଆଏ । ତ'ବି କେନ୍ ଝସ ସାହୁ ଲେଖେଁ ମନ୍ତ୍ରୀର୍ ଦୟାନୁ କେନେ କେନ୍ତା ଗୁଟେ ଗୁଟେ ବୁରିଙ୍ଗ୍ ଚୁଆଁ; ସବୁ ତ ନାଇଁ ଚ଼ଲେ, ଯେନେ ଚଲ୍‌ସି ସେ ପାଏନ୍ ଭଲୁଁ ଭଲା ଜାଗାନେ ପିଇ ହେସି । ନେ ହେଲେଁ ବନିହାଁଠାନେ ପଟ୍ ନୁନିଆଁ; ପିଇଲେଁ ପିଶାବ୍ ପୁଡ୍‌ସି, ତାହା ଛିଡ୍‌ସି, ଦାଏଲ୍ ନାଇଁ ସିଝେ, ଭାତ୍ ଫାଟ୍‌ସି । ବର୍‌ଜ ସର୍‌କାରୀ ଅପିସର୍; ସର୍‌କାରୀ କାମ୍‌କେ ଲୋକ୍‌ମାନ୍‌କର୍ କାମ୍ ଭଗବାନ୍‌କର୍ କାମ୍ ନଜ୍‌ରେଁ ଦେଖ୍‌ସି । ସେ ଟା ଫେର୍ ଗୁଟେ ଇସ୍‌କୁଲ୍ କାମ୍ ଆଏ ; ବର୍ଷା ଆଗୁଁ ନାଇଁ ସାଏଲେଁ ପଢ଼ାଛୁଏ ବର୍ଷାଦିନେ ଅଥୋଥାଲି ହେବେ । ଯାଇଥିଲା ଦେଖି । ହର୍‌ବରାଇ ଆଏଲା ବଏଶାଖ୍ ପୁନି ଆଗୁଁ ସାର୍‌ବାକେ । ଝାର୍ ପଦ୍‌ରାର୍ ବାଟ୍ । ଖାଲ୍ ଢ଼ିପ୍ କଁଟା ପଥରର୍ ଧର୍‌ସା ରାସ୍ତା । ଖରାର୍ ତାତି ଥିଁ ସାଏକଲ୍ ନୁ ତପି ଯାଉଛେ । ବ୍ଲକ୍ ଅଫିସ୍‌କେ ପୁହୁଁଚ଼ିସି କେନ୍ ରକ୍‌ମେ । ଝାଲ୍ ସର୍‌ସର୍ ଦିହ, ପିଁଧିଲା କପଡ଼ା ଦିହେଁ ଲଟ୍‌କି ଯାଉଛେ । ଶୁଖେଁ ଥୁକ୍ ବଟି ହଉଛେ । ଖରାକେ ତାଲୁ ତେତେଲ୍ ଲାଗି ଗଲାନ । ଯେନ୍ତା କଲେଁ ବି ଯାଇ ନାଇଁ ହଏନା । କେନ୍‌ସି ନ ବି ଘାଏ ଥାକି ଫୁଟି ପାଏନ୍ କାଏଁଜ୍ ଟିକେ ପିଇଲେଁ ଯାଇ ଚ଼ଲେ । ସାଏକଲ୍ ବି ଚ଼ଲେଇ ନାଇଁ ହେବାର୍ ନ । ଆଗ୍ ଆଡୁଁ ଝାଉ ପିଟୁଛେ । ତଡ୍‌ଲା ପବ୍‌ନେ ମୁହଁ ପୁଡ଼ି ଯାଉଛେ ।

ବାଟେଁ ବାଟେଁ କୁରିଆ ଗୁଟାହୁର୍ ଗାଁ । ମଝା ମଝି ପିଲ୍ ବର୍‌ଗଛ୍ ଟେ । ଲୁଭ୍‌ଲୁଭାନି ଛଏରା । ପାଶେଁ ଘର୍‌ଟାକର୍ ପୁଆଲ୍ ଛିଆନିର୍ ପର୍‌ଛିଟେ । ଲାଗନ୍ତୁ ବୁରିଙ୍ଗ୍ ଚୁଆଁ । ହେଣ୍ଡଲ୍ ଲାଗିଛେ । ସାଏକଲ୍‌ଟାକ ପର୍ଛିର୍ କାଁଥ୍ ଥୁଁ ଡ଼େରି ଆକୁଲ ବିକୁଲ ହଇଁ ଧାଇଁଗଲା କଲ୍‌ଚୁଆଁ ନିକେ । ପାଏନ୍ ଯୁରା ଧରି ଉଦାସର୍‌ସର୍ ଦିହେଁ ଆଉଥିଲା ଭର୍‌ତି ବଏସର୍ ମାଏଝିଟେ । କହି ପକାଲା ''ଆଜ୍ଞା ! ହେ ପାଏନ୍ ନି ପିଁ ହଏ । ଆସ ମୁଇଁ ପାଏନ୍ ଦେମି ପିଇବ । ଆମେ ପାଏନ୍‌ଖିଆ ଜାଏତ୍ ଆଉଁ । ତୁରାଲା ବୁକା ଲେଖେଁ ବର୍‌ଜ ଲମି ଆଏଲା ତାର୍ ପଛା ପଛ୍ ସେ ପର୍ଛିକେ, ଯେନେ ତାର୍ ସାଏକଲ୍ ଡ଼େରିଥିଲା ! ସେ ତୁର୍‌ତି ଖଟ୍‌କେ ପାଏ ନାଇଁ କି ଖଟ୍‌ଲି କେ ପାଏ ନାଇଁ, ଖଟ୍ ଛୁଆଟେ ଆନି ପକେଇ ନେଲା । ପାଏନ୍ ଗଡ଼େ ଥୁଇ କହେଲା ''ଗୋଡ଼୍ ହାତ୍, ଧୁଅ; ପିଇବାର୍ ପାଏନ୍ ଦଉଛେଁ ।'' କହି ପାଏନ୍ ଖୁରେ ଆନି ଥୁଇଲା । ''ଝାଲ୍‌ଟିକେ ମାର, ଆର୍ ପାଏନ୍ ପିଇବ'' କହି ଏକସ୍‌କଁଟି ଦେଖୁଛେ ଇ ପେଁଟ୍ ସାଟ୍ ପିନ୍ଧା ବର୍‌ଜକେ । କହେଲା ''ଆଜ୍ଞା କେନ୍‌କେ ଯିବ ? ପଦମ୍‌ପୁର୍ କାଏଁ ? ବାଟ୍ ଦୁଇକୋଶ୍ ଆଏ ଯେ ଇ ଖରାକେ ଚ଼ାହେଁଲେଁ ଟାଏର୍‌କୋଶନ୍ତୁ ବି ଜହ ଲାଗ୍‌ବା ।'' କଥାର୍ ସାଙ୍ଗେଁ ତାର୍ ଦେଖ୍‌ବାର୍‌ଟାବି ଚ଼ାଲିଛେ; ଦେଖୁଛେ ଯେ ଦେଖୁଛେ । କା'ଣା କହେତା କହେତା ହଉଛେ ଯେ ଦମ୍ ନାଇଁ କର୍‌ବାର୍ । ଶେଷେଁ କହେଲା ''ଆଜ୍ଞା ! ତମକୁଁ ଚିହ୍ନଲା ଲେଖେଁ ଲାଗୁଛେ ଯେ, ହେବ ନାଇଁ ହେବ ହଇଁ ନାଇଁ କହି ହେବାର୍ । ତୁମେ ଆମର୍ ପିପଲ୍‌ପଦରର୍ ବାହ୍ମନ୍ ବୁଢ଼ାର୍ ପୁତ୍‌ରା ବର୍‌ଜ ବାଗିର୍ ଦିଶୁଛ ଯେ ଅ'କାଏଁ ? ପିଲାଦିନର୍ ଦେଖା ତ ଭର୍‌ସି କରି କହି ନାଇଁ ହେବାର୍ ।''ବର୍‌ଜ ଏଡ଼୍‌କେଁ ତାର୍ ଆଡ଼୍‌କେ ଦେଖି କହେଲା ''ହଁ ଠିକ୍ ଚି଼ହ୍ନଲ ଗୋ ! ଆଏଁ ।'' କେନେ ବନ୍ଦ୍ ହଇଯାଇଥିବାର୍ ପାଏନ୍ ଧାର୍ ବାଟ୍ ପାଏଲା ଲେଖେଁ କହି ଉଠ଼ଲା, '' ଏ ବୁଆ ! ଦେଖ ତ, ତମେ ମତେ ନାଇଁ ଚି଼ହ୍ନବାର୍ କାଏଁ ? ମୁଇଁ ହେଁ ଗାଁର୍ ଝି ଆଏଁ, ତରାସ; ଫଟା ବୁଢ଼ାର୍ ଝି । ଆମର୍ ବାରିଁ ଯେନ୍ ବଡ଼ ବୁରୋଗଛ୍ ଥିଲା । ଛୁଆ ଦିନେ କେତେ ଖାଉଁ । ଛୁଆ ଦିନର୍ ସେ କାଁଚି଼କୁଡ଼ି ଖେଲ୍ ତୋର୍ (ଆର୍ ତୁମେ ତାମେ ନାଇଁନ, ନିଜର୍ ପନିଆଁ ତୁଇଁ ତାଁକେ ଆନି ଆଏଲା) ନାନି ମାନ୍‌କର୍ ସାଙ୍ଗେଁ । ସୋର୍ କଲେଁ, ସେ ଗାଁ ଭୂଇଁ ସେ ଦିନ୍ ବଏସ୍ କେ ଘୁରିଁ ଯାଇ କେତେ ଉଷତ୍ କେତେ ଅଏନ୍ ଲାଗ୍‌ସି ଜକା ! ସେ'ନୁ ଆ' ମେତାଲ୍ ନାଇଁ ଲାଗେ । ତୁଇଁ ଇ ପଦମ୍‌ପୁରେଁ କାଁ ଅଫ୍‌ସର୍ ଅଛୁ ? କେତେ ଦର୍‌ମ୍‌ହାଁ ପାଏସୁ ? ମୋର୍ କାକୀ କେନ୍ତା ଅଛନ୍ ? ଛୁଆପିଲା କେତେଟା ?''ଘାଏକେଁ କେତେ ପଚ଼ରା ଉଚ଼ରା । ସେ ଭିତରେଁ ବର୍‌ଜର୍ ଜୀବନ୍ ଛଡ଼ା ଶୋଷ୍ ପାଏନ୍ ଖୁରିକ ପେଟ୍‌କେ ପଠେଇ ଅଥାବ୍ ଆକୁଲ୍ ଅଥାଳିଆ ଜୀବନ୍‌ଟାକ ଥାବେଁ ରଖ୍‌ଲା । ତରାସର୍ ପିଲା ଛୁଆ ନାଇଁ ।

ମାମୁଁ ମାଈଁ ଦୁହି ପରାନୀ ନା । ତରାସର୍ ବଏସର୍ ଝଲକ୍ ମଏଲେନ୍ ନାଇଁ ପରିଁ କି ଦିହର୍ ଗଠନ୍ ବନ୍ଧନ୍ ହୁର୍‌ଗୁଲା ନାଇଁ ହଇଁ । ହେଲେଁ ବି ବଏସର୍ ବଡ୍‌ପନି ନାଇଁ କି ଦିହର୍ ଉବ୍‌ଡ଼େଗ୍ରି ଭାବର୍ ଚିହ୍ନାନାଇଁ । ତରାସ ତର୍‌ତରାନୁ କହେଲା "କକା ଏଛନି ଯିବାର୍ ନାଆଁ ନି ପକାବୁ । ମୁଇଁ ମୁଠେ ଡ଼େକ୍‌ଚି ପିତଲ୍ ଥିଁ ବସେଇ ନଉଛେଁ, ଉଲ୍‌ହାବୁ । ଗରିବ୍ ଘରେଁ ବାଏଣା କୁନୁଆଁ ।" ବର୍‌ଜର୍ ହଁ ନାଇଁ କେ ନାଇଁ ଟାକି ଚାଉଲ୍ ମୁଠେ କାଣ୍‌ଇ ଆନି ଡ଼େକ୍‌ଚିଟାକେଁ ବସାଲା ! କେନ୍ କୁରିନେ ବିହନ୍ ମୁଗ୍ ରଖିଥିଲା କାଏଁ ସେ ପଷେ ମିତାଲ୍ ଭାଜିଁ ଦଲିଁ ଛରି ଆନ୍‌ଲା ନିମିଷ୍‌ଟାକେଁ । ଦୁଆରର୍ ମଠିଆ ରଖ୍‌ସି ନେ କଦେଲ୍ ବୁଟାଟେ ବୁର୍ଷାଲ୍ ହଇଁ ବଢ଼ିଛେ । ତାହିଁ ବନ୍ଏ କେଁଡ଼ାଟେ ପକେଇଛେ ! ବଡିବ୍‌ଲା କଦେଲ୍ ଗୁଟାହୁ ତୁଲିଁ ପୁଡ଼େଇଁ ଛାଲି ଛଡ଼େଇଁ ନୁନ୍ ଦେଇ ଚଟ୍‌କି ତେଲ୍ ସୁର୍‌ଷୋ ଉଏଲ୍ ଦେଇ ପର୍‌ଷି ନେଲା । ପିଁଡ଼ାଟେ ପକେଇ ପାଏନ୍ ଗଡ଼େ ଥୁଇଁ କହେଲା "ଭାତ୍ ତୁନ୍ ହେବାନ କକା ! ଉଲ୍ହେଇ ପକା । ଥାଲି ପତ୍‌ରେଁ ଗିନାଟେ ଥୁଇ ନେଇଛେଁ, ବାଢ଼ ଖାଇପକା, ଗୁଡ଼୍‌ହୁ ବେଲ୍ ହେଲା ନା । ତରାସର୍ ଯୁଗାଡ଼୍ ପାତି ଥିଁ ଯେନ୍ ଗହେରର୍ ମନ୍‌ଟେ ସାନି ହଇଛେ ସେଥିଁ ତର୍‌ଲିଁ ହଜିଁ ଯାଇଛେ ବର୍‌ଜ ନିଜେଁ ନିଜର୍ ଭିତ୍‌ରେଁ ।

"ନୁନି ! ତୁଏଁ ପିଲା କାହିଁ ଯାଇଛନ୍ ସେ ?" ବର୍‌ଜ ପଚ଼ରାତେ ସାଏର୍ କହେଲା ତରାସ "ଆଉଥିବେ କକା ! ସମିଆ ହେଲା ନ" କହି ନୁହେ ସାରେ ଯୁଆନ୍ ମୁନୁଷ୍‌ଟେ ଘର୍‌କେ ପୁହୁଁଚି ଉଦାକରିଆ ପିଁଧି ଠିଆ ହଇ ଇ ଦୁହିକୁଁ ଡ଼ଗ୍ ଡ଼ଗ୍ ମଗ୍ ମଗ୍ ଦେଖୁଛେ । ତାର୍ ତ ଏନ୍ତା ବଂଧୁ ବାଂଧବ୍ କି ଚିହ୍ନାର୍ ଜନାର୍ କିହେ ନାଇଁ ନ । କେନିର୍ ଇ କୁନୁଆଁ ? ମନେ ମନେ ଭାଳୁର୍ କୁଟୁର୍ ହଉଛେ । ତରାସ ତାର୍ ମୁନ୍‌ଷର୍ ମନର୍ କଥା ବୁଝ୍‌ଲା ବାଗିର୍ କହେଲା "ମୋର୍ କକା ଆଏ; ଆମର୍ ଗାଁର୍ ଆମର୍ ବାଟ୍ ମୁହଁର୍ ବାହ୍ମନ୍ ଘରର୍ ବର୍‌ଜ; ବାହ୍ମନ୍ ବୁଢ଼ାର୍ ପୁତ୍‌ରା । ଯୁହାର୍ କର । ନକୁଲର୍ ହାତ୍ ଦୁହିଟା ତାର୍ ତାର୍ ଯୁରିଁ ହେଲା । ନକୁଲର୍ ମାଗୁର୍ ମାଛ୍ ବର୍‌ନର୍ ଦିହ, କଁଟା କଁଟା ମେଛା, ମୁଡ଼ର୍ କୁଚ୍‌କୁଚ଼ି କଲା ମିସ୍ ମିସ୍ ବାଲ୍ ଆର ମୁରି ମୁରି ହେଇଥିବା ଡ଼େନା ଦେଖି କବିର୍ ଲୋଭ୍ ଲହ ଲହ୍ ଆଏଁଖି ଆର୍ କୁନ୍ଦାର୍ ନିଜବଦ୍ ନିଶବଦ୍ ମୁହଁ ନେଇ ଠିଆ ରହେଲା । କହେଲା "କେ ନେ ଥିଲ ବୁଆ ! ଇ ଠାଡ଼ ମଏଧାନ୍ ତକ୍ ?" ତରାସ ନକୁଲ କେ କହି ନେଇଁ ଦେଇ ନିଜେଁ କହେଲା, "ଜୁନ୍‌ହାଁ ଗଁଡିଆ ଘରେଁ ହଲିଆ ଅଛନ୍ କକା ! କମିହାଁ ବୁତା ସାରି ଆସ୍‌ଲା ବେଲ୍‌କେ ଉଛୁର୍ ହେସି" । ବର୍‌ଜ କିଛି ନାଇଁ କହି ଖାଲି ଦେଖି ବସ୍‌ଲା ଦୁହିକୁଁ ଏକ୍ ସର୍‌ଲଗ୍ । ମନେ ମନେ ଭାବ୍‌ଲା, କେତେ ସରଲ୍ କେତେ ଖୁଲା ଇ ଗଅଁଲିଏନ୍, ଅପଢ଼୍ ଅଲେଖା କାଗଜ୍ ଟୁକ୍‌ରା ଲେଖେଁ ଇ ଟୁକେଲ୍‌ଟାକ । ତାର୍ ମନ୍ ଭିତରର୍ କୁହୁ କୁହୁ ଅଁଧାର୍‌ର୍ କନ୍ଦି ବିକନ୍ଦି କେ ପର୍ଛା ଖୁଲା କରିନେଲା;

ମେଲାକରିନେଲା ସବୁ କବାଟ୍ ଜାଲନା; ଢ଼ାପନି ନାଇଁ, ଆବ୍‌ରନ୍ ନାଇଁ; ଯେ ଯେନ୍ ଆଡ୍ରୁଁ ଦେଖିବ ଦେଖେ, ସବୁ ଫଟିକ୍ ଦିଶୁଛେ । ତରାସ କହି ଚାଲିଥାଏ "ଆମର୍ ବିହା ବେଲ୍‌କେ ମୋର୍ ଶଶୁର୍ ପରେ ଟଂକା ଶ'ହୁ ଜୁନ୍‌ହାଁ ଗଁଡିଆଠାନୁ ଆନିଥିଲେ । ବଛର୍ ଭର୍‌ନା ନାଇଁ ହଉନୁ ସେ ମରିଗଲେ । ଗଁଡିଆ କହେଲା "ପଏସା ଶୁଝିବାର୍ ତକ୍ ତତେ ହଲିଆ ରହେବାକେ ପଡ଼୍‌ବା ଗା । ବନିହାଁ ଲୋକ୍ କହେଲେ କାହିର୍ ହଲିଆ ରହେତୁ ? ଯେ ମଲା ସେ ଗଲା । ଜୀବନ୍ ଯିବାର୍ ସାଙ୍ଗେଁ ଲାଗ୍ ବି ଗଲା । ହେଲେଁ ମୁଇଁ ଭାବ୍‌ଲିଁ, ହେଁଟା କାଁଏ ବନ୍‌ଏ କଥା ଆଏ ? ହକ୍ ଦେଇଛେ ନେବା ନାଇଁ କାଏଁ ? ଲାଗ୍ ତ ବାଗ୍ ଆଏ । ଇ ଜନ୍‌ମେ ନାଇଁ ହେଲେଁ ଆର୍ କେନ୍ ଜନ୍‌ମେ ହେଲେଁ ଶୁଝିବୁ । ମହାପ୍ରୁ ମୁନୁଷ୍ ଜନମ୍ ଦେଇଛେ । ଇ ଜନ୍‌ମେ ନାଇଁ ଶୁଝିଲେଁ ପଛେଁ ଗୋର ଗାଏ କି ଘୁଡ଼ା ହାତୀ ହଇଁ ଶୁଝିବାକେ ପଡ଼୍‌ବା । ମୂଢ଼ାଲେ ଯେ ଏ'ଦେ ଶୁଝିନେଲେ ନ । ଏସ୍‌ରେ ନ କକା ! ଦିନ୍‌ମୁଡ଼୍ ପାଏଲା ବେଲ୍‌କେ ଲାଗର୍ ଲେଶ୍ ନାଇଁ ଥାଏନ ।" "କଥାର୍ ସୁରେଁ ନାଇଁ ଜନା ପର୍‌ବାର୍ ସିନା, ପର୍ଚ୍ଛିର୍ ତଲ୍‌କେ ଗଲା ନ ଛାଏ; କକା ! ବାଢ଼ ତ ଖାଇ ପକା ।" ତରାସର୍ କଥା ଶୁନି ବର୍‌ଜ କହେଲା "ସଭେ ଖାଏମା, ବୁଆ ବି ବସ୍‌ବେ, ସାଙ୍ଗେଁ ତୁଇଁ ବି ବସ୍ । ଚ଼ାଉଲ୍ ପଷେ ଲଗେଇ ଥିଲେଁ ଚ଼ଲିଥିତା; ତୁଇଁ ତ ଅଡ଼େ ମେତାଲ୍ ଚାଉଲ୍ ଲଗେଇଛୁ ଯେ ଡେଙ୍ଗ୍ ସିର୍‌ନୁ ଡ଼େକ୍‌ଚ଼େ ଭାତ ହଇଛେ । ଦାଏଲ୍ ଭି ଖୁରେ ମେତାଲ୍ ହେବା ।" ଅଁର୍‌ରା ପିଲେ, ଦୁହେ ଖାଇ ବସ୍‌ଲେ । ତରାସ କହେଲା "ତୁମେ ସାଏଲେଁ "ମୁଇଁ" ଖାଏମି ନ " ବର୍‌ଜ ଅନ୍‌ମାନ୍ କରୁଥିଲା ତିନ୍‌ସାର୍ ବର୍ତନ୍ ନାଇଁ ନ; ସାରେ ଧୁଇଲେଁ ଯାଇ ଜନ୍‌ଏ ଖାଇ ପାର୍‌ବା । ତରାସ କେ ଦେଖିଲା ଯେନ ଉଦାକପ୍‌ଟା ପିଁଧିଥିଲା ସେ'ଟା ତାର୍ ଦିହେଁ ଦିହେଁ ଶୁଖିଗଲା ନ, ନାଇଁ ପାଲ୍‌ଟି ନ । ସେ ଘର ବଖରାକର୍ ସବୁ ଆଡ଼େଁ ନଜର୍ ଦଉଡ଼େଇ ଆନ୍‌ଲା ଯେ ଦୁସ୍‌ରା କପ୍‌ଟା ନାଇଁନ । ଯେନ୍ ଖଣ୍‌କ ଶୁଖାଲା ଛଁଛେଁ ଅଡ଼ାନ ଉହ୍ଲୁଛେ, ସେ'ଟା ଲୋକ୍ ନାଇଁ ଥିଲା ବେଲ୍‌କେ ଭାଏଲ୍ ଦିହ୍‌କେ ଯାଉଥିବା !

ଖିଆ ପିଆ ସର୍‌ଲା । ନକୁଲ ଆର୍ ବର୍‌ଜ ତାଲ୍ ପତରର୍ ଧୁକ୍‌ନାଟେ ଲେଖା ଧରି ଦୁଇଟା ଖଟେଁ ପର୍‌ଲେ ତ ତରାସ ଖଜୁର ପଟିଟାକେଁ ତଲେଁ ପରି ପିପଲ୍‌ପଦର୍ ଗାଁର୍ କଥା ହଉଛେ । ତାକର ଗାଁର୍ ଢ଼ାଲ୍‌ଖାଇ, କର୍‌ମା, କାର୍ତିକ୍ ଗଧୁଆର୍ ସଜନୀଗୀତ୍, ମାଘ୍ ପୁନିର୍ ନାମଯଜ୍ଞ କେଡ଼େ ଅଏନ୍ । ପିଲା ଦିନର୍ ମହୁଲ୍ ବେଟା, ଚାର୍‌ଭଙ୍ଗା, ଟୋଲ୍ ପିଟା, ଭେଲୁଆଁ ଖିଆ, ଖଜୁର୍ ଝୁନା, ତାଲ୍ ସଜ୍ ଖିଆର୍ ମଧୁର୍ ମଧୁର୍ କଥାଭିତରେଁ ମଏଧାନ୍ ଗଲିଁଗଲା, ଗରିଁଗଲା । ନକୁଲ୍ ବାହାର୍‌ଲା ନ ସା' ଘରର୍ ବୁତାକେ, କମିହାଁ ବର୍‌ଗା ବେଲା ନ । ବର୍‌ଜ ବି ବାହାର୍‌ଲା ପଦମ୍‌ପୁର୍ ଫିର୍‌ବା । ତରାସ କହେଲା 'ର କକା ! ଖରା ଉହୁରି ଦେ, ବର୍‌ଜ

କହେଲା, ''ତୋର୍ କାକୀ ଅଥାବିଥା ହଇଁଯିବା ନ ଘରେଁ ; କେନେ ଝାଉ ମାରିନେଲା ନ କାଏଁ ବଲି ଲୋକ୍ ନୁରେଇ ପଠଉ ନାଏଁନ । ଏସୁର୍ ଯେନ୍ ଖରା ଯେ ଚାଲତି ବାଟେଁ ଲୋକ୍ ଝାଉମରା ଥିଁ ମରିଯାଉଛନ୍ । ଆଉଛେଁ ନନୀ, ଦୁହେ ଘାଏ ଯିବ ଆମର୍ ଘର୍‌କେ । ବଲକ୍ କଲୋନିନେ ବର୍‌ଜ ବାବୁର୍ କୁଆଟର୍ ବଏଲେଁ ଯେ ହେଲେଁ ବତେଇ ନେବେ ।'' ବର୍‌ଜ ସାଏକଲ୍ ଧରି ବାହାର୍‌ଲା । ତରାସ ଆର୍ ନକୁଲ୍‌କେ ତାକର୍ ଘରେଁ ଛାଡି ଆଏଲା ସିନା, ସେମାନେ ନାଇଁ ଛାଡି ନ; ତାକର୍ ହଁସ୍ ହଁସ୍ ମୁହଁ, ମନର୍ ଖୁଲାପନ୍, କେତେ ଜନ୍ମର୍ ଚିହ୍ନାର୍ ଲେଖେଁ ନିଜର୍ କର୍‌ବାର୍ ଭାବ୍ ତାର୍ ସାଏକଲ୍‌ର୍ ଆଗେଁ ଆଗେଁ ଦଉଡ଼ୁଛନ୍ ବାଗିର୍ ଲାଗୁଥାଏ, ବର୍‌ଜକେ । ପଦମ୍‌ପୁର୍ ପୁହୁଁଚି ଘରେଁ ସବୁକଥା କହେଲା । ''ତମେ ଘରେଁ ଯାଁ ଯାଣା ଦେଇ ଯେତେ ମେହେନତ୍ କରି ରାନ୍ଧଲେଁ ବି ଆଜିର୍ ମେତାଲ୍ ଭାତ୍ ତୁନ୍ କେଭେଁ ସୁଆଦ୍ ନାଇଁ ଲାଗେ । ଆଜିରର୍ ସେ ଭାତ୍ ତୁନେ ନିଜେଁ ନିଜର୍ କର୍‌ବାର୍ ଭାବ ସହିତେଁ ଗୁଲି ହଉଥିଲା ତ ସେ ସୁଆଦ୍‌କେ ଅମ୍‌ରତ୍ କାହିଁ ପାର୍‌ବା ? ସେମାନ୍‌କୁଁ ଆମର୍ ଘର୍‌କେ ଆଏବାକେ କହିଛେଁ, ଆଏଲେଁ ଅମାନ୍‌ତି ନାଇଁ କର୍‌ବ କି ବଡଲୁକି ନାଇଁ ଦେଖାବ ।''

ଦିନା ଚାରେ ଯାଇଛେ କି ନାଇଁ ନକୁଲ ଆର୍ ତରାସ ଆଏଲେ ବର୍‌ଜ ଘରକେ । ସକାଲ୍ ବେଲା; ଖରା ନାଇଁ ବଜ୍‌ରିଥାଇଁ ନ । ଛୁଟିଦିନ୍ ଥିଲା ବଲିଁ ଛୁଆମାନେ ବି ସଭେଁ ଘରେଁ ଥିଲେ । ସେମାନେ ଆନି ଥିବାର୍ ଲେତି ବୁଟକା, ଖର୍ସା ଖୁର୍ଦା, ପାଚଲା ଚାର୍, କେନ୍ଦୁ, ଭେଲୁଆଁ, ତାଲ୍‌ସଜ୍ ଆର୍ ଚାର୍ ମଂଜି ଖଜା ଛୁଆମାନ୍‌କୁଁ ଘିନିନେବାକେ ଘଡେ ନାଇଁ ଲାଗ୍‌ଲା । ସଭେ ତରାସକେ ନାନି ନାନି ବଲିଁ ଘେରି ରଖ୍‌ଲେ । ତରାସ ବି ଛୁଆ ପୁତାର୍ ସେନ୍‌ହେ ସୁହାଗର୍ ଭୁଖେଇ ଥିଲା ତ ନିଜର୍ କର୍‌ବାକେ ଛନ୍‌ଏ ବି ସମିଆ ନାଇଁ ନେଲା । ଘରର୍ ଇନେ ସେନେ ପଡିଥିବାର୍ ଖାଏଲା ପିଇଲା ବାସନ୍ ମାନ୍ ଧୁଇଁ ମାଜିଁ ଘର୍‌କେ ରୁଖ୍ ରୁଖ୍ ବର୍ନ୍‌ହାଇଁ ନୂଆଁ କାକିର୍ ମନ୍‌କେ ବି ଚୁମ୍‌କ୍ ଲେଖେଁ ଘାଏକେଁ ଟାନି ରଖ୍‌ଲା । କାକୀ ବି ଝିଆରୀ ଆର୍ ଝିଆରି ଜୁଏଁର୍ ମାଏନ୍ ଗୁନ୍‌କେ ନିଜର୍ ଥିଁ ଅଏଧିକା କରିନେଲେ । କହେଲେ ''ଇ ଟୁକେଲ୍ ତ ମାଁ ଘର୍‌କେ ଝି ଆଏଲା ଲେଖେଁ ନାଇଁ ଆସିଁ, ଝିଁ ଘର୍‌କେ ଦେଖି ଆଏଲା ଲେଖେଁ ହଜାରେ ଦରବ୍ ଧରି ଆସିଛନ୍ । ଏ ନୁନି !, ଦିନାଦୁ ରହ, ଯିବାକେ ନାଇଁ ହର୍‌ବରାବ ।'' ''ନାଇଁ କାକି ! ହଲିଆ ଅଛନ୍ ଅପ୍‌ନେ, ଦିନକର୍ ମାଏନ୍ କହି ବୁଲିକରି ଆଇଛୁଁ; ଏଛନି ଇ ବେଲ୍ ଉହୁରିଆ କାକ୍‌ରେଁ କାକ୍‌ରେଁ ପଲେଇ ଯିମୁ । ହାଟର୍ ଦିନ୍ ଆଏତ । ହେଁ ଗାଁର୍ ଲୋକ୍ ବି ଆଇଛନ୍, ସାଙ୍ଗ ସାଙ୍ଗ୍ ହଇଁ ପଲେଇ ଯିବୁ । ଆମ୍‌କୁଁ ନାଇଁ ରଖ ନ । ଘଡେ ରହେଲେଁ ଯାହା ମାସେ ରହେଲେଁ ବି ତାହା । ଆଏଲିଁ ଯେ ମା'ର୍ ସେନ୍‌ହେ ଆଦର୍ ପାଏଲିଁ, ମାଁ ନାଇଁ ଯେ ଛୁଆ ନାଇଁ ଯେ ଛୁଆର୍ ଗେଲ୍ ସୁହାଗ୍ ପାଏଲିଁ । ମାଁ ଘର୍ କଲିଁ ପରେ, ଆଏବାର୍ ଯିବାର୍

କାଏଁ ଥର୍‌କେଁ ସର୍‌ବା ?'' ଏତ୍‌କି କହି ତରାସ ଆର୍ ନକୁଲ ବାହାରି ବସ୍‌ଲେ । ଛୁଆମାନେ ଛାଡ଼ନ୍ ନାଇଁ । ଦିହେଁ ମୁଡେଁ ଲମିଯିବାର ତକ୍ ଉଲେଇ ହଉଛନ୍ । ତରାସ ବି କାହାକେ ଚୁମା ଦେଇନଉଛେ ତ କା'ର୍ ଦିହମୁଡ଼ ସୁଆଁଲି ଆନୁଛେ । ତାର୍ ନିଜର୍ କର୍‌ବାର୍ ଭାବ୍ ଯେତ୍‌କି ବାଆଁଟୁଛେ ଟୁଟେ ନାଇଁ; ଆହୁରି ଆହୁରି ବଢୁଛେ ।

ବର୍‌ଜ କପ୍‌ଟ୍ଟା ଖଣ୍‌ଏ ଆର୍ ଧୂତି ହଡ଼୍‌ରି ଯଥେ ଜରିମୁନାଟାକେଁ ଭରି ତରାସକେ ଧରେଇଁ କହେଲା ''ନାଇଁ ରହ ହେଲେଁ ନୁନି ! ଯା' ନ । ଖରାକେ ଦଶ୍‌ରାକେ ଆସୁଥିବୁ, ନାଇଁ ଅପ୍‌ସର୍‌ବୁ ।'' ତରାସ ଜରିମୁନା ଧଏଲା । କପ୍‌ଡା ଲତା ହିଟେଇ ନକୁଲକେ ଦେଖାଲା । ତାର୍ ବଡ଼ ବଡ଼ ଆଖିଁ ପାଏନ୍ ତରା ତରା ହଇ ଶେଷେଁ ଉହୁଲି ଆଏଲା ତାର୍ ଫଗୁଆ ଫୁଲ୍‌କୁ ଫୁଲ୍‌କୁ ଗାଲ୍ ମାନକୁଁ । ଜରିମୁନାଟାକ ବର୍‌ଜର୍ ଗୋଡ୍ ତଲେଁ ଥୁଇ ନିଜେ ସେନେ ଗୋଡ଼୍‌ଶାଲେଁ ପରି ତରାସ କହେଲା ''ତୁଇଁ କକା ! ବାହ୍ମନ୍ ଦେବ୍‌ତା ଆଉ । ତତେ ତ କେଭେଁ କିଛ ଦେଇ ନି ପାରୁଁ ; ତୋର୍ ନୁ ନେମୁ କାଣା ? ମତେ ଯେନ୍ ସେନ୍‌ହେ ଆଦର୍ ଦେଲୁ ; ଇ ଧୂତି କପ୍‌ଡ଼ା କା'ଣା ସଂସାରର୍ କେନ୍‌ସି ବି ଚ଼ିଜ୍ ତାର୍ ପାଶ୍‌କେ ନାଇଁ ଯାଏ । ତୋର୍ ଝି ହଁଇ ରହେଲିଁ, ହେଁଟା ମୋର୍ ଲାଗି କେତ୍‌ନି କେତେ ଆଏ ।'' ଦୁହି ପରାନୀ କକା କାକିକେ ପାହେଁ ପରି ବାହାର୍‌ଲେ । ଛୁଆମାନେ ପଛ୍ ପଛ୍ ହେଉଥାଆନ୍, ଛାଡ଼ନ୍ ନାଇଁ । କହୁଥାନ୍ ଫେର୍ କେଭେଁ ଆଏବୁ ନାନି ! ଚ଼ାର୍‌ମଞ୍ଜି ଖଜା ଆନ୍‌ବୁ ଏକା । ପଛ୍‌କେ ଲେହେଁଟି ଲେହେଁଟି ଦେଖିଦେଖି ସେମାନେ ଗଲେ । ସହର୍‌କେ ବାହାର୍‌କେ ଗଲେ କି ନକୁଲ୍ କହେଲା, ଧୂତି କପ୍‌ଡ଼ା ନାଇଁ ଆନ୍‌ଲାଁ ଯେ କକା କାକୀ କେତ୍‌ନି ଦୁଖ୍ ମନା ହଉଥିବେ । ''ହଁ, ହଉଥିବେ ତ'' କହେଲା ତରାସ୍, ''ଆମେ ହେଁ ସବ୍ ଆନିଥିଲେଁ ବି ଆମ୍‌କୁଁ ଦୁଖ୍‌ମନା ଲାଗିଥିତା । ଦିହେଁ କେବେ ଘା'ଟେ ଥିଲେଁ ତ ଦିହ୍‌ସୁହା ହଇଯାଇଥିସି, କିଛି ନାଇଁ ଲାଗେ । ହେଲେ କିଏ ଯଦ୍‌ରି କେତେଟେ ଘା'ରେ, ଆହା କେତେ ଦୁଖ୍ ପାଉଥିବା, କହି ସୁଆଁଲି ଆନ୍‌ଲେଁ ଚାହାଲିଲା ଲେଖେଁ ଯେନ୍ ଚ଼ିଆସି, ସେ ଦୁଖ୍ ମର୍ମେ ମର୍ମେ ଭେଦି ଯାଏସି । ଆମର୍ ଗରିବି ଘା'କେ ହେନ୍ତା ଇଟା ଚାହାଲିଲା ଲେଖେଁ ଲାଗିଥିତା । କକା କାକୀର୍ ହୁର୍‌ଦେଁ ଆମର୍ ଲାଗି ଦରଦ୍ ଛଲ୍‌କୁଛେ । ମହାପ୍ରୁ ତାକର୍ ବନ୍‌ଏ କରୁ, ବଢ଼୍‌ତି କରୁ ।''

ଇ ଆଡ଼େଁ ବର୍‌ଜ ଘର୍ ଦୁହି ପରାନୀର ମନ୍ ସୁଖ୍ ନାଇଁ । ବର୍‌ଜ କହେଲା ''ଇ ତରାସ ଭାରତର୍ ସତର ଝି ଆଏ । ତାର୍ ଗାଁନେ ମତେ ଝାଉ ମାରୁଥିଲା! ଯେ ମତେ ତ ବଅଁଚ଼େଇ ନେଲା । ମାତର୍‌କ ସେ ନିଜେଁ ଆଏଜ୍ ଯେନ୍ ଝାଉ ହାବ୍‌ଡେଁ ମତେ ପକେଇ ନେଲା, ସୋର୍ କଲେଁ ଶୀତ୍ ଦିନେ ବି ଝାଲ୍ ମୁଡ଼୍ ମୋର୍ ଫିଟି ଯାଉଥିବା ।

❑❑